# ପଥହରା ପଥିକ

ଡକ୍ଟର ସୁବାଷ ନାୟକ



# ପଥହରା ପଥିକ

(ଏକ ଗଳ୍ପ ସାହିତ୍ୟ)

ପ୍ରଫେସର ଡକ୍ଟର ସୁବାଷ ନାୟକ

# _[jeî _[K

ùfLK : **WKe iaîh ^îdK**

**_KîgK : a^` f _Kîg^ú,**
baù^ge, ùcî : 9437613438
Aùcf : banaphulabooks@gmail.com
_[c iðÄeY : C}k \ai 2022, cfý : U. 135 /-

**Pathahara Pathika**

By : Dr Subash Nayak

Published By : Banaphula,
Bhubaneswar, Odisha
1st Edition : Utkal Diwas, 2022
Copyright : Banaphula

Price : 135 .00


**ISBN : 978-93-91727-32-1**

## ଉତ୍ସର୍ଗ



**ତୁଳସୀ ସାହୁ**

ମୁଁ ମୋର ଏହି ସାରସ୍ୱତ ସମ୍ଭାର ଗଳ୍ପ ସଂକଳନ "ପଥହରା ପଥିକ"ଟିକୁ ମୋର ଧର୍ମପତ୍ନୀ ତୁଳସୀ (ଟିକି)କୁ ଉତ୍ସର୍ଗ କରିଅଛି । ସେ ଖାଲି ଯେ ମୋର ଧର୍ମପତ୍ନୀ ନୁହଁନ୍ତି – ମୋ ସାହିତ୍ୟ ସାଧନାର ପଥପ୍ରଦର୍ଶକ । ପ୍ରତିଟି ମୂହୁର୍ତ୍ତରେ ମୋତେ ଜାଗରଣ କରିଥାଆନ୍ତି । ସାହିତ୍ୟ ରଚନା ପାଇଁ କେମିତି ବା ନକରନ୍ତେ ସେ ଜଣେ ଇଂରାଜୀ ସାହିତ୍ୟର ଛାତ୍ରୀ ଆଉ ମୁଁ ଓଡିଆ ସାହିତ୍ୟର । ମୋ ଜୀବନରେ ଘଟିଥିବା ଅନେକ ନିଛକ ଘଟଣାକୁ ମୋର ଗଳ୍ପ "ପଥହରା ପଥିକ"ରେ ସ୍ଥାନ ଦେଇଅଛି । ମୋ ଧର୍ମପତ୍ନୀର ସୁଭମନାସୀ ରହୁଅଛି ।



(ପ୍ରଫେସର ଡକ୍ଟର ସୁବାଷ ନାୟକ)

## ଗାଳ୍ପିକଙ୍କ ମାନସପଟ୍ଟରୁ .....

ଓଡିଆ ସାହିତ୍ୟର ଏକ ପ୍ରମୁଖ ବିଭାଗ କଥାସାହିତ୍ୟ, ସେଥିରେ ଗଳ୍ପ ଅନ୍ୟତମ । ଗଳ୍ପକୁ ବାଦଦେଇ ଓଡିଆ ସାହିତ୍ୟର ବିକାଶଯାତ୍ରା ଅସମ୍ଭବ । ଗଳ୍ପର ରଚନାକାରୀଙ୍କୁ ଗାଳ୍ପିକର ମର୍ଯ୍ୟାଦା ପ୍ରଦାନ କରାଯାଇଥାଏ । ଓଡିଆ ସାହିତ୍ୟର ସୁଦୀର୍ଘ ଶାସ୍ତ୍ରୀୟ ଭାଷା ଓ ସାହିତ୍ୟର ପରମ୍ପରାରେ ଗାଳ୍ପିକମାନେ ଗଳ୍ପ ରଚନାକରି ଓଡିଆ ଗଳ୍ପ ସାହିତ୍ୟକୁ ଋଦ୍ଧିମନ୍ତ କରିପାରିଛନ୍ତି । ଗାଳ୍ପିକ ତା'ର ମାନସପଟ୍ଟରେ ନିଜର ଗଳ୍ପର କାନଭାଷ ଆଙ୍କିଥାଏ, ସତତ୍ ଚେଷ୍ଟା କରିଥାଏ, ତାହା ପାଠକୀୟ ଆଦୃତ ଲାଭ କରିବାପାଇଁ

ଗାଳ୍ପିକ ଗଳ୍ପ ରଚନା କରିଲାବେଳେ ସଦାସର୍ବଦା ପାରିପାର୍ଶ୍ୱିକ ପରିସ୍ଥିତିକୁ ଦୃଷ୍ଟିରେ ରଖି ଗଳ୍ପ ରଚନା କରିଥାଏ । ଗାଳ୍ପିକର ମନ, ଚେତନା ସହ ଆବେଗର ସମ୍ମିଶ୍ରଣରେ ସେ ଗଳ୍ପର ରୂପ ପ୍ରଦାନ କରିଥାଏ । ଗଳ୍ପ ସାହିତ୍ୟର ଗଳ୍ପଗୁଡିକ ମାନବ କେନ୍ଦ୍ରୀକ ହୋଇଅଛି । ମଣିଷ ବିଷଦ ବରଣ କରିବାକୁ ଏ ବିଶ୍ୱବ୍ରହ୍ମାଣ୍ଡକୁ ଆସିଅଛି ଯେପରି, ଏହା ହିଁ ବାସ୍ତବ ସତ୍ୟ, ମଣିଷକୁ ବୁଝିବାକୁ ଚେଷ୍ଟାକର । ମଣିଷ ପ୍ରତି ଅଶେଷ ସହାନୁଭୂତିଶୀଳତା ତଥା ବିଶାଦଗ୍ରସ୍ତ ହେବାର ବୌଦ୍ଧିକ ପ୍ରବଣତା ପରି ସ୍ଥିତିବାଦୀ ଅନୁଭବ, ଆଧୁନିକ ଓଡିଆ ଗଳ୍ପ ସାହିତ୍ୟରେ ପରିଲିଖିତ ହୋଇଅଛି, ଯେଉଁଥିପାଇଁ ହୁଏତ ଗଳ୍ପଗୁଡିକ ବିଶେଷ ଅନୁଭବ ହୋଇପାରିଛି ।


ମୋ ଭଳି ଓଡିଆ ସାହିତ୍ୟର ଜଣେ ସାଧାରଣ ସେବକ ଯେ ଗଳ୍ପ ରଚନାକରି ଗଳ୍ପିକ ହେବା ଆଦୌ ଭାବି ପାରିନଥିଲି । ବିଧିର ବିଧାନ କେ କରିବ ଆନ ନ୍ୟାୟରେ ଓଡିଆ ସାହିତ୍ୟର ଅଧ୍ୟାପକ ଭାବରେ ସାହିତ୍ୟର ବିଭିନ୍ନ ବିଭାଗ - ସମୀକ୍ଷା, କାବ୍ୟ, ପ୍ରବନ୍ଧ, ସମାଲୋଚନା, ନିବନ୍ଧ, ଅନୁବାଦ, ନାଟକ, ଉପନ୍ୟାସ, ଜୀବନକାର, ସନ୍ଦର୍ଭକାର କ୍ଷେତ୍ରରେ କଲମ ଚାଳନାକରି ମନ ଭିତରେ ଏକ ସ୍ପନ୍ଦନ ଜାଗରଣ ହେଲା ଯେ ସାହିତ୍ୟିକର ସାହିତ୍ୟ ପୂର୍ଣ୍ଣଙ୍ଗ ହୋଇପାରୁନାହିଁ । କିଛି ଗୋଟିଏ ଅପୂର୍ଣ୍ଣ ରହି ମନ ଭିତରେ ଆନ୍ଦୋଳନ କରୁଅଛି, ସେହି ସମୟରେ ଏକ ଭାବନା ଜାଗ୍ରତ ହେଲା ଗଳ୍ପଟିଏ ରଚନା କରିପାରିଲେ ସାହିତ୍ୟ ରଚନାରେ ପୂର୍ଣ୍ଣାଙ୍ଗପ୍ରାପ୍ତ ହୋଇପାରିବ ।

ସେଥିରୁ ଜାଗରଣ ହେଲା ଗଳ୍ପ ସାହିତ୍ୟ ଓ ଗଳ୍ପର ନାମ । ମୋ ଜୀବନର କିଛି ଅଭୁଲା ସ୍ମୃତିକୁ ସର୍ବଦା ମନ ଭିତରେ ଆନ୍ଦୋଳିତ କରୁଥିଲା – ତାହାକୁ ବାସ୍ତବରୂପ ଦେବାପାଇଁ ମୋର ମନର ମାନସକୁ ପ୍ରଭାବିତ କରିଲା ଗଳ୍ପ ସଂକଳନ "ପଥହରା ପଥିକ" – ମୋ ଜୀବନ ଯଦି ଗୋଟିଏ ପଥ (ରାସ୍ତା) ହୁଏ ପଥିକ (ମୁଁ) ସଦାସର୍ବଦା ବାଟବଣା ହୋଇଥାଏ ମାତ୍ର ଦୈବୀଶକ୍ତିର ପ୍ରଭାବରେ ଜୀବନକୁ ଆଗକୁ ନେଇଥାଏ ।

ସାହିତ୍ୟଟିଏ ରଚନା କଲେ କାହାକୁ ନା କାହାକୁ ସମର୍ପଣ (ଉତ୍ସର୍ଗ) କରିବାକୁ ହୋଇଥାଏ, ମୁଁ ବା ସେଥିରୁ ବାଦପଡିବି କିପରି– ମୋ ଜୀବନସାଥୀ ଧର୍ମପତ୍ନୀ ତୁଳସୀ ସାହୁ (ଟିକି)ଙ୍କୁ ମୁଁ ମୋର ଏ ଗଳ୍ପ ସଂକଳନ "ପଥହରା ପଥିକ"ଟି ଉତ୍ସର୍ଗ କରୁଅଛି । ବାସ୍ତବିକ୍ ସେ ପଥିକର ଜଣେ ସାହାରା ମଣିଷ ।

ଏ ଗଳ୍ପ ସଂକଳନ "ପଥହରା ପଥିକ"ରେ ମୋର ମାନସ ସ୍ଫୁଟନ ବାରଗୋଟି କ୍ଷୁଦ୍ରଗଳ୍ପ ସ୍ଥାନୀତ ହୋଇଛି, ପାଠକୀୟ ଆଦୃତ ଲାଭ କରିଲେ ମୁଁ ଭାବିବି ଓଡିଆ ଗଳ୍ପ ସାହିତ୍ୟର ବିକାଶ ଧାରାରେ ଏହା ଏକ ଗୁଣ୍ଡୁଚିମୂଷା ଭଳି ସେତୁବନ୍ଧ ନିର୍ମାଣରେ କାର୍ଯ୍ୟକରିବ

ଗୁଣମୁଗ୍ଧ ସାହିତ୍ୟ ସେବକ



(ପ୍ରଫେସର ଡକ୍ଟର ସୁବାଷ ନାୟକ)

ଓଡିଆ ସାହିତ୍ୟର କଥାସାହିତ୍ୟ ଏକ ପ୍ରମୁଖ ଅଙ୍ଗ । ଏଥିରେ ଗଳ୍ପ ଏକ ମୁଖ୍ୟ ବିଭାଗ । ଗାଳ୍ପିକ ଗଳ୍ପ ରଚନା କରନ୍ତି । ଭାରତୀୟ ସାହିତ୍ୟରେ ଓଡିଆ ଗଳ୍ପ ସାହିତ୍ୟର ସ୍ୱତନ୍ତ୍ରତା ନିଆରା । ଏବର ଗାଳ୍ପିକ ଗୋଟିଏ ସୁନ୍ଦର ଜୀବନ ବଚିଂବା ପାଇଁ ଭାରି ସ୍ୱପ୍ନବାଦୀ । ଏ ବିଶ୍ୱବ୍ରହ୍ମାଣ୍ଡରେ ତାହାର ବଚିଂବାର ସାର୍ଥକତା ହେଉଛି ଜୀବନ ବିଷୟରେ ମାତୁଆଲା ହେବା । ଏ ବ୍ରହ୍ମାଣ୍ଡ ଜଣଙ୍କୁ ଭଲ ନଲାଗିଲେ ଜଣେ ପ୍ରବୋଧିତ ନହେଲେ ଜଣେ ପ୍ରକୃତରେ ଜୀବନଭୋଗ କରିପାରେନା ।

ଆଜିର ତରୁଣ ଗାଳ୍ପିକ ମଣିଷର ସେହି ନିଷ୍କପଟ ଜୀବନ ଭୋଗକୁ ହିଁ ବିଶେଷ ଭାବେ ତା' ଗଳ୍ପର ଥିମ୍ କରିଅଛି । ଜୀବନଭୋଗ କରିବା ହେଉଛି ଜୀବନକୁ ନାନାମତେ ଅନୁଭବ କରିବା । ଜୀବନ ସତରେ ନିଛକ ଅନୁଭବର ଏକ କୋଷଟିଏ । ଏହି ଜୀବନଭୋଗ ଗୋଟିଏ ବିଷୟକୁ ହିଁ ଲୋଡେ । ତାହା ହେଉଛି ସବୁକିଛି ଉର୍ଦ୍ଧ୍ୱରେ ମଣିଷର ବିଭୋରପଣିଆ । ଅସାଧୁ, କପଟ କରୁଥିବା ମଣିଷ କଦାପି ବିଭୋର ହୋଇପାରେନା । ଲୋଭ, କ୍ରୋଧ, ପରିଶ୍ରୀକାତର ହେତୁ ନିଜ ଆତ୍ମାକୁ କଳୁଷିତ କରୁଥିବା ମଣିଷଟି କଦାପି ଜହ୍ନରାତି, ସଞ୍ଜ, ମଳୟପବନ, ନଈକୂଳ, ଶୋଭାବନ୍ତ ବନସ୍ତ, ଫୁଲଫୁଟା ସକାଳ ପ୍ରାଣଭରି ଅନୁଭବ କରିପାରେନା ।

ବିଭୋରପଣିଆ ଜଣଙ୍କ ମନ ଓ କଳ୍ପନାର ସମ୍ପତି କେବଳ ନୁହେଁ, ତା'ର ସୁଖ, ତା'ର ପରମ ପୁରୁଷାର୍ଥ, ତା'ର ଜୀବନ । ସାଧୁତା ହେଉଛି ସେହି ବିଭୋରପଣିଆର ଆତ୍ମା, ତାହା ମଣିଷ ହୃଦୟକୁ କପଟ ଶୂନ୍ୟକରେ, ଉଦାରକରେ । ଗାଳ୍ପିକର ମନ ଉଦାର ଓ ବିନୀତ ନହେଲେ ତାହା ସୃଜନଶୀଳ ହୋଇପାରେନା । ବିଷାଦ ତା'ର ଆତ୍ମାକୁ କେବଳ ଶୋକ ଜର୍ଜରିତ କରେନାହିଁ, ତାକୁ ଦୀପ୍ତ ଓ ସୃଜନଶୀଳ କରାଏ । ତରୁଣମାନଙ୍କର ଗଳ୍ପ ଆଜି ସତରେ ଭାରି ଜୀବନନିଷ୍ଠ, ସେଥିପାଇଁ ନିବିଡ ଲାଗୁଛି ।

ଆଜିର ଗାଳ୍ପିକ ପୁରୁଣା ଗାଳ୍ପିକଙ୍କ ପରି ରୋମାଟିଂକ୍ ହୋଇନପାରିଲେ ମଧ୍ୟ ନୂତନତାର ରୋମାଟିଂକ୍ । ରୋମାଟିଂକ୍ ହେବା ଜୀବନ ପରିଧିରୁ ଘୁଚିଂଯିବା ନୁହେଁ, ଜୀବନକୁ ସବୁଦିଗରୁ ଆଉ ନିବିଡ ଭାବରେ ସ୍ପର୍ଶକରିବା ଜୀବନର କେନ୍ଦ୍ରକୁ ଖୋଲିବା,

ଜୀବନର ବିମୁଖ ହେବାନୁହେଁ, ଜୀବନ ବଚିଂବାଠାରୁ ପଳାୟନ କରିବାନୁହେଁ ।

ଜୀବନ ବିଷୟରେ ଆହୁରି କୌତୁହଳ ହେବା, ଆହୁରି ଜୀବନ ମାଗିବା ହେଉଛି ଆଜିର ରୋମାଟିଂକ୍ ପ୍ରବଣତା ବା ସ୍ୱପ୍ନ । ନିବିଡ ଭାବରେ ପାଇବାକୁ ସ୍ୱପ୍ନଦେଖିବା, ଅଭିଳାଷ ପୋଷଣ କରିବାର ନିମଜ୍ଜମାନତାରେ ଆଜିର ତରୁଣ ଗାଳ୍ପିକ ଅଧିକ ରୋମାଟିଂକ୍ । ଏହି ଜୀବନନିଷ୍ଠା ରୋମଟିଂକ୍ ପ୍ରବଣତା, ତେଣୁ ଅଧିକାଂଶରେ ସ୍ଥିତିବାଦୀୟ ।

ଆଜିର ଗାଳ୍ପିକ ପ୍ରାଣରେ ବିଷାଦକୁ ଅନୁଭବ କରି ଜୀବନର ସାଧୁତା ଓ ମହନୀୟତାକୁ ଅନୁଭବ କରିପାରୁଛି । ସେହି ବିଷାଦରେ ବରଂ ଜୀବନ ତାହାର ରସୋତୀର୍ଣ୍ଣ ଓ ସୃଜନଶୀଳ ହୋଇପଡୁଛି । ଆଜିର ଗାଳ୍ପିକ ସେମାନଙ୍କର ଗଳ୍ପରେ ଯେଉଁ ପ୍ରତିମା ସବୁ ଆଙ୍କୁଛନ୍ତି, ସେମାନଙ୍କର ଆତ୍ମା ବି ଅଧିକାଂଶରେ ଶୋକ ଜର୍ଜ୍ଜରିତ ହୋଇପଡୁଛି ।

ଜଣଙ୍କର ଜୀବନ ଦର୍ଶନ ପୁଣି ସବୁକାଳରେ ସବୁଠି ଏକ ଆପେକ୍ଷିକ ବିଷୟ, ତାହା ଲେଖକର ହେଉ ଅବା ପାଠକର ହେଉ । ଜଣେ ଗାଳ୍ପିକ ଜୀବନ ବିଷୟରେ ଭଲଲେଖୁ କି ମନ୍ଦଲେଖୁ ଆଉ ଏ ଜଗତର ଅମରାବତୀ ସବୁକି ଲେଖିକି ମରୁଭୂମି ମାନଙ୍କୁ ଲେଖୁ ସେ କିନ୍ତୁ ସବୁରି ଉର୍ଦ୍ଧ୍ୱରେ ଗଳ୍ପ ହିଁ ଲେଖୁ । ଜଣେ ଗାଳ୍ପିକଠାରୁ ଚରମ ଭାବରେ ଗଳ୍ପଟିଏ ହିଁ ଆଶା କରାଯାଏ । ତା' ଗଳ୍ପରେ ସର୍ବନିମ୍ନ ଗଳ୍ପକାରିତା ଥାଉ ପଛେ, ଜଣେ ଗାଳ୍ପିକ ତା' ଗଳ୍ପଟିକୁ ସଂପୂର୍ଣ୍ଣ ଗଳ୍ପହୀନ କରିନଦେଉ ।

ଗାଳ୍ପିକ ଏ ସଂସାରରେ ଜୀବନ ଜିଉଁଥିବା ଏକ ମଣିଷ । ଜୀବନ ବିଷୟରେ ତା'ର ବି କିଛି ସ୍ୱପ୍ନଥାଏ, କିଛି ବି ସେପାଇଁ ନୈରାଶ୍ୟ ଓ ମୋହ ଭଙ୍ଗଥାଏ । ତା'ର ଜୀବନ ଦର୍ଶନ ସେ ଗଢିଥାଏ ତା'ର ଭିତରେ ପାହାନ୍ତିଆ ପ୍ରହରର ଅସ୍ପଷ୍ଟ ଆଲୁଅପରି । ସେ ତା' ଗଳ୍ପରେ ନିଜ ଜୀବନକୁ ଜିଇଁବା ହିଁ ମୁଖ୍ୟତଃ ଲେଖିଥାଏ । ତା' ସହିତ ତା' ସମୟର ଅଭିଜ୍ଞତାକୁ ମିଶାଇ ଗାଳ୍ପିକ ତା'ର ଅର୍ଜିତ ଅଭିଜ୍ଞତାକୁ କଦାପି ପରିହାର କରିପାରିବ ନାହିଁ, କି ସେଥିପ୍ରତି ସେ ବିମୁଖ ହୋଇପାରିବ ନାହିଁ ।

ଗାଳ୍ପିକ କେତେ ଶ୍ରମକରି କେତେ ସରାଗରେ ସେ ବିଚିତ୍ର ଅଭିଜ୍ଞତା ସବୁକୁ ନିଜର ସାଇତା ସ୍ମୃତିକରି ରଖିଥାଏ । କାରଣ ଗାଳ୍ପିକର ମନ ଓ ଚେତନା ଉପରେ କିଛି ଆବେଗ

ମୁହୂର୍ତ୍ତର ପ୍ରଭାବ ଓ ଚିତ୍‌ସଂଜାତ ଅତୀତର ସ୍ମୃତି ଅବଶ୍ୟ ଥାଏ । ଏ ସବୁକୁ ବାଦ୍‌ଦେଲେ ସଂପ୍ରତିକ ଗଳ୍ପର ଭାବମଣ୍ଡଳଟିକୁ ହିଁ ଆଦୌ ଭେଦି ହେବନାହିଁ ।

ଅନେକ ପୁଣି ମନେକରନ୍ତି - ଗୋଟେ ଭଲ ଗପର ଗୁଣ ହେଉଛି ଗଳ୍ପଟିକୁ ମନେରଖି ପାରିବା (Memorableness) । ଆଜି କିନ୍ତୁ ଗୋଟେ ସଫଳ ଗପର ଗୁଣ ହେଉଛି ପାଠକର ପରିଚିତ ଅନୁଭୂତିକୁ ତୀବ୍ର ଭାବରେ ଉଖାରି ପାରିବା ଓ ସେହି ଭାବରେ ପାଠକର ସମଗ୍ର ମନ ଓ ଚେତନାକୁ ଆବିଷ୍ଟ କରିଦେବା । ପାଠକର ନିଜସ୍ୱ କିଛି ଅନୁଭୂତି ଅଛି । ଅନେକ ବିଷୟରେ ଅନେକ ପ୍ରକାରର । ଗାଳ୍ପିକର ଅନୁଭୂତି ସହିତ ପାଠକର ଅନୁଭୂତି ଯେତେ ସମାନ ଓ ନିବିଡ ହେବ ପାଠକର ଗଳ୍ପପାଠ ସେତିକି ସାର୍ଥକ ହୋଇପାରିବ ।

ଗଳ୍ପଟିଏ ତେଣୁ ଗାଳ୍ପିକ ଜୀବନର କେତେ ଅଧିକ ସତ୍ୟ କଥନ ଅବା କେତେ କାଳ୍ପନିକ ଏମିତି ବିଚାର ଭିତିରେ ଆମେ ଗଳ୍ପର ସଫଳତା ନିର୍ଣ୍ଣୟ କରିବା ଅନୁଚିତ୍ । ଗାଳ୍ପିକ ତା' ନିଜଠାରୁ ତା' ନିଜର ପରିବେଶଗତ ବାସ୍ତବତାଠାରୁ ପୁଣି କେତେ ନିରପେକ୍ଷ ହୋଇପାରିବ ନିଜର ସ୍ୱପ୍ନ, ନିଜର ବିଷାଦ ପ୍ରତି କେତେ ବିମୁଖ ହୋଇପାରିବ ତାହା ପୁଣି ଆଉ ଏକ ପ୍ରଶ୍ନ - ଗଳ୍ପରେ ଗାଳ୍ପିକ ବିଭିନ୍ନ ମଣ୍ଡଳ ଭିତରେ ଥାଏ ଅବଶ୍ୟ ନିଜକୁ ଭାରି ଗୋପନ ଭାବରେ ରଖିଥାଏ ।

ଆଜିର ଗଳ୍ପ ସବୁ ନିବିଡ ମଣିଷ କେନ୍ଦ୍ରିକ । ମଣିଷର ବ୍ୟଥା ଓ ବଚଂନା ପ୍ରତି ଭାରି ସଶ୍ରଦ୍ଧ । ମଣିଷ ବିଷାଦ ବରଣ କରିବାକୁ ଏ ବ୍ରହ୍ମାଣ୍ଡକୁ ଆସିଛି ଯେପରି, ଏହା ସତ୍ୟ ମଣିଷକୁ ବୁଝିବାକୁ ଚେଷ୍ଟାକର । ମଣିଷ ପ୍ରତି ଅଶେଷ ସହାନୁଭୂତିଶୀଳତା ତଥା ବିଷାଦଗ୍ରସ୍ତ ହେବାର ବୈଦିକ ପ୍ରବଣତା ପରି ସ୍ଥିତିବାଦୀ ଅନୁଭବ ଆଧୁନିକ ଓଡିଆ ଗଳ୍ପ ସାହିତ୍ୟରେ ପରିଲକ୍ଷିତ ହେଉଛି, ଯେଉଁଥିପାଇଁ ହୁଏତ ଗଳ୍ପଗୁଡିକ ବିଶେଷ ଅନୁଭବ କେନ୍ଦ୍ରିକ ହେଉଛି

ସତୁରୀ ପରର ଓଡିଆ ଗଳ୍ପ ଧାରାରେ - ରାମଚନ୍ଦ୍ର ବେହେରା, ଜଗନ୍ନାଥ ପ୍ରସାଦ ଦାସ, ଶ୍ୟାମା ପ୍ରସାଦ ଚୌଧୁରୀ, ହୃଷିକେଶ ପଣ୍ଡା, ଜଗଦିଶ୍ ମହାନ୍ତି, ଦେବବ୍ରତ ମଦନରାୟ, ପଦ୍ମଜା ପାଳ, ଅଶୋକ ଚନ୍ଦନଙ୍କ ଗଳ୍ପ ପରିବ୍ୟାପ୍ତ ଚେତନା, ଜୀବନନିଷ୍ଠ ଅନ୍ତଦୃଷ୍ଟିର ।

ଏମାନଙ୍କର ସହିତ ଯେଉଁ ବର୍ଷିୟାନ ଗାଳ୍ପିକମାନେ ତରୁଣମାନଙ୍କର କଳା, ଚେତନାକୁ  ନାନାଭାବରେ ପ୍ରବୋଧିତ କରିପାରନ୍ତି - ସେମାନଙ୍କର ମଧ୍ୟରୁ ମହାପାତ୍ର ନୀଳମଣି ସାହୁ, ବାମଚରଣ ମିତ୍ର, ପ୍ରଫୁଲ୍ଲ କୁମାର ତ୍ରିପାଠୀ, ଶାନ୍ତନୁ କୁମାର ଆଚାର୍ଯ୍ୟ, ଚନ୍ଦ୍ରଶେଖର ରଥ, କିଶୋର ଚରଣ ଦାସ, ରବି ପଟ୍ଟନାୟକ, ଭୁବନେଶ୍ୱର ବେହେରା ଆଦି ପ୍ରତିଷ୍ଠିତ ।

କାଳିନ୍ଦୀଚରଣ ପାଣିଗ୍ରାହୀ, ମନୋଜ ଦାସ, ସୁରେନ୍ଦ୍ର ମହାନ୍ତି, ଗୋପୀନାଥ ମହାନ୍ତି, ଗୋଦାବରୀଶ ମହାପାତ୍ରଙ୍କ ସାମଗ୍ରିକ ପ୍ରତିଷ୍ଠା ତଥା ଲୋକପ୍ରିୟତା ଏକାନ୍ତ ଉଲ୍ଲେଖଯୋଗ୍ୟ - କ୍ଷୁଦ୍ରଗଳ୍ପର ତୀକ୍ଷ୍ଣତା, ଭାବ ସଂକ୍ଷୋପଣ, ଘନବନ୍ଧତା ଆଦି ଶୁଦ୍ଧ ସଂରଚନା ମୂଳକ ଶିଳ୍ପଧର୍ମ ଦୃଷ୍ଟିରୁ ନାନା ତ୍ରୁଟି ବିଚ୍ୟୁତି ସତ୍ତ୍ୱେ ଓଡିଆ ଗଳ୍ପ ସାହିତ୍ୟରେ ଏମାନଙ୍କର ପ୍ରତିଷ୍ଠା ସର୍ବମାନ୍ୟ

ଜୀବନର ବହୁବିଧ ଅବସ୍ଥାକୁ ରୂପାନ୍ତରିତ କରିବାରେ ମନୋଜ ଦାସଙ୍କ ଗଳ୍ପ ସୁଦୀର୍ଘ ଓଡିଆ ଗଳ୍ପଧାରାରେ ଅଧିକ ସଫଳ । ମଣିଷ ଜୀବନ ସତରେ ବିଚିତ୍ର ମନୋଜ ଦାସଙ୍କ ଗଳ୍ପର ବିଶେଷତ୍ୱ ହେଲା ଜୀବନର ସ୍ପନ୍ଦନ ସବୁକୁ ଗଳ୍ପ କରିଦେବା । ଜୀବନ କହିଲେ ତା'ର ଜୀଇ ରହିବା ।

ଗାଳ୍ପିକ ମନୋଜ ଦାସ ଓଡିଶାର ଗତ ଅର୍ଦ୍ଧଶତାବ୍ଦିରୁ ଅଧିକ କାଳଧରି ଜଣେ ଅତି ଶକ୍ତିଶାଳୀ ଶିଳ୍ପୀ, ମାନବ ପ୍ରେମ ହିଁ ତାଙ୍କ ଗଳ୍ପର ମୂଳ ।

ମନୋଜ ଦାସଙ୍କ ଲେଖନୀ ଅବିଶ୍ରାନ୍ତ ଗତିରେ ଚାଲିଛି କେତେ କାଳଧରି । ସେ ବହୁ ଗଳ୍ପର ସ୍ରଷ୍ଟା । ବିବିଧ ବିଷୟକୁ ନେଇ ସେ ଗଳ୍ପ ରଚନା କରିଅଛନ୍ତି । ତାଙ୍କର ଗଳ୍ପ ସଂକଳନମାନଙ୍କ ଭିତରେ ସମୁଦ୍ରର କ୍ଷୁଧା, ଜୀବନର ସ୍ୱାଦ, ବିଷକନ୍ୟାର କାହାଣୀ, ଆରଣ୍ୟକ, ଶେଷ ବସନ୍ତର ଚିଠି, ମନୋଜ ଦାସଙ୍କ କଥା ଓ କାହାଣୀ, ଲକ୍ଷ୍ମୀର ଅଭିସାର, ଆବୁପୁରୁଷ ଓ ଅନ୍ୟାନ୍ୟ କାହାଣୀ । ଧୂମ୍ରାଭ ଦିଗନ୍ତ ଓ ଅନ୍ୟାନ୍ୟ କାହାଣୀ, ମନୋଜ ପଚଂ ବିଂଶତି ଭିନ୍ନ ମଣିଷ ଓ ଅନ୍ୟାନ୍ୟ କାହାଣୀ, ଚତୁର୍ଥ ବନ୍ଧୁ ଓ ଅନ୍ୟାନ୍ୟ କାହାଣୀ ଆଦି ପ୍ରମୁଖ

ମନୋଜ ଦାସ ମୁଖ୍ୟତଃ ଗାଳ୍ପିକ ଭାବରେ ହିଁ ସୁପ୍ରତିଷ୍ଠିତ । ପ୍ରାଚୀନ ଗଳ୍ପଧାରୀ, ପ୍ରାଚୀନ ଲୋକକାହାଣୀ, ଲୋକ ବିଶ୍ୱାସକୁ ନେଇ ଅତି ସଫଳତାର ସହିତ ସେ ତାଙ୍କ

ଗଳ୍ପରେ ଅବଲମ୍ବନ କରିଅଛନ୍ତି । ଏହାଦ୍ୱାରା ତାଙ୍କ ଗଳ୍ପସବୁ ପ୍ରାଚୀନ ଲୋକକାହାଣୀର ତୀବ୍ରଦ୍ୱାରା ସମନ୍ୱିତ ହୋଇ ପାଠକ ସମକ୍ଷରେ ଅଧିକ ଅର୍ଥପୂର୍ଣ୍ଣ ହୋଇଛି । ପଲ୍ଲୀପ୍ରଣତା ପୁଣି ମନୋଜ ଚେତନାର ଏକ ବିଶିଷ୍ଟତମ ଦିଗ ।

ଗାଳ୍ପିକ ମନୋଜ ଦାସ ମଣିଷର ଏହି ପ୍ରାଣ ସ୍ପନ୍ଦନକୁ ତାଙ୍କ ଗଳ୍ପରେ ବସ୍ତୁତ କଳାବସ୍ତୁ କରିଛନ୍ତି ।

ଫକୀରମୋହନଙ୍କ ରେବତୀ ଗଳ୍ପରେ ରେବତୀ ଏକ ଗାଉଁଲି ଝିଅ, ପାଠ ପଢ଼ିବାର ଇଚ୍ଛାପ୍ରକଟ ବର୍ଣ୍ଣିତ ଅଛି ଫକୀରମୋହନଙ୍କ ଅନ୍ୟାନ୍ୟ ଗଳ୍ପ ମଧ୍ୟରେ – ପେଟେଂଟ ମେଡିସିନ୍, ଡାକମୁନୀସ୍, ଅଧର୍ମବିତ୍, ରାଣୀପୁଅ ଅନନ୍ତା – ଓଡ଼ିଆ ଗଳ୍ପ ସାହିତ୍ୟର ଅମୂଲ୍ୟଗ୍ରନ୍ଥ ।

ଓଡ଼ିଆ ଗଳ୍ପର ସାମର୍ଥ୍ୟ ଓ ଦୌର୍ବଲ୍ୟ ବକ୍ଷମାଣ ପ୍ରବନ୍ଧରେ ବିଚାର୍ଯ୍ୟ । ଓଡ଼ିଆ ଭାଷା କଥା ଉଠିଲେ – ସାରଳା ଦାସ, ଜଗନ୍ନାଥ ଦାସ, ଉପେନ୍ଦ୍ର ଓ ବଳଦେବଙ୍କ ନାମ ଉଲ୍ଲେଖ ଭଳି ଆଧୁନିକ କ୍ଷୁଦ୍ରଗଳ୍ପ ପ୍ରସଙ୍ଗରେ ସମାଲୋଚକ ବୃନ୍ଦ ଫକୀରମୋହନଙ୍କ କଥା ଉଲ୍ଲେଖ କରିବାକୁ ବାଧ୍ୟ, ଏହାର ଅର୍ଥ ନୁହେଁ ଯେ ଓଡ଼ିଆ ଗଳ୍ପକାରିତା, ଫକୀରମୋହନଙ୍କ ପୂର୍ବରୁ ବା ପରେ କେଉଁଠି କେବଳ ଅଟକିଯାଇଛି । ଫକୀରମୋହନ ସେନାପତିଙ୍କ 'ରେବତୀ' ଗଳ୍ପ ୧୯୯୮ ଅକ୍ଟୋବରରେ 'ଉତ୍କଳ ସାହିତ୍ୟ'ରେ ପ୍ରକାଶିତ ହୋଇ ଓଡ଼ିଆ ସାହିତ୍ୟରେ ନୁହେଁ ସମଗ୍ର ଭାରତୀୟ ସାହିତ୍ୟରେ ଏକ ଯୁଗାନ୍ତକ ସୂଚକ । ଉଭୟ କାଳ ଓ କଳାଦୃଷ୍ଟିରୁ ଏହା ଯଥାର୍ଥ ପ୍ରଥମ ଭାରତୀୟ ଆଧୁନିକ କ୍ଷୁଦ୍ରଗଳ୍ପ । ଏବେର ଜଗଦିଶ୍ ମହାନ୍ତି, ପଦ୍ମଜା ପାଳ, ଦେବଦାସ ଛୋଟରାୟ, କୈଳାସ ପଟ୍ଟନାୟକ, ସଦାନନ୍ଦ ତ୍ରିପାଠୀ, ଅଜୟ ସ୍ୱାଇଁ, ଗୌରହରି ଦାସ ପ୍ରମୁଖ ଆଧୁନିକ ଗାଳ୍ପିକ ଭାବରେ ଓଡ଼ିଆ ଗଳ୍ପ ସାହିତ୍ୟରେ ସ୍ୱାକ୍ଷର ବହନ କରିଅଛନ୍ତି ।

ସ୍ୱାଧିନତା ପୂର୍ବବତୀ ଓଡ଼ିଆ ଗଳ୍ପରେ ବିଶେଷକରି ଜାତୀୟ ଆନ୍ଦୋଳନ, ଗାନ୍ଧୀବାଦୀ ଆଦର୍ଶ, ରୋମାଟିଂକ୍ ପ୍ରେମାନୁଭୂତି ସହାନୁଭୂତିଶୀଳ ମାନବିକତାବାଦୀ ଦୃଷ୍ଟକୋଣ, ଯୁଦ୍ଧଜନିତ ପରିସ୍ଥିତି ଆଦି ପ୍ରକାଶ ପାଇଛି ।

ସ୍ୱାଧିନତା ପରେ ଓଡ଼ିଆ କ୍ଷୁଦ୍ରଗଳ୍ପ କ୍ରମେ ଆନ୍ତର୍ଜାତିକ ଭାବଧାରାକୁ ଗ୍ରହଣ କରିଛି –

ସାମାଜିକତା ଠାରୁ ବ୍ୟକ୍ତି କେନ୍ଦ୍ରିକତା ଆଡକୁ ଗତିକରି ସୂକ୍ଷ୍ମ ମନୋସ୍ଥିତିକୁ ବିଶ୍ଲେଷଣ କରୁଛି । ସମାଜ-ମଣିଷ, ବ୍ୟକ୍ତି-ମଣିଷ ସ୍ତରଦେଇ ଆତ୍ମମଣିଷ ସ୍ତରକୁ ଗତିକରିବା ସମତାଳରେ କ୍ଷୁଦ୍ରଗଳ୍ପ ମାନବ ମନ୍ଦିରରେ ଆଧ୍ୟାତ୍ମିକତାର ଅନୁସନ୍ଧାନ କରୁଅଛି, ଆଧ୍ୟାତ୍ମିକ ଚେତନାର ସଂଘର୍ଷକୁ ରୂପଦେଇଛି । ଆନ୍ତର୍ଜାତିକ ଭାବସ୍ପନ୍ଦନ, ସମାଜବାଦୀ ବାସ୍ତବତା, ଜୀବନର ସୂକ୍ଷ୍ମ ବିଶ୍ଲେଷଣ, ଅବଚେତନାର ରହସ୍ୟ ଉନ୍ମୋଚନ, ଲୋକତର ଜୀବନପାଇଁ ଆଶାନ୍ୱିତ ଆହ୍ୱାନ ଆଦି ବିଭିନ୍ନ କଥା ଆଧୁନିକ ଓଡିଆ କ୍ଷୁଦ୍ର ଗଳ୍ପରେ ପ୍ରକାଶପାଇଛି । ଆଧୁନିକ ଓଡିଆ କ୍ଷୁଦ୍ରଗଳ୍ପ ତେଣୁ ମଣିଷର ବିଚିତ୍ର ବର୍ଣ୍ଣାଳ ଅନୁଭୂତିରେ ଋଦ୍ଧିମନ୍ତ କରିପାରିଅଛି

ବିଶିଷ୍ଟ କଥାଶିଳ୍ପୀ ଭୁବନେଶ୍ୱର ବେହେରାଙ୍କ ଗଳ୍ପ ସଂକଳନ କଥା ଓ ଲଥା, ସହବସ୍ଥାନ ଓଡିଆ ଗଳ୍ପ ସାହିତ୍ୟର ଅମୂଲ୍ୟଗ୍ରନ୍ଥ ।

ନାରାୟଣ ପଟ୍ଟନାୟକଙ୍କ ଗଳ୍ପ ସଂକଳନ ବର୍ଣ୍ଣ ପୃଥିବୀ ଓ ସାରାରାତି ଆଧୁନିକ ଓଡିଆ କ୍ଷୁଦ୍ରଗଳ୍ପର ସମୃଦ୍ଧିତ ଉଚ୍ଚାରଣ ।

ଗାଳ୍ପିକ ଉତମ କୁମାର ପ୍ରଧାନ ନଚିକେତାର ହାତ, ବୁଢୀଆଣି ଓ ବୃଦ୍ଧ ପ୍ରଜାପତି, କଳାହାଣ୍ଡିର କଥାକାର ଭଳି ଗଳ୍ପ ସଂକଳନର ସ୍ରଷ୍ଟା ଭାବରେ ସମଗ୍ର ଓଡିଆ ସାହିତ୍ୟରେ ଜଣେ ଉଜ୍ଜ୍ୱଳ ସ୍ୱାକ୍ଷର । ସେ ସାରଳା ପୁରସ୍କାର ପ୍ରାପ୍ତ ସାହିତ୍ୟିକ ।

ଗାଳ୍ପିକା ଯଶୋଧରା ମିଶ୍ରଙ୍କ ଗଳ୍ପ ସଂକଳନ ଦ୍ୱୀପ ଓ ଅନ୍ୟାନ୍ୟ ଗଳ୍ପ, ଜହ୍ନରାତି, ରେଖାଚିତ୍ର, ଦେଖାଣୀହାରୀ, ବନସାଇ ଭଳି ଗଳ୍ପ ସଂକଳନ ମାଧ୍ୟମରେ ଓଡିଆ ସାହିତ୍ୟକ ସମୃଦ୍ଧ କରିପାରିଛନ୍ତି । 'ଜହ୍ନରାତି' ପାଇଁ ସେ ଓଡିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ।

ଓଡିଆ କଥା ସାହିତ୍ୟର ଅନ୍ୟତମ ସଫଳ ଦିଗପାଳ ଓଡିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଭାପତି ଗାଳ୍ପିକ ରାମଚନ୍ଦ୍ର ବେହେରା ଓଡିଆ ସାହିତ୍ୟର ଜଣେ ବିଶିଷ୍ଟ ସାହିତ୍ୟିକ । ତାଙ୍କର ଗଳ୍ପ ସଂକଳନ ମଧ୍ୟରେ – ଦ୍ୱିତୀୟ ଶ୍ମଶାନ, ଅଚିହ୍ନା ପୃଥିବୀ, ଅବଶିଷ୍ଟ ଆୟୁଷ, ଓଁକାର ଧ୍ୱନି, ଗୋପପୁର, ଅସ୍ଥାୟୀ ଠିକଣା, ସବୁଜିମାର ପରମାୟୁ ଆଦି ଏକ ଏକ ଯୁଗାନ୍ତକାରୀ ସାରସ୍ୱତ ସୃଷ୍ଟି । ସେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ସାହିତ୍ୟିକ ।

ଆଧୁନିକ ଓଡିଆ କଥା ସାହିତ୍ୟର ଅନ୍ୟତମ ବିନ୍ଧାଣୀ ଗାଳ୍ପିକ ପଦ୍ମଶ୍ରୀ ଚନ୍ଦ୍ରଶେଖର ରଥ । ତାଙ୍କର ଗଳ୍ପ ସଂକଳନରେ – ଅନେକ ବନ୍ୟା ପରେ, ଅଶ୍ୱରୋହୀର ଗଳ୍ପ, ସମ୍ରାଟ ଓ ଅନ୍ୟମାନେ, ଅନ୍ୟଏକ ସକାଳ, ସବୁଯାକ ସ୍ୱପ୍ନ, ବାଘ ସଦାର, ଏତେ ପାଖରେ ସମୁଦ୍ର, ପାହାଡ ବଡ, ବିକ୍ରିପାଇଁ ଫୁଲମାଳ, ସ୍ୱପ୍ନବାହକ, ସବୁଠାରୁ ଦୀର୍ଘରାତି, କ୍ରମଶଃ ଗଭୀର ନଈ, ଅନ୍ତିମ, ଶିଖର ଲଙ୍ଘନ, ନାଗାନ୍ତକ ବିଦ୍ୟା, ସନ୍ଧିକାଳ ପ୍ରମୁଖ । ସେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ସାହିତ୍ୟିକ ।

ଓଡିଆ ଗଳ୍ପଧାରାର ଜଣେ ଧ୍ୱରୀଣ ଗାଳ୍ପିକ ରତ୍ନାକର ଚଇନି । ନାଟକ ସହ ଗଳ୍ପ ତାଙ୍କ ସାରସ୍ୱତ ସାଧନାକୁ ଋଦ୍ଧିମନ୍ତ କରିଅଛି । ନିଷିଦ୍ଧ, ଶୃଙ୍ଗାର, ଋତୁର ନାମ ପାପାସା, ସୂର୍ଯ୍ୟାସ୍ତର ଉପବନ, କହ ଲଳିତା, ମୁଠାଏ ଶୂନ୍ୟତା ଆଦି ତାଙ୍କର ଗଳ୍ପସୃଷ୍ଟି । ସେ ଓଡିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ସାହିତ୍ୟିକ ।

ଭଗବତୀ ଚରଣ ପାଣିଗ୍ରାହୀ ସମଗ୍ର ଓଡିଶା ମାଟିରେ ସାମ୍ୟବାଦ ଚିନ୍ତାଧାରାର ପ୍ଲାବନ ଖୋଲାଇ ଦେବାରେ ଅଗ୍ରଗଣ୍ୟ ଥିଲେ । ନବଯୁଗ ସାହିତ୍ୟ ସଂସଦର ସ୍ରଷ୍ଟା । 'ଶିକାର', 'ହାତୁଡି ଓ ଦା', 'ଝଡ' ପରି କ୍ରାନ୍ତିକାରୀ ଗଳ୍ପ ଓଡିଆ ସାହିତ୍ୟରେ ଅନନ୍ୟ ।

ଗାଳ୍ପିକ ବିଜୟକୃଷ୍ଣ ମହାନ୍ତିଙ୍କ ଗଳ୍ପ ସଂକଳନ – ତଥାପି, ମ୍ଳାନଜ୍ୟୋତ୍ସ୍ନା, ପ୍ରଚକ୍ଷୁ ଆଦି ପ୍ରସିଦ୍ଧି ଲାଭ କରିଅଛି ।

ରମାକାନ୍ତ ରଥଙ୍କ ଗଳ୍ପ ସଂକଳନ 'ମେଘ' ଓ 'ଅନ୍ୟାନ୍ୟ ଗଳ୍ପ' ତାଙ୍କ ସିଦ୍ଧିହସ୍ତତାର ପରିଚୟ ପ୍ରଦାନକରେ ।

ବରିଷ୍ଠ ଗାଳ୍ପିକ ହରିହର ମିଶ୍ରଙ୍କର – ବୃକ୍ଷଭର ଏକପାଦ, ଇଚ୍ଛାର ସାମ୍ରାଜ୍ୟ, ମୂକ ଡାହୁକ ଆଦି ଗଳ୍ପ ଓଡିଆ ଗଳ୍ପ ସାହିତ୍ୟର ଏକ ଅମ୍ଳାନ କୀର୍ତିସ୍ତମ୍ଭ ସାଜିଅଛି ।

ଅଧ୍ୟାପକ ବିଶ୍ୱରଞ୍ଜନଙ୍କ – କାଚ କଣ୍ଢେଇ, ତଥାପି ଆଲୋକ, ଏଇ ଆତ୍ମ ନିଦ୍ରା ପରିହରି, ରାତି ପାହିଲେ ପୁରୀ, ଅନ୍ତେ ଶୟନ, ମଳୟ ମଞ୍ଜରୀ ଆଦି ଗଳ୍ପ ସଂକଳନ ଓଡିଆ ବାଣୀ ଭଣ୍ଡାରକୁ ସମୃଦ୍ଧ କରିଅଛି ।

ନନ୍ଦିନୀ ଶତପଥୀ ଜଣେ ନାରୀନେତ୍ରୀ ସହିତ ସାରସ୍ୱତ ସାଧକ କେତୋଟି କଥା, ଶମ୍ପ୍ରଦର୍ଶି, ଦୁଇଗୋଟି ଗଳ୍ପ ସଂକଳନ - ଓଡିଆ ଗଳ୍ପ ସାହିତ୍ୟକୁ ଅନନ୍ୟଗ୍ରନ୍ଥ । ସେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ସାହିତ୍ୟିକା । ନାରୀଜୀବନର ନିଛକ କଥା, ତାଙ୍କ ଗଳ୍ପରେ ଆନ୍ଦୋଳିତ ହୋଇଥାଏ, ଏଥିସହ ନିଷୋପିତ, ଅବହୋଳିତଙ୍କ କଥା ସେଥିରେ ରହିଅଛି ।

ବିଶିଷ୍ଟ ଓଡିଆ କଥାଶିଳ୍ପୀ ଆଦିକନ୍ଦ ସାହୁ ଓଡିଆ ସାହିତ୍ୟ ଜଗତର ଜଣେ ଦକ୍ଷବିନ୍ଧାଣୀ । ସାହିତ୍ୟର ଅନେକ ବିଭାଗରେ ରଚନାକରି ସେ ସିଦ୍ଧିହସ୍ତ । ତାଙ୍କର ଏକ ଗଳ୍ପ ସଂକଳନ "କ୍ଷେତ ପାଚିବାର ବେଳ"ରେ ୧୧ ଗୋଟି ଗଳ୍ପକୁ ନେଇ ରଚିତ ଯାହକି ଓଡିଆ ଗଳ୍ପ ସାହିତ୍ୟର ଏକ ଗ୍ରନ୍ଥ ।

କାଳିନ୍ଦୀଚରଣ ପାଣିଗ୍ରାହୀ ଓଡିଆ ସାହିତ୍ୟ କାହିଁକି ଭାରତୀୟ ସାହିତ୍ୟରେ ଜଣେ ଉଚ୍ଚାରିତ ନାମ । ତାଙ୍କର ଦ୍ୱାଦଶୀ, ସାଗରିକା, ଶେଷରଶ୍ମୀ ଆଦି ପ୍ରତିଷ୍ଠିତ ଗଳ୍ପ ସଂକଳନ । ସେଥିମଧ୍ୟରୁ ମୋ କଥାଟି ସରିନାହିଁ, ବାଦୀପାଲା, ରୁଦ୍ରାକ୍ଷ, ହୃଦୟ, ନିଶିଥିନୀ, ଡାହାଣୀ ବୁଢୀ, ଓଡିଶାର ମହାମୁକ ଆଦି ଓଡିଆ ଗଳ୍ପ ସାହିତ୍ୟର ଏକ ଏକ ମାଇଲ ଖୁଂଟ ।

ଓଡିଆ ସାହିତ୍ୟ ଏକ ପ୍ରାଚୀନତମ ଶାସ୍ତ୍ରୀୟ ସାହିତ୍ୟ ଅନେକ ଗାଳ୍ପିକଙ୍କର ଗଳ୍ପ ରଚନା - ଓଡିଆ ଗଳ୍ପ ସାହିତ୍ୟକୁ ସମୃଦ୍ଧ କରିପାରିଅଛି । ଗଳ୍ପ ସାହିତ୍ୟର ଜନକ ଫକୀରମୋହନ ସେନାପତିଙ୍କ ଠାରୁ ଆଧୁନିକ ତରୁଣ ଗାଳ୍ପିକମାନଙ୍କ ପର୍ଯ୍ୟନ୍ତ ଏ ସାହିତ୍ୟ ସୃଷ୍ଟି କାଳକାଳକୁ ଅମର ହେବ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ ।

ଓଡିଆ ସାହିତ୍ୟର ପ୍ରବାହମାନ ଯଦି ଗୋଟିଏ ସିନ୍ଧୁ ହୁଏ, ସେଥିରେ ମୁଁ ସାହିତ୍ୟିକଟିଏ ଭାବରେ ଗୋଟିଏ ବିନ୍ଦୁ ହୋଇ ମୋ ଜୀବନକୁ ଧନ୍ୟ ମନେ କରୁଅଛି ।

ମୋର କଳ୍ପନାର ମନର ମାନସ - ଏ ସାରସ୍ୱତ ସମ୍ଭାର "ପଥହରା ପଥିକ" ଏକ ଗଳ୍ପ ସାହିତ୍ୟ । ଏ ଗଳ୍ପରେ ମୁଁ ମୋର ସୃଜନମନସୀ କେତେଗୋଟି ସ୍ମୃତିକୁ ଦୁଃସାହସିକ ସହିତ ଗଳ୍ପ ଆକାରରେ ପରିପ୍ରକାଶ କରୁଅଛି । ଏ ଗଳ୍ପ ସଂକଳନରେ ଯେଉଁ କେତେଗୋଟି ଗଳ୍ପ ରହିଛି - ତାହା ମୋର ମାନସପଟର ଗୋଟିଏ ଗୋଟିଏ ପ୍ରତିଛବି ମାତ୍ର ।

ମାନବ ଜୀବନ ଦୁର୍ଲ୍ଲଭ ଜୀବନ । ଏ ଜୀବନ ଭଗବାନଙ୍କର ଦାନ । "ପଥହରା ପଥିକ" ଗଳ୍ପରେ – ମୁଁ ଜଣେ ପଥିକ ଭାବରେ ମୋ ଜୀବନର ଗତିପଥକୁ କିପରି ଯାଇପାରିଅଛି – ଆଗକୁ ଆହୁରି ଯିବାକୁ ଅଛି ତାହାକୁ ନେଇ ଏ ଗଳ୍ପ ସଂକଳନ ।

ଏ ଗଳ୍ପ ସଂକଳନ "ପଥହରା ପଥିକ"ରେ ଗଳ୍ପଗୁଡିକ ହେଲା – ପଥହରା ପଥିକ, ଜନ୍ମଲଗ୍ନ, ଶିକ୍ଷାଳୟ, କର୍ମକ୍ଷେତ୍ର, ଧର୍ମପତ୍ନୀ, ଭାଉଜ, ଶାଳୀ ଦୁଇଟି, ସାଖି ହେଲା ଭଉଣୀର ରାକ୍ଷୀ, ଭାଇବୋହୂ, ଗୁରୁଦେବ, କରୋନା ଆଣିଦେଲା ସାହିତ୍ୟ ରଚନା, ପଥିକର ସ୍ୱପ୍ନ ସାଂସଦ ଆଦି ବାରଗୋଟି ଗଳ୍ପକୁ ନେଇ ସୃଷ୍ଟି ।

ସବୁ ସାହିତ୍ୟଟିଏ ଚାହେଁ ସେ ତା'ର ସାହିତ୍ୟ କୃତିଟି ନିଜର ମନର ମଣିଷକୁ ଉତ୍ସର୍ଗ କରିବ । ମୁଁ ବା ଏଥିରୁ ବାଦ ପଡିବି କିପରି । ପଥହରା ପଥିକରୁ ଯେ ଆଜି ଗୋଟିଏ ମଣିଷଟିଏ କରିବାରେ ପ୍ରେରଣାଦାୟୀ, ସେ ମୋର ସହଧର୍ମୀଣୀ ତୁଳସୀ ସାହୁ (ଟିଁକି)କୁ ଉତ୍ସର୍ଗ କରୁଅଛି ଏ ଗଳ୍ପ ସଂକଳନଟି ।

ମୁଁ ଜଣେ ଗାଳ୍ପିକ ନୁହେଁ, ଅନେକ ଗଳ୍ପର ଜଣେ ପାଠକ ମାତ୍ର ମୋର ଏହି ଗଳ୍ପ ସଂକଳନ "ପଥହରା ପଥିକ" – ଗୋଟିଏ ମାନବକେନ୍ଦ୍ରିକ ଗଳ୍ପ ସଂକଳନ । ପାଠକ ପାଠିକା ଦ୍ୱାରା ପାଠକୀୟ ଆଦୃତି ଲାଭ କରିପାରିଲେ ମୋର ଶ୍ରମ ସ୍ୱାର୍ଥକତା ସହ ଓଡିଆ ଗଳ୍ପ ସାହିତ୍ୟର ସୁଦୀର୍ଘ ପରମ୍ପରାରେ ଏ ଗଳ୍ପଟି କାଳଜୟୀ ଦିଗରେ ସହାୟକ ହୋଇପାରିବ ଏତିକି ମାତ୍ର ଶୁଭ ମନାସିଲି ।

# ସୂଚୀପତ୍ର

## ପଥହରା ପଥିକ


| ଗଳ୍ପ | | ପୃଷ୍ଠା |
|---|---|---|
| ୧. | ପଥହରା ପଥିକ | ୧-୯ |
| ୨. | ଜନ୍ମଲଗ୍ନ | ୧୦-୧୭ |
| ୩. | ଶିକ୍ଷାଳୟ | ୧୮-୨୬ |
| ୪. | କର୍ମକ୍ଷେତ୍ର | ୨୭-୩୩ |
| ୫. | ଧର୍ମପତ୍ନୀ | ୩୪-୪୧ |
| ୬. | ଭାଉଜ | ୪୨-୪୮ |
| ୭. | ଶାଳୀ ଦୁଇଟି | ୪୯-୫୯ |
| ୮. | ଭଉଣୀର ରାକ୍ଷୀ | ୬୦-୬୬ |
| ୯. | ଭାଇବୋହୂ | ୬୭-୭୩ |
| ୧୦. | ଗୁରୁଦେବ | ୭୪-୮୪ |
| ୧୧. | ମହାମାରୀ କରୋନା ଆଣିଦେଲା ସାହିତ୍ୟ ରଚନା | ୮୫-୧୦୫ |
| ୧୨. | ପଥହରା ପଥିକର ସ୍ୱପ୍ନ ସାଂସଦ (ଏମ୍.ପି.) | ୧୦୬-୧୧୪ |

## ପଥହରା ପଥିକ

ସବୁମତେ ଜୀବନ ସୁନ୍ଦର ଏମିତି ଅନୁଭବ ପ୍ରତି ମୁଁ ମୋର ଜନ୍ମମାଟି ଏସିଆ ମହାଦେଶର ସର୍ବବୃହତ ଗାଁ ଭୁବନ ଅଧୁନା ଭୁବନ ସହର । ଭାରତୀୟ ସ୍ୱାଧିନତା ସଂଗ୍ରାମର ଏ ମାଟି କିଶୋର ସହିଦ୍ ବୀର ବାଜିରାଉତ ମାଟି । ସତେ ଅବା ଆମ ଗାଁ ପ୍ରସିଦ୍ଧି ଅଛି ଶିଳ୍ପୀକୂଳ ପାଇଁ - ସେ କଂସା ପିତଳ କିମ୍ବା କାଠଖୋଦେଇ । ଐତିହାସିକ ଦଶହରା ବଳଦ ଯାତ୍ରା ସ୍ମରକୀର ସ୍ମୃତିସ୍ତମ୍ଭ ଥୋରିଆ ପାଟକ ବ୍ୟବସାୟିକ ଭିତିଭୂମି - ସତ ଅବା ଆମ୍ଭର ଆରାଧ୍ୟ ଦେବତା - ପର୍ଯ୍ୟଟନର ମାନ୍ୟତା - ବାବା ବୁଦ୍ଧେଶ୍ୱର ମନ୍ଦିର ।

ଭୁବନ ସହରରେ ବାଇଶି ପାଟକର ଲୋକେ ପାଖାପାଖି ପଚାଶ ହଜାର ବସବାସ କରିଥାନ୍ତି । ଏଠି ଅଧିକାଂଶ ଲୋକ କାପୁଡିଆ ସଂପ୍ରଦାୟର । ଏ ଜାତି ଏଠିକାର ସବୁଠାରୁ ବଡଜାତି ଅଟେ । ଏ ଜାତିର ଜଣେ ସାଧାସିଧା ମଣିଷ ବାବାଜୀ ନାୟକ ଜଣେ ବ୍ୟବସାୟୀ ଭାବରେ ନିଜ ଜୀବନ କାଳାତିପାତ କରନ୍ତି । ନିଜର ତେଲଲୁଣର ସଂସାର ମଧ୍ୟରେ ପତ୍ନୀ ଭୂତିଦେବୀ, କନ୍ୟା ବେଙ୍ଗୁଲି, ବଡପୁଅ ଦୁଃଶାସନ, ମଧ୍ୟମପୁଅ ଭୀମସେନ, ପୁତ୍ର ରାମଚନ୍ଦ୍ର, କନିଷ୍ଠପୁତ୍ର ଭାଗବତଙ୍କୁ ନେଇ । "ଦଇବ ଦଉଡି ମଣିଷ ଗାଈ, ଯେଣୁକୁ ଟାଣଇ ସେଣୁକୁ ଯାଇ" - ଭଗବାନଙ୍କର ଇଚ୍ଛା ସର୍ବତ୍ର । ଏଥିରୁ ବାବାଜୀ ବା କିପରି ବାଦ୍‌ପଡିବେ । ଅକାଳରେ ବାବାଜୀ ଦୁନିଆଁରୁ ଚାଲିଗଲେ - ସମସ୍ତ ସନ୍ତାନ ସନ୍ତତି ନାବାଳକ ଥିଲେ ଓ ବାପା ଛେଉଣ ହୋଇଗଲେ । ମା' ଭୂତିଦେବୀ ବହୁତ ଦୁଃଖକଷ୍ଟରେ ପିଲାମାନଙ୍କୁ ଲାଳନପାଳନ କରିଲେ । ତିନି ବଖରା ଟାଇଲି ଛପର ଘରରେ, ଜମିବୋଲି କିଛି ନାହିଁ କହିଲେ ଚଳେ ।

ଦୁନିଆଁରେ ପେଟପାଇଁ ସବୁନାଟ - ବଡପୁଅ ଦୁଃଶାସନ ବାପାଙ୍କର ବ୍ୟବସାୟ ନୀତିକୁ ଆପଣାଇ ନେଇ କିଶୋରବସ୍ଥାରୁ ଜଣଙ୍କର ଦୋକାନରେ କାମକରନ୍ତି । ମଧ୍ୟମ ପୁତ୍ର ଭୀମସେନ ପଥରକାଟି, ବାଲି ସିମେଟଂ, ରାଜମିସ୍ତ୍ରୀ ଭାବରେ ଜୀବିକା ନିର୍ବାହ କଲେ, ଏକମାତ୍ର କନ୍ୟା ବେଙ୍ଗୁଲି ପାଠପଢାର ଡୋରିବାନ୍ଧି ମା' ଭୂତିକୁ ଘରର ରୋଷେଇ କାମରେ ସାହାଯ୍ୟ କରେ । ମଧ୍ୟମ ପୁତ୍ର ରାମଚନ୍ଦ୍ର ମାତ୍ର ପାଚଂବର୍ଷ ହୋଇଥିବା ସମୟରେ

ପିତୃହରା ହୋଇ ଦଶବର୍ଷ ବୟସରେ ନିଜ ପୋଟଚାଖଣ୍ଡକ ପୋଷିବା ପାଇଁ କାଠ କାମକୁ ନିଜର କୃତି ଭାବରେ ଗ୍ରହଣ କରିନେଲେ । କନିଷ୍ଠ ପୁତ୍ର ଭାଗବତ ମାତ୍ର ଦୁଇ ବରଷର ବାପାର ମୁହଁ ତା'ର ଅଦ୍ୟାବଧି ମନେ ନଥିବ ।

ମୁଁ ଯେଉଁ ମଣିଷ କଥା ଏଠାରେ ଉଲ୍ଲେଖ କରିଲି ସେ ଆଉ କେହି ନୁହଁନ୍ତି - ମୋ ଜେଜେବାପା ବାବାଜୀ ନାୟକ । ମୋର ସେହି ପିତୃହରା ବାପା ଦୁଃଖୀନିର ସାଥି ରାମଚନ୍ଦ୍ର । ରାମଚନ୍ଦ୍ର ଦଶବରଷ ଠାରୁ ପନ୍ଦର ବରଷ ପର୍ଯ୍ୟନ୍ତ ତାଙ୍କର ଗୁରୁ ନବ ମହାରଣାଙ୍କଠାରୁ କାଠ କାରିଗରୀ ଶିକ୍ଷା କରିଲେ ପନ୍ଦର ବର୍ଷରୁ କୋଡିଏ ବର୍ଷ - ସମ୍ପର୍କୀୟ କାହ୍ନୁ ପୃଷ୍ଟିର ଶାଳରେ କାଠକାମ କରିବା ପରେ - ଯୌବନରେ ଉପନୀତ ରାମଚନ୍ଦ୍ରର ସଂସାର କରିବାର ଆଦିମ ଇଚ୍ଛାକୁ ନେଇ ନିଜର କର୍ମକୁ ବ୍ୟକ୍ତିଗତ ଭାବରେ ଆରମ୍ଭ କରିଲେ । ନିଜ ଘରବାରି ବଡହାଟ ଠାରେ ।

ରାମଚନ୍ଦ୍ର ପଚିଶ ବର୍ଷ ବୟସରେ ସାଂସାରିକ ଜୀବନଯାପନ କରିଲେ । ଜଣେ ଦକ୍ଷ କାରିଗର ହେତୁ ଅନେକ କନ୍ୟା ବରଣ କରିବାପାଇଁ ପ୍ରସ୍ତାବ ଆସିଥିଲା, ମାତ୍ର ବିଧିର ବିଧାନ କେ କରିବ ଆନ । ଭୁବନ ଅରାସାହି ନିବାସୀ ଲକ୍ଷ୍ମୀଧର ଦାସଙ୍କ କନିଷ୍ଠ କନ୍ୟା ଭାରତୀଙ୍କ ସହିତ ରାମଚନ୍ଦ୍ରଙ୍କ ବିବାହ ସଂପୂର୍ଣ୍ଣ ହୁଏ, ବିନା ଯାନି ଯୌତୁକରେ । ତା' ପରେପରେ ରାମଚନ୍ଦ୍ରଙ୍କ ଜୀବନରେ ଏକ ବଡ ଧରଣର ପରିବର୍ତନ ଆସିଥିଲା । ସତେ ଅବା ନାରୀରୂପି ନାରାୟଣି ଅବତାରଣାରେ ଧର୍ମପତ୍ନୀ ଭାରତୀ ଆସିଥିଲେ । ସେ ଦିନରୁ ଆଜି ପର୍ଯ୍ୟନ୍ତ ରାମଚନ୍ଦ୍ର ପ୍ରଜାପାଳକ ଅର୍ଥାତ୍ ଜନତାଙ୍କର ସହିତ ରହିଆସିଛନ୍ତି । ବ୍ୟବସାୟ କ୍ଷୋତ୍ରହେଉ, ଶିଳ୍ପୀକଳା ହେଉ, ହେଉ ଅବା ରାଜନୀତି କି ସମାଜସେବୀ ସବୁଥିରେ ତାଙ୍କର ସ୍ୱାକ୍ଷର ବହନ ହୁଏ ଭୁବନ ସହରର ବିକାଶ ଦିଗରେ ।

ଶିଳ୍ପୀକଳାରେ ଶହଶହ ଖଟ, ପଲଙ୍କ ନିର୍ମାଣ କରି ବରକନ୍ୟାଙ୍କ ଗୃହକରଣାରେ ଜଣେ ଧିରାଣ ଶିଳ୍ପୀଭାବରେ ରାଜ୍ୟ ତଥା ଜାତୀୟ ସ୍ତରରେ ପ୍ରତିଷ୍ଠିତ ହୋଇ ଢେଙ୍କାନାଳର ସର୍ବୋଚ୍ଚ ସମ୍ମାନ ମହିମା ହସ୍ତକଳା ସମ୍ମାନ ମୁଖ୍ୟମନ୍ତ୍ରୀ ଓଡିଶାଙ୍କ ଠାରୁ ଉପାଧିପ୍ରାପ୍ତ । ଛଦଶନ୍ଦି (ଷାଠିଏ ବର୍ଷ)ରୁ ଉର୍ଦ୍ଧ୍ୱ ଜଣେ ଶିଳ୍ପୀ ଭାବରେ - କର୍ମବୀର ସାଜିଥିଲେ ଦୁନିଆଁ ଦାଣ୍ଡରେ ।

ଜଣେ ରାଜନୈତିକ ଦଳର ନେତା ଭାବରେ ବିଜେପି - ଢେଙ୍କାନାଳ ଜିଲ୍ଲା ଉପସଭାପତି, ଭୁବନ ନଗର ସଭାପତି ଭାବରେ ଦୀର୍ଘ ତିରିଶ ବର୍ଷଧରି କାର୍ଯ୍ୟକାରୀ ଓଡିଶାର ପ୍ରଥମ ବିଜେପି ବିଧାୟକ - କାମାକ୍ଷାନଗରଙ୍କୁ ବିଜୟୀ କରାଇବାରେ ସେନାପତିର ଦାୟିତ୍ୱରେ ଥିଲେ । ରାଜ୍ୟସଭା ସାଂସଦଙ୍କ ନୋମିନୀ ଭାବରେ ଭୁବନ ସହରରେ କାର୍ଯ୍ୟକରି ଜନକଲ୍ୟାଣମୂଳକ କାର୍ଯ୍ୟକ୍ରମ ତଥା ଢେଙ୍କାନାଳ ଲୋକସଭା ସାଂସଦଙ୍କ ନୋମିନୀ ଭାବରେ ବାଜିରାଉତ ଡିଗ୍ରି କଲେଜ ଗଭନିଙ୍ଗ ବଡି ସଦସ୍ୟ ଭାବରେ କାର୍ଯ୍ୟକରି ଭୁବନରେ ଉଚ୍ଚଶିକ୍ଷାର ବିକାଶପଥର ପଥିକ ଥିଲେ ।

ଜଣେ ସମାଜସେବୀ ଭାବରେ ସମାଜର ବିଭିନ୍ନ ଅନୁଷ୍ଠାନରେ ସକ୍ରିୟ ଭାବରେ କାର୍ଯ୍ୟ କରିଛନ୍ତି - ତନ୍ମଧ୍ୟରୁ ଭୁବନର ଐତିହାସିକ ବଳଦଯାତ୍ରା (ଦଶହରା ଶାନ୍ତିକମିଟି)ର ପ୍ରତିଷ୍ଠାତା ସଦସ୍ୟ ସହ, ପର୍ଯ୍ୟଟନସ୍ଥଳୀ - ବାବା ବୁଦ୍ଧେଶ୍ୱର ମନ୍ଦିର ଟ୍ରଷ୍ଟ୍ ସଭ୍ୟ, ଭୁବନ ବରିଷ୍ଠ ନାଗରିକ କମିଟି । ଭୁବନ କାରିଗର ବହୁମୁଖୀ ଶିଳ୍ପ ସମବାୟ ସମିତିର ସଭାପତି ଭାବରେ ଶିଳ୍ପୀକୂଳର ବିକାଶପଥରେ ସହଯୋଗ ଥିଲେ ।

ସଂସାର ଜୀବନ ମଧ୍ୟରେ ରାମଚନ୍ଦ୍ର ଓ ପତ୍ନୀ ଭାରତୀ ଦେବୀଙ୍କର ଚାରିଗୋଟି ସନ୍ତାନ-ସନ୍ତତିକୁ ନେଇ ତାଙ୍କର ସୁଖର ସଂସାର - ଏକମାତ୍ର ବଡ ସନ୍ତାନ କନ୍ୟା ରତ୍ନା ଜୟନ୍ତୀ, ପୁତ୍ର ସୁବାଷ, ପ୍ରକାଶ, ମାନସକୁ ନେଇ ସୁଖର ସଂସାର । ରାମଚନ୍ଦ୍ର ଯେ କେବଳ ବାପା ହୋଇ ନଥିଲେ ନିଜର ସନ୍ତାନ ସନ୍ତତିକୁ ଉପଯୁକ୍ତ ଶିକ୍ଷାଦେଇ, କର୍ମସଂସ୍ଥାନରେ ଅନୁପ୍ରେରିତ କରି, ଉପଯୁକ୍ତ ବନ୍ଧୁ ଘରେ ବିବାହ କରାଇ ପରିଣତି ବୟସରେ ନାତି, ନାତୁଣୀମାନଙ୍କ ଗ୍ରହଣରେ ସୁଖର ସଂସାରରେ ନିମଗ୍ନରତ । ପତ୍ନୀ ଭାରତୀ ଦେବୀ ଜଣେ ଆମାୟିକ ମହିଳା, ନିଅହଙ୍କାରୀ, ନିଃସ୍ୱାର୍ଥପର, ମାତୃବତ୍ସଳ, ଧର୍ମପରାୟଣା ମହିଳା ସହ ସମସ୍ତଙ୍କର ପ୍ରିୟ ନାୟକ ପରିବାରର ବୋହୂର ମର୍ଯ୍ୟାଦାବନ୍ତା । ବଡଝିଅ ତଥା ଏକମାତ୍ର କନ୍ୟା ରତ୍ନା ଜୟନ୍ତୀ ଇନ୍ଦିରାଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟରୁ ଅଣ୍ଡର ଗ୍ରାଜୁଏଟ୍ ଶିକ୍ଷାପ୍ରାପ୍ତ ସହ ଜଣେ ଲେଖିକା ଭାବରେ ସମାଜରେ ପରିଚିତ । ଅନେକ ଲେଖା ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶିତ, ତିନିଗୋଟି ପୁସ୍ତକର ଲେଖିକା - କବି ନନ୍ଦିନୀ

ଶତପଥୀ, ଅନୁବାଦିକା ନନ୍ଦିନୀ ଶତପଥୀ ଓ ଗାଳ୍ପିକା ନନ୍ଦିନୀ ଶତପଥୀ ତଥା ଓଡିଶା ଲେଖିକା ସଂସଦର ଆଜୀବନ ସଭ୍ୟ । ନିଜ ଶ୍ୱଶୁରାଳୟ ଢୋରାବିଶ ବ୍ଲକ୍‌ର ଏଣ୍ଡର ଗ୍ରାମପଚାଂୟତର ନୀଳକଣ୍ଠପୁର (ଓଳକଣା) ଗ୍ରାମର  ନିର୍ବାଚିତ ଜନପ୍ରତିନିଧି ଭାବରେ କାର୍ଯ୍ୟରତ । ଓଡିଶା ସରକାରଙ୍କ ଅବସରପ୍ରାପ୍ତ କର୍ମଚାରୀ - ଓଡିଶା ଦୋଳମେଲଣ ପ୍ରସିଦ୍ଧ ଓଳକଣା ନିବାସୀ ଟ୍ରାନ୍ସପୋର୍ଟର ସାମ୍ବାଦିକ ମହେନ୍ଦ୍ର କୁମାର ଲେଙ୍କାଙ୍କ ଧର୍ମପତ୍ନୀ । ଦୁଇକନ୍ୟା - ରାଜେଶ୍ୱରୀ (ଦଶମ ଶ୍ରେଣୀ), ବ୍ରଜେଶ୍ୱରୀ (ଷଷ୍ଠ ଶ୍ରେଣୀ) ର ମା' ଭାବରେ ଅଧୁନା କାର୍ଯ୍ୟରତ ।

ବଡପୁଅ ଅଧ୍ୟାପକ ଡକ୍ଟର ସୁବାଷ ନାୟକ ଓଡିଆ ସାହିତ୍ୟର ଅଧ୍ୟାପକ ସହ ସାହିତ୍ୟିକ ଓ ଗବେଷକ ଭାବରେ କାର୍ଯ୍ୟରତ । ଏକ ବେସରକାରୀ ଡିଗ୍ରି କଲେଜର ଉପାଧ୍ୟକ୍ଷ, ଧର୍ମପତ୍ନୀ ତୁଳସୀ ସାହୁ (ଟିକି), ଇଂରାଜୀ ସାହିତ୍ୟରେ (ଏମ୍.ଏ) ପାସ୍ ପରେ ଶିକ୍ଷକତାକୁ ଜୀବନର ବୃତି ଭାବରେ କାର୍ଯ୍ୟରତ, ଏକମାତ୍ର କନ୍ୟା ସନ୍ତାନ - ତେଜସ୍ୱିନୀ (ଲକି)କୁ ନେଇ ତାଙ୍କ ସଂସାର ।

ମଧ୍ୟମ ପୁତ୍ର ପ୍ରକାଶ ନାୟକ, ବୃତିରେ ଆଡଭୋକେଟ୍, ଭୁବନ ଜୁଡିସିଆଲ କୋର୍ଟରେ କାର୍ଯ୍ୟରତ । ସୁଦୂର ବାଲେଶ୍ୱର ଟାଉନରେ ବିବାହିତ । ପତ୍ନୀ ସୁପ୍ରଭା ଓଡିଶା ସରକାରଙ୍କ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟତ୍ରୀ ଭାବରେ କାର୍ଯ୍ୟରତ । ଏକମାତ୍ର ପୁତ୍ର ଆୟୁଷ୍ମାନ (ରାଜ୍)କୁ ନେଇ ତା'ର ସଂସାର ।

ସାନପୁତ୍ର ଡକ୍ଟର ମାନସ ନାୟକ । ଓଡିଶା ସରକାରଙ୍କ ଉଚ୍ଚ ପ୍ରାଥମିକି ବିଦ୍ୟାଳୟର ସରକାରୀ ଶିକ୍ଷକ ସହିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲେଖକୀୟ କୃତିରେ ଗବେଷଣା କରି ଡକ୍ଟରେଟ (ପିଏଚ୍.ଡି.) ଉପାଧିପ୍ରାପ୍ତ । ସୁଦୂର ଢେଙ୍କାନାଳ ରାସୋଳରେ ବିବାହିତ । ପତ୍ନୀ ଶିବାନୀ ସାହୁ ଘରୋଇ ଶିକ୍ଷୟତ୍ରୀ ଭାବରେ କାର୍ଯ୍ୟରତ । ଏକମାତ୍ର ପୁତ୍ର ଜ୍ୟୋତିଆଦିତ୍ୟ (ରାଜା)କୁ ନେଇ ସଂସାର ।

ବାପା, ମା' ଏ ସମସ୍ତଙ୍କୁ ନେଇ ଏକ ଅନ୍ୱିବତୀ ପରିବାର ଭାବରେ କାର୍ଯ୍ୟରତ । ଉପଯୁକ୍ତ ଶିକ୍ଷା ଓ ସଂସ୍କାର ଦ୍ୱାରା ପରିବାରଟି ପ୍ରତିଫଳିତ । ମାନବ ସେବା ହିଁ ମାଧବ ସେବା ଏ ପରିବାରର ଏକମାତ୍ର ଲକ୍ଷଣ ।

ଜଣେ ସାହିତ୍ୟିକଟିଏ ହୋଇ ପାରିବଟି ଭଗବାନଙ୍କ ଇଚ୍ଛା - ତତ୍‌ସହିତ ଗାଳ୍ପିକଟିଏ । ଏ ଗଳ୍ପ ସଂକଳନର "ପଥହରା ପଥିକ"ରେ ପଥହରା ଗଳ୍ପଟି - ଅଧିନ ଗାଳ୍ପିକର ଜୀବନୀ ପରିଧି । ସତରେ ନିଜ ଜୀବନର ନିଚ୍ଛକ ଘଟଣାବଳୀକୁ ସତ୍‌ସାହସର ସହିତ ଗଳ୍ପ ଆକାରରେ ପରିପ୍ରକାଶ କରାଇବା ସତରେ ଏକ ଦୂରୁହବ୍ୟାପାର ।

ସୁବାଷ ବାପା ମା'ଙ୍କ ଦ୍ୱିତୀୟ ସନ୍ତାନ, ପ୍ରଥମ ପୁତ୍ର ସନ୍ତାନ କେତେ ଗୋଲ୍ଲା ବସରରେ ବାପା-ମା' ଶିଶୁଟିକୁ ବଢାଇଲେ, ସେ ଚାରି-ପାଚଂ ବର୍ଷ ବୟସରେ ଗାଁ ଚାଟଶାଳୀ ବୁଲା ବେହେରା ପାଖରେ ଦୁଇବର୍ଷ ପାଠପଢା ଆରମ୍ଭ କରିଥିଲ । ଠୁକ୍‌ଠୁକ୍ ପାଦ ଚାଲିଲେ ଛଅବର୍ଷ ଆରମ୍ଭରେ - ସ୍ଥାନୀୟ ବଡହାଟ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମ ଶ୍ରେଣୀ ନାମ ଲେଖାଗଲା - ଦାଦା ଭାଗବତ ତା'ର ନାମ ଲେଖାଇଥିଲେ । ରେଜିଷ୍ଟରରେ ଜନ୍ମତାରିଖ ରହିଲା ୧୪/୦୭/୧୯୭୭, ମାତ୍ର ଜାତକର ଜନ୍ମ ୧୪/୦୪/୧୯୭୭ ମସିହାରେ ଜୀବନରେ ଆରମ୍ଭ ହୋଇଥିଲା - ପଥହରା ପଥିକ

ପଥିକ ସବୁାଷର ପ୍ରଥମ ପଥହରା ଜନ୍ମ ତାରିଖକୁ ନେଇ ସେତେବେଳେ ଜାତକ ଦେଖି ନାମ ଲେଖାଯାଉନଥିଲା କିମ୍ବା ବର୍ତମାନର ପିଲାଙ୍କ ଭଳି ଜନ୍ମ ପ୍ରମାଣ ପତ୍ର (Birth Certificate) ନଥିଲା । ଶିଶୁ ସୁବାଷ ସ୍କୁଲରେ ମନଦେଇ ପାଠପଢିଲା - ଅତି ଭଲପିଲା କିମ୍ବା ଅତି ଖରାପପିଲା ନଥିଲା, ଜଣେ ମଧମ ଧରଣର ଛାତ୍ରଥିଲା । ବାପା ମା' ପିଲାର ସୁନେଲି ସ୍ୱପ୍ନକୁ ନେଇ ସ୍ଥାନୀୟ ପ୍ରମୋଦ ସାର୍ (ଖାସି)କୁ ଘରକୁ ଡକାଇ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ପର୍ଯ୍ୟନ୍ତ ଘରୋଇ ଟ୍ୟୁସନ୍ ଦେଇଥିଲେ ।

ସ୍କୁଲ୍‌ରେ ତା'ର ପ୍ରିୟସାର୍ - ସନାତନ ସାର୍, ଅଗଣୀ ସାର୍, ପ୍ରଫୁଲ୍ଲ ସାର୍, ଗିରିଧାରୀ ସାର୍, ପୁଷ୍ପା ମାଡାମ୍, ଅର୍ଚ୍ଚନା ମାଡାମ୍, ଗୋପୀନାଥ ସାର୍ ଇତ୍ୟାଦିଙ୍କଠାରୁ ପାଠପଢି ଥାଏ । ତତ୍‌ପରେ ପ୍ରଧାନଶିକ୍ଷକ ବିରେନ୍ଦ୍ର ସିଂହଙ୍କ ପାଖରେ ସପ୍ତମ ଶ୍ରେଣୀର ଘରୋଇ ଟ୍ୟୁସନ୍ ହୋଇ ପାଠ ପଢିଥାଏ ।

ବାପା ମା' ଚାହିଁଲେ ପୁଅ ସୁବାଷ ଭୁବନ ହାଇସ୍କୁଲରେ ପାଠପଢୁ । ତା'ର ନାମ ଲେଖାଇ ଦିଆଗଲା । ଭୁବନ ହାଇସ୍କୁଲ ଭୁବନ ଅଚଂଳର (ସମଗ୍ର ଭୁବନ ବ୍ଲକ ଓ ଭୁବନ

ଏନ୍.ଏ.ସି.)ର ଏକ ପ୍ରମୁଖ ଶିକ୍ଷାନୁଷ୍ଠାନ । ଏ ଶିକ୍ଷାନୁଷ୍ଠାନରେ ଅନେକ ଶିକ୍ଷକ ପଢାଇଛନ୍ତି - ସେମାନଙ୍କ ମଧ୍ୟରୁ କରୁଣାକର ସାର୍, ରାଧା ସାର୍, ବାଇଧର ସାର୍, ହରିହର ସାର୍, ରମାକାନ୍ତ ସାର୍, ଚୈତନ୍ୟ ସାର୍ - ସର୍ବୋପରି ପ୍ରଧାନଶିକ୍ଷକ ରସାନନ୍ଦ ବେହେରାଙ୍କ ସାନିଧ୍ୟ ଲାଭ କରିଅଛି । ହାଇସ୍କୁଲ ସ୍ତରରେ ଇତିହାସ ଓ ନଗରବିଜ୍ଞାନ ବିଷୟଟି ତା'ର ସବୁଠାରୁ ପ୍ରିୟ ବିଷୟ - ୧୯୯୩ ମସିହାରେ ଦଶମ ଶ୍ରେଣୀ ପରୀକ୍ଷା କାମାକ୍ଷାନଗରସ୍ଥ ସାରଙ୍ଗଧର ହାଇସ୍କୁଲରୁ ପରୀକ୍ଷାଦେଇ ୧୧୭ ଜଣ ଶିକ୍ଷାର୍ଥୀ ମଧ୍ୟରୁ ୧୭ ଜଣ ଶିକ୍ଷାର୍ଥୀ ପ୍ରଥମ ଶ୍ରେଣୀରେ ପାସ୍ କରିଥିଲେ ମାତ୍ର ସୁବାଷ ୨ୟ ଶ୍ରେଣୀରେ ପାସ୍ ହୋଇଥିଲା । ନୂଆଭୁବନର ଓକିଲ ରବି ସାର୍ଙ୍କ ପାଖରେ ନବମ ଓ ଦଶମ ଶ୍ରେଣୀ ଇଂରାଜୀ ଟ୍ୟୁସନ୍ ହେଉଥିଲା । ଭୁବନ ଲତାବିଲସ୍ଥ ଦୟାନିଧି ସାର୍ଙ୍କ ପାଖରେ ନବମ ଓ ଦଶମ - ଗଣିତ ଓ ବିଜ୍ଞାନ ଟ୍ୟୁସନ୍ ହେଉଥିଲା । କିନ୍ତୁ ମାଟ୍ରିକ୍ ପରୀକ୍ଷାରେ ସେ ଇତିହାସ ବିଷୟରେ ସମସ୍ତଙ୍କଠୁ ଅଧିକ ନମ୍ବର ରଖିଥିଲା ।

ପରବର୍ତ୍ତୀ ପର୍ଯ୍ୟାୟରେ ବାପା ରାମଚନ୍ଦ୍ର ବହୁତ ସ୍ୱପ୍ନନେଇ ବଡପୁଅ ସୁବାଷକୁ ଉଚ୍ଚଶିକ୍ଷା ଦେବାକୁ ସିଦ୍ଧାନ୍ତ କରିଲେ ସେ ଚାହିଁଲେ ନାହିଁ ଯେ - ତାଙ୍କ ଶ୍ରୀରାମ ଫର୍ଣ୍ଣିଚର ୟୁନିଟ୍କୁ ପୁଅ ସମ୍ଭାଳୁ, ବଡହୋଇ ପାଠପଢି ଜଣେ ବଡମଣିଷ ଓ ଭଲମଣିଷ ହେଉବୋଲି ବାପା ମା'ଙ୍କ ସ୍ୱପ୍ନଥିଲା । ସେ ସ୍ୱପ୍ନକୁ ସାକାର କରିବାପାଇଁ ସୁବାଷ ମଧ୍ୟ ଶପଥକରି ଉଚ୍ଚଶିକ୍ଷା ଗ୍ରହଣ କରିଥିଲା ।

ଭୁବନ ସହରରେ ପ୍ରତିଷ୍ଠିତ ବିଶ୍ୱର ସର୍ବକନିଷ୍ଠ ଶହୀଦ୍ ବାଜିରାଉତଙ୍କ ନାମାନୁସାରେ ବାଜିରାଉତ ମେମୋରିଆଲ କଲେଜରେ ଆର୍ଟସ (କଳା)ରେ ଉଚ୍ଚ ମାଧ୍ୟମିକ ଶିକ୍ଷା (+୨) ନାମ ଲେଖାଇ ନୂଆନୂଆ କରି କଲେଜରେ ପାଦ ଥାପିଥାଏ । ସୁନେଲି ସ୍ୱପ୍ନଭରା ନବ ଯୁବକତ୍ୱକୁ ଆଦରିନେଇ ଘର (ବଡହାଟ)ଠାରୁ କଲେଜ ପାଖାପାଖି ଦୁଇ କି.ମି. ପ୍ରତିଦିନ ଯାଆନ୍ତି । ସେଠାରେ ସାକ୍ଷାତ ହେଇଥାଏ ଅନେକ ସାଙ୍ଗସାଥୀ ତଥା ଅଧ୍ୟାପକ ଓ ଅଧ୍ୟାପିକା ମାନଙ୍କୁ ନେଇ +୨ରେ ଦ୍ୱିତୀୟ ଶ୍ରେଣୀରେ ପାସ୍ପରେ ବାପାଙ୍କ କହିବାନୁଯାୟୀ ତଥା ଜୀବନରେ ଜଣେ ଶିକ୍ଷକ ହେବାପାଇଁ (+୩) ବି.ଏ. ଶ୍ରେଣୀରେ - ଶିକ୍ଷା (ଅନର୍ସ) ସହ

ସଂସ୍କୃତ ଏବଂ ବାଧ୍ୟତାମୂଳକ ବିଷୟ ଇଂରାଜୀ ଓ ମାତୃଭାଷା (ଓଡିଆ) ନେଇ ପ୍ରଥମ ଶ୍ରେଣୀରେ ବି.ଏ. ପାସ୍ କରିଲା ।

କଲେଜର ପ୍ରିୟ ଅଧ୍ୟାପକ ଦେବଦତ ମିଶ୍ର, ଅନୀଲ ଧିର, କୈଳାସ ଗୁରୁ, ବାସୁଦେବ ସାହୁ, ମିନତୀ ମିଶ୍ର, ନିତ୍ୟାନନ୍ଦ ପରିଡା ପ୍ରମୁଖଙ୍କ ସାନିଧ୍ୟ ଲାଭ କରିଥିଲା । ହାଇସ୍କୁଲର ଶିକ୍ଷକଟିଏ ହେବାପାଇଁ ସରକାରୀ ବି.ଇଡି. ଦରଖାସ୍ତ କରିଥିଲା । ମାତ୍ର ବିଧିରବିଧାନ ଅନ୍ୟପ୍ରକାରର ପଥିକଟି ପଥହରା ହୋଇଗଲା ।

ପରିଶେଷରେ ଉତ୍କଳ ବିଶ୍ୱବିଦ୍ୟାଳୟର ଦୂର ନିରନ୍ତର ଶିକ୍ଷା ଡିଡିସିଇ ବା ଘରୋଇ ପିଜି ପରୀକ୍ଷା ଓ କେଉଁ ବିଷୟରେ କରିବାର ସିଦ୍ଧାନ୍ତରେ ଉପନୀତ ହୋଇପାରିଲା ନାହିଁ ପଥିକ ସୁବାଷ । ତା'ପରେ ଆମ ମାତୃଭାଷା ଓଡିଆରେ ପିଜି କରିବା ଓ ଘରୋଇ ଭାବରେ (ଏମ୍.ଏ) କରିବାକୁ ଉତ୍କଳ ବିଶ୍ୱବିଦ୍ୟାଳୟରେ ନାମଲେଖାଇ (୧୯୯୮-୨୦୦୦) ଶିକ୍ଷାବର୍ଷରେ ଉତୀର୍ଣ୍ଣ ହେଲା । ମାତ୍ର ଅଧ୍ୟାପକଟିଏ ହେବାପାଇଁ ଉପଯୁକ୍ତ ନମ୍ବର ରହିଲାନାହିଁ । ପୁନଶ୍ଚ ୨୦୦୧ ମସିହାରେ ରିପିଟ୍ ପରୀକ୍ଷା ଦେଇ ନମ୍ବର ରହିଲା ଓ ଅଧ୍ୟାପକଟିଏ ହେବାପାଇଁ ଯୋଗ୍ୟ ବିବେଚିତ ହେଲା ।

ବାପା ରାମଚନ୍ଦ୍ର ରାଜନୀତିରେ ଥିବାରୁ ପୁଅ ସୁବାଷ ମଧ୍ୟ ରାଜନୀତି ପ୍ରତି ଆକୃଷ୍ଟ ଥିଲେ । କଲେଜ ଜୀବନରେ ଛାତ୍ର ସଂସଦ ନିର୍ବାଚନରେ ସକ୍ରିୟ ନେତୃତ୍ୱ ନେଉଥିଲେ । ପରବର୍ତୀ ପର୍ଯ୍ୟାୟରେ ସାଂସଦ ଓ ବିଧାୟକଙ୍କର ସହ ସକ୍ରିୟ ଭାବରେ କାର୍ଯ୍ୟ କରିଲେ ।

ଏହି ସମୟରେ ସାହିତ୍ୟ ସର୍ଜନା ପାଇଁ ଅନେକ ଲେଖା ବିଭିନ୍ନ ପତ୍ର-ପତ୍ରିକାରେ ପ୍ରକାଶିତ ହେଲା । ପରେ ଉଚ୍ଚଶିକ୍ଷା ପାଇଁ ମନବଳାଇ ସମ୍ବଲପୁର ବିଶ୍ୱବିଦ୍ୟାଳୟର "ଓଡିଆ ସାହିତ୍ୟକୁ ନନ୍ଦିନୀ ଶତପଥୀଙ୍କ ଅବଦାନ" ପ୍ରସଙ୍ଗରେ ପ୍ରଫେସର ଆଦିକନ୍ଦ ସାହୁଙ୍କ ତତ୍ୱବଧାନରେ ଗବେଷଣା କରି ୨୦୧୧ ମସିହାର ଦୀର୍ଘ ୫ ବର୍ଷର ଡକ୍ଟରେଟ୍ (ପିଏଚ୍.ଡି.) ଉପାଧି ପାଇଲା ।

ରାଜନୀତିରେ ସମାଜସେବା ସହ ନିଜ ଗୁରୁଦେବ ଦେବଦତ ମିଶ୍ରଙ୍କ ଆହ୍ୱାନକ୍ରମେ - ଢେଙ୍କାନାଳସ୍ଥ ବିଦ୍ୟାର୍ଥୀ ରେସିଡେଟାଂଲ କଲେଜ (ଏକ ଘରୋଇ +୨ କଲେଜ

ଆବାସିକ ଜ୍ଞାନେନ୍ଦ୍ର କୁମାର ସାହୁଙ୍କ ଚେୟାରମ୍ୟାନତ୍ୱରେ ପରିଚାଳିତ) ଓଡିଆ ଅଧ୍ୟାପକ ଭାବରେ ଯୋଗଦାନ କରିଲେ ପ୍ରିନିସ୍‌ପାଲ ଦେବଦତ ମିଶ୍ରଙ୍କ ସ୍ୱାକ୍ଷରରେ ।

ତା'ପରେ ପରେ ପରିବାରରେ ବୋହୂଖୋଜା ଆରମ୍ଭ 'ବିବାହ ସ୍ୱର୍ଗରେ ସ୍ଥିରିକୃତ' ହୋଇଥାଏ । ପାଚଂଟି ପ୍ରସ୍ତାବରେ ମନୋନୀତ ନ ହେବାରୁ - ଐତିହାସିକ କଟକ ସହରର ଚାଉଳିଆଗଞ୍ଜ ନିବାସୀ ସୁରେନ୍ଦ୍ର ସାହୁଙ୍କର କନ୍ୟା ତୁଳସୀ ସହିତ ବୈଦିକ ରୀତିରେ ବିନା ଯୌତୁକରେ ଆଦର୍ଶ ବିଭାଘର ଜୁନ ୧୨, ୨୦୧୫ ମସିହାରେ ସମାପନ ହେଲା ।

ପଥହରା ପଥିକକୁ ତା'ର ଜୀବନସାଥୀ ମିଳିଗଲା ପରେ ଏକ ଚାପ ସୃଷ୍ଟି ହୋଇପାରିଲା ଜୀବନରେ । ପ୍ରଥମ ଗର୍ଭକୁ ଥିବା ସନ୍ତାନଟି ଦୁଃଭାଗ୍ୟ ବଶତଃ ସାତ ମାସରେ ମୃତ୍ୟୁରେ ମ୍ରିୟମାଣ ପତ୍ନୀ ତୁଳସୀ (ଟିକି)କୁ ସାନ୍ତ୍ୱନାପୂର୍ବକ ୨ ମାସ ଚାକିରି ଛାଡି ଘରେ ପତ୍ନୀଙ୍କ ଦେଖାସୁଣା ହେଲା ।

ପୁନଶ୍ଚ ଭଗବାନ କର୍ମର ଦାତା କଟକ, ଟାଙ୍ଗୀସ୍ଥ - ଓଡିଶାର ଗୋଟିଏ ଅଗ୍ରଣୀ କଲେଜ - ଟ୍ରେଟ୍ରାହେଡନ କଲେଜ (ତ୍ରିଦେବ ବେହେରା, ରସାୟନ ବିଜ୍ଞାନ - ଅଧ୍ୟାପକଙ୍କ ଚେୟାରମ୍ୟାନ) କଲେଜରେ ୨୦୧୬, ଜାନୁୟାରୀ ୧୬ରେ ଯୋଗଦାନ କରନ୍ତି । ପରେପରେ ଟ୍ରେଟ୍ରାହେଡନ ସଂସ୍ଥାର ନବଗଠିତ ତ୍ରିଦେବ ଡିଗ୍ରି କଲେଜ (+୩, ବିଜ୍ଞାନ)ରେ ଓଡିଆ ବିଭାଗର ଆସିଷ୍ଟାଟଂ ପ୍ରଫେସର ସହ ଭାଇସ୍ ପ୍ରିନିସ୍‌ପାଲ ପଦବୀରେ ଅଦ୍ୟାବଧି କାର୍ଯ୍ୟରତ ।

ପଥହରା ପଥିକ ସୁବାଷର ଜୀବନରେ ଏହି ଟ୍ରେଟ୍ରାହେଡନ କଲେଜ ଭାଗ୍ୟକୁ ପରିବର୍ତନ କରିଦେଲା କହିଲେ ଅତ୍ୟୁକ୍ତି ହେବନାହିଁ ।

ଅଧ୍ୟାପକ ଚାକିରୀର କିଛି ଦିନ ମଧ୍ୟରେ ଏକ କନ୍ୟା ସନ୍ତାନ ତେଜସ୍ୱିନୀ ଜନ୍ମ (୧୫/୧୨/୨୦୧୬) (ଲକି) ମଧ୍ୟ ଆଜି ପାଖାପାଖି ୩ ବର୍ଷର । ଏହି ସମୟ ମଧ୍ୟରେ ପତ୍ନୀ ତୁଳସୀ (ଟିକି) ଘରୋଇ ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର ଇଂରାଜୀ ସାହିତ୍ୟରେ (ଏମ୍.ଏ.) ପାସ୍ କରିନିଏ, ଜଣେ ଶିକ୍ଷା ବିଭାଗରେ କାର୍ଯ୍ୟରତର ସ୍ୱପ୍ନନେଇ ମାତ୍ର ପାରିବାରିକ ଜଞ୍ଜାଳ ମଧ୍ୟରେ ତାହା ସମ୍ଭବ ହୋଇପାରିନଥାଏ ।

ପଥହରା ପଥିକ ସୁବାଷ - ଅଧ୍ୟାପକ, ସାହିତ୍ୟିକ ଓ ଗବେଷକ ଭାବରେ କାର୍ଯ୍ୟ କରିଥାଏ । ପାଖାପାଖି ୧୨ ଗୋଟି ପୁସ୍ତକର ଲେଖକ, ୧୩ ଗୋଟି ଗବେଷଣାତ୍ମକ ନିବନ୍ଧ - ଜାତୀୟ ଓ ଆନ୍ତର୍ଜାତୀୟ ପତ୍ର-ପତ୍ରିକାରେ ପ୍ରକାଶିତ ଉଚ୍ଚତର ଗବେଷଣା ଡକ୍ଟର ଅଫ୍ ଲିଟରେଚର (ଡି.ଲିଟ୍) ପାଇଁ ପ୍ରୟାସରତ ।

ଅନେକ ଆନ୍ତର୍ଜାତୀୟ ତଥା ଜାତୀୟ ସଂସାର ସଦସ୍ୟ ଓ ସମ୍ମାନପ୍ରାପ୍ତ । ବିଶ୍ୱକବି ସମ୍ମିଳନୀରେ ଯୋଗଦାନ ଓ ମାନପତ୍ରପ୍ରାପ୍ତ ।

ଅନେକ କିଛି ଭିତରେ - ମନ ଲାଗେ ନାହିଁ ପଥହରା ପଥିକ ସୁବାଷର । ମା' ମାଟି ମଣିଷର ସେବା କରିବାପାଇଁ ମନ ସର୍ବଦା ବ୍ୟାକୁଳ - ୨୦୧୯ ମେ ମାସରେ ସାଧାରଣ ନିର୍ବାଚନ ଢେଙ୍କାନାଳ ଲୋକସଭା ନିର୍ବାଚନରେ ସାଂସଦ (ଏମ୍.ପି.) ପ୍ରାର୍ଥୀ ଭାବରେ ବିଜେପିରୁ ପ୍ରୟାସରତ ବାପା ରାମଚନ୍ଦ୍ରଙ୍କର ରାଜନୈତିକ ଉତରାଧିକାରୀକୁ ପାଥେୟକରି ମାତ୍ର ରାଜ୍ୟର କିଛି ବିଜେପି ନେତା ବିରୋଧାଚରଣ ଯୋଗୁ ଏହା ସମ୍ଭବପର ହୋଇପାରିନଥିଲା ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କାବ୍ୟମାନସ 'ଏକଯାତ୍ରା'କୁ ଓଡିଆରେ ଅନୁବାଦ ସହିତ ଭାରତୀୟ ସାହିତ୍ୟ ଓ ବିଶ୍ୱ ସାହିତ୍ୟ ପାଇଁ ଅନେକ ଲେଖକଙ୍କୁ ପ୍ରଭାବିତ କରି ଅନୁବାଦ କାର୍ଯ୍ୟ ଆଗକୁ ନେଇଅଛନ୍ତି । ତାହାକୁ ଆଧାରକରି ଜଣେ ଏମ୍.ପି. ଭାବରେ ଜନମାନସର ସେବା କରିବାର ପ୍ରୟାସରତ ।

ଦେଖାଯାଏ - ଜଗତର ନାଥ ଜଗନ୍ନାଥ ପଥହରା ପଥିକକୁ କେଉଁ କୂଳରେ ଲଗାଉଛନ୍ତି ।

## ଜନ୍ମଲଗ୍ନ

"ମହୀମଣ୍ଡଳେ ଦେହଧରି ଦେବତା ହଲେଇ ମରଇ"

ଏ ସମଗ୍ର ପୃଥିବୀ ପୃଷ୍ଠରେ ଏକ ପରମେଶ୍ୱରଙ୍କ ନିର୍ଦ୍ଦେଶରେ ସଂସାର ଆତଯାତ । କୌଣସି ଆଦିମ କାଳରୁ ଏ ସଂସାର ଚାଲିଅଛି ତା'ର ହିସାବ ଅବା କାହା ପାଖରେ ନାହିଁ । ଐତିହାସିକ, ଗବେଷକ ମାନେ ମଧ୍ୟ କୌଣସି ତଥ୍ୟ ପାଇନାହାଁନ୍ତି । ପୌରାଣ ଶାସ୍ତ୍ରନୁଯାୟୀ ପଣ୍ଡିତମାନେ ସତ୍ୟ, ତ୍ରେତୟା, ଦ୍ୱାପର, କଳି ଯୁଗ ଭାବରେ ଏ ମହୀମଣ୍ଡଳକୁ ଚାରି ଭାଗରେ ବିଭକ୍ତ କରିଅଛନ୍ତି ।

ପୁରାଣ ଶାସ୍ତ୍ରରେ ଗୋଟିଏ କଥା ଅଛି -

"ପିତାମାତାଙ୍କ ସଂଯୋଗ କାଳେ
ବିହି ଯା କପାଳେ ଛାଡେ
ତାହା ଭାଗ୍ୟ ।"

ଏ ସଂସାର ରୂପି ରଥରେ ସ୍ୱାମୀ ଓ ସ୍ତ୍ରୀଙ୍କର ମହାମିଳନରେ ସନ୍ତାନ ଏ ପୃଥିବୀକୁ ଆସିଥାଏ । ବିଧିନିୟନ୍ତା ସେହି ସମୟରେ ପାଚଂଗୋଟି ଜିନିଷଙ୍କୁ ସ୍ଥିର ସିଦ୍ଧାନ୍ତ କରି ପଠାଇଥାନ୍ତି, ତାହାହେଲା ଜନ୍ମ, ଶିକ୍ଷା, କର୍ମ, ବିବାହ, ମୃତ୍ୟୁ ।

ଜନ୍ମ-ମାନବ କେଉଁ କୁଳରେ, କେଉଁ ସ୍ଥାନରେ, କେଉଁ ପରିବାରରେ ଜନ୍ମନେବ ତାହା ବିଧିନିର୍ଦ୍ଧିଷ୍ଟ । ଗରିବ, ଧନୀ ପରିବାର, ରାଜକୀୟ ପରିବାର ଜନ୍ମନେବ ତା' ବିଧି ନିର୍ଦ୍ଧାରିତ ।

ଶିକ୍ଷା-ମାନବ ଜନ୍ମପରେ କେଉଁ ଶିକ୍ଷା ଗ୍ରହଣ କରିବ ତାହା ବିଧିନିର୍ଦ୍ଧିଷ୍ଟ । ମାଧ୍ୟମିକ (ଦଶମ ଶ୍ରେଣୀ), ଇଂଜିନିୟରିଂ, ମେଡିକାଲ, ଓକିଲାତି (ଲ), ଶିକ୍ଷାଦାନ, ଶିକ୍ଷକ / (ସିଟି, ବିଇଡି), ଅଧ୍ୟାପକ (ଏମ୍.ଏ, ପିଏଚ୍.ଡି) ପାଠ ପଢିବେ କିମ୍ବା କେଉଁମାନେ କୌଣସି ପାଠ ପଢିବେ ନାହିଁ, ତାହା ଏଥିରେ ଲିପିବଧ ଥାଏ ।

କର୍ମ - ଜନ୍ମ ଶିକ୍ଷା ପରେ କର୍ମ ଆସିଥାଏ, ମାନବ ଯେ ନିଜର ଶିକ୍ଷାନେଇ କର୍ମପାଇବ, ତାହା ନୁହେଁ - ଉଦାହରଣସ୍ୱରୂପ ଜଣେ ବୃତିରେ ମେଡିକାଲ ଶିକ୍ଷା

(ଏମ୍.ବି.ବି.ଏସ୍) ପାସ୍‌କରି ଡାକ୍ତର ହୁଅନ୍ତି । ମାତ୍ର ଡାକ୍ତରୀ ଡିଗ୍ରି ସହ ଅନେକ ମଧ୍ୟ ପରୀକ୍ଷାରେ ସଫଳତା ପ୍ରାପ୍ତହୋଇ - ଭାରତର ସର୍ବୋଚ୍ଚ ପଦବୀ - ଭାରତୀୟ ପ୍ରଶାସନିକ ସେବା (ଆଇ.ଏ.ଏସ୍) ହୋଇ ଜଣେ ସଫଳ ପ୍ରଶାସକ ହୋଇପାରୁଛନ୍ତି । ତେଣୁ ଶିକ୍ଷା ଓ କର୍ମ ମଧ୍ୟରେ ଯେଉଁ ପାର୍ଥକ୍ୟ ଆସିଥାଏ, ତାହାକୁ ବିଧିନିର୍ଦ୍ଦିଷ୍ଟ କୁହାଯାଇଥାଏ ।

ବିବାହ - ସଂସାର ରୂପି ରଥର ପ୍ରମୁଖ ବିଭାଗ ବିବାହ କଥାରେ ଅଛି - "ବିବାହ ସ୍ୱର୍ଗରେ ତିଆରି ହୋଇଥାଏ" - ଏ କଥାଟି ସଂପୂର୍ଣ୍ଣ ସତ୍ୟ ଅଟେ । ଆମ ସଂସ୍କୃତିରେ ଜେଜେମା ମାନେ କହିଥାନ୍ତି "ଯେ ଯାହା ହାଣ୍ଡିରେ ଚାଉଳ ପକାଇଛି" ଅର୍ଥାତ୍ ବିବାହ ପୂର୍ବରୁ ସ୍ଥିରୀକୃତ ହୋଇଥାଏ । ବିବାହ ଦୁଇ ପ୍ରକାର - ଆରେଞ୍ଜ ମ୍ୟାରେଜ ଓ ଲଭ ମ୍ୟାରେଜ । ସ୍ଥିରୀକୃତ ବିବାହରେ ପରିବାରର ଭୂମିକା ଅନେକ ଥାଏ । ବାପା ମା' ଯେଉଁଠି ଠିକ୍ କରିଥାନ୍ତି, ପିଲାମାନେ (ପୁଅ, ଝିଅ) ସେଠାରେ ବିବାହ କରି ଜୀବନସାଥି ପାଇଥାଆନ୍ତି । ପ୍ରେମ ବିବାହରେ - ପୁଅ, ଝିଅ ନିଜେ ନିଜର ଜୀବନସାଥି କରିଥାଆନ୍ତି । ବାପା ମା'ଙ୍କର ଭୂମିକା ସେଠାରେ ଗୌଣଥାଏ । ଅନେକ ଅଛନ୍ତି - ସେମାନେ ମଧ୍ୟ ବିଦେଶ (ଭାରତ ବାହାରେ) ବିବାହ କରିଥାନ୍ତି ଅନ୍ୟ ଅନ୍ତଃରାଜ୍ୟ (ଭାରତ ମଧ୍ୟରେ) ଅବା ଘର ସମ୍ମୁଖରେ ବିବାହ କରିଥାନ୍ତି ।

ମୃତ୍ୟୁ ଜୀବନରେ - ଜନ୍ମ, ଶିକ୍ଷା, କର୍ମ, ବିବାହ ପରେ ଅନ୍ତିମ ପର୍ଯ୍ୟାୟରେ ମୃତ୍ୟୁ ଆସିଥାଏ ସାଧାରଣତଃ । ଆଉ ମଧ୍ୟ ଆମ ସମସ୍ତେ ଜାଣିଅଛେ - ପିଲାଟିଏ ଜନ୍ମନବାର ମାସକ ମଧ୍ୟରେ ଅବା ଏକ ଘଟାଂ ମଧ୍ୟରେ ମରିଯାଏ, ତାହା ମଧ୍ୟ ତା'ର ବିଧିନିର୍ଦ୍ଦିଷ୍ଟ ଅବା କିଏ କିଏ ଶହେବର୍ଷ (ଶତାୟୁ) ହୋଇଥାଆନ୍ତି ଅବା କିଏ କିଏ ଯୁବକତ୍ୱ ମଧ୍ୟରେ ଚାଲିଯାଇଥାନ୍ତି - ରୋଗ ବୈରାଗ୍ୟରେ ତାହା ସବୁ ବିଧିନିର୍ଦ୍ଦିଷ୍ଟ ।


ଆଧୁନିକ ଯୁଗରେ ଜନ୍ମଲଗ୍ନ (ଜନ୍ମବୃତାନ୍ତ) ସତ୍ୟ ଅଟେ । ମାତ୍ର ମାନବ ନିଜର କର୍ମବଳରେ ନିଜର ଭାଗ୍ୟକୁ ବଦଳାଇ ଦେଇପାରୁଅଛି । ଅନେଶତ ପ୍ରତିଶତ କର୍ମ ଆଧାର ଓ ଏକ ପ୍ରତିଶତ ବିଧିନିୟନ୍ତା (ଭଗବାନ)ଙ୍କ ଆଶୀର୍ବାଦରେ ଏହା ସମ୍ଭବ ହୋଇପାରୁଅଛି । ମଣିଷ ସତ କର୍ମରେ ନିୟୋଜିତ ନହେଲେ ସେ ଜୀବନରେ ଦୁଃଖ ପାଇଥାଏ । ଠକାମି,

ପରଶ୍ରୀକାତର ମଣିଷକୁ ଧ୍ୱଂସ ମୁଖକୁ ନେଇଯାଏ ।

ଅଧିନ ପଥହରା ପଥିକ ସୁବାଷ - ଏ ଜନ୍ମଲଗ୍ନରୁ ବାଦ ବା ପଡନ୍ତା କିପରି ?

ନାୟକ ବଂଶଲତାର ପ୍ରଭାବ ଭୁବନ ଗାଁରେ ନଥିଲା ସତ କିନ୍ତୁ ଗୋଟିଏ ଆତ୍ମାୟିକ ଓ ଭଦ୍ର ପରିବାର ମର୍ଯ୍ୟାଦା ନିଶ୍ଚିନ୍ତ ଥିଲା ।

**ନାୟକ ବଂଶଲତା (ସାତପୁରୁଷର ସାରଣୀ)**




ନାୟକ ବଂଶଧାରୀ ଜଣେ ଜଣେ କାପୁଡିଆ ପାଟକର ପ୍ରଜା ଭୁବନ ଗାଁର ଅଧାଧିକ ଲୋକ ଏହି ଜାତିର । ବ୍ୟବସାୟ ଏମାନଙ୍କର ପ୍ରମୁଖ କାର୍ଯ୍ୟ । ଏମାନେ ଉଚ୍ଚ ଶିକ୍ଷିତ ନଥିଲେ ମଧ୍ୟ ମୁର୍ଖ ନଥିଲେ, ଥିଲେ ମଧ୍ୟବତୀ ଶିକ୍ଷିତର । ନାୟକ ପରିବାର ଧନୀଶାଳୀ ନଥିଲେ ମଧ୍ୟ ଗରିବ ଶ୍ରେଣୀର ଥିଲେ ମଧ୍ୟବତୀ ପରିବାର ।

ଏହି କୁଳର - ବାବାଜୀ ନାୟକ, ଜଣେ ବ୍ୟବସାୟୀ ମାତ୍ର ଅଧା ବୟସରେ ସଂସାର ତ୍ୟାଗ କରିଥିଲେ, ଥିଲା ଏହା ବିଧିନିର୍ଦ୍ଧିଷ୍ଟ । ତାଙ୍କର ମଧ୍ୟମ ପୁତ୍ର - ରାମଚନ୍ଦ୍ର, ମାତ୍ର ପାଚଂ ବର୍ଷ ବୟସରେ ପିତୃହରା ହୋଇ ଏକ ରକମର ଅନାଥ ହୋଇଯାଇଥିଲେ । ମା ଭୂତିଦେବୀ ବହୁତ ଦୁଃଖକଷ୍ଟରେ ପାଚଂଜଣ ପୁଅ ଓ ଝିଅକୁ ବଡ କରାଇଥିଲେ ।

ରାମଚନ୍ଦ୍ର ନିଜ ପୌତ୍ର୍ୟକକାର ଭୁବନ ଗାଁର ପୋଥାଳ ସାହିସ୍ଥ (ବର୍ତମାନ ଦୁଃଶାସନଙ୍କ ବାସସ୍ଥାନ) ଏକ ଟାଇଲି ଛପର ଘରରେ ଜନ୍ମ ନେଇଥିଲେ । ପରାଧିନ ଭାରତରେ ୨୩ ଜୁଲାଇ ୧୯୪୬ ମସିହାରେ । ଦଶବର୍ଷ ପର୍ଯ୍ୟନ୍ତ ଅନାଥ ଭାବରେ ଏଣେତେଣେ ବୁଲି କାଠକାମକୁ ଜୀବନର ବୃତି ଭାବରେ ଗ୍ରହଣକରି ଦୀର୍ଘ ଛଅ ଦଶନ୍ଧୀ ଧରି ଜଣେ ଶିଳ୍ପୀ ଭାବରେ ଓଡିଶା ପ୍ରଦେଶରେ ନାମ ସହିତ ରାଜନୀତିରେ ମଧ ପ୍ରବେଶ କରି ଚାରି ଦଶନ୍ଧୀ ଧରି ଜନସେବାରେ ନିବେଶ ଥିଲେ, ସାଂସଦ ନୋମିନୀ ଅବା ବିଜେପି ଢେଙ୍କାନାଳ ଜିଲ୍ଲା ଉପସଭାପତି ଭାବରେ ।

ଏ ନାୟକ ବଂଶଲତାର ପୋଥାଳ ସାହିସ୍ଥ ବାସଭବନରେ ଏକ ଶୁଭ ମୁହୂର୍ତରେ ଏକ କୁଆକୁଆଁ ରାବ ଦେଇଥିଲା - ଏହି ପଥିକ ସୁବାଷ ୧୪ ଅପ୍ରେଲ ୧୯୭୭ ମସିହା ମହାବିଷୁଭ ସଂକ୍ରାନ୍ତି ଶୁଭ ଶନିବାର ଦିନ ୪.୧୫ ମିନିଟ୍ ଦିବା ସୂର୍ଯ୍ୟାଲୋକରେ ବାପା ରାମଚନ୍ଦ୍ରଙ୍କ ଔରସ ଓ ମା' ଭାରତୀ ଦେବୀଙ୍କ ଗର୍ଭର ଦ୍ୱିତୀୟ ସନ୍ତାନ ପୁତ୍ର ଲାଭରେ ଏକ ଜନ୍ମଲଗ୍ନରେ । ପୂର୍ବର ପ୍ରଥମ ଗର୍ଭକୁ କନ୍ୟାରତ୍ନା ଜୟନ୍ତୀ ଜନ୍ମ ନେବାର ତିନିବର୍ଷ ପରେ ସୁବାଷ ଜନ୍ମନେଲା, ସାହି ପଡିଶାରେ ଆନନ୍ଦ ଖେଳାଇ ଦେଇଥିଲା - ନାୟକ ବଂଶଲତାର ଉତରାଧିକାରୀ ପଥିକ ସୁବାଷ ଆସିବାରୁ ଠୁକୁଠୁକୁ ପାଦଚାଲି, ଅଳ୍ପଅଳ୍ପ କଥା ମା' ବାପା ନଡାକିବା ସଂପୂର୍ଣ୍ଣ ହେଇନଥିବା ବେଳେ ସୁବାଷ ଏକ ପଥହରା ପଥିକଟିଏ ପାଲଟିଯାଏ ନିଜ ନୂଆ ରାଇଜରେ କୁନି ରାଜାଟିଏ, ରାମଚନ୍ଦ୍ର ତାଙ୍କ ନିଜସ୍ୱ ବାସଭବନ ଶ୍ରୀରାମ ନିବାସ ନିର୍ମାଣ କରନ୍ତି - ଭୁବନ ଗାଁର ବଡହାଟସ୍ଥ ଚୂଳିଆପଦା ଠାରେ ଟାଇଲି ଛପର ପାଚଂ ବଖରା ଘର । ସେଠାରେ ନିଜର ପତ୍ନୀ ଭାରତୀ, ସାନଭାଇ ଭାଗବତ ଓ ଦୁଇ ସନ୍ତାନ ଝିଅ ଜୟନ୍ତୀ ଓ ପୁଅ ସୁବାଷକୁ ନେଇ ସଂସାର ।

ସମୟକ୍ରମେ ବ୍ୟବସାୟୀ ଶିକ୍ଷିତ ଭାଗବତ ବିବାହ କରନ୍ତି - ଯାଜପୁରର ଥାଲୁକୁଡି ନିବାସୀ ବୀଣାପାଣିଙ୍କୁ । ଏ ଘରେ ଭାଇ ରାମଚନ୍ଦ୍ର ସହିତ ମିଳିକରି ଚଳନ୍ତି । ମାତ୍ର ଦୁଇ ଦୁଇଟି ପୁତ୍ର ସନ୍ତାନ ଖୁବ କମ୍ ବର୍ଷ ବ୍ୟବଧାନରେ ମୃତ୍ୟୁବରଣ କରନ୍ତି । ସମଗ୍ର ପରିବାର ଭାଙ୍ଗିପଡେ ଓ ପରେ ଗୀତାଞ୍ଜଳି ଝିଅଟେ ଜନ୍ମନିଏ ଓ ପରେପରେ ରାମଚନ୍ଦ୍ର ଓ ଭାରତୀଙ୍କର ତୃତୀୟ ସନ୍ତାନ ପ୍ରକାଶ ଓ ଚତୁର୍ଥ ସନ୍ତାନ ମାନସ ଜନ୍ମଗ୍ରହଣ କରନ୍ତି, ଏହି ବଡହାଟସ୍ଥ ଠାରେ ପ୍ରକାଶ ୧୯୮୦ ଓ ମାନସ ୧୯୮୩ ମସିହାରେ । କିଛିଦିନ ପରେ ଭାଗବତ ଯାଆନ୍ତି ନିଜର ନିଜସ୍ୱ ଅଜିତ ଘର ଲତାବିଲ (ଭୁବନ)କୁ ସେଠାରେ ତାଙ୍କର ଦୁଇଗୋଟି ଝିଅ ରିତାଞ୍ଜଳୀ ଓ ଶ୍ରଦ୍ଧାଞ୍ଜଳୀ ସହ ଏକମାତ୍ର ପୁତ୍ର ଗୌରଗୋପାଳ (ବାବୁ)କୁ ନେଇ ତାଙ୍କର ସଂସାର ।

ପଥହରା ପଥିକ ସୁବାଷ ଚାରି ଓ ପାଚଂ - ଏପରିକି ଦୁଇବର୍ଷ ଗାଁ ଚାଟଶାଳୀ ବୁଲା ବେହେରା ପାଖରେ ଓ ପରେପରେ ବଡହାଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ସପ୍ତମ ଶ୍ରେଣୀ (୧୯୯୦) ମସିହାରେ ଉତୀର୍ଣ୍ଣ ହୋଇ ଭୁବନ ହାଇସ୍କୁଲରେ ନାମ ଲେଖାନ୍ତି - ନୂଆନୂଆ ପରିବେଶ ଭୁବନ ସହରର ସବୁ ଅଚଂଳ (ସାହି) ମାନଙ୍କଠାରୁ ପୁଅ ଓ ଝିଅମାନେ ଆସି ଏକାଠି ଆସି ପାଠ ପଢିଥାଆନ୍ତି । ପ୍ରାଥମିକ ଠାରୁ ମାଧ୍ୟମିକ ଶିକ୍ଷା ଟିକିଏ ଉନ୍ନତ ହୋଇଥିବାରୁ ତାଲିମପ୍ରାପ୍ତ ଶିକ୍ଷକମାନେ ପାଠ ପଢାଉଥାନ୍ତି, ସେଠୁ ଦଶମ ଶ୍ରେଣୀ ପରୀକ୍ଷା ସେଟଂର କାମାକ୍ଷାନଗର (ଭୁବନ ଠାରୁ ୩୫ କି.ମି. ଦୂର)ର ସାରଙ୍ଗଧର ହାଇସ୍କୁଲରେ ଦ୍ୱିତୀୟ ଶ୍ରେଣୀରେ ମାଟ୍ରିକ୍ୟୁଲେସନ୍ ପାସ୍ ପରେ ବାପାଙ୍କର ଇଚ୍ଛାକୁ ସମ୍ମତି ଜଣାଇ ଉଚ୍ଚ ଶିକ୍ଷାର ପ୍ରବେଶ ପାଇଁ ପ୍ରସ୍ତୁତରତ । ଦଶମ ଶ୍ରେଣୀରେ ଇତିହାସ ବିଷୟରେ ହାଇସ୍କୁଲରେ ସର୍ବୋଚ୍ଚ ନମ୍ବର ରଖିଥିବାରୁ - କଲେଜରେ କଳା (ଆର୍ଟସ୍) ବିଷୟରେ ପଢିବାପାଇଁ ସିଦ୍ଧାନ୍ତ । କେହି ଜଣେ ପରିବାରରେ ଗାଇଡ କରିବାକୁ ନଥିବାରୁ ପରିଶେଷରେ ବାପାଙ୍କର ରୋଜଗାର (ଶିଳ୍ପୀ ନିପୁଣତା)କୁ ନେଇ ପରିବାରର ଅନ୍ୟ ଦୁଇଭାଇ ଓ ଜଣେ ନାନୀଙ୍କର ପାଠପଢାକୁ ଦୃଷ୍ଟି ଆଖିରେ ରଖି ଅଧିନ ପଥହରା ପଥିକ  ଭୁବନର ବାଜିରାଉତ ମେମୋରିଆଲ କଲେଜରେ +୨ ପାଠ ପଢିଲା । ମାତ୍ର +୨ ପରୀକ୍ଷାରେ ଅଳ୍ପ କେତେକ ନମ୍ବରରୁ ବାଦପଡି ପ୍ରଥମ

ଶ୍ରେଣୀରେ ଉତୀର୍ଣ୍ଣ ହୋଇପାରିନଥିଲା କିନ୍ତୁ - ଦ୍ୱିତୀୟ ଶ୍ରେଣୀରେ ପାସ୍‌କରି ସେହି କଲେଜରେ +୩ (ବି.ଏ.) ଶିକ୍ଷା ଅନର୍ସରେ ପାଠପଢିଲା ଓ ପ୍ରଥମ ଶ୍ରେଣୀରେ ବି.ଏ. ପାସ୍ କରିଲା । ପୁଣି ମନବଳିଲା ପିଜି କରିବାକୁ ମାତ୍ର ବିଶେଷ ସୁବିଧା ନଥିବାରୁ ଘରୋଇ ଭାବରେ ଏମ୍.ଏ. (ଓଡିଆ)ରେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ପାସ୍‌କରି ଓଡିଆ ସାହିତ୍ୟର ବିକାଶ ଦିଗରେ ପ୍ରୟାସ କରିଲା । ଏଠାରେ ସ୍ମରଣଯୋଗ୍ୟ ସୁବାଷ ବି.ଏ.ରେ ଓଡିଆ (ଅନର୍ସ) ନଥାଇ କେବଳ ବାଧ୍ୟତାମୂଳକ (ଓଡିଆ) ନେଇ ଓଡିଆରେ ଏମ୍.ଏ କରିବା ଦୈବୀନିର୍ଦ୍ଦିଷ୍ଟ (ଜନ୍ମଲଗ୍ନର କଥା) ଏଠି ପଥିକଟି ପଥହରା ହୋଇଯାଇଛି ଦୈବୀଶକ୍ତିର ନିର୍ଦ୍ଦେଶରେ ।

ପଥିକଟି ଜୀବନରେ ଅଧ୍ୟାପକଟିଏ ହେବାର ଦୁର୍ବାର ସ୍ୱପ୍ନକୁ ସାକାର କରିବାପାଇଁ ଉଚ୍ଚଶିକ୍ଷା ଡକ୍ଟରେଟ୍ (ପିଏଚ୍.ଡି) କରିବାକୁ ସିଦ୍ଧାନ୍ତ ନେଲା - ପ୍ରଥମେ ଉତ୍କଳ ବିଶ୍ୱବିଦ୍ୟାଳୟରେ ଅକୃତକାର୍ଯ୍ୟ ହୋଇ ସମ୍ବଲପୁର ବିଶ୍ୱବିଦ୍ୟାଳୟରେ କୃତକାର୍ଯ୍ୟ ହେଲା - "ଓଡିଆ ସାହିତ୍ୟକୁ ନନ୍ଦିନୀ ଶତପଥୀଙ୍କ ଅବଦାନ" ପ୍ରସଙ୍ଗରେ ପ୍ରଫେସର ଆଦିକନ୍ଦ ସାହୁଙ୍କ ଗାଇଡାନ୍ସରେ ପିଏଚ୍.ଡି ଉପାଧି ପାଇଲା - ୨୦୧୧ ମସିହା ଫେବୃଆରୀ ମାସରେ । ତା'ପର ଠାରୁ ସାହିତ୍ୟ ରଚନା ଅଧିକରୁ ଅଧିକତର ହେଲା । ବିଭିନ୍ନ ସାରସ୍ୱତ ଅନୁଷ୍ଠାନରେ ଆଜୀବନ ସଭ୍ୟ ହୋଇ ସାହିତ୍ୟରେ ନିଜକୁ ଯୋଡିଦେଲା । ଓଡିଶାର ଶତାୟୁ ସାରସ୍ୱତ ଅନୁଷ୍ଠାନ ଉତ୍କଳ ସାହିତ୍ୟ ସମାଜ, ଓଡିଆ ଗବେଷଣା ପରିଷଦ, ଭୁବନର ବାଣୀ ସାହିତ୍ୟ ସଂସଦ, ଢେଙ୍କାନାଳ ଜିଲ୍ଲା ସଂସ୍କୃତ ପରିଷଦ (ଢେଙ୍କାନାଳ ମହୋତ୍ସବ) ପ୍ରଭୃତିରେ ସକ୍ରିୟ ଅଂଶଗ୍ରହଣ ପଥିକକୁ ଜୀବନରେ ଅଗ୍ରସର ହେବାକୁ ଆହୁରି ପ୍ରେରଣା ପ୍ରଦାନ କରିଲା ।

କଲେଜରେ ଡିଗ୍ରି ଶ୍ରେଣୀରେ ପଢୁଥିବା ସମୟରେ ଛାତ୍ର ସଂସଦ ନିର୍ବାଚନରେ ନିଜେ ସଭାପତି ପ୍ରାର୍ଥୀ ନହୋଇ ସାଙ୍ଗ (ବଡହାଟ ଛାତ୍ରସଂଘ)ର ନେତୃତ୍ୱ ନେଉଥିଲୁ । ଆମ ଅଚଂଳରୁ ଅଧିକ ଛାତ୍ର କଲେଜରେ ପାଠ ପଢୁଥିଲେ । ବାପା ରାମଚନ୍ଦ୍ର ନାୟକ, ଜଣେ ପ୍ରତିଷ୍ଠିତ ଶିଳ୍ପୀ ସହ ରାଜନେତା (ବିଜେପି ଜିଲ୍ଲା ଉପସଭାପତି) ପଦବୀରେ ଥିବାରୁ ଢେଙ୍କାନାଳ ସାଂସଦ ତଥାଗତ ଶତପଥୀ ବାପାଙ୍କୁ ବାଜିରାଉତ ମେମୋରିଆଲ

କଲେଜ - ଗଉନିଙ୍ଗବଡି (ଜିବି)ରେ ଏମ୍.ପି. ନୋମିନୀ କରିଥିଲେ । ୧୯୯୮ ମସିହାରେ ପରବର୍ତ୍ତୀ ସମୟରେ ମତେ ପ୍ରେରଣା ଦେଇଥିଲା - ତଥାଗତଙ୍କ ମା' ନନ୍ଦିନୀ ଶତପଥୀ (ଓଡିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ, ଭାରତର ପୂର୍ବତନ କେନ୍ଦ୍ରମନ୍ତ୍ରୀ) ତଥା କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ । ସାହିତ୍ୟିକା ନନ୍ଦିନୀ ଶତପଥୀଙ୍କ ସାରସ୍ୱତ କୃତିରେ ଡକ୍ଟରେଟ୍ କରିବାପାଇଁ ।

ବାପାଙ୍କ ସହିତ ସକ୍ରିୟ ରାଜନୀତିରେ ଥାଇ ସାଂସଦ ଓ ବିଧାୟକ ନିର୍ବାଚନ ଅବା ଭୁବନ ନଗରପାଳିକାର ଚେୟାରମ୍ୟାନ ନିର୍ବାଚନରେ ସକ୍ରିୟ ଅଂଶଗ୍ରହଣ ଜଣେ ଆଗଧାଡିର ଯୁବକର୍ମୀ ଭାବରେ ବାପାଙ୍କ ରାଜନୈତିକ ଉତରାଧିକାରୀ ଏକ ପ୍ରକାର ଗ୍ରହଣ କରିନେଇଥିଲି । ସମାଜସେବାକୁ ଜୀବନର ବ୍ରତ ସହ ସାହିତ୍ୟ ରଚନାରେ ନିମଗ୍ନ ରହିଲି ।

ମାତ୍ର ବିଧିର ବିଧାନ କେ କରିବ ଆନ - ବାଜିରାଉତ କଲେଜର ଅବସରପ୍ରାପ୍ତ ପ୍ରିନିସ୍ପାଲ ଦେବଦତ ମିଶ୍ର ଢେଙ୍କାନାଳ ବିଦ୍ୟାର୍ଥୀ ରେସିଡେଟାଂଲ କଲେଜର ପ୍ରିନିସ୍ପାଲ ପଦବୀରେ ଥାଇ ମୋତେ ଅଧ୍ୟାପକ ଭାବରେ ନିଯୁକ୍ତି ଦେଇଥିଲେ । ତା'ପରେ ପରେ ମୋର ବିବାହ ଐତିହାସିକ କଟକ ସହରରେ ତୁଳସୀ ସାହୁ (ଟିକି) ସହ ସଂପୂର୍ଣ୍ଣ ହେବା ପ୍ରଥମ ସନ୍ତାନ ୭ ମାସ ଗର୍ଭଧାରଣାରେ ନଷ୍ଟ ହୋଇଯିବା ମୋ ସ୍ତ୍ରୀର ଦେଖାଶୁଣା ପାଇଁ ମୁଁ ଦୀର୍ଘ ୩ ମାସ ଘରେ ଅବସ୍ଥାନ କରିଲି ପରିଶେଷରେ ଚାକିରି ଛାଡିଲି ।

ପଥିକର ପଥରେ ପୁଣି ଏକ ସୁଯୋଗ ଆସିଲା ଓଡିଶାର ଅଗ୍ରଣୀ ଶିକ୍ଷାନୁଷ୍ଠାନ କଟକ ଟାଙ୍ଗୀସ୍ଥ ଟେଟ୍ରାହେଡନ କଲେଜରେ ଅଧ୍ୟାପକ ଭାବରେ ଯୋଗଦାନ ପରେ ସେ ସଂସ୍ଥାର ତ୍ରୀଦେବ ଡିଗ୍ରି କଲେଜରେ ଓଡିଆ ସାହିତ୍ୟର ଆସିଷ୍ଟାଟଂ ପ୍ରଫେସର ସହ ଭାଇସ୍‌ପ୍ରିନିସ୍ପାଲ୍ ପଦବୀରେ ଅଦ୍ୟାବଧି ଦୀର୍ଘ ୩ ବର୍ଷ ଧରି କାର୍ଯ୍ୟରତ ।

ପରେ ମୋର ଏକ କନ୍ୟା ସନ୍ତାନ ତେଜସ୍ୱିନୀ (ଲକି)ର ଜନ୍ମଲଗ୍ନ । ଏହି ସମୟରେ ଭାରତୀଦେବୀ ପଥିକକୁ କିଛି ମାତ୍ରାରେ ସାହାଯ୍ୟ କରନ୍ତି । ସାହିତ୍ୟ ରଚନାରେ ପ୍ରବଳ ମାତ୍ରାରେ ଇଚ୍ଛା ପରିସ୍ଫୁଟିତ ହୋଇଥାଏ । ଅନେକ ସାହିତ୍ୟ ସଭା ସମିତି କଟକ କିମ୍ବା ଭୁବନେଶ୍ୱରରେ ସକ୍ରିୟ ଯୋଗଦାନ - ସାରସ୍ୱତ ପତ୍ରିକା - ରକ୍‌ପେବୁଲ୍ ଓ ଜନସୁଧାରେ

ଆଜୀବନ ସଭ୍ୟ ଭାବରେ ଯୋଗଦେଇ ଅନେକ ସ୍ୱରଚିତ ଲେଖା ମୋର ପତ୍ର ଓ ପତ୍ରିକାରେ ପ୍ରକାଶିତ ହୋଇ ପାଠକୀୟ ଆଦୃତ ଲାଭ କରିଅଛି ।

ଖାଲି ପଥହରା ପଥିକର ଜନ୍ମଲଗ୍ନ ନୁହେଁ, ମୋ ପରିବାରର ବାପା ମା'ଙ୍କର ଆଶୀର୍ବାଦରେ ଭଗବାନଙ୍କ ଦୟାରେ ଅନ୍ୟ ଦୁଇଭାଇ ଓ ଗୋଟିଏ ନାନୀ ପ୍ରତିଷ୍ଠିତ ।

ନାନୀ ଜୟନ୍ତୀ ବିବାହିତ ହୋଇ ମଧ୍ୟ ସଂସାର ଭିତରେ ଇଗ୍ନୁରୁ ଅଣ୍ଡର ଗ୍ରାଜୁଏଟ୍ ସହ ଓଡିଶା ଲେଖିକା ସଂସଦର ଆଜୀବନ ସଭ୍ୟା ଓ ତିନିଗୋଟି ପୁସ୍ତକର ଲେଖିକା । ଅନେକ ଲେଖା ଓଡିଶାର ପତ୍ର ପତ୍ରିକାରେ ପ୍ରକାଶିତ ।

ଭାଇ ପ୍ରକାଶ - ଲ ପାସ୍‌କରି ଭୁବନ ଜେଏମ୍ଏସି କୋର୍ଟରେ ଆଡଭୋକେଟ୍ ଭାବରେ କାର୍ଯ୍ୟରତ ।

ସାନଭାଇ ମାନସ ସରକାରୀ ଉପ୍ରା ସ୍କୁଲରେ ଶିକ୍ଷକ ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲେଖକୀୟ କୃତିରେ ଗବେଷଣା କରି ଡକ୍ଟରେଟ୍ (ପିଏଚ୍.ଡି) ଉପାଧିପ୍ରାପ୍ତ

ଖାଲି ମୋ ପରିବାର ନୁହେଁ ସମଗ୍ର ବିଶ୍ୱମଣ୍ଡଳ ଭଗବାନଙ୍କ ଆଶୀର୍ବାଦରେ "ଜନ୍ମଲଗ୍ନ" ସହ ସଂସାରରେ ଆତଯାତ ଏ ପଥହରା ପଥିକ ସେଥିରୁ ବାଦ ବା ପଡିବ କିପରି ।

## ଶିକ୍ଷାଳୟ

"ବିଦ୍ୟା ଅଟଇ ମହାଧନ ସଭିଏଁ କର ଉପାର୍ଜନ"

ଧନକୁ ଚୋର ଚୋରିକରି ନେଇଯାଇପାରେ, ମାତ୍ର ବିଦ୍ୟାକୁ କେହି ଚୋରିକରି ପାରିବେ ନାହିଁ । ଶିକ୍ଷା ମାନବକୁ ସମାଜରେ ପ୍ରତିଷ୍ଠିତ କରାଇଥାଏ । ଶିକ୍ଷାର ବିକାଶରେ ବିଶ୍ୱର ବିକାଶ ସାଧିତ । ମାନବରୂପି ସୃଷ୍ଟିସମ୍ଭାରକୁ ସମାଜରେ ଆଲୋକ ପ୍ରଦାନ କରିଥାଏ ଶିକ୍ଷା । ଶିକ୍ଷା ପୁଣି ମଣିଷକୁ କରିଥାଏ ଦୁର୍ଲଭ ସ୍ୱରୂପି ମହାମାନବ ।

ଶିକ୍ଷାଳୟ ଆମ୍ଭର ପ୍ରାକ୍ତନ ବୈଦିକ ଗୁରୁକୂଳ ନୁହେଁ ଆଧୁନିକ ସ୍ମାର୍ଟ କ୍ଲାସରୁମ୍ ପର୍ଯ୍ୟନ୍ତ ସମସ୍ତଙ୍କୁ ନେଇ ଶିକ୍ଷାଳୟ ଗଠିତ । ଚାରିକାନ୍ଥ ମଧ୍ୟରେ ଆବଦ୍ଧ ଏକ କୋଠରି ହେଉଛି ଶିକ୍ଷାଳୟର ଏକ ମନ୍ଦିର ସଦୃଶ । ମନ୍ଦିରର ଦେବତା ଗୁରୁଜୀ ଓ ଶିକ୍ଷାର୍ଥୀମାନେ ପୂଜକ । ପୁରାତନ କାଳରେ ବୈଦିକ ଗୁରୁକୂଳ ଥିଲା ଶିକ୍ଷାଳୟ । ବକୁଳ ବନ ଉପବନ ଶିକ୍ଷାଳୟର ସୌନ୍ଦର୍ଯ୍ୟ ବଢାଉଥିଲା ମାତ୍ର ବର୍ତମାନର ଶିକ୍ଷାଳୟ - ଶୀତତାପ ନିମନ୍ତ୍ରିତ (ଏସି) ଶ୍ରେଣୀକକ୍ଷ ମଧ୍ୟରେ ଶୋଭାବର୍ଦ୍ଧନ କରୁଅଛି ।

ସମଗ୍ର ବିଶ୍ୱଜଗତରେ ଶିକ୍ଷାଳୟର ବିଭିନ୍ନ ସ୍ତରପ୍ରାୟତଃ ସମାନ । ପ୍ରାଥମିକଠାରୁ ଉଚ୍ଚଶିକ୍ଷାକୁ ବିଭିନ୍ନ ସୋପାନରେ ବିଭକ୍ତି କରାଯାଇଅଛି । ସୋପାନକୁ ସାଧାରଣତଃ ଦେଖାଯାଏ ଦୁଇ ଶ୍ରେଣୀରେ ବିଭକ୍ତିକରଣ କରାଯାଇଅଛି । ପ୍ରଥମଟି ବିଦ୍ୟାଳୟ ସ୍ତରୀୟ (ସ୍କୁଲଶିକ୍ଷା), ଦ୍ୱିତୀୟଟି - ଉଚ୍ଚଶିକ୍ଷା ।

### ବିଦ୍ୟାଳୟ ସ୍ତରୀୟ ଶିକ୍ଷା

ଉଚ୍ଚ ମାଧ୍ୟମିକ ଶିକ୍ଷା (+୨) - ବିଜ୍ଞାନ, ବାଣିଜ୍ୟ ଓ କଳା

ମାଧ୍ୟମିକ ଶିକ୍ଷା - ଦଶମ ଶ୍ରେଣୀ / ନବମ ଶ୍ରେଣୀ

ଉଚ୍ଚ ପ୍ରାଥମିକ ଶିକ୍ଷା - ଷଷ୍ଠ, ସପ୍ତମ ଓ ଅଷ୍ଟମ ଶ୍ରେଣୀ

ପ୍ରାଥମିକ ଶିକ୍ଷା - ପ୍ରଥମରୁ ପଚଂମ ଶ୍ରେଣୀ

ପ୍ରାକ୍ ପ୍ରାଥମିକ ଶିକ୍ଷା - ଅଙ୍ଗନାୱାଡି ଶିକ୍ଷା (୪/୫ ବର୍ଷ)

**ଉଚ୍ଚଶିକ୍ଷା**

ବିଶ୍ୱବିଦ୍ୟାଳୟ - ସ୍ନାତକୋତର, ଡକ୍ଟରେଟ୍ (ପିଏଚ୍.ଡି), ପୋଷ୍ଟ ଡକ୍ଟରେଟ୍ (ଡି.ଲିଟ୍)
ମହାବିଦ୍ୟାଳୟ - ସ୍ନାତକ (ଅନର୍ସ) ସହ ସ୍ନାତକୋତର ଶିକ୍ଷାନୁଷ୍ଠାନ ମାନଙ୍କନେଇ ଶିକ୍ଷକର ପରିମାପକ କରାଯାଇଥାଏ ।

**ସ୍କୁଲ ଶିକ୍ଷକ**

ପୋଷ୍ଟଗ୍ରାଜୁଏଟ୍ ଟିଚର (PGT) - +୨, ଶ୍ରେଣୀକକ୍ଷ ପାଇଁ ପିଜିରେ ୫୦% ମାର୍କସହ ବି.ଇଡି ଡିଗ୍ରୀ ।

ଟ୍ରେନଡ୍ ଗ୍ରାଜୁଏଟ୍ ଟିଚର (TGT) - ମାଧ୍ୟମିକ ଶ୍ରେଣୀ (ନବମ / ଦଶମ) ପାଇଁ ଗ୍ରାଜୁଏଟ୍ ସହ ବି.ଇଡି ଡିଗ୍ରି ।

ପ୍ରାଥମିକ ଶିକ୍ଷକ (PRT) - ଉଚ୍ଚ ମାଧ୍ୟମିକ (+୨) ସହ ଶିକ୍ଷା ତାଲିମ୍ ପ୍ରାପ୍ତ (CT)

**କଲେଜ ଓ ବିଶ୍ୱବିଦ୍ୟାଳରରୟ ଶିକ୍ଷକ**

ଆକାଡୋମିକ୍ ପ୍ରଫରମାନସ୍ ଇଣ୍ଡିକେଟର (APT)

ପ୍ରଫେସର - (୪୦୦ API ସ୍କୋର)

ପୋଷ୍ଟ ଡକ୍ଟରାଲ, ରିସର୍ଚ୍ଚ ସ୍କାଲାର
ରିସର୍ଚ୍ଚ ପବ୍ଲିକେସନ୍ ଜର୍ଣ୍ଣାଲ
ବୁକ୍ ପବ୍ଲିକେସନ୍ ଇତ୍ୟାଦି ସହ
୧୦ ବର୍ଷ ଅଭିଜ୍ଞତା ଶିକ୍ଷକତା କିମ୍ବା
ଗବେଷଣାର ।

ଆସୋସିଏଟ୍ ପ୍ରଫେସର - (୩୦୦ API ସ୍କୋର)

ଡକ୍ଟରାଲ (ପିଏଚ୍.ଡି) ଡିଗ୍ରି,
ରିସର୍ଚ୍ଚ ସ୍କାଲାର, ଜର୍ଣ୍ଣାଲ ରିସର୍ଚ୍ଚ
ପବ୍ଲିକେସନ, ବୁକ୍ ପବ୍ଲିକେସନ
ଇତ୍ୟାଦି ସହ ୮ ବର୍ଷର
ଶିକ୍ଷକତା ଅଭିଜ୍ଞତା କିମ୍ବା

ଗବେଷଣାରେ ଅଭିଜ୍ଞତା ।

ଆସିଷ୍ଟାଟଂ ପ୍ରଫେସର - ୟୁଜିସି, ନେଟ୍ ପାସ୍

୫୫% ପିଜି ବିଷୟରେ ମାର୍କ

୫୦% ମାର୍କ ପିଜି - SC/ST

ଓ OBC - NCL ବର୍ଗର

କିମ୍ବା - ଡକ୍ଟରେଟ୍ (ପିଏଚ୍.ଡି)

ଉପାଧିପ୍ରାପ୍ତ (୨୦୧୬ ୟୁଜିସି ନିୟମ)

କଥାରେ ଅଛି - ଶିକ୍ଷାର ପରିବେଶ ସନ୍ତୁଳିତ ନଥିଲେ ଜଣେ ଉପଯୁକ୍ତ ଶ୍ରେଣୀକକ୍ଷ କିମ୍ବା ଶିକ୍ଷକଙ୍କ ଦ୍ୱାରା ଶିକ୍ଷା ପାଇପାରିବ ନାହିଁ । ଶିକ୍ଷାଳୟଟି ଗାଁ କିମ୍ବା ସହରର ଜନବସତି ଠାରୁ ସାମାନ୍ୟ ଦୂରରେ ଥିଲେ ଭଲ ଓ ଉପଯୁକ୍ତ ପରିବେଶ ଥିଲେ ଆହୁରି ଉତମ ।

ପଥହରା ପଥିକ ସୁବାଷଟି ବା ଏହି ଶିକ୍ଷାଳୟରୁ ବାଦ ପଡନ୍ତା ବା କିପରି । ବାପା ମା'ଙ୍କ ସୁନେଲି ସ୍ୱପ୍ନକୁ ସାକାର କରିବାପାଇଁ ସେ ମାତ୍ର ଚାରିବର୍ଷ ବୟସରୁ ତା'ର ପ୍ରାକ୍ ପ୍ରାଥମିକ ଶିକ୍ଷା ଆରମ୍ଭ କରିଥିଲା ଭୁବନ ଗାଁ ଚାଟଶାଳୀ ବୁଲା ବେହେରା ପାଖରୁ । ସେପରି କହିବାକୁ ଗଲେ ମୋର ପ୍ରଥମ ଗୁରୁ ଥିଲେ ମୋ ମା' ଭାରତୀ ଦେବୀ ଓ ବାପା ରାମଚନ୍ଦ୍ର । ସେମାନେ ମୋତେ ପ୍ରଥମରୁ ତୃତୀୟ ବର୍ଷ ପର୍ଯ୍ୟନ୍ତ ଲାଳନପାଳନ କରିଥିଲେ ଓ ଶିକ୍ଷାର ପ୍ରଥମ ଅକ୍ଷର ସହ ପରିବାର ସଦସ୍ୟଙ୍କ ନାମ ଯଥା - ଜେଜେମା, ବାପା, ମା, ଦାଦା, ଖୁଡୀ, ନାନି, ଭାଇ ଇତ୍ୟାଦି ।

ତା' ପରେ ପରେ ତା'ର ନାମ ଲେଖାଯାଇଥିଲା - ଘରପାଖ ସ୍କୁଲ ବଡହାଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ । ସେଠାରେ ସେ ପ୍ରଥମ ଠାରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢିଥିଲା - ୧୯୮୨ ମସିହାରୁ ୧୯୯୦ ମସିହା ପର୍ଯ୍ୟନ୍ତ । ସେତେବେଳକୁ ଆଜିକା ଭଳି ଇଂରାଜୀ ଶିକ୍ଷା ପ୍ରାକ୍ ପ୍ରାଥମିକ ଶିକ୍ଷାରେ ଚାଲୁନଥିଲା, ତାହା ଚତୁର୍ଥ ଶ୍ରେଣୀଠାରୁ ଚାଲୁଥିଲା । ଗୋଟିଏ ଶ୍ରେଣୀ କକ୍ଷରେ ଆମ୍ଭେମାନେ ତିରିଶ ଜଣ ଛାତ୍ରଛାତ୍ରୀ ବସି ପାଠ ପଢୁଥାଉ । ଆମ୍ଭ ପିଲାଦିନର ସାଙ୍ଗସାଥୀ ମାନେ ଆମ୍ଭର ପାରିବାରିକ ସଦସ୍ୟ ଭାବରେ ଗ୍ରହଣୀତ

ହୋଇପାରୁଥିଲେ । ସେହି ମୋର ପ୍ରିୟ ସାଙ୍ଗସାଥି ମାନେ ହେଲେ - ଅଶୋକ ବେହେରା, ଯୁଗଳ ବେହେରା, ବସନ୍ତ ସାହୁ, ବିରଞ୍ଚି ଗୁରୁ, ରବିନ୍ଦ୍ର ସାହୁ, ସୁନାକର ସାହୁ, ସୁବଳ ମହାରଣା, କାମଦେବ ସାହୁ, ଅମ୍ବୁଜ ସାହୁ, ଦିବ୍ୟସିଂହ ସାହୁ, ଚିତରଞ୍ଜନ ସାହୁ, ପ୍ରକାଶ ସାହୁ ଓ ମୁଁ ନିଜେ ସୁବାଷ ନାୟକ ଓ ଝିଅମାନଙ୍କର ମଧ୍ୟରେ - କବିତା ସାହୁ, ସରସ୍ୱତୀ ପୃଷ୍ଟି, ମନୋରମା ମହାରଣା, ପ୍ରତୀମା ସାହୁ, ପୁଷ୍ପାଞ୍ଜଳୀ ସାହୁ, ନିରୁପମା ସାହୁ, ସୁକାନ୍ତି ସେଠୀ ପ୍ରମୁଖ । ଆମ୍ଭମାନଙ୍କର ଗ୍ରହଣରେ ଯେଉଁ ଶିକ୍ଷକ, ଶିକ୍ଷୟତ୍ରୀ ଆମ୍ଭକୁ ପାଠପଢାଇ ଥିଲେ - ସେମାନେ ହେଲେ ପ୍ରଧାନଶିକ୍ଷକ - ବୀରେନ୍ଦ୍ର କୁମାର ସିଂହ, ଶିକ୍ଷକ - ଗୋପିନାଥ ସାହୁ, ବ୍ରଜବନ୍ଧୁ ସାହୁ, ଅଗଣି ସାହୁ, ଶିକ୍ଷୟତ୍ରୀ - ମଧୁସ୍ମିତା ସାହୁ, ପୁଷ୍ପାଞ୍ଜଳୀ ସାହୁ ଓ ସୁକାନ୍ତି ସାହୁ । ସେତେବେଳକୁ (୧୯୯୦) ଆମ ସ୍କୁଲରେ ସମସ୍ତ ଛାତ୍ରଛାତ୍ରୀ ଗୋଟିଏ ୟୁନିଫର୍ମ ଡ୍ରେସ୍ ପିନ୍ଧିଥାଉ - ଲାଲ ରଙ୍ଗର ପ୍ୟାଟଂ ଓ ଧଳା ସାର୍ଟ ।

ଆମ ବିଦ୍ୟାଳୟଟି ୧୯୫୯ ମସିହାରେ ପ୍ରତିଷ୍ଠିତ ହୋଇ ୨୫ ବର୍ଷରେ ରୌପ୍ୟ ଜୟନ୍ତୀ ଓ ୫୦ ବର୍ଷରେ ହୀରକ ଜୟନ୍ତୀ ପାଳନ ହୋଇ ସାରିଅଛି । ଆମ ବିଦ୍ୟାଳୟର ଅନେକ କୃତି ଶିକ୍ଷାର୍ଥୀ ବଡବଡ ପଦବୀରେ କାର୍ଯ୍ୟରତ । ତନ୍ମଧ୍ୟରୁ - ଅଶୋକ ରଞ୍ଜନ ମହାନ୍ତି - ଭାରତୀୟ ପ୍ରଶାସନିକ ସେବା (ଆଇ.ଓ.ଏସ୍.) ପଦବୀରେ ତାମିଲନାଡୁ ସରକାରରେ କାର୍ଯ୍ୟ କରିଛନ୍ତି । ଏତତ୍‌ବାଦ ଅନେକ ଶିକ୍ଷାର୍ଥୀ - ଅଧ୍ୟାପକ, ଡାକ୍ତର, ଇଞ୍ଜିନିୟର, ଓକିଲ ସର୍ବୋପରି ସରକାରୀ ଅଧିକାରୀ ହୋଇ ଜନମାନସରେ ନିଜକୁ ନିୟୋଜନ କରି ଏ ସ୍କୁଲର ଗୌରବକୁ ବୃଦ୍ଧି କରିପାରିଛନ୍ତି ।

ଆମ ବିଦ୍ୟାଳୟଟି ପ୍ରାରମ୍ଭରେ ମାଟି ଓ ଚାଳଛପର ଘରଥିଲା । ପର୍ଯ୍ୟାୟକ୍ରମେ ଟାଇଲି ଛପର ଘରହେଲା - ୧୯୮୭ ମସିହାରେ ଭୁବନ ଗ୍ରାମରେ ସବୁଠାରୁ ବଡ ଘରପୋଡି ହୋଇ ୯୫ ଭାଗ ପୋଡି ନଷ୍ଟ ହୋଇଯାଇଥିଲା । ସେହି ସମୟରେ ଓଡିଶାର ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ଅନେକ ମନ୍ତ୍ରୀ, ସାଂସଦ ଓ ବିଧାୟକ ଏହାକୁ ଦେଖିବାପାଇଁ ଆସିଥିଲେ ପ୍ରାୟ ୨୫ ଜଣ ଲୋକ ମଧ୍ୟ ମରିଯାଇଥିବାର ସୂଚନା ପ୍ରଦାନ କରିଥିଲା । ସେଥିରୁ ଆମ ସ୍କୁଲଟି ବାଦ୍ ପଡିନଥିଲା । ସ୍କୁଲଟି ସଂପୂର୍ଣ୍ଣ ପୋଡି ନଷ୍ଟ ହୋଇଯାଇଥିବାରୁ,

ସେ ବର୍ଷ ପାଠପଢାରେ ଆମ୍ଭକୁ ବ୍ୟାଘାତ ଘଟିଥିଲା । ସରକାର ଆମ ସମସ୍ତ ଶିକ୍ଷାର୍ଥୀଙ୍କୁ ବହିପତ୍ର ସହ ପୋଷାକପତ୍ର ଯୋଗାଇଦେବା ସହ ସମସ୍ତ ଶିକ୍ଷାର୍ଥୀଙ୍କୁ ବିନା ପରୀକ୍ଷାରେ ପାସ୍ କରାଇ ଦେଇଥିଲେ ।

ଆମ ସମୟରେ ଆମେ ପଚଂମ ଶ୍ରେଣୀ ଓ ସପ୍ତମ ଶ୍ରେଣୀ ପରୀକ୍ଷା ବୋର୍ଡ (ମାଧ୍ୟମିକ ଶିକ୍ଷାବୋର୍ଡ ଓଡିଶା) ମାଧ୍ୟମରେ ଦେଉଥିଲୁ । ବିଶେଷତଃ ସପ୍ତମ ଶ୍ରେଣୀ ପରୀକ୍ଷା ଆମେ ଭୁବନ ହାଇସ୍କୁଲରେ ଦେଇଥିଲୁ ଓ ସମସ୍ତେ ପାସ୍ କରିଥିଲୁ । ସ୍କୁଲର ନୂତନ କୋଠାଘର ନିର୍ମାଣ ପରିଚାଳନା କମିଟି ସହିତ ସାହିର ମୁରବୀ ଧନୀକ ବ୍ୟକ୍ତି ସର୍ବୋପରି ଟାଟା କମ୍ପାନୀର ଆର୍ଥିକ ସାହାର୍ଯ୍ୟରେ ନିର୍ମାଣ ହୋଇଥିଲା ଓ ପରେ ପରେ ଓଡିଶା ସରକାରଙ୍କ ସର୍ବଶିକ୍ଷା ଅଭିଯାନ ଓ ଭାରତ ସରକାରଙ୍କର ମୌଳିକ ଶିକ୍ଷା ଆଇନ ଦ୍ୱାରା ପ୍ରଦତ ଆର୍ଥିକ ଟଙ୍କାରେ ବିଦ୍ୟାଳୟର ବର୍ତମାନ ସମସ୍ତ ଶିକ୍ଷାଦାନ କୋଠରୀ, ଶିକ୍ଷକ-ଶିକ୍ଷୟତ୍ରୀଙ୍କ ବୈଠକ ଗୃହ, ପ୍ରଧାନଶିକ୍ଷକଙ୍କ କାର୍ଯ୍ୟାଳୟ ସର୍ବୋପରି ଛୋଟ ଖେଳ ପଡିଆଟିଏ ରହିଅଛି ।

ଗୋଟିଏ ଶିକ୍ଷାର୍ଥୀଙ୍କୁ ଆନନ୍ଦ ଲାଗେ ଯେତେବେଳେ ସେ ତା'ର ପ୍ରଥମ ପାହାଚ ଶିକ୍ଷାର ପ୍ରାଥମିକ ବିଦ୍ୟାଳୟରୁ ସମ୍ମାନୀତ ହୁଏ, ମୋର ପାଇଁ ସେପରି ଏକ ଦିନଟିଏ ଆସିଥିଲା - ଯେତେବେଳେ ପରିଚାଳନା କମିଟିର ସଭାପତି ବିପିନ୍ ବିହାରୀ ସେଠୀ ମୋତେ ଟେଲିଫୋନ କରି କହିଲେ - ତୁମକୁ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ସମ୍ମାନୀତ କରାଯିବ । ୧୭/୦୧/୨୦୨୦ ମସିହା ପୂର୍ବାହ୍ଣ ୧୧ ଘଟିକା ସମୟରେ ବଡ଼ହାଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବାର୍ଷିକ ଉତ୍ସବ ସେଥିରେ ମୁଖ୍ୟ ଅତିଥି ଥାଆନ୍ତି - ଢେଙ୍କାନାଳର ଲୋକସଭା ସାଂସଦ - ମହେଶ ସାହୁ, ମୁଖ୍ୟବକ୍ତା - ପଣ୍ଡିତ ମାତୃପ୍ରସାଦ ମିଶ୍ର, ସମ୍ମାନୀତ ଅତିଥି - ଭୁବନ ସହର ସଂଗଠନର ସଭାପତି - ବୁଲା ବେହେରା ତଥା ପ୍ରଧାନଶିକ୍ଷକ - ଆଶୁତୋଷ ମିଶ୍ର, ସେଠାରେ ମୋ (ଅଧ୍ୟାପକ ଡକ୍ଟର ସୁବାଷ ନାୟକ) ସମେତ ସୁଶାନ୍ତ କୁମାର ସାହୁ - ଡ୍ରଗ୍ ଇନିସ୍‌ପେକ୍ଟର - କଟକ, କୈଳାସ ମହାରଣା - ଅଡିଟର, ଅବସରପ୍ରାପ୍ତ ସରକାରୀ କର୍ମଚାରୀ କୈଳାସ ସାହୁ ପ୍ରମୁଖ ପୁରାତନ ଛାତ୍ରମାନଙ୍କୁ ସମ୍ବର୍ଦ୍ଧନା ତଥା କେତେଜଣ ଶିକ୍ଷକମାନଙ୍କୁ ସମ୍ମାନ ପ୍ରଦାନ । ସେଠାରେ ମୁଁ ପୁରସ୍କାର ଗ୍ରହଣ କରି - ସମ୍ମାନ ପ୍ରତିଦାନରେ

କହିଥିଲି ମୁଁ ଆଜି ଜଣେ ପ୍ରଫେସର କିମ୍ବା କଲେଜର ପ୍ରିନିସ୍‌ପାଲ ହୋଇପାରିଅଛି କେବଳ ଏ ମୋର ପ୍ରାଥମିକ ବିଦ୍ୟାଳୟ ବଡ଼ହାଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପାଇଁ, ତୁମେ ମାନବ ସମାଜର ଯେକୌଣସି ପଦବୀରେ ଥାଅନା କାହିଁକି ମା' ମାଟି ଓ ମଣିଷର ସେବା କରିବ । ମା' ନିଜର ଜନ୍ମଦାୟ ମା', ମାଟି ନିଜର ଜନ୍ମମାଟି ଭୁବନ ତଥା ମଣିଷ ସମଗ୍ର ମାନବ ସମାଜ । ସେଠାରେ ଉପସ୍ଥିତ ସମସ୍ତ ଅତିଥି ସର୍ବୋପରି ସ୍କୁଲର ଛାତ୍ରଛାତ୍ରୀ ଅଭିଭାବକ ମାନଙ୍କର କରତାଳି ମୋ ଜୀବନର ଏକ ଅଭୁଲା ସ୍ମୃତି ହୋଇ ରହିଅଛି, ସେ ଉପଢୌକନ ସତେ ଅବା ମାନପାତ୍ର ପାଇ ।

ଉଚ୍ଚ ପ୍ରାଥମିକ ଶିକ୍ଷା ପରେ ବାପା ମା' ମୋର ନାମଲେଖା ଭୁବନ ହାଇସ୍କୁଲରେ କରିଦେଲେ । ସେତେବେଳେ ଭୁବନ ସହରରେ ତିନିଗୋଟି ହାଇସ୍କୁଲ ଥିଲା - ୧୯୪୮ ମସିହାର ପ୍ରତିଷ୍ଠିତ ଭୁବନ ହାଇସ୍କୁଲ, ଭୁବନ ବାଳିକା ହାଇସ୍କୁଲ ଓ ନୂଆଭୁବନ ହାଇସ୍କୁଲ ଭୁବନ ହାଇସ୍କୁଲ ଗୋଟିଏ ପୁରାତନ ହାଇସ୍କୁଲ ଆମ ଢେଙ୍କାନାଳ ଜିଲ୍ଲାର ତଥା ଆମ ରାଜ୍ୟ ଓଡିଶାର ମଧ୍ୟ ଏକ ନାମକରା ସ୍କୁଲ କହିଲେ ଅତ୍ୟୁକ୍ତି ହେବନାହିଁ । ଏ ଅଚଂଳର ଅନେକ ଶିକ୍ଷାପ୍ରେମୀ ଭାଗବତ ମିଶ୍ରଙ୍କ ସମେତ ବିଶିଷ୍ଟ ନାଗରିକ ମାନଙ୍କର ସହାୟତାରେ ୧୯୪୮ ମସିହାରେ ପ୍ରତିଷ୍ଠିତ ହୋଇଥିଲା । ଅଧିନ ପଥହରା ପଥିକ ସୁବାଷ ସେଠାରେ ଅଷ୍ଟମ, ନବମ ଓ ଦଶମ ୩ ବର୍ଷ (୧୯୯୧ ରୁ ୧୯୯୩) ମଧ୍ୟରେ ପାଠ ପଢିଥିଲା । ଭୁବନ ସହରରୁ ବିଭିନ୍ନ ସାହିମାନଙ୍କୁ ପିଲାମାନେ ଏକାଠି ହୋଇ - ଆମେ ସବୁ ପାଠ ପଢୁଥିଲୁ । ଆମ୍ଭେ ୧୯୯୩ ମସିହାରେ ମାଟ୍ରିକ୍ ପରୀକ୍ଷା ଏଠାରୁ ୩୫ କି.ମି. ଦୂର କାମାକ୍ଷାନଗର ସାରଙ୍ଗଧର ହାଇସ୍କୁଲରେ ପରୀକ୍ଷା ଦେଇଥିଲୁ । ଆମ ବ୍ୟାଚର ୧୧୭ ଜଣ ଶିକ୍ଷାର୍ଥୀ ମାଟ୍ରିକ୍ ପରୀକ୍ଷା ଦେଇ ସଫଳତା ଲାଭ କରିଥିଲେ । ସେମାନଙ୍କର ମଧ୍ୟରୁ ୧୭ ଜଣ ଶିକ୍ଷାର୍ଥୀ ପ୍ରଥମ ଶ୍ରେଣୀରେ ପାସ୍ କରିଥିଲେ - ଦିବ୍ୟସିଂହ ସାହୁ, ଲାଲ ଲଜପତ ସାହୁ, ଅକ୍ଷୟ ସାହୁ, କୈଳାସ ରାଉଳ, କସ୍ତୁରୀ ବେହେରା, ଜୀବନନନ୍ଦ ହୋତା, ଅସୀତ ତ୍ରିପାଠୀ ପରି ଅନେକ ଶିକ୍ଷାର୍ଥୀ ଭଲ ପାଠ ପଢୁଥିଲେ ଓ ପ୍ରଥମ ଶ୍ରେଣୀରେ ପାସ୍ କରିଥିଲେ । ଅନୁପ ମିଶ୍ର, ପୂର୍ଣ୍ଣଚନ୍ଦ୍ର ସାହୁ ଆମ ସ୍କୁଲରେ ପ୍ରଥମ ଓ ଦ୍ୱିତୀୟ ସ୍ଥାନରେ

ସଦାସର୍ବଦା ପ୍ରତିଦ୍ୱନ୍ଦୀ ଥିଲେ, ପ୍ରଥମ ଶ୍ରେଣୀରେ ଉତୀର୍ଣ୍ଣ ସୁନାକର ଦାସ ସମସ୍ତଙ୍କର ନେତୃତ୍ୱ ନେଇ ପାରୁଥିଲେ । ମୁଁ ସେହି ସମୟରେ ଦ୍ୱିତୀୟ ଶ୍ରେଣୀରେ ମାଟ୍ରିକ୍ ପରୀକ୍ଷାରେ ପାସ୍ କରିଥିଲି ।

ଆମ ସମୟରେ ପ୍ରଧାନଶିକ୍ଷକ ରସାନନ୍ଦ ବେହେରା ଥିଲେ । ଭୁବନ ହାଇସ୍କୁଲର ପ୍ରଧାନଶିକ୍ଷକ ପଦବୀଟି ଓଡିଶା ସରକାରଙ୍କର - ଓଡିଶା ଶିକ୍ଷା ସେବା (ଓଇଏସ୍) ଦ୍ୱିତୀୟ ଶ୍ରେଣୀ ରହିଅଛି । ଅନେକ ଲବ୍ଧ ପ୍ରତିଷ୍ଠିତ ଶିକ୍ଷକ ଓ ଶିକ୍ଷୟତ୍ରୀ ମାନେ ଆମକୁ ଶିକ୍ଷାଦାନ କରୁଥିଲେ - ସେମାନଙ୍କର ମଧ୍ୟରେ ହରିହର ମିଶ୍ର, କରୁଣାକର ସାହୁ, ମୁକୁନ୍ଦ ଚନ୍ଦ୍ର ସାହୁ, ରାଧାଶ୍ୟାମ ସାହୁ, ବିଦ୍ୟାଧର ନନ୍ଦ, ରମାକାନ୍ତ ମିଶ୍ର, ଚୈତନ୍ୟ ମିଶ୍ର ପ୍ରମୁଖ ଶିକ୍ଷକ ଚିରସ୍ମରଣୀୟ ।

ମୁଁ ହାଇସ୍କୁଲ ସ୍ତରରେ ଇତିହାସ ଓ ନଗରବିଜ୍ଞାନ ବିଷୟରେ ମାଟ୍ରିକ୍ ପରୀକ୍ଷାରେ ସମସ୍ତଙ୍କ ଠାରୁ ଭଲ କରିଥିଲି । ସ୍କୁଲରେ ପାଠପଢା ସହ ମୁଁ ଗଣିତ, ବିଜ୍ଞାନ - ଦୟାନିଧି ସାହୁ ସାର୍ଙ୍କ ପାଖରେ ତଥା ଇଂରାଜୀ ଆଡଭୋକେଟ୍ ରବିନ୍ଦ୍ର ଦାସ ସାର୍ଙ୍କ ପାଖରେ ଘରୋଇ ଟ୍ୟୁସନ୍ ହେଉଥିଲି ।

ଆମ ଭୁବନ ହାଇସ୍କୁଲର ଦୁଇଗୋଟି ପୁରାତନ ଛାତ୍ର ସଂଗଠନରେ ମୋର ସକ୍ରିୟ ଭୂମିକା ଗୋଟିଏ ସ୍କୁଲର ପଚାଶ ବର୍ଷ ସୁବର୍ଣ୍ଣ ଜୟନ୍ତୀ ପାଳନ ପାଇଁ କମିଟିରେ ମୁଁ ଜଣେ ସକ୍ରିୟ ସଦସ୍ୟ ଥିଲି ଓ ୧୯୯୩ ମାଟ୍ରିକ୍ ବ୍ୟାଚ ଭୁବନର ସଭାପତି ଭାବରେ କାର୍ଯ୍ୟ କରୁଅଛି । ଆମର ଏ ସଂଗଠନ ପ୍ରତିବର୍ଷ ନୂଆବର୍ଷ ପୂର୍ବର ସମଗ୍ର ଭୁବନ ସହରର ତିନିଗୋଟି ହାଇସ୍କୁଲର ପାଖାପାଖି ୧୩୦ ଶିକ୍ଷାର୍ଥୀଙ୍କୁ ନେଇ ଗଠନ କରାଯାଇଛି । ଏହାର ମୁଖ୍ୟ ଉଦ୍ୟୋକ୍ତା - ସଂଗଠନ ସାଧାରଣ ସଂପାଦକ କୈଳାସ ରାଉତ । ଏଥିରେ ସମସ୍ତ ଶିକ୍ଷାର୍ଥୀ ପୁଅ ଓ ଝିଅ ସେମାନଙ୍କର ପରିବାର ସ୍ତ୍ରୀ, ସ୍ୱାମୀ ଓ ସନ୍ତାନମାନଙ୍କୁ ନେଇ ଏକ ବଣଭୋଜି କାର୍ଯ୍ୟକ୍ରମ ହୋଇଥାଏ, ସେଠାରେ ଭାବର ଆଦାନପ୍ରଦାନ ସହ ନାଚଗୀତର ଆସର ସହ ଶିକ୍ଷକ ଓ ଶିକ୍ଷୟତ୍ରୀଙ୍କୁ ସମ୍ମାନୀତ କରିବାର ପରମ୍ପରା ରହିଅଛି । ୧୯୯୩ ବ୍ୟାଚର ଅନେକ ଶିକ୍ଷାର୍ଥୀ ସମାଜରେ - ଅଧ୍ୟାପକ, ଡାକ୍ତର, ଇଞ୍ଜିନିୟର, ଓକିଲ, ଶିକ୍ଷକ ଭାବରେ ନିଯୁକ୍ତ

ହୋଇ ସମାଜସେବାରେ ନିଜକୁ ନିୟୋଜିତ କରିଅଛନ୍ତି । ମୋତେ ଆନନ୍ଦ ଲାଗିଥିଲା - ଯେତେବେଳେ ସମସ୍ତ ସହପାଠୀ ମୋତେ ୧୯୯୩ ମସିହାର ସର୍ବୋଚ୍ଚ ଶିକ୍ଷା (ପିଏଚ୍.ଡି) ଓ ପଦବୀ ଧାରି (ଡିଗ୍ରି କଲେଜର ପିନିସ୍‌ପାଲ) - ଜଣେ ପ୍ରଫେସର ପଦବୀକୁ ସମ୍ମାନ ଦେଇ - ୧୯୯୩ ବ୍ୟାଚର ପ୍ରତିଷ୍ଠାତା ସଭାପତି କରିଥିଲେ । ମୁଁ ନିମିତ ମାତ୍ର, ସମସ୍ତ ସହପାଠୀମାନେ ପ୍ରମୁଖ ବିଭାଗୀୟ ଭୂମିକାରେ କାର୍ଯ୍ୟ କରୁଛନ୍ତି - ସେମାନଙ୍କ ମଧ୍ୟରେ - ଭାଗିରଥି ପୃଷ୍ଟି, ସୁନାକର ଦାସ, ବିରଚିଂ ଗୁରୁ, କୃଷ୍ଣଚନ୍ଦ୍ର ସାହୁ, ଅମ୍ବୁଜ ସାହୁ, ରବିନାରାୟଣ ପାତ୍ର, ଗୁରୁପ୍ରସାଦ ମିଶ୍ର, ପୂର୍ଣ୍ଣଚନ୍ଦ୍ର ସାହୁ ପ୍ରମୁଖ ଅନେକ ଶିକ୍ଷାର୍ଥୀ, ଏ ବନ୍ଧୁମିଳନ କାର୍ଯ୍ୟକ୍ରମରେ ମୋ ଧର୍ମପତ୍ନୀ ତୁଳସୀ ସାହୁ (ଟିକି) ଓ କନ୍ୟାରତ୍ନା ତେଜସ୍ୱିନୀ ନାୟକ (ଲକି) ଯୋଗଦାନ କରି ସମସ୍ତ ବନ୍ଧୁ ପତ୍ନୀ ତଥା ସେମାନଙ୍କ ପିଲାମାନଙ୍କ ସହିତ ଦିନଟିଏ ବିତାଇବାର ଆନନ୍ଦ ଉପଭୋଗ କରିଥାଆନ୍ତି ।

ହାଇସ୍କୁଲ ଶିକ୍ଷାପରେ ବାପା ମା'ଙ୍କର ସ୍ୱପ୍ନକୁ ସାକାର କରିବାପାଇଁ ପଥିକ ସୁବାଷ ଯୋଗଦିଏ ଉଚ୍ଚଶିକ୍ଷାରେ - ବାଜିରାଉତ ମେମୋରିଆଲ କଲେଜ, ଭୁବନରେ । ଭୁବନ ସହରଠାରୁ ଦୁଇ କି.ମି. ଦୂରରେ କଲେଜ ଅବସ୍ଥିତ । ସେଠାରେ ସୁଶୋଭିତ ବୃକ୍ଷରାଜି ସାଙ୍ଗକୁ ପୁରୁଣା ଆଜବେଷ୍ଟ ଘର ସହ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ଟଙ୍କାରେ ଦୁଇମହଲା ପ୍ରାସାଦ କଲେଜର ଶୋଭାବର୍ଦ୍ଧନ କରୁଅଛି । ଆମ କଲେଜ ଢେଙ୍କାନାଳ ଜିଲ୍ଲାର ଗୋଟିଏ ଅଗ୍ରଣୀ କଲେଜ । +୨ (କଳା) ସହ +୩ (ବିଏ) ଶିକ୍ଷା (ସମ୍ମାନ)ରେ ପ୍ରଥମ ଶ୍ରେଣୀରେ ପାସ୍‌ହୋଇ । ଶିକ୍ଷକ ଜୀବନ ବିତାଇବା ପାଇଁ କାର୍ଯ୍ୟକ୍ରମ ବି.ଇଡି. ନକରି ଘରୋଇ ଭାବରେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ଏମ୍.ଏ. (ଓଡିଆ)ରେ କଟକ ସହରର ଦି ଲ କଲେଜ, ବିଡାନାସୀରେ ପରୀକ୍ଷା ଦେଇଥିଲି । ମୋ ମାଉସୀ ପୁଅ ଭାଇ ଯୁଧିଷ୍ଠିର ନାୟକ, ପ୍ରଧାନଆଚାର୍ଯ୍ୟ ସରସ୍ୱତୀ ଶିଶୁ ମନ୍ଦିର, ନୂଆବଜାର (କଟକ) ବାସସ୍ଥାନରେ ଦୀର୍ଘ ଏକମାସ ଧରି ରହି ପରୀକ୍ଷାଦେଇ ସଫଳତା ପ୍ରାପ୍ତ ହୋଇଥିଲି ।

ବାପାଙ୍କ ଇଚ୍ଛାକୁ ସାକାର କରିବାପାଇଁ ଜୀବନର ଅଧ୍ୟାପକଟିଏ ହେବାପାଇଁ -

ୟୁଜିସି ନିୟମକୁ ଆୟୁଧକରି ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ଗବେଷଣା (ପିଏଚ୍.ଡି.) ନାମ ଲେଖାକରି ଅବସରପ୍ରାପ୍ତ ପ୍ରଫେସର ଡକ୍ଟର ଆଦିକନ୍ଦ ସାହୁଙ୍କ ବାସଭବନ (ଭୁବନେଶ୍ୱରସ୍ଥିତ - କଳିଙ୍ଗନଗର) ପାଖାପାଖି ଏକବର୍ଷ କଠିନ ପରିଶ୍ରମ । ସେ ସମୟରେ ମୁଁ ମୋର ବଡବାପା ପୁଅ ଉମାକାନ୍ତ ନାୟକ (ବାପି)ଙ୍କ ଭଡାଘର - ଭୁବନେଶ୍ୱର ବିଜେପି ନଗରରେ ରହି ରାଜ୍ୟ ପାଠାଗାର (State Library)କୁ ଯାଇ ପଢାପଢ଼ି କରୁଥିଲି ।

ମୁଁ ଗର୍ବୀତ ଅଟେ ମୋର ଭୁବନ ହାଇସ୍କୁଲ ତଥା ବାଜିରାଉତ କଲେଜର ଅନେକ ଛାତ୍ରଛାତ୍ରୀ ସମାଜର ସେବକ । ସରକାରୀ ଅବା ବେସରକାରୀ ସଂସ୍ଥାରେ ଚାକିରୀ କରି ଆମ ଅନୁଷ୍ଠାନର ଗୌରବକୁ ବୃଦ୍ଧି କରିପାରିଛନ୍ତି । କଲେଜ ପୁରାତନ ଛାତ୍ରସଂଘ (Allumini Association) ର ଜଣେ ସକ୍ରିୟ ସଦସ୍ୟ ଭାବରେ ମୁଁ ନିଜକୁ ଗର୍ବୀତ ଅନୁଭବ କରିବା ସହ ମୋର ସବୁ ଶିକ୍ଷାନୁଷ୍ଠାନ ମୋର ଶିକ୍ଷାର ଆଲୋକବର୍ତିକା ଅଟନ୍ତି ।

# କର୍ମକ୍ଷେତ୍ର

ମାନବ ଜୀବନ ଅଛି ତ କର୍ମଧାରଣା ଅଛି । ବିଧିନିୟନ୍ତାଙ୍କ ପ୍ରଦତ ଜନ୍ମ, ଶିକ୍ଷା ପରେ କର୍ମ କ୍ରମାନୁଯାୟୀ ପ୍ରତ୍ୟେକ ମାନବ ଜୀବନରେ ଆସିଥାଏ । କର୍ମ ହିଁ ମଣିଷର ପରିଚୟ ଅଟେ । କର୍ମ ବ୍ୟତିରୋକେ ଜୀବନ ଦୂରୁହ ବ୍ୟାପାର ହୋଇପଡେ ।

"କର୍ମ ଦିଏ ନର କର୍ମ ଏକା ତା'ର ଜୀବନର ମାନଦଣ୍ଡ" ବାପା ମା'ଙ୍କ ଠାରୁ ଶୁଣିବାକୁ (ଅଧିନ ପଥିକ ସୁବାଷ) ପାଇଥିଲି । ଛୋଟ ପିଲାବେଳେ ମାଧୋବୀ ଗଛର ସରୁ ପାହାରକୁ ଧରି ଆମ ଘରର କାନ୍ଥ / ପିଲରକୁ ବାଡାଇ ପାଠ ପଢାଇଲା ଭଳି କାର୍ଯ୍ୟ କରୁଥିଲି ।

"ତୁଳସୀ ଦୁଇପତ୍ରରୁ ବାସେ"

ଠିକ୍ ସେହିପରି ପିଲାଦିନର ମୋର କାର୍ଯ୍ୟଧାରା ମୋତେ ସମାଜରେ ଜଣେ ଅଧ୍ୟାପକ ଭାବରେ ପରିଚିତ କରାଇ ପାରିଅଛି । ଉଚ୍ଚ ପ୍ରାଥମିକ ଓ ହାଇସ୍କୁଲ ଶିକ୍ଷା ପରେ କଲେଜରେ  ଶିକ୍ଷା (ସମ୍ମାନ) ନେଇ ପାଠ ପଢୁଥିବା ସମୟରେ ପ୍ରାଟିକାଲ କ୍ଲାସ ହାଇସ୍କୁଲ ମାନଙ୍କର ନବମ/ଦଶମ ଶ୍ରେଣୀ ପିଲାମାନଙ୍କୁ ପ୍ରଦାନ କରୁଥିଲୁ । ସେହିଠାରୁ ମୋର କର୍ମକ୍ଷେତ୍ରର ଜୀବନ ଆରମ୍ଭ । ପରବର୍ତୀ ସମୟରେ କଲେଜରେ - ଓଡିଆ ଭାଷା ଓ ସାହିତ୍ୟର ବିଭିନ୍ନ ସେମିନାରରେ ସକ୍ରିୟ ଭାବରେ ଶ୍ରେଣୀ ପ୍ରତିନିଧି ଭାବରେ ଯୋଗଦାନ - ମୋର ସାହିତ୍ୟପ୍ରତି ଆଗ୍ରହ ଜନ୍ମାଇ ଦେଇଥିଲ ।

କାମାକ୍ଷାନଗର ବିଧାୟିକା ପ୍ରେମଲତା ମହାପାତ୍ର ଥାଆନ୍ତି ବାଜିରାଉତ କଲେଜ ଗଭନିଙ୍ଗ ବଡିର ସଭାପତି । ମୋ ବାପା ରାମଚନ୍ଦ୍ର ନାୟକ ଥାଆନ୍ତି - ଢେଙ୍କାନାଳ ସାଂସଦ ତଥାଗତ ଶତପଥୀଙ୍କ ନୋମିନୀ ବାଜିରାଉତ କଲେଜ ଗଭନିଙ୍ଗ ବଡିରେ । କଲେଜ ପ୍ରିନିସ୍ପାଲ - ଅଶୋକ ପ୍ରସନ୍ନ ଶରଣ ବରିଷ୍ଠ ଅଧ୍ୟାପକ ଦେବଦତ ମିଶ୍ର (ଇଂରାଜୀ), ଭୁବନ ବ୍ଲକ୍ ଚେୟାରମ୍ୟାନ୍ ଶତ୍ରୁଘନ ଜେନା ପ୍ରମୁଖ କଲେଜ କମିଟିର ସଦସ୍ୟ ଭାବରେ କଲେଜ ବିକାଶ କରିଥାନ୍ତି (୧୯୯୮-୨୦୦୦) ।

ପଥିକର କଲେଜ ଛାତ୍ର ସଂସଦ ନିର୍ବାଚନରେ ପ୍ରାର୍ଥୀ ନହୋଇ ମଧ୍ୟ ପ୍ରମୁଖ ନେତୃତ୍ୱ ନେଉଥାଏ, ପରବର୍ତୀ ସମୟରେ ଉତ୍କଳ ବିଶ୍ୱବିଦ୍ୟାଳୟର ଏମ୍.ଏ. (ଓଡିଆ) ପାସ୍‌କରି ବାଜିରାଉତ କଲେଜର ଓଡିଆ ଭାଷା ଓ ସାହିତ୍ୟ ବିଭାଗରେ ସମସ୍ତ ସେମିନାର, ଆଲୋଚନା ତଥା ଶିକ୍ଷାର୍ଥୀଙ୍କୁ ସେମିନାର ଟକ୍ ପ୍ରଦାନ କରିବାରେ ସକ୍ରିୟଥାଏ । ଏ କ୍ଷେତ୍ରରେ ମୋର ସମସ୍ତ ଅଧ୍ୟାପକ ଡକ୍ଟର କଳ୍ପତରୁ ସାହୁ, କୈଳାସ ଗୁରୁ, ଡକ୍ଟର ନୃସିଂହ ଚରଣ ମିଶ୍ର, ପାର୍ଥସାରଥୀ ସ୍ୱାଇଁ, ବାସୁଦେବ ସାହୁ ଅଧ୍ୟାପିକା ସଂଜଳି ପରିଡାଙ୍କର ପୂର୍ଣ୍ଣମାତ୍ରାରେ ସହଯୋଗ ଥାଏ ।

ପରବର୍ତୀ ପର୍ଯ୍ୟାୟରେ ବାପାଙ୍କ ସହିତ ସକ୍ରିୟ ରାଜନୀତିରେ ପ୍ରବେଶ କରି - ସାଂସଦ, ବିଧାୟକ ଓ ନଗରପାଳ ନିର୍ବାଚନରେ ପ୍ରମୁଖ ଭୂମିକା ନେଇଥିଲି । ମାତ୍ର ବିଧିରବିଧାନ ଥିଲା ଅନତ୍ର -

ପଥହରା ପଥିକ ସୁବାଷର ପଥରେ ହଠାତ୍ ପରିବର୍ତନ ଆସିଲା । ଓଡିଆ ଭାଷା ଓ ସାହିତ୍ୟରେ ଗବେଷଣା କରିବାପାଇଁ ପ୍ରସ୍ତୁତି ସହ ଉତ୍କଳ ବିଶ୍ୱବିଦ୍ୟାଳୟରୁ କୃତକାର୍ଯ୍ୟ ନହୋଇ ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ପ୍ରଫେସର ଡକ୍ଟର ଆଦିକନ୍ଦ ସାହୁଙ୍କ ତତ୍ୱାବଧାନରେ ଦୀର୍ଘ ଚାରିବର୍ଷ କାଳ "ଓଡିଆ ସାହିତ୍ୟକୁ ନନ୍ଦିନୀ ଶତପଥୀଙ୍କ ଅବଦାନ" ପ୍ରସଙ୍ଗରେ ଗବେଷଣା କରି ଡକ୍ଟରେଟ୍ (ପିଏଚ୍.ଡି.) ଉପାଧିପ୍ରାପ୍ତ ଓଡିଶାର ମହାମହିମ ରାଜ୍ୟପାଳଙ୍କଠାରୁ । ଏହାପରେ କର୍ମକ୍ଷେତ୍ରରେ ଏକ ବୈପ୍ଲବିକ ପରିବର୍ତନ ଆସିଗଲା । ମନରେ ସ୍ୱପ୍ନହେଲା ଜଣେ ପ୍ରତିଷ୍ଠିତ ବ୍ୟକ୍ତି ଭାବରେ ସମାଜରେ ଜୀବନ ବଚାଂଇବା ପାଇଁ

ରାଜନୀତି ଓ ସାହିତ୍ୟର କାଳଚକ୍ରକୁ ଏକ ସୁଯୋଗ ଆଣିଦେଲା - ବାପାଙ୍କ ସାଙ୍ଗ ଭୁବନର ରାଧାଶ୍ୟାମ ସାର୍‌ଙ୍କ ସାନଶଳା ଢେଙ୍କାନାଳର ଜ୍ଞାନେନ୍ଦ୍ର କୁମାର ସାହୁ (ମିଟୁ ମାମୁଁ)ଙ୍କ ବିଦ୍ୟାର୍ଥୀ ରେସିଡେଟାଂଲ କଲେଜ, ଭୁବନ ବାଜିରାଉତ କଲେଜର - ଅବସରପ୍ରାପ୍ତ ପ୍ରିନିସ୍‌ପାଲ୍ ଦେବଦତ ମିଶ୍ର - ସେହି ବିଦ୍ୟାର୍ଥୀ କଲେଜର ପ୍ରିନିସ୍‌ପାଲ୍ ଥାଆନ୍ତି । ସେଠାରେ ମୋତେ ଓଡିଆ ଭାଷା ଓ ସାହିତ୍ୟର +୨ ବିଜ୍ଞାନ ଶ୍ରେଣୀ ପାଇଁ ସ୍ଥାୟୀ ଭାବରେ ଅଧ୍ୟାପକ ନିଯୁକ୍ତି ପ୍ରଦାନ କରାଗଲା - ୧୭ ଡିସେମ୍ବର ୨୦୧୪ ମସିହାରେ । ପରବର୍ତୀ ମୁହୂର୍ତରେ

ପ୍ରିନିସ୍‌ପାଲ୍ ସୁନୀଲ କୁମାର ମହାନ୍ତି, ଆର୍ଟି ଅଧ୍ୟାପକ ମନୋରଞ୍ଜନ ମିଶ୍ର, ଫିଜିକ୍ସ ଅଧ୍ୟାପକ ତ୍ରିଲୋଚନ ପ୍ରଧାନ, ସର୍ବୋପରି କଲେଜର ସମସ୍ତ ଷ୍ଟାପଙ୍କ ସହ ବ୍ୟକ୍ତିଗତ ସମ୍ପର୍କ ବଢ଼ିବା ସହ ଶିକ୍ଷାର୍ଥୀମାନଙ୍କ ସହ ଭାବର ଆଦାନପ୍ରଦାନ ଏବଂ କଲେଜର କିଛି ପ୍ରଶାସନିକ କାର୍ଯ୍ୟ ହାତକୁ ନେଇ ଯେପରିକି +୨ କାଉନସିଲ୍ ପରୀକ୍ଷା ସମ୍ବନ୍ଧୀୟ ତଥା ଅନ୍ୟାନ୍ୟ କାର୍ଯ୍ୟାଭାର । କଲେଜରେ ପାଖାପାଖି ଦୁଇବର୍ଷ କାଳ କର୍ମକ୍ଷେତ୍ର ଜୀବନ ଭିତରେ ଗୋଟାଏ ବଡ ପରିବର୍ତ୍ତନ ଘଟିଲା ।

ବିଧିର ବିଧାନ କେ କରିବ ଆନ -

ଜନ୍ମ, ଶିକ୍ଷା, କର୍ମ ପରେ ବାପା ମା' ମୋତେ ବିବାହ କରାଇଥିଲେ ଐତିହାସିକ କଟକ ସହରର ଚାଉଳିଆଗଞ୍ଜ ନିବାସୀ ସୁରେନ୍ଦ୍ର ସାହୁଙ୍କର ମଧ୍ୟମ କନ୍ୟା ତୁଳସୀ ସାହୁ (ଟିକି) ସହିତ ୧୨ ଜୁନ୍ ୨୦୧୫ ମସିହାରେ । ତୁଳସୀ ଥିଲା ଜଣେ ସାଧାସିଧା ସରଳ ଓ ଆତ୍ମୀୟିକ ଝିଅ - ସେ କଟକ, ଦରଗା ବଜାର ସ୍ଥିତ କୁସୁମଦେବୀ ମହିଳା କଲେଜରୁ ବିଏ ପାସ୍‌କରି - କଟକର ପଣ୍ଡା କ୍ୟାନ୍‌ସର କ୍ୟୁରେ ଆକାଉଟଂ ସେକ୍ସରେ କାର୍ଯ୍ୟ କରୁଥିଲେ - ବିବାହ ପରେ ଘରର ବଡବୋହୂ ଭାବରେ ଶ୍ରୀରାମ ପରିବାରରେ ବାପା, ମା, ବିବାହିତା ନାନୀ ଜୟନ୍ତୀ ଘର ପରିବାର (ସୁଦୂର ଓଳକଣା କେନ୍ଦ୍ରାପଡା) ସର୍ବୋପରି ଦୁଇ ସାନଭାଇ ଆଡଭୋକେଟ୍ ପ୍ରକାଶ ଓ ଶିକ୍ଷକ ମାନସକୁ ନେଇ ପରିବାର ମଧ୍ୟରେ ଚାକିରୀ ଛାଡିଥିଲା । ମାତ୍ର ମୋର ପ୍ରେରଣାରେ ଜଣେ ଶିକ୍ଷା ବିଭାଗରେ କାର୍ଯ୍ୟ କରିବା ଲକ୍ଷ୍ୟନେଇ - ଉତ୍କଳ ବିଶ୍ୱବିଦ୍ୟାଳୟରୁ ଦୂର ନିରନ୍ତର ଶିକ୍ଷା (ଡିଡିସିଇ)ରୁ ଏମ୍.ଏ. (ଇଂରାଜୀ ସାହିତ୍ୟ)ରେ ସଫଳତାର ସହ ପାସ୍ କରିଲେ ।

ଅଧିନ ପଥିକ - ଏ ସମୟରେ ଜଣେ ଅଧ୍ୟାପକ ଜୀବନ ସହ ସାହିତ୍ୟିକ ଓ ଗବେଷଣାର ଜୀବନ ଆରମ୍ଭ କରିଦେଇଥିଲା । ମୋ ସାର୍ ପ୍ରଫେସର ଆଦିକନ୍ଦ ସାହୁଙ୍କ ନିର୍ଦ୍ଦେଶରେ - ମୁଁ ଓଡିଶାର ଶତାୟୁ ସାରସ୍ୱତ ଅନୁଷ୍ଠାନ ଉତ୍କଳ ସାହିତ୍ୟ ସମାଜ ଓ ଓଡିଆ ଗବେଷଣା ପରିଷଦର ଆଜୀବନ ସଦସ୍ୟ ରହି କର୍ମକ୍ଷେତ୍ରକୁ ଅଧିକ ତ୍ୱରାନ୍ୱିତ କରିପାରିଥିଲି । ମୋର ଅନେକ ଲେଖା ଓଡିଶାର ପତ୍ର ଓ ପତ୍ରିକାରେ ପ୍ରକାଶିତ ହେବାସହ ଢେଙ୍କାନାଳ

ଜିଲ୍ଲା ସଂସ୍କୃତ ପରିଷଦର ସକ୍ରିୟ ସଦସ୍ୟ ଭାବରେ ମହୋତ୍ସବ ସ୍ମରଣୀକା କମିଟି ଅବା କବି ସମ୍ମିଳନୀ କମିଟିରେ ସ୍ଥାନନେଇ ସାରସ୍ୱତ ପାଇଁ ଅନେକ କାର୍ଯ୍ୟ କରିବାର ସୁଯୋଗ ପାଇଥିଲି - ଢେଙ୍କାନାଳର ବିଦ୍ୟାର୍ଥୀ କଲେଜରେ ଅଧ୍ୟାପକ ଥିବା ସମୟରେ ।

ସଂସାରରେ ସୁଖ ପରେ ଦୁଃଖ ଥାଏ, ପଥିକ ସୁବାଷ ସେଥିରୁ ବାଦ୍ ବା ପଡନ୍ତା କିପରି । ମୋର ଧର୍ମପତ୍ନୀ ତୁଳସୀର ପ୍ରଥମ ଗର୍ଭକୁ ଏକ ସାତ ମାସର ସନ୍ତାନ ନଷ୍ଟ ହୋଇଯିବା ଫଳରେ ସେ ଭାରସାମ୍ୟ ହରାଇବାର ଆଶଙ୍କା ଥିବାରୁ ଡାକ୍ତରଙ୍କ ପରାମର୍ଶ କ୍ରମେ ମୁଁ ପାଖାପାଖି ଦୁଇମାସ ତାଙ୍କ ପାଖରେ ଆମ ଭୁବନ ଘରେ ରହିଲି ଓ ବିଦ୍ୟାର୍ଥୀ କଲେଜ, ଢେଙ୍କାନାଳ ଛାଡିଲି ।

ଶ୍ୱଶୁର ଘର ପରବାରର ସମସ୍ତ ସଦସ୍ୟ ଏକ ପିକ୍‌ନିକ୍ ପୁରୀ ଶ୍ରୀ ଜଗନ୍ନାଥ, କାକଟପୁର ମା' ମଙ୍ଗଳା ଓ ବିଶ୍ୱପ୍ରସିଦ୍ଧ କୋଣାର୍କ ମନ୍ଦିର ପରିଦର୍ଶନ ପରେ ମୋର କର୍ମକ୍ଷେତ୍ରରେ ଏକ ବୈପ୍ଲବିକ ପରିବର୍ତ୍ତନ ଘଟିଲା ।

ଓଡିଶାର ଲବ୍ଧ ପ୍ରତିଷ୍ଠିତ ଟେଟ୍ରାହେଡନ କଲେଜ, କଟକ (ଟାଙ୍ଗୀ)ରେ ମୁଁ ଓଡିଆ ଭାଷା ଓ ସାହିତ୍ୟର ଅଧ୍ୟାପକ ଭାବରେ ଯୋଗଦେଲି । କଲେଜର ପ୍ରତିଷ୍ଠାତା ଚେୟାରମ୍ୟାନ ଅଧ୍ୟାପକ ତ୍ରିଦେବ ବେହେରାଙ୍କ ନେତୃତ୍ୱର କାର୍ଯ୍ୟ କରିବାର ସୁଯୋଗ ମଧ୍ୟରେ - ତାଙ୍କ ଟେଟ୍ରାହେଡନ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚୁସନର ନବକରୋବଳ ହୋଇ - ତ୍ରିଦେବ ଡିଗ୍ରି କଲେଜ (+୩ ବିଜ୍ଞାନ), +୨ ଟେଟ୍ରାହେଡନ ମହିଳା କଲେଜ ସର୍ବୋପରି ଟେଟ୍ରାହେଡନ ମେଡିକାଲ କୋଚିଙ୍ଗ୍ ସେଟଂର (+୨ ଓ +୨ ବିଜ୍ଞାନ ପାସ୍ ପରେ) ।

ମୋର ଜୀବନରେ ଦୁଇଟା ପରିବର୍ତ୍ତନ ଘଟିଲା - ମୁଁ ଏକ କନ୍ୟା ସନ୍ତାନ ତେଜସ୍ୱିନୀ (ଲକି)ର ବାପା ହେଲି ଓ ତ୍ରିଦେବ ଡିଗ୍ରି କଲେଜର ପ୍ରତିଷ୍ଠାତା ଭାଇସ୍ ପ୍ରିନିସ୍‌ପାଲ୍ ଓ ଓଡିଆ ଭାଷା ସାହିତ୍ୟର ଆସିଷ୍ଟାଟଂ ପ୍ରଫେସର ପଦବୀରେ (ଉତ୍କଳ ବିଶ୍ୱବିଦ୍ୟାଳୟ) ଅଧିନରେ କାର୍ଯ୍ୟ କରିଲି । କଲେଜର ପ୍ରିନିସ୍‌ପାଲ୍ ଡକ୍ଟର ଧନଞ୍ଜୟ ସାହୁ କଲେଜ ପ୍ରତିଷ୍ଠାର ପ୍ରାରମ୍ଭରେ ଏକ ଗାଡ଼ି ଦୁର୍ଘଟଣାର ସମ୍ମୁଖୀନ ହେବାରୁ - ମୋତେ ପ୍ରିନିସ୍‌ପାଲ୍ ଭାବରେ ଛଅମାସ କାର୍ଯ୍ୟ କରିବା ସହ ପ୍ରଶାସନିକ ଅଭିଜ୍ଞତା ଆସିଗଲା ।

ଏହି ସମୟରେ ମୁଁ ମୋର ସାହିତ୍ୟର ବିକାଶ ପାଇଁ ୟୁଜିସି ଅନୁମୋଦିତ ସାରସ୍ୱତ ପତ୍ରିକା "ରକପେବୁଲ" ଓ ଓଡିଆ ସାରସ୍ୱତ ପତ୍ରିକା "ଜନସୁଧା"ର ଆଜୀବନ ସଦସ୍ୟ ହେବାସହ କାଦମ୍ବିନୀ ଜାତୀୟ ଲେଖକ ସମ୍ମିଳନୀ କେନ୍ଦ୍ର ସାହିତ୍ୟ ଏକାଡେମୀ, ଓଡିଶା ସାହିତ୍ୟ ଏକାଡେମୀ, ଶାସ୍ତ୍ରୀୟ ଓଡିଆ ଭାଷା - ଜାତୀୟ ସେମିନାର ଆଦି ଅନେକ ସାହିତ୍ୟ ଅନୁଷ୍ଠାନ ସହିତ ମୋର କର୍ମକ୍ଷେତ୍ରକୁ ସଂଯୋଗ କରିଲି ।

ସାହିତ୍ୟ ଓ ଗବେଷଣା କ୍ଷେତ୍ରରେ ମୋର ତେରଗୋଟି ଗବେଷଣା ପତ୍ର ବିଭିନ୍ନ ଜାତୀୟ ଓ ଆନ୍ତର୍ଜାତୀୟ ପତ୍ରିକାରେ ପ୍ରକାଶିତ ହୋଇ ପାଠକୀୟ ଆବୃତ ଲାଭକରି ସାରସ୍ୱତ ଜୀବନର କର୍ମକ୍ଷେତ୍ରରେ ଅଗ୍ରସର ହୋଇପାରିଅଛି ।

ପୂର୍ବରୁ ଦରଖାସ୍ତରେ ଥିବା ମୋର ଉଚ୍ଚତର ଗବେଷଣା ପୋଷ୍ଟ ଡକ୍ଟରାଲ (ଡକ୍ଟର ଅଫ୍ ଲିଟରେଚର) - ଡି.ଲିଟ୍ ଉତ୍କଳ ବିଶ୍ୱବିଦ୍ୟାଳୟ । ଓଡିଆ ସାହିତ୍ୟର କାଳଜୟୀ ସାଧକ - କାଳିନ୍ଦୀଚରଣ ମୋର ଗବେଷଣାର ବିଷୟବସ୍ତୁ ଥିଲା ୨୦୧୩ ମସିହାର ୟୁଜିସି ନିୟମାନୁଯାୟୀ - ଡକ୍ଟରେଟ୍ (ପିଏଚ୍.ଡି) ପରେ ପାଚଂଗୋଟି ରିସର୍ଚ୍ଚ ପେପର (ଓଝଝଘ/ଓଝଇଘ) ଜର୍ଣ୍ଣାଲରେ ପ୍ରକାଶିତ ହୋଇଥିବ ଓ ତନ୍ମଧ୍ୟରୁ ତିନିଗୋଟି ସମ୍ପୃକ୍ତ ଗବେଷଣା ସମ୍ବନ୍ଧୀତ ହୋଇଥିବା ଆବଶ୍ୟକ । ଉତ୍କଳ ବିଶ୍ୱବିଦ୍ୟାଳୟ ଓଡିଆ ଭାଷା ଓ ସାହିତ୍ୟ ବିଭାଗରେ ସ୍ୱତତ୍ୱବଧାରକ ଗବେଷଣା ପାଇଁ ଆବଶ୍ୟକୀୟ ଅର୍ଥରାଶି ନେଇ ବିଭାଗୀୟ ସ୍ୱୀକୃତି ଦେଇଛନ୍ତି । ପରବର୍ତୀ ପର୍ଯ୍ୟାୟରେ ମୁଁ ମୋର ଗବେଷଣା ପତ୍ର - ବିଷୟକ ରିସର୍ଚ୍ଚ କମିଟି (ଝଜଉ) ବିଭାଗୀୟ ବୈଠକରେ ସାକ୍ଷାତକାର ଦେଇ - ଝଜଉଙ୍କ ପରାମର୍ଶକ୍ରମେ - "ଓଡିଆ ସାହିତ୍ୟର କବି କାଳିନ୍ଦୀଚରଣ ପାଣିଗ୍ରାହୀ ଓ ଗୁଜୁରାଟୀ ସାହିତ୍ୟର କବି ନରେନ୍ଦ୍ର ମୋଦିଙ୍କ କାବ୍ୟଜଗତ - ଏକ ଅଧ୍ୟୟନ" ସଂଶୋଧିତ ସିନେପ୍‌ସିସ୍ ସହ ଆବଶ୍ୟକୀୟ କାଗଜାତ ରିସର୍ଚ୍ଚ ପେପର ପ୍ରଦାନ କରିଛି । ତାହା ବର୍ତମାନ କୁଳପତିଙ୍କ ନେତୃତ୍ୱାଧିନ ବିଶ୍ୱବିଦ୍ୟାଳୟ ରିସର୍ଚ୍ଚ କମିଟି (ଟଜଉ)ର ସକ୍ରିୟ ବିଚାରଧିନ ।

ତେଲଲୁଣର ସଂସାର ମଧ୍ୟରେ ମୋ ଶ୍ରୀରାମ ପରିବାର - ବାପା, ମା, ପତ୍ନୀ, କନ୍ୟା, ଭାଇ, ଭାଇବୋହୂ, ପୁତୁରା, ଭାଣିଜୀଙ୍କ ନିକଟରେ ସମୟ ବିତିଯାଏ ତିନିବର୍ଷର କନ୍ୟାରତ୍ନା ତେଜସ୍ୱିନୀ (ଲକି)ର ବାବା ବାବା ଡାକରେ । ମୁଁ କିନ୍ତୁ ଅଧ୍ୟାପକତ୍ୱର ସାହିତ୍ୟିକ ଓ ଗବେଷକ ଜୀବନକୁ ଭୁଲିପାରି ନାହିଁ ।

ମୋ ଜୀବନରେ ପରିବର୍ତ୍ତନ ଘଟେ - ବିଶ୍ୱକବି ସମ୍ମିଳନୀରେ ଜଣେ କବି ଭାବରେ ଯୋଗଦାନ ଓ ମାନପତ୍ରପ୍ରାପ୍ତ । ୩୯ତମ ବିଶ୍ୱ ଏକାଡେମୀ କଳା ଓ ସାହିତ୍ୟ ଆନୁକୂଲ୍ୟାରେ - ଭାରତର ଆମ ପ୍ରଦେଶ ଓଡିଶାର ଭୁବନେଶ୍ୱର କିଟ୍ ବିଶ୍ୱବିଦ୍ୟାଳୟରେ । ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ଧନ୍ୟବାଦର ପାତ୍ର - ୬୭ଟି ଦେଶର ୧୫୦୦ରୁ ଉର୍ଦ୍ଧ୍ୱ କବି/କବୟତ୍ରୀ ମାନଙ୍କ ଗ୍ରହଣରେ (ଆମ ଭାରତ ରାଷ୍ଟ୍ରର ବିଭିନ୍ନ ପ୍ରଦେଶର ନିମନ୍ତ୍ରିତ ତଥା ଆମ ପ୍ରଦେଶ ଓଡିଶାର ଅନେକ କବି ଓ କବୟତ୍ରୀ) ୨-୬ ଅକ୍ଟୋବର ୨୦୧୯ ମସିହାରେ । ପୁରୀ, କୋଣାର୍କ ଓ ଭୁବନେଶ୍ୱରରେ ଆନ୍ତର୍ଜାତୀୟ କବି ସଂପାନରେ ଯୋଗଦାନ ମୋ ଜୀବନର ଅଭୁଲା ସ୍ମୃତି ହୋଇ ରହିବ । ଆମେରିକା, ଇଂଲଣ୍ଡ, ଜର୍ମାନୀ, ଫ୍ରାନ୍ସ, ଚୀନ୍, ଆର୍ଜେଟିଂନା ଅନେକ ବିଦେଶୀ ରାଷ୍ଟ୍ରର କବି/କବୟତ୍ରୀ ମାନଙ୍କର ଏହି ମହାକୁମ୍ଭ ମେଳା ମୋତେ ଆନନ୍ଦିତ କରିଅଛି ।

କର୍ମକ୍ଷେତ୍ରରେ ପଥହରା ପଥିକ ସୁବାଷର ଅନ୍ୟ କେତେଗୋଟି ସାରସ୍ୱତ ଅନୁଷ୍ଠାନରେ ସକ୍ରିୟ ସହଯୋଗ - ନିଖିଳ ଭାରତ ଓଡିଆ ଅଧ୍ୟାପକ ସମ୍ମିଳନୀ, ଓଡିଶାର ଆଜୀବନ ସଦସ୍ୟ ସହ କଟକର ଜାତୀୟ କବି ବୀରକିଶୋର (ଜେକେବିକେ) ସରକାରୀ କଲେଜରେ ଜାତୀୟ ସଂପାନରେ ଅଂଶଗ୍ରହଣ, ଜଣେ ଅଧ୍ୟାପକ (ଭାଷା ଓ ସାହିତ୍ୟର) ଗ୍ରହଣରେ ଭାବ ଓ ଭାଷାର ଆଦାନପ୍ରଦାନ ।

ଇଂରାଜୀ ସାରସ୍ୱତ ୟୁଜିସି ଅନୁମୋଦିତ ପତ୍ରିକା "ରକ୍‌ପେବୁଲ୍"ର ଆଜୀବନ ସହଯୋଗୀ ସଭ୍ୟ ଭାବରେ ଯାଜପୁରର ବ୍ୟାସନଗର କଲେଜ ଅବା ଭୁବନେଶ୍ୱରର ଏକ୍ରାମ କଲେଜରେ ଜାତୀୟ ସଂପାନରେ ସକ୍ରିୟ ଅଂଶଗ୍ରହଣ ସହ ପ୍ରବନ୍ଧ ପାଠସହ ସାରସ୍ୱତ ମାନପତ୍ର ପ୍ରାପ୍ତ ମୋ କର୍ମକ୍ଷେତ୍ରରେ ଥିଲା ଏକ ଏକ ମାଇଲିଖୁଟିଂ ।

ପଥିକ ଜୀବନର ଅନ୍ୟଏକ ବରିଷ୍ଠ କର୍ମକ୍ଷେତ୍ର ଥିଲା - ଅଖିଳ ଭାରତୀୟ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ଶିକ୍ଷକ ମହାସଂଘ (ଆଇଫୁଟୋ)ର ଜଣେ ସକ୍ରିୟ ସଦସ୍ୟ ଭାବରେ ଦ୍ୱିବାର୍ଷିକ ସାମ୍ବାଧାନିକ ବୈଠକରେ ଯୋଗଦାନ ଓଡିଶାର - ଭୁବନେଶ୍ୱରସ୍ଥ ଏକ୍ରାମ କଲେଜରେ ଅନୁଷ୍ଠିତ । ଜାତୀୟ ଶିକ୍ଷାନୀତି ଉପରେ ଆଧାରିତ ବିଷୟବସ୍ତୁ ରୂପକ ସଂପାନରେ ମୋର ସାରଗର୍ଭକ ସନ୍ଦର୍ଭ ଉପସ୍ଥାପନା ସହ ସାରସ୍ୱତ ମାନପତ୍ର ପ୍ରାପ୍ତ ।

ତତ୍‌ସହିତ ଶିକ୍ଷକ ମହାସଂଗଠନର ସାଧାରଣ ସଂପାଦକ ପ୍ରଫେସର ଅରୁଣ କୁମାରଙ୍କୁ ମୋର ଦାବି ପତ୍ର - ଯାହାକି ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ସେକ୍ରେଟାରୀଙ୍କୁ ପ୍ରେରଣ ପୂର୍ବକ ବିଧି କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିଶ ପତ୍ର ଦାବିପତ୍ରର ବିଷୟବସ୍ତୁ ଥିଲା - ୟୁଜିସି ନିୟମ - ୫୫% ପିଜିରେ ମାର୍କ ଅଧ୍ୟାପକ ପଦବୀ ନିମନ୍ତେ - ଏସ୍.ସି ଓ ଏସ୍.ଟି ତଥା ଓବିସି ପ୍ରାର୍ଥୀଙ୍କ ପିଜିରେ ୫୦% ମାର୍କ ହେଲେ ୟୁଜିସି ନେଟ୍ ପରୀକ୍ଷା ପାଇଁ ଯୋଗ୍ୟହେବ, ନାରୀଶିକ୍ଷାର ପ୍ରଗତି ପାଇଁ ଜାତୀୟ ଶିକ୍ଷାନୀତିରେ ମୋର ଏ ପ୍ରସ୍ତାବ ସ୍ଥାନୀତ ଥିଲା । ଭାରତ ସରକାରଙ୍କ ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ମୋତେ ଏକ ପତ୍ରଲେଖି ଅବଗତ କରାଇଥିଲେ, ମାତ୍ର ତାହା କାର୍ଯ୍ୟକରି ହୋଇ ପାରିନାହିଁ । ମୋର ଦାବିଟି ମହିଳାମାନଙ୍କୁ (ନାରୀଶିକ୍ଷାର ପ୍ରସାର ପାଇଁ) ପିଜିରେ ୫୦% ମାର୍କ ପାଇଁ ୟୁଜିସି ଅନୁମତି ଦିଅନ୍ତି । ଏ ସଂପର୍କରେ କେନ୍ଦ୍ରୀୟ ସୂଚନା କମିଶନଙ୍କ ପାଖରେ ମୋର ଏକ କେସ୍‌ଟି ସକ୍ରିୟ ବିଚାରାଧିନ ରହିଅଛି ।

କର୍ମକ୍ଷେତ୍ରରେ ସବୁଠାରୁ ବଡ ପରିବର୍ତ୍ତନ - ମୋ କର୍ମମୟ ଜୀବନର ମାଲିକ/ ଟେଟ୍ରାହେଡନ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍‌ରେ ଚେୟାରମ୍ୟାନ ଅଧ୍ୟାପକ ତ୍ରିଦେବ ବେହେରାଙ୍କର ଖୁବ୍ ସ୍ୱଳ୍ପ ସମୟ ମଧ୍ୟରେ ମୋର ଉପରେ ଆସ୍ଥା ଓ ବିଶ୍ୱାସ । ୧୬୦୦ ଶିକ୍ଷାର୍ଥୀ ତଥା ତାଙ୍କ ଅଭିଭାବକ ସର୍ବୋପରି ଶିକ୍ଷକ ଓ ଅଣଶିକ୍ଷକ ମଣ୍ଡଳୀ ମଧ୍ୟରେ ମୋର ବ୍ୟକ୍ତିଗତ ସୁସମ୍ପର୍କ ମୋତେ ସେଠାରେ ଜଣେ ଦୃଢ ପ୍ରଶାସକ ଭାବରେ ସ୍ଥାପିତ କରିପାରିଅଛି । ଦୀର୍ଘ ଚାରିବର୍ଷ ଧରି ସେଠାକାର ଚାକିରୀ ଜୀବନ ମଧ୍ୟରେ ଅନେକ ଘାତ ଓ ପ୍ରତିଘାତ ମଧ୍ୟରେ ମୋର କର୍ମକ୍ଷେତ୍ରରେ ଅନେକ ଅସମାହିତ ପ୍ରଶ୍ନକୁ ମୁଁ ସୂଚାର ରୂପେ ସମାଧାନ କରିବାରେ ସକ୍ଷମ ହୋଇପାରିଅଛି ।

ବିଶ୍ୱ ମହାମାରୀ କରୋନା ପାଇଁ ଭାରତ ସରକାର ମାର୍ଚ୍ଚ ମାସ ୨୨ ତାରିଖ ୨୦୨୦ ରିଖରୁ ଲକ୍‌ଡାଉନ୍ କରିଥିବାରୁ ମୁଁ କଲେଜକୁ ଯାଇପାରୁନାହିଁ ମାତ୍ର ମୋର ଘରେ ଶ୍ରୀରାମ ନିବାସ, ଭୁବନ ଟାଉନରେ ଦୈନନ୍ଦିନ ଭାବରେ ସାହିତ୍ୟ ରଚନା ମୋର କର୍ମକ୍ଷେତ୍ରକୁ ଏକ ଉଚ୍ଚିତ ସ୍ଥାନରେ ଅବସ୍ଥାପିତ କରିପାରିବ ଏଥିରେ ତିଳେମାତ୍ର ଅବକାଶ ନାହିଁ ।

# ଧର୍ମପତ୍ନୀ

"ବିବାହ ସ୍ୱର୍ଗରେ ତିଆରି ହୋଇଥାଏ"

ବିଧିନିୟନ୍ତାର ମାନବ ଜୀବନର କର୍ମକୁଣ୍ଡଳୀ ଲେଖନୀରେ ଜନ୍ମ, ଶିକ୍ଷା, କର୍ମ ତିନୋଟି ପର୍ଯ୍ୟାୟ ପରେ ଚତୁର୍ଥ ପର୍ଯ୍ୟାୟରେ ବିବାହ କର୍ମ ସଂପାଦିତ ହୋଇଥାଏ । ଦୁଇଟି ମଣିଷ ଜଣେ ନର ଆଉ ଜଣେ ନାରୀର ମନ ଓ ଶରୀରର ମିଳନରେ ଏ ସଂସାର ଆତଯାତ । ନରକୁ ପତି ଓ ନାରୀକୁ ପତ୍ନୀ ବୋଲି ଆମ ସମାଜ ଆଖ୍ୟା ଦେଇଥାଏ, ଧର୍ମ ଭାବନାନୁଯାୟୀ ଆମେ ପତ୍ନୀଙ୍କୁ ବରଣ କରିଥିବାରୁ ତାଙ୍କର ଅନ୍ୟନାମ ଧର୍ମପତ୍ନୀ । ପତି ଓ ପତ୍ନୀ ଗୋଟିଏ ମୁଦ୍ରାର ଦୁଇପାର୍ଶ୍ୱ ସଦୃଶ । ଦୁହେଁ ଦୁହିଁଙ୍କର ଶୁଭକାମନା ନେଇ ସଂସାର ରଥକୁ ଅଗ୍ରସର କରିଥାନ୍ତି ।

ଏ ପଥହରା ପଥିକ ସୁବାଷ ସେଥିରୁ ବାଦ୍ ପଡନ୍ତା କିପରି । ଆମ ଜ୍ଞାନ ସାରରେ - ଏସିଆ ମହାଦେଶର ସର୍ବବୃହତ ଗ୍ରାମ ଭୁବନ, ବର୍ତମାନ ୧୯୭୨ ମସିହାରୁ ଓଡିଶା ସରକାର ଭୁବନକୁ ସହରର ମର୍ଯ୍ୟାଦା ପ୍ରଦାନ କରିଛନ୍ତି । ଭୁବନର ଜନସଂଖ୍ୟା ପଚାଶ ହଜାର ଏଠିକାର ଅଧିକାଂଶ ଜନ ଅଧିବାସୀ କାପୁଡିଆ ସମାଜ ପାଟକର । ସେହି ସମାଜର ନାୟକ ବଂଶଲତାର ଦାୟଦ ଶିଳ୍ପୀ ରାମଚନ୍ଦ୍ର ନାୟକଙ୍କର ଚାରିଗୋଟି ସନ୍ତାନ ସନ୍ତତି । ବଡଝିଅ ଜୟନ୍ତୀ ଜଣେ ଲେଖିକା, କେନ୍ଦ୍ରାପଡା - ଓଳକଣୀ ନିବାସୀ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ନନ୍ଦକିଶୋର ଲେଙ୍କାଙ୍କ ମଧ୍ୟମ ପୁତ୍ର ଟ୍ରାନ୍ସପୋର୍ଟର/ସାମ୍ବାଦିକ ମହେନ୍ଦ୍ର କୁମାର ଲେଙ୍କାଙ୍କ ଧର୍ମପତ୍ନୀ ଦୁଇଗୋଟି କନ୍ୟାରତ୍ନ - ରାଜେଶ୍ୱରୀ (ଲିସା) ଓ ବ୍ରଜେଶ୍ୱରୀ (ଈଶା) । ପଥିକ ସୁବାଷ ବଡପୁଅ । ଓଡିଆ ସାହିତ୍ୟର ଅଧ୍ୟାପକ । ଶିକ୍ଷା - ଏମ୍.ଏ., ପିଏଚ୍.ଡି. - ବେସରକାରୀ କଲେଜରେ ଚାକିରୀ । ମଧ୍ୟମ ପୁତ୍ର ପ୍ରକାଶ - ଆଡଭୋକେଟ୍ - ଭୁବନ ଜେ.ଏମ୍.ଏଫ୍.ସି. କୋର୍ଟରେ କାର୍ଯ୍ୟରତ କନିଷ୍ଠ ପୁତ୍ର - ମାନସ, ଜଣେ ସରକାରୀ ଶିକ୍ଷକ ତଥା ଉଚ୍ଚ ଡିଗ୍ରିଧାରୀ - ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲେଖକୀୟ କୃତିରେ ଗବେଷଣା କରି ଡକ୍ଟରେଟ୍ (ପିଏଚ୍.ଡି.) ପ୍ରାପ୍ତ ।

ବାପା ରାମଚନ୍ଦ୍ର ଓ ମା' ଭାରତୀ ଦେବୀ ଚାରିଗୋଟି ପିଲାଙ୍କୁ ଉପଯୁକ୍ତ ଜନ୍ମପରେ - ଶିକ୍ଷା, କର୍ମ ଓ ବିବାହ କାର୍ଯ୍ୟ କରିପାରିଛନ୍ତି । ତଦ୍‌ସହିତ ପିଲାମାନଙ୍କୁ ଶୃଙ୍ଖଳା ଓ

ସ୍ୱାଭିମାନ ଭାବରେ ଗଢ଼ି ତୋଳିଛନ୍ତି । ମାନବ ସେବା ମାଧବ ସେବାକୁ ଜୀବନର ମନ୍ତ୍ର ଭାବରେ ଉପଦେଶ ଦେଇଛନ୍ତି ।

ନିୟତି ନିର୍ଦ୍ଦେଶ ତଥା ବାପା-ମାଙ୍କ ଆଶୀର୍ବାଦ କ୍ରମେ ବାପା ରାମଚନ୍ଦ୍ର ନିଜର ପାଚଂଜଣ ଭାଇ ଓ ଭଉଣୀ, ତାଙ୍କ ଦାଦାଙ୍କ ଦୁଇ ଭାଇ ଦୁଇ ଭଉଣୀଙ୍କ ପରିବାର ସମଗ୍ରରେ ନିଜ ପରିବାରକୁ ପ୍ରତିଷ୍ଠିତ କରାଇପାରିଛନ୍ତି ।

ପଥହରା ପଥିକ ସୁବାଷ ଉଚ୍ଚଶିକ୍ଷା (ଏମ୍.ଏ.) ଲାଭକରି - ବାପା ରାମଚନ୍ଦ୍ରଙ୍କର ଦୁଇଗୋଟି ସୃଷ୍ଟି - ଶିଳ୍ପୀ ଓ ରାଜନୀତିକୁ ଜୀବନର ପାଥେୟ କରିଥିଲା । ବାପାଙ୍କ ଶିଳ୍ପୀ ନିପୁଣତାକୁ ଆୟୁଧ କରି ଜଣେ ସୃଜନଶୀଳ ସାହିତ୍ୟିକ ସହ ବାପା ଜଣେ ରାଜନେତା । ଢେଙ୍କାନାଳ ଜିଲ୍ଲା ବିଜେପି ଜିଲ୍ଲା ଉପସଭାପତି ତଥା ଢେଙ୍କାନାଳ ସାଂସଦଙ୍କ ନୋମିନୀ ଭାବରେ କାର୍ଯ୍ୟକୁ ଆୟୁଧ କରି - ବିଜେପି ଯୁବଗୋଷ୍ଠୀର ବିଭିନ୍ନ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରି ସାଂସଦ, ବିଧାୟକ ଅବା ନଗରପାଳ ନିର୍ବାଚନରେ ସକ୍ରିୟ ଅଂଶଗ୍ରହଣ କରିଥିଲା ।

ନିଜର ବଡନାନୀ ଜୟନ୍ତୀ ୨୦୦୩ ମସିହାରେ ବିବାହ କାର୍ଯ୍ୟ ସରିବାପରେ ଦୀର୍ଘ ୧୨ ବର୍ଷ ପରେ ପଥହରା ପଥିକ ସୁବାଷର ବିବାହ କର୍ମ ସଂପାଦନ ହୋଇଥିଲା । ତା' ପୂର୍ବରୁ ସେ ୨୦୧୧ ମସିହାରେ ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ଡକ୍ଟରେଟ୍ (ପିଏଚ୍.ଡି.) ଉପାଧି ସହ ବିଦ୍ୟାର୍ଥୀ କଲେଜ, ଢେଙ୍କାନାଳର ସ୍ଥାୟୀ ଓଡିଆ ଅଧ୍ୟାପକ ଭାବରେ ଯୋଗଦାନ

ଘର ବୋଲି ବାପା ରାମଚନ୍ଦ୍ରଙ୍କ ନିଜସ୍ୱ ଏକଗୁଣ୍ଠ ଜାଗାରେ ନିର୍ମିତ ୫୦ ବର୍ଷର ଟାଇଲ ଛପର ଘର, ସେଥିରେ ଏକ କୂପ (ପାଣିର ସୁବିଧା) ସହ ପାଚଂ ବଖରା ଘର, ଡ୍ରଇଁଙ୍ଗ, ଡାଇନିଙ୍ଗ ସହ କିଚେନ୍ ରୁମ୍ ତା' ସାଙ୍ଗକୁ ବାର୍ଥ, ଲାଟ୍ରିନ୍ ସ୍ଥାୟୀ ଘରଟିଏ । ଏତଦ୍‌ବାଦ ଭୁବନ ସହରର ମୁଖଶାଳା କାଳୀବଜାର ସନିକଟ୍ ଶ୍ରୀରାମ ଫାର୍ମ ହାଉସ୍ ୩୦ଗୁଣ୍ଠ ପରିମିତ ଚାଷ ଜମିରେ ବିଜୁ କୃଷକ ଯୋଜନାର ଡିପ୍ ବୋରୱେଲ (୩୪୦ ଫୁଟର) ଗଭୀର ସହ ବିଭିନ୍ନ ଫସଲାଦି କାର୍ଯ୍ୟ ହୋଇଥାଏ । ଏତଦ୍‌ବାଦ ଦେଢଗୁଣ୍ଠର ଘରବାଡି ଜମି ମାର୍କେଟ୍ କମ୍ପ୍ଲେକ୍ସ କଲେଜ ବାଇପାସ ଛକ ପେଟ୍ରୋଲ ପମ୍ପ ନିକଟସ୍ଥ । ଏଭଳି ସ୍ଥାବର ଓ ଅସ୍ଥାବର ଲକ୍ଷାଧିକ ଟଙ୍କାର ସମ୍ପତିର ମାଲିକ ବାପା ରାମଚନ୍ଦ୍ର । ମାତ୍ର କୌଣସି ପିଲାଙ୍କ ମନରେ ଗର୍ବ ଓ ଅହଙ୍କାର ନଥାଏ ।

ପଥହରା ପଥିକ ସୁବାଷ ଅଧ୍ୟାପକ ଜୀବନ ଆରମ୍ଭ କରିବାର କିଛିବର୍ଷ ପରେ ଜୀବନସାଥୀ ସନ୍ଧାନରେ ପରିବାର ଲୋକ ରହିଲେ । ପାଖାପାଖି ଛଅଗୋଟି ପ୍ରସ୍ତାବ (ଝିଅଦେଖା) ପରେ - ନିଜର ଜଣେ ଦୂର ସମ୍ପର୍କୀୟ ଭ୍ରାତୃବର୍ଗ ଜୟାଭାଇଙ୍କ ପ୍ରସ୍ତାବଟି ବିବାହ ସ୍ଥିରୀକୃତ ହେଲା ।

ଐତିହାସିକ କଟକ ସହରର ଚାଉଳିଆଗଞ୍ଜ ନିବାସୀ - ଟେଲର ଦୋକାନୀ ସୁରେନ୍ଦ୍ର ସାହୁଙ୍କ ଚାରିଗୋଟି କନ୍ୟା ଓ ଏକମାତ୍ର ପୁତ୍ର ସନ୍ତାନ ମଧ୍ୟରୁ ତୁଳସୀ ସାହୁ (ଟିକି) ଥିଲେ ଦ୍ୱିତୀୟ ସନ୍ତତି । ବାପା ଚାରି ଭଉଣୀ ତଥା ଏକମାତ୍ର ଭାଇକୁ ଉଚ୍ଚଶିକ୍ଷା ପ୍ରଦାନକରି ସଂସ୍କାରିତ କରିଥିଲେ । ମଧ୍ୟସ୍ଥି - ଜୟାଭାଇ ଓ ମୋର ସାନଭାଇ ଶିକ୍ଷକ ପ୍ରଥମେ ତାଙ୍କ ଘରକୁ ଯାଇ ଆସିଥିଲେ ମାତ୍ର କନ୍ୟା ଟିକିଙ୍କୁ ଦେଖି ନଥିଲେ । ପରେ ମୁଁ ଯାଇ କନ୍ୟା ତୁଳସୀକୁ ଦେଖିକରି ଆସିଲି ପରେ ପରେ ତାଙ୍କ ବାପା ସୁରେନ୍ଦ୍ର, ମା ସୁଭଦ୍ରା, ବଡନାନୀ ବାସନ୍ତୀ (ମିଲି) ଆମ ଭୁବନ ବାସଭବନକୁ ଆସି ଦେଖି ଗଲାପରେ - ଆମ୍ଭ ପରିବାର ବର୍ଗ ବାପା, ମା, ଦାଦା, ଖୁଡୀ,  ବଡବାପା ପୁଅ ଭାଇ ଓ ଭାଉଜ, ମୋ ନାନୀ ଜୟନ୍ତୀ ଓ ଭିଣେଇ ମହେନ୍ଦ୍ର ଲେଙ୍କା କଟକ ଯାଇ ଦେଖିକରି ବିବାହ ସ୍ଥିରକରି ନିର୍ବନ୍ଧ କର୍ମ ସାରିଲେ ୧୨ ଜୁନ ୨୦୧୫ ଏକ ଶୁଭ ଲଗ୍ନରେ କଟକ ସହରର ଓଏମ୍.ପି. ଛକଠାରୁ ବରଯାତ୍ରୀ ପ୍ରସେସନ କରି ଏକ ଶିବ ମନ୍ଦିରରେ ବୈଦିକ ରୀତିରେ ବିବାହ କାର୍ଯ୍ୟ ସମାପନ ହୋଇଥିଲା - ବିନା ଯୌତୁକରେ । ତୁଳସୀ ଥିଲେ ଗ୍ରାଜୁଏଟ୍ (ବିଏ) ଡିଗ୍ରୀଧାରୀ ତଥା ଏକ ବେସରକାରୀ ମେଡିକାଲ ସଂସ୍ଥାର ଆକାଉଟଂ ସେକ୍ସନ୍‌ର ଷ୍ଟାଫ୍ ।

ତା'ପର ଠାରୁ ତୁଳସୀ ଶ୍ରୀରାମ ପରିବାରର ବଡ ବୋହୂର ମର୍ଯ୍ୟାଦାପ୍ରାପ୍ତ ହେଲା, ମାତ୍ର ଆମର ଯୌଥ ପରିବାରର ପରମ୍ପରା ଥିବାରୁ - ଅଲଗା ଅଲଗା ଜାଗାରେ ବାପାଙ୍କ ଭାଇମାନେ ଘର କରିଥିବା ସତେ ଆମ୍ଭେମାନେ କାର୍ଯ୍ୟକ୍ରମରେ ସମସ୍ତେ ଏକତ୍ରିତ ହୋଇ କାର୍ଯ୍ୟ କରୁଥିଲୁ । ବଡବାପା ଦୁଃଶାସନଙ୍କ ପରିବାରରେ ଦୁଇ ପୁଅ, ବୋହୂ ଓ ଦୁଇ ଝିଅ ଜ୍ୱାଇଁ, ନାତି ନାତୁଣୀ ଅବା ଦାଦା ଭାଗବତଙ୍କର ଏକମାତ୍ର ପୁଅ ଓ ବୋହୂ (ମୋର ବାହାଘର ପୂର୍ବରୁ ତା'ର ପ୍ରେମବିବାହ ହୋଇଯାଇଥିଲା) ଓ ତିନି ଝିଅ ଓ ଜ୍ୱାଇଁ ମାନଙ୍କୁ ନେଇ (ସାନଝିଅଟି ଅବିବାହିତ ଥିଲା) ତଥା ବାପାଙ୍କର ଭଉଣୀ ବେଙ୍ଗୁଲିର ପାଟଂପୁଅ, ବୋହୂ ଓ ଦୁଇ ଝିଅ, ଜ୍ୱାଇଁ ଓ ନାତି, ନାତୁଣୀ ତଥା ବାପାଙ୍କର ଅନ୍ୟଏକ ଭାଇ ଭୀମସେନ - ତାଙ୍କର ଦୁଇ ଜଣ

ପୁଅ, ବୋହୂ, ପାଚଂଜଣ ଝିଅ (ତିନି ଝିଅ ଅବିବାହିତ ଥିଲେ) ସର୍ବୋପରି ମୋର ସାନ ଜେଜେବାପା (ମୋ ବାପାଙ୍କ ଦାଦା) ନାରାୟଣଙ୍କ ଦୁଇ ପୁଅ, ବୋହୂ, ଦୁଇ ଝିଅ, ଜ୍ୱାଇଁ ସର୍ବୋପରି ନାତି, ନାତୁଣୀ ମାନଙ୍କ ସହିତ ଆମର ଉତମ ସମ୍ପର୍କ ଥିଲା । ସାନ ଜେଜେଙ୍କ ପୁଅ ନରୋତମ ବଡବାପାଙ୍କ ତିନି ପୁଅ, ତିନି ଝିଅ ଓ ତାଙ୍କ ଭାଇ ଆନନ୍ଦ ଦାଦାଙ୍କ - ଦୁଇ ପୁଅ ଓ ତିନି ଝିଅ ସର୍ବୋପରି ତାଙ୍କର ଭଉଣୀ - ଗୋଲ୍ଲି ନାନୀର - ଦୁଇ ପୁଅ, ବୋହୂ, ତିନି ଝିଅ ଜ୍ୱାଇଁ, ନାତି, ନାତୁଣୀ ଓ ତା'ର ଭଉଣୀ ସୁକନାନୀର ଏକ ପୁଅ ଓ ଚାରି ଝିଅ ଓ ଜ୍ୱାଇଁ ମଧ୍ୟ ଆମ ସହିତ ଭଲ ସମ୍ପର୍କରେ ଥାଆନ୍ତି । ସର୍ବୋପରି ମୋ ବାପାଙ୍କ ଛ' ଜଣ ଭାଇ ଓ ତିନିଜଣ ଭଉଣୀଙ୍କର ପରିବାର ଏକତ୍ର ରହୁଥିଲେ, ମାତ୍ର ଜଣଙ୍କର ପରିବାର ବର୍ଗ ଅଲଗା ଘର ତିଆରି କରି ରହୁଥିଲେ ।

ସେହି ଦୃଷ୍ଟିରୁ ଆମ ଶ୍ରୀରାମ ପରିବାର (ମୋ ବାପାଙ୍କ ଘର) ଭୁବନ ସହରର ବଡହାଟସ୍ଥ ଚୁକିଆପଦା ଠାରେ, ଏ ପରିବାରରେ ମୋ ବାପା ରାମଚନ୍ଦ୍ର, ମାଆ ଭାରତୀ, ମୁଁ (ସୁବାଷ), ମୋ ପନ୍ତୀ ତୁଳସୀ, ମୋ ଭାଇ ପ୍ରକାଶ, ସାନଭାଇ ମାନସ ଏକତ୍ର ରହୁଅଛୁ । ପୂର୍ବରୁ ବାରବର୍ଷ ତଳେ ଆମର ଏକମାତ୍ର ନାନୀ ଜୟନ୍ତୀ କେନ୍ଦ୍ରାପଡାରେ ଓଲକଣାରେ ବିବାହିତା । ନାନୀ, ଭିଣେଇ ପର୍ବପର୍ବାଣୀରେ ଆମ ଘରକୁ ଆସିଥାନ୍ତି । ନାନୀର ଦୁଇଗୋଟି ଝିଅ । ବଡଝିଅ ରାଜେଶ୍ୱରୀ (ଲିସା) ଓ ସାନଝିଅ ବ୍ରଜେଶ୍ୱରୀ (ଇଶା), ଲିସା ତିନିବର୍ଷ ହେବା ଦିନଠାରୁ ତା' ଆଇ ପାଖରେ ଆମ ଘରେ ରହି - ବର୍ତମାନ ଦଶମ ଶ୍ରେଣୀରେ ପାଠ ପଢୁଅଛି, ଇଶା ତାଙ୍କ ଘର ଓଲକଣାରେ ତା'ର ବାପା ଓ ମା' ପାଖରେ ରହି ଷଷ୍ଠ ଶ୍ରେଣୀରେ ଗାଁ ସ୍କୁଲରେ ପାଠ ପଢୁଅଛି । ନାନୀ ଜୟନ୍ତୀ ଜଣେ ଲେଖିକା ତଥା ଓଡିଶା ଲେଖିକା ସଂସଦର ଆଜୀବନ ସଭ୍ୟା ତଥା - ଢେରାବିଶ୍ ବ୍ଲକ ଏଣ୍ଡର ଗ୍ରାମପଚାଂୟତରେ - ନୀଳକଣ୍ଠପୁର (ଓଲକଣା)ର ଜନପ୍ରତିନିଧି ଭାବରେ କାର୍ଯ୍ୟ କରିଥିଲା । ଭିଣେଇ ମହେନ୍ଦ୍ର ଜଣେ ଟ୍ରାନ୍ସପୋର୍ଟର, ସାମ୍ବାଦିକ ତଥା ଗ୍ୟାସ ବିତରକ (ଗ୍ରାମୀଣି ଲୋକଙ୍କ) ଭାବରେ କାର୍ଯ୍ୟରତ । ମୋ ନାନୀ ଓ ଭିଣେଇ ଦୁଇଜଣ ଇଗ୍ନୁନରୁ ଅଣ୍ଡର ଗ୍ରାଜୁଏଟ୍ ଶିକ୍ଷାପ୍ରାପ୍ତ । ମୋ ଧର୍ମପନ୍ତୀ - ନଣନ୍ଦ, ନଣଦେଇ ତଥା ଦୁଇ ଭାଣିଜୀ ପାଖରେ ନିଜର ବ୍ୟବହାର ପାଇଁ ଅତିପ୍ରିୟ ପାତ୍ରୀ ।

ମୋର ମଧ୍ୟମ ଭାଇ ପ୍ରକାଶ, ବୃତିରେ ଜଣେ (ଲ ଗ୍ରାଜୁଏଟ୍) ଆଡଭୋକେଟ୍ ଭାବରେ ଭୁବନ ଜୁଡିସିଆଲ କୋର୍ଟ (ଜେଏମ୍ଏଫ୍‌ସି) କାର୍ଯ୍ୟକରିବା ସହ - ଶ୍ରୀରାମ ଭିଜନର ପ୍ରୋପାଇଟର ବାହାଘର, ବ୍ରତଘର ଅନ୍ୟାନ୍ୟ କାମରେ ତୁନ କ୍ୟାମେରା ସହ ଭିଡିଓ ସୁଟିଙ୍ଗ୍ ଓ ଏଡିଟିଙ୍ଗ୍ କାର୍ଯ୍ୟ ଦୁଇଜଣ ପିଲାଙ୍କୁ ଧରି କରିଥାଏ ।

ସାନଭାଇ ମାନସ ଜଣେ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ, ଜଣେ ଗବେଷକ, ଲେଖକ ଭାବରେ କାର୍ଯ୍ୟରତ, 'ଗୀତାମେହେଟ୍ଟା - ଜଣେ ଆନ୍ତର୍ଜାତୀୟ ଲେଖିକା' ପୁସ୍ତକଟି - ଜାତୀୟ ଲେଖକ ସମ୍ମିଳନୀ (କିଟ୍ ବିଶ୍ୱବିଦ୍ୟାଳୟର) ରାଜ୍ୟପାଳ ଜେ.ବି. ପଟ୍ଟନାୟକଙ୍କ ଦ୍ୱାରା ଉଦ୍‌ଘାଟିତ । ଆମ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲେଖକୀୟ କୃତି ଉପରେ ଗବେଷଣା କରି ଉତର ଓଡିଶା ବିଶ୍ୱବିଦ୍ୟାଳୟର (ପିଏଚ୍.ଡି) ଉପାଧିପ୍ରାପ୍ତ ।

ମୋର ବାହାଘର ବର୍ଷ ୨୦୧୫ ବେଳକୁ ବାପାଙ୍କୁ ୭୦ ବର୍ଷ - ମୋ ଧର୍ମପତ୍ନୀ ତୁଳସୀ ତାଙ୍କୁ ଆଉ କାମ ନ କରିବାକୁ (ଶ୍ରୀରାମ ଫର୍ଣ୍ଣିଚରର ପ୍ରୋପାଇଟର) ବାରଣ କରିଥିଲେ ବସ୍ତୁତଃ ସେହି ଦିନରୁ ସେ ଜଣେ ଅବସରପ୍ରାପ୍ତ ବରିଷ୍ଠ କାଠଶିଳ୍ପୀ ।

ମୋ ମା' ଭାରତୀ ଦେବୀ ମଧ୍ୟ ଜୀବନରେ ଆମ୍ଭ ଚାରିଗୋଟି ସନ୍ତାନଙ୍କୁ ସମ୍ଭାଳି - ପରିବାରୀ ଜାବତୀୟ କାର୍ଯ୍ୟକରି - ଦୀର୍ଘ ପଇଁଚାଳିଶ ବର୍ଷଧରି କାର୍ଯ୍ୟ କରିଥିବାରୁ ମୋ ଧର୍ମପତ୍ନୀ ତୁଳସୀ ମା'ଙ୍କୁ ଘରର କାମଦାମ ନକରିବାକୁ କହି ନିଜେ ସବୁକାମ ହାତକୁ ନେଇ ଶାଶୁଙ୍କୁ ବସାଇଥିଲା ମାତ୍ର ମା' ବେଳେବେଳେ ମୋ ଧର୍ମପତ୍ନୀଙ୍କୁ ସାହାଯ୍ୟ କରୁଥିଲା ।

ଧର୍ମପତ୍ନୀ ମୋର ପରିବାରର ଶାଶୁ, ଶ୍ୱଶୁର, ନଣନ୍ଦ, ନଣଦେଇ, ଦୁଇ ଦିଅର ତଥା ଦୁଇ ଭାଣିଜୀ ସହିତ କାର୍ଯ୍ୟକରି ମଧ୍ୟ ନିଜର ପରିବାର ବସାଇବା ଭୁଲି ଯାଇନଥିଲା । ମୋର ବିବାହର କିଛିମାସ ପରେ ସେ ଗର୍ଭଧାରଣା କରି ମାତୃତ୍ୱ ହେବାର ସୁଖରେ ଆନନ୍ଦିତ ହୋଇଥିଲା । ମୁଁ ସେତେବେଳକୁ ସୁଦୂର ଢେଙ୍କାନାଳର ବିଦ୍ୟାର୍ଥୀ କଲେଜରେ - ଅଧ୍ୟାପକ ଭାବରେ କାର୍ଯ୍ୟକରି ସପ୍ତାହକୁ ଏକଦିନ ଛୁଟିରେ ମୋ ବାଇକ୍‌ରେ ଘରକୁ ଆସୁଥିଲି ।

ମୋର ବାହାଘରର ଚାରିମାସ ବିତିଗଲା ପରେ ଧର୍ମପତ୍ନୀ ଚେଷ୍ଟା କରିଥିଲେ ବଡ ଦିଅର ପ୍ରକାଶର ବିବାହ କରିବାର ପ୍ରସ୍ତାବ ପାଇଁ ଚିନ୍ତାକରି ବାପାଙ୍କୁ କହିଥିଲା । ମାତ୍ର ହିନ୍ଦୁ ଶାସ୍ତ୍ରାନୁଯାୟୀ ମୋ ବାହାଘରର ଛଅ ମାସ ପରେ ବିବାହ କାର୍ଯ୍ୟ ହୋଇପାରିବ । ସେଥିପାଇଁ ବାହାଘର ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ କରାଯାଇଥିଲା ।

୧୩ ଡିସେମ୍ବର ୨୦୧୫ରେ ପ୍ରକାଶର ବାହାଘର ସଂପୂର୍ଣ୍ଣ ହେଲା - ବାଲେଶ୍ୱର ସହର ନିବାସୀ - ଓଡିଶା ସରକାରଙ୍କ ଅବସରପ୍ରାପ୍ତ (ଫକୀରମୋହନ କଲେଜର କ୍ରୀଡା ଅଫିସର) ହରି ନାରାୟଣ ଟାଲଡିଙ୍କର କନିଷ୍ଠା କନ୍ୟା ସୁପ୍ରଭା (ନିନି) ସହିତ ବିନା ଯୌତୁକ ତଥା ବୈଦିକ ପରମ୍ପରା ବାଜାରୋଷଣୀ ସହ, ମାତ୍ର ମୋର ବାହାଘରର କର୍ତା - ମୋ ବାପା ରାମଚନ୍ଦ୍ର କରିଥିବାରୁ ପ୍ରକାଶର ବାହାଘର ଆମ ପିଉସା କାର୍ତିକ ରାଉତ (ବାପାଙ୍କ ଦାଦା ଝିଅ ଗେଲ୍ଲି ନାନୀଙ୍କ ସ୍ୱାମୀ) କର୍ତା ଭାବରେ ବିବାହ ସମାପନ କରିଥିଲେ

ଧର୍ମପତ୍ନୀ ତୁଳସୀ ସହ ସୁପ୍ରଭାର ମିଳନ ଏକ ଦୁଇ ଭଉଣୀର ମିଳନ ଭଳି କାର୍ଯ୍ୟ କରୁଥିଲେ । ସୁପ୍ରଭା ଥିଲେ ବିଏ, ବି.ଇଡି. ଡିଗ୍ରୀଧାରୀ ସରକାରୀ ଉଚ୍ଚ ପ୍ରାଥମିକ ସ୍କୁଲର ଶିକ୍ଷୟତ୍ରୀ । ବାଲେଶ୍ୱରର ସୋର ଥିଲା ତାଙ୍କର ଶିକ୍ଷାଳୟର କର୍ମକ୍ଷେତ୍ର, ମାତ୍ର ଭାଇ ପ୍ରକାଶ, ସାନଭାଇ ଶିକ୍ଷକ ମାନସର ଉଦ୍ୟମ କ୍ରମେ - ଭୁବନ ବ୍ଲକର କାଶୀପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାଲେଶ୍ୱର ବାସିନ୍ଦା ଜଣେ ଶିକ୍ଷକଙ୍କ ସହିତ ମ୍ୟୁଚୁଆଲ୍ ଟ୍ରାନ୍ସଫର୍ ସରକାରୀ ସ୍ତରରେ ହୋଇଥିଲା । ବର୍ତମାନ ସୁପ୍ରଭା ସଂପୂର୍ଣ୍ଣ ସରକାରୀ ଶିକ୍ଷୟତ୍ରୀ ମାନ୍ୟତାପ୍ରାପ୍ତ ଓ ଏକପୁତ୍ର ସନ୍ତାନ ଆୟୁଷ୍ମାନ (ରାଜା)ର ଜନନୀ । ସେ ରାଜାକୁ ସ୍ନେହରେ ବାପୁ ବୋଲି ଡାକନ୍ତି ।

"ଦଇବ ଦଉଡି ମଣିଷ ଗାଇ, ଯେଣୁକୁ ଟାଣଇ ସେଣୁକୁ ଯାଇ"

ନିୟତିର ନିର୍ଦ୍ଦେଶକୁ ଅବଜ୍ଞା କରିବାର ଶକ୍ତି ବା କାହାର ଏ ପଥହରା ପଥିକ ସେଥିରୁ ବାଦ୍ ବା ପଡନ୍ତା କିପରି । ମୋର ଧର୍ମପତ୍ନୀ ତୁଳସୀର ପ୍ରଥମ ଗର୍ଭସ୍ଥ ସନ୍ତାନ ସାତମାସ ଆରମ୍ଭ ହେବା ମାତ୍ରେ - ରାତ୍ରିରେ ଆମ ବାରି ପଛରେ ଡରିଯିବାରୁ ମୋର ସନ୍ତାନଟି ନଷ୍ଟ ହୋଇଯାଇଥିଲା, ଆମେ ସାଙ୍ଗେସାଙ୍ଗେ ତାକୁ କଟକ ବଡ ମେଡିକାଲକୁ ନେଇଗଲୁ ଡାକ୍ତରଙ୍କ ପ୍ରଚେଷ୍ଟା ସତ୍ତ୍ୱେ ପିଲାଟି ବଚିଂଲା ନାହିଁ, ମେଡିକାଲରେ ମୋର ଶାଶୁ ଓ ଶ୍ୱଶୁର ହତବାକ୍ ହୋଇଗଲେ, ମୋ ଧର୍ମପତ୍ନୀ ସଂପୂର୍ଣ୍ଣ ଭାରସାମ୍ୟ ହରାଇଲା, ମୁଁ ବିଦ୍ୟାର୍ଥୀ କଲେଜରୁ ଅଧ୍ୟାପକ ଚାକିରୀ ତ୍ୟାଗକରି ଧର୍ମପତ୍ନୀ ତୁଳସୀ ମାନସିକତାକୁ ସୁଦୃଢ କରିଥିଲି । ଭଗବାନଙ୍କ ଆଶୀର୍ବାଦରେ ତା'ର କିଛିଦିନ ପରେ ମୋ ଭାଇ ପ୍ରକାଶ ଓ ପତ୍ନୀ ସୁପ୍ରଭାର ପ୍ରଥମ ସନ୍ତାନ ପୁତ୍ର, ରାଜା କଟକ ବଡ ଡାକ୍ତରଖାନାରେ ଜନ୍ମହେବା ପରେ ମୋ ଧର୍ମପତ୍ନୀ ତୁଳସୀ ରାଜାକୁ ଧରି ବହୁତ ଖୁସି ହୋଇଗଲା, କାଳକ୍ରମେ ରାଜା ବଡ

ହେବାକୁ ଲାଗିଲା ତା'ର ବଡମା ତୁଳସୀ ସେବା ଯତ୍ନ, ମା' ସୁପ୍ରଭାର ଆଦର, ଜେଜେମା ଭାରତୀ ଦେବୀଙ୍କ ସ୍ନେହ ଶ୍ରଦ୍ଧାରେ ରାଜା ବଢିଲା । ଭାଇବୋହୂ ସୁପ୍ରଭା ସ୍କୁଲକୁ ପାଠପଢାଇ ଯିବା ସମୟରେ ପୁତୁରା ରାଜା ତା'ର ବଡମା ତୁଳସୀ ପାଖରେ ରହୁଥିଲା ।

"ସମୟର ଚକ୍ର ଯାଏ ଗଡ଼ିଗଡ଼ିକା"

ପଥହରା ପଥିକ ସୁବାଷର ଜୀବନ ପଥରେ ଏକ ପରିବର୍ତ୍ତନ ଆସିଲା - ଓଡିଶାର ଏକ ଅଗ୍ରଣୀ ଶିକ୍ଷାନୁଷ୍ଠାନ - କଟକସ୍ଥ ଟାଙ୍ଗୀର - ଟେଟ୍ରାହେଡ୍ରନ ଜୁନିୟର କଲେଜରେ ମୋର (+୨ ବିଜ୍ଞାନ ଶ୍ରେଣୀ)ରେ ଓଡିଆ ଅଧ୍ୟାପକ ଭାବରେ ନିଯୁକ୍ତି ପାଇଲି । କଲେଜର ଚେୟାରମ୍ୟାନ ଅଧ୍ୟାପକ ତ୍ରିଦେବ ବେହେରା ଟେଟ୍ରାହେଡ୍ରନ ମୋର ଜୀବନର ଗତିପଥକୁ ବଦଳାଇ ଦେଲା । କିଛିଦିନ ପରେ ତୁଳସୀ ମୁହଁରେ ହସ ଆସିଲା, ମୋର ଏକ କନ୍ୟାରତ୍ନ - ତେଜସ୍ୱିନୀ (ଲକି) କଟକ ବଡ ଡାକ୍ତରଖାନାରେ ଜନ୍ମ ନେଲା, ସେହିଦିନ ଥିଲା ଓଡିଆ ଘରର ପରମ୍ପରାର ମାର୍ଗଶୀର ମାସ ଶେଷ ଗୁରୁବାର ପ୍ରଭାତ ୪.୧୫ ମିନିଟ୍‌ରେ ଲକିର ଜନ୍ମ (ଗୁରୁବାର ମା ଲକ୍ଷ୍ମୀଙ୍କର ବର) । ମୋର ସନ୍ତାନ ଲକି ମାତୃଗର୍ଭରେ ଥିବା ସମୟରୁ ମୋତେ ଏକ ପଦବୀଯୁକ୍ତ ହେଲା - ଟେଟ୍ରାହେଡ୍ରନ ଏକ କଲେଜ - ତ୍ରିଦେବ ଡିଗ୍ରୀ କଲେଜ (+୩, ବିଜ୍ଞାନ)ର ଓଡିଆ ଭାଷା ଓ ସାହିତ୍ୟ ବିଭାଗର ଆସିଷ୍ଟାଂଟ ପ୍ରଫେସର ସହ ଭାଇସ୍-ପ୍ରିନିସ୍‌ପାଲ୍ ପଦବୀ, ଆରମ୍ଭରୁ ପ୍ରିନିସ୍‌ପାଲ୍ ଡକ୍ଟର ଧନଞ୍ଜୟ ସାହୁଙ୍କ ଦୁର୍ଘଟଣାରେ ଗୋଡ ଭାଙ୍ଗିଯିବାରୁ ପ୍ରିନିସ୍‌ପାଲ୍ ପଦବୀରେ ଛଅମାସ ଧରି କାର୍ଯ୍ୟକରି ପ୍ରଶାସନିକ ଅଭିଜ୍ଞତାପ୍ରାପ୍ତ ।

ଭାଇ ପ୍ରକାଶର ବାହାଘରର ତିନିବର୍ଷ ପରେ - ସାନଭାଇ ମାନସର ବାହାଘର ୧୩ ମାର୍ଚ୍ଚ ୨୦୧୮ରେ ସଂପୂର୍ଣ୍ଣ ହେଲା ଆମ ଢେଙ୍କାନାଳ ଜିଲ୍ଲାର ରାସୋଳ ଗ୍ରାମରେ ଓଡିଶା ସରକାରଙ୍କର ପଶୁ ସଂପଦ ବିଭାଗର ଅବସରପ୍ରାପ୍ତ କର୍ମଚାରୀ ପୁରୁଷୋତମ ସାହୁଙ୍କ କନିଷ୍ଠ କନ୍ୟା ଶିବାନୀ ସହିତ ବିନା ଯାନିଯୌତୁକରେ - ବାଜା ପ୍ରସେସନ ସହ ବୈଦିକ ରୀତିରେ । ରାସୋଳରେ ମୋର ଦାଦା ଭାଗବତଙ୍କ ମଧ୍ୟମ ଝିଅ ରୀତା ପୂର୍ବରୁ ବିବାହ କରିଥିଲା ଏବଂ ଭାଇବୋହୂର ଦୁଇଜଣ ନାନୀ ଆମ ଭୁବନ ସହରରେ ପୂର୍ବରୁ ବିବାହିତ ଥିଲେ । ଶିବାନୀଙ୍କ ଶିକ୍ଷାଗତ ଯୋଗ୍ୟତା ବିଏସ୍.ସି.(+୩ ବିଜ୍ଞାନ), ଡିଆଇଟି ତାଲିମପ୍ରାପ୍ତ ଜଣେ ଶିକ୍ଷୟତ୍ରୀ ଭାବରେ ଯୋଗଦାନ ପାଇଁ ଜୀବନର ଲକ୍ଷ୍ୟ । ଧର୍ମପତ୍ନୀ ତୁଳସୀକୁ ଦୁଇଯାଆ

ସୁପ୍ରଭା ଓ ଶିବାନୀ ନିଜର ଦୁଇ ଭଉଣୀ ଭଳି ସମସ୍ତେ ମିଳିମିଶି ଚଳୁଥିଲେ । କିଛିଦିନ ପରେ ମୋର ସାନଭାଇ ମାନସ ଓ ପତ୍ନୀ ଶିବାନୀର ଏକ ପୁତ୍ର ସନ୍ତାନ ଜ୍ୟୋତି ଆଦିତ୍ୟ (ଆଦି) ଜାନୁୟାରୀ ୨୬, ୨୦୧୯ରେ ଜନ୍ମନେଲା ଢେଙ୍କାନାଳ ସରକାରୀ ଡାକ୍ତରଖାନାରେ । ମୋର ବାପା ଓ ମା ତାଙ୍କର ସମସ୍ତ ପୁଅଝିଅଙ୍କର ପୁଅଝିଅ (ନାତି, ନାତୁଣୀ) ଦେଖି ଖୁବ ଆନନ୍ଦରେ ସଂସାରରେ ଜୀବନଯାପନ କରୁଛନ୍ତି ।

ଖାଲି ଆମ ଶ୍ରୀରାମ ପରିବାର ନୁହେଁ ସମଗ୍ର ନାୟକ ବଂଶଲତାର - ମୋର ଧର୍ମପତ୍ନୀ ତୁଳସୀ ଜଣେ ଭଲ ବୋହୂର ମର୍ଯ୍ୟାଦା ପାଇଅଛି । ତାଙ୍କ ନିଃସ୍ୱାର୍ଥପରତା ଗୁରୁଜନଙ୍କ ସେବା ଓ ଭକ୍ତି ଦ୍ୱାରା ସମସ୍ତଙ୍କ ହୃଦୟକୁ ଜିତିପାରିଅଛି ମୋର ବଡବାପା (ବାପାଙ୍କ ଦାଦା ପୁଅ ଭାଇ) ନରୋତମଙ୍କ ଶେଷ ନିଃଶ୍ୱାସ ମୋ ଧର୍ମପତ୍ନୀ ତୁଳସୀ କଟକର ଅଶ୍ୱିନୀ ହସ୍ପିଟାଲରେ ଶେଷ ଦର୍ଶନ ଯାଇଥିଲା, ସେ ବହୁତ ଭଲ ପାଉଥିଲେ ମୋ ଧର୍ମପତ୍ନୀ ତୁଳସୀକୁ ।

ବର୍ତମାନ ସମୟରେ ଗୋଟିଏ ପୁଅ ବିବାହ ମାତ୍ର ଘରୁ ଅଲଗା ହୁଅନ୍ତି କିମ୍ବା ସ୍ୱାମୀ ବାହାରେ ଚାକିରୀ କରୁଥିଲେ ସେ ସ୍ୱାମୀଙ୍କ ସହିତ କର୍ମକ୍ଷେତ୍ରକୁ ଚାଲିଯାଆନ୍ତି - ମାତ୍ର ମୋ ଧର୍ମପତ୍ନୀ ତୁଳସୀ ସେ କାମ ନକରି ନିଜର ଶ୍ରୀରାମ ପରିବାରକୁ ବଡକରି ନିଜ କନ୍ୟାରତ୍ନା ଲକିକୁ ପରିବାର ଗ୍ରହଣରେ ରଖି ଆଗାମୀ ଦିନରେ ଇଂରାଜୀରେ ଶିକ୍ଷାର ବୃତିକୁ ଆଦରି ନେବାରେ ଯୋଜନା କରିଛନ୍ତି ।

ବାସ୍ତବିକ୍ ପଥହରା ପଥିକ ସୁବାଷର ଜୀବନ ସଙ୍ଗୀନୀ ମୋ ଧର୍ମପତ୍ନୀ ତୁଳସୀ ।

---

## ଭାଉଜ

ଭାରତୀୟ ସଂସ୍କୃତି ଓ ପରମ୍ପରା ଅନୁଯାୟୀ - 'ଭାଉଜ'ଙ୍କୁ ମା' ସମ୍ମାନର ଆଖ୍ୟା ଦିଆଯାଇଥାଏ । ବଡଭାଇ ଧର୍ମପତ୍ନୀଙ୍କୁ ଭାଉଜ ବୋଲି କୁହାଯାଇଥାଏ । ନାରୀର ଜୀବନରେ ଅନ୍ୟଏକ ରୂପ ଭାଉଜ । ଭାଇ ତଥା ପରିବାରକୁ ସଦ୍‌ମାର୍ଗରେ ପରିଚାଳନା କରିଥିବାରୁ ସମାଜରେ ଭାଉଜର ସ୍ଥାନ ଉଚ୍ଚରେ । ବିବାହ ଅବା ବ୍ରତ କିମ୍ବା ପାରିବାରିକ ସାମାଜିକ କାର୍ଯ୍ୟକ୍ରମରେ ଭାଉଜ ଭୂମିକା ସର୍ବଦା ଅଗ୍ରଗଣ୍ୟ । ପରିବାରରେ ଦିଅର କିମ୍ବା ନଣନ୍ଦର ବିବାହ କର୍ମରେ କାଣ୍ଡକଳସୀ (ମୁଖ୍ୟ କଳସୀ) କାଖେଇଥାନ୍ତି ସେହି ଭାଉଜ । ଶାଶୁ, ଶ୍ୱଶୁର, ପରିବାର ବର୍ଗକୁ ଏକତ୍ର କରି ପରିବାରର ଶୋଭାବର୍ଦ୍ଧନକାରୀ ଜଣକ ଭାଉଜ ।

ପଥହରା ପଥିକ ସୁବାଷ ବା ସେହି ଭାଉଜର ବନ୍ଧନରୁ ବାଦ୍ ବା ପଡନ୍ତା କିପରି । ନିଜ ଜୀବନ ପରିଧି ମଧ୍ୟକୁ ଆସିଥିବା ଭାଉଜମାନଙ୍କର କର୍ତବ୍ୟକୁ ପଥିକ କଦାପି ଭୁଲିପାରିନାହିଁ । ସେମାନଙ୍କର ସମ୍ପର୍କକୁ ମୁଁ ମାନବ ସମାଜକୁ ବାର୍ତା ଦେବାର ଏକ ମାଧ୍ୟମ ମୋ ଗଳ୍ପ ସଂକଳନ "ପଥହରା ପଥିକ"ର ଭାଉଜ ଗଳ୍ପ ।

ଦୁଇ ବଂଶବାଦର ଭାଉଜ ମାନଙ୍କର ଭୂମିକାକୁ ସ୍ମରଣ କରିବାପାଇଁ ପଥିକ ଉଚିତ୍ ମନେ କରୁଅଛି । ଗୋଟିଏ ପକ୍ଷ ପିତୃପକ୍ଷ (ନାୟକ ବଂଶଲତା) ଓ ଅନ୍ୟପକ୍ଷଟି ମାତୃପକ୍ଷ (ମା'ଙ୍କ ସମ୍ପର୍କୀୟା) ।

ଆମ ପରିବାରରେ ସର୍ବଦା ଝିଅମାନଙ୍କର ପ୍ରାଧାନ୍ୟ ରହିଥାଏ । ମୋ ଜେଜେ ବାବାଜୀଙ୍କ ଚାରିଗୋଟି ପୁଅ (ଦୁଃଶାସନ, ଭୀମସେନ, ରାମଚନ୍ଦ୍ର, ଭାଗବତ) ଓ ଏକମାତ୍ର କନ୍ୟା ବେଙ୍ଗୁଲି । ମୋ ସାନଜେଜେ ନାରାୟଣଙ୍କ ଦୁଇଗୋଟି ପୁଅ (ନରୋତମ, ଆନନ୍ଦ) ଓ ଦୁଇଗୋଟି ଝିଅ - ଗେଲ୍ଲୀ ଓ ସୁକକୁ ନେଇ ନାୟକ ବଂଶଲତା ଏବଂ ନାୟକ ବଂଶଲତାର ବଳରାମ ନାୟକଙ୍କ ଦୁଇପୁତ୍ର ବାବାଜୀ ଓ ନାରାୟଣଙ୍କର ଏକମାତ୍ର ଭଉଣୀ ଲବଣୀ ଗୁରୁର ଏକମାତ୍ର ପୁଅ ଦିରିଜ (ଆମ ବଡବାପା) । ଏ ସମସ୍ତ ମୋର ପିତୃପକ୍ଷ ନାୟକ ବଂଶଲତାର ଦାୟଦ ।

ମୋର ପିଉସୀ (ଜେଜେ ବାବାଜୀଙ୍କ ଏକମାତ୍ର କନ୍ୟା) ବେଙ୍ଗୁଲୀ, ବିବାହ କରନ୍ତି - ଭୁବନର ଗୁରୁ ସାହିର ଲକ୍ଷ୍ମଣ ଗୁରୁଙ୍କୁ । ପାଚଂଗୋଟି ପୁଅ - ନୁରିଆ, ଠୁରିଆ, ପିଲା, ବାବୁଲି, ସନ୍ତୋଷ ଓ ଦୁଇଜଣ ଝିଅ - ଶୋଲି ଓ ଗୋଲିଙ୍କୁ ନେଇ ତା'ର ସଂସାର । ବହୁତ

ଦୁଃଖକଷ୍ଟରେ ବେଙ୍ଗୁଲି ସାତଜଣ ପିଲାଙ୍କୁ ମଣିଷ କରିଅଛି ସମାଜର ବଡଦାଣ୍ଡରେ ତା' ପାଖରେ ସଦାସର୍ବଦା ରହିଥାନ୍ତି ମୋ ବାପା ରାମଚନ୍ଦ୍ର ଅନ୍ୟ ଭାଇମାନଙ୍କ ଅପେକ୍ଷା ମୋ ପିଉସୀ ମୋ ବାପାଙ୍କୁ ବହୁତ ଭଲପାଏ । ଘରର ପ୍ରତ୍ୟେକ କାର୍ଯ୍ୟରେ ସେ ମୋ ବାପାଙ୍କ ପରାମର୍ଶ ନେଇଥାଏ । ସାତଜଣ ପିଲା ଆମ ଭୁବନରେ ବିବାହ କରିଅଛନ୍ତି । ସେ ପାଚଂଜଣ ଭାଉଜ ସମସ୍ତେ ଭଲମନ୍ଦ ଗୁଣର ଅଧିକାରିଣୀ । ମାତ୍ର ମୋ ପିଉସୀ ବେଙ୍ଗୁଲିର ମଧ୍ୟମ ପୁତ୍ର ଠୁରିଆ ଭାଇ ବିବାହ କରନ୍ତି - ମୋ ମାମୁଁ କୃଷ୍ଣଚନ୍ଦ୍ର ପୋଥାଳଙ୍କ ବଡକନ୍ୟା କୁନି ନାନୀକୁ । ମୋ କୁନିନାନୀ ବହୁତ ଚତୁର । ସେ ସମଗ୍ର ପରିବାରଟିକୁ ଏକତ୍ର କରିପାରିଥିଲା । ପିଉସୀର ଚାରିଜଣ ବୋହୂ (ମୋର ଭାଉଜମାନେ) ମୋ ବାପାଙ୍କୁ ମାମୁଁର ମର୍ଯ୍ୟାଦା ଦେଉଥିବା ସମୟରେ କୁନିନାନୀ କିନ୍ତୁ ମୋ ବାପା ଓ ମା'ଙ୍କୁ ପିଉସା ଓ ପିଉସୀ ବୋଲି ସଦାସର୍ବଦା ଡାକୁଥାଏ । ମୋ ପଢା ଓ ଚାକିରୀ ପାଇଁ ମୋ ଭାଉଜ (ମୋ କୁନିନାନୀ) ସଦାସର୍ବଦା ବ୍ୟସ୍ତଥିଲା । ମୋର ଚାକିରୀ ପରେପରେ ମୋର ବାହାଘର କରିବାପାଇଁ ମୋ ପିଉସୀ ବେଙ୍ଗୁଲି ସର୍ବଦା ଚାହୁଁଥିଲା ମାତ୍ର ବିଧିର ବିଧାନ ବଡ ବିଚିତ୍ର ସେ ମୋ ବାହାଘର ପୂର୍ବରୁ ସ୍ୱର୍ଗରୋହଣ କରିଲା । ମୋ ବାହାଘରରେ ସମସ୍ତ ଭାଇ ଓ ଭାଉଜ ସର୍ବୋପରି ମୋ କୁନିନାନୀର ସାହାଯ୍ୟ ମୁଁ କଦାପି ଭୁଲି ପାରିବିନାହିଁ । ମୋର ମଧ୍ୟମ ଭାଇ ପ୍ରକାଶର ବାହାଘର (ବାଲେଶ୍ୱର ଟାଉନ)କୁ ବରଯାତ୍ରୀ ଯିବା ସମୟରେ ପିଉସୀର ସାନପୁଅ ସନ୍ତଭାଇ ମୋର ସହ ପାଟିତୁଣ୍ଡ କରିଲା, ତା' ପରଠାରୁ ତାଙ୍କ ପରିବାର ଏକତ୍ରିତ ହୋଇ ଆମଠାରୁ ସବୁଦିନ ପାଇଁ ଦୂରେଇଗଲେ ଏବେ ମୋ ପିଉସା ଲକ୍ଷ୍ମଣ ଜୀବିତ ଅଛନ୍ତି ।

ମୋର ବଡବାପା ଦୁଃଶାସନଙ୍କର ଦୁଇପୁଅ - ପୁନିଆ ଭାଇ ବିବାହ କରନ୍ତି - ଚରମ୍ପା, ଭଦ୍ରକରେ ଭାଉଜ ନାମ ଜୟନ୍ତୀ ଓ ସାନଭାଇ ସୁନିଆ ବିବାହ କରନ୍ତି - ଯାଜପୁରରେ ଭାଉଜ ନାମ ରୂପଲତା । ଜୟନ୍ତୀ ପାଠ କମ୍ ପଢିଲେ ମଧ୍ୟ ବଡବୋହୂ ଭାବରେ ପରିବାରଟିକୁ ସମ୍ଭାଳିବାରେ ତଥା ଦିଅର, ନଣନ୍ଦ - ରମା ଓ ମାଳତୀକୁ ନେଇ ପରିବାର ଗଢିବାରେ ତା'ର ଭୂମିକା ଅନସ୍ୱୀକାର୍ଯ୍ୟ । ସାନ ଭାଉଜ ରୂପଲତା ପାଠ ପଢିଛନ୍ତି । ମୋ ପଢା ଓ ଚାକିରୀକୁ ନେଇ ଦୁଇ ଭାଉଜ ସର୍ବଦା ମୋର ମାର୍ଗଦର୍ଶକ ସାଜିଛନ୍ତି । ବଡନାନୀ ରମା ତା'ର ବଡପୁଅ - ପଙ୍କଜକୁ ନେଇ ପାଟିତୁଣ୍ଡ ହେବାରୁ ବଡବାପା ତଥା ଆମ ସମସ୍ତଙ୍କର ସହିତ ସବୁଦିନ ପାଇଁ ସମ୍ପର୍କ ତୁଟାଇ ଦେଇଅଛି । ମୋର ବିବାହ

ସମୟରେ ଆମ୍ଭର ବଡ ଭାଉଜ ଜୟନ୍ତୀ କାଣ୍ଡ କଳସୀ (ମୁଖ୍ୟ କଳସୀ) ଧରିଥିଲେ । ମୋର ବଡବାପା ବାଧକ୍ୟଜନିତ ରୋଗରେ ପଡି ମୃତ୍ୟୁବରଣ କରିଛନ୍ତି । ବଡମା ଗୁଣ୍ଡୁରୀ ଦେବୀ ଶଯ୍ୟାଶାୟୀ । ବଡବାପା ମୃତ୍ୟୁ କ୍ରିୟାରେ ଆମ ବିରୋଧି ପିଉସୀ ବେଙ୍ଗୁଲିର ପରିବାରକୁ ଖୋଜିବାରୁ ମୋ ବାପା ରାମଚନ୍ଦ୍ର ସବୁଦିନ ପାଇଁ ବଡବାପା ଘରୁ ସଂପର୍କ ତୁଟାଇଛନ୍ତି ମାତ୍ର ତାଙ୍କ ସାନଝିଅ ମାଳତୀ ନାନୀ ଆମ ସହିତ ସମ୍ପର୍କରେ ରହିଛନ୍ତି ।

ଅନ୍ୟତମ ବଡବାପା – ଭୀମସେନ, ନିକଟୀୟ ସମ୍ପର୍କ ଘରକୁ ପୁଅହୋଇ ଯାଇଥିଲେ – ପିଲାଟି ଦିନରୁ ସାତଗୋଟି ଝିଅ ଓ ତିନିଗୋଟି ପୁଅ । ବଡଭାଇ ଦିନା ଜଣେ ରାଜମିସ୍ତ୍ରୀ, ସେ ବାସୁଦେଇପୁର (ଯାଜପୁର)ରେ ବିବାହ କରିଛନ୍ତି । ସେ ଭାଉଜ ଆମର ଜଣେ ରକ୍ଷଣଶୀଳ ମଣିଷ – ପାଟଂଗୋଟି ନଣନ୍ଦକୁ ବିବାହ କରାଇ ଗୋଟିଏ ଦିଅରକୁ ବିବାହ କରାଇ ଶାଶୁ ନଥିବା ସତ୍ୱେ (ମୋର ବଡମା ପୂର୍ବରୁ ରୋଗଗ୍ରସ୍ତ ହୋଇ ମରିଯାଇଥିଲେ) ଜଣେ ସଫଳ ବୋହୂର ମର୍ଯ୍ୟାଦା ପାଇଅଛନ୍ତି । ଦ୍ୱିତୀୟ ଭାଇ – ଉଗୁରୀ ସେ ଆମ ମାମୁଁ ଝିଅ (ମୋ ମା'ଙ୍କ ମାଉସୀ ପୁଅ ଭାଇ)ଙ୍କୁ ବିବାହ କରିଛନ୍ତି । ସେ ଭାଉଜ ଭୁବନ (ବଡହାଟ)ର ଝିଅ ହୋଇଥିବାରୁ ବିବାହର କିଛିଦିନ ପରେ ଘରୁ ପଳାଇ ବାହାରେ ଭଡାଘରେ ଚଳୁଛନ୍ତି । ସାନଭାଇ ହୁରୁଷି (ମୋଠାରୁ ସାନ) ମାତ୍ର ୨୩ ବର୍ଷ ବୟସରେ ରୋଗାଗ୍ରସ୍ତ ଯୋଗୁ ମରିଗଲା, ସେ ଅବିବାହିତ ଥିଲା । ମୋର ବଡବାପା ଭୀମସେନ ବ୍ରେନ୍ ହାମ୍ରେଜ୍ ହୋଇ କିଛିଦିନ ଚିକିତ୍ସିତ ହୋଇ ଶେଷରେ ମରିଗଲେ ।

ଆମ ପରିବାର (ଶ୍ରୀରାମ ପରିବାରରେ) ମୁଁ ତ ବଡପୁଅ ତେଣୁ ଆମର ଭାଉଜ ବା ଆସିବେ କେଉଁଠୁ ମୋର । ମୋର ଦାଦା ଭାଗବତର ଏକପୁଅ ଗୌରଗୋପାଳ (ବାବୁ) ସେ ମୋଠାରୁ ସାନ ।

ମୋ ବଡବାପା (ନରୋତମ) – ମୋ ବାପାଙ୍କ ଦାଦା ନାରାୟଣଙ୍କ ପୁଅ । ସେ ବଡବାପାଙ୍କର ତିନିପୁଅ ଓ ତିନିଝିଅ । ମୋ ଭାଇ ଉମାକାନ୍ତ (ବାପି), ମୋଠାରୁ ବଡ । ସେ ଗ୍ରାଜୁଏଟ୍ ଓ ଭୁବନେଶ୍ୱର ବିଜେବି ନଗରରେ ରୁହନ୍ତି । ସେ ଜଣେ ଭଲ ଇଲେକ୍ଟ୍ରିକାଲସ୍ ମିସ୍ତ୍ରୀ । ବାପି ଭାଇଙ୍କର ଆମ ଭୁବନ ସହରର ଅରାସାହିରେ ମିଳି ସହିତ ବାହାଘର ହୋଇଅଛି । ବାହାଘର ପରେପରେ ମିଳି ଭାଉଜ – ଭୁବନେଶ୍ୱରରେ ଭାଇ ପାଖରେ ରୁହନ୍ତି । ତାଙ୍କର ଗୋଟିଏ ପୁଅ ଅଛି । ମୁଁ ଓ ମୋର ଭାଇ ପ୍ରକାଶ ଓ ମାନସ କେତେବେଳେ କୌଣସି

କାମରେ ଭୁବନେଶ୍ୱର ଗଲେ ଆମେ ଦରକାର ସମୟରେ ବାପିଭାଇଙ୍କ ପାଖରେ ରହିଯାଉ । ମୋ ନରୋତମ ବଡବାପାଙ୍କର ଅନ୍ୟ ଦୁଇପୁଅ ଦିପୁ ଓ ହାପି ମୋଠାରୁ ବୟସରେ ସାନ

ମୋ ଦାଦା ଆନନ୍ଦ,ମୋ ବାପାଙ୍କ ଦାଦା ନାରାୟଣଙ୍କ ପୁଅ । ଆନନ୍ଦ ଦାଦାଙ୍କ ଦୁଇପୁଅ ବାବୁ ଓ ବାଉଆ ମୋଠାରୁ ବୟସରେ ସାନ ହେବେ ।

ଆମର ଅନ୍ୟଜଣେ ଜେଜେମା ଲବଣୀ ଜେଜି, ମୋ ବାପାଙ୍କ ପିଉସୀମାନେ ମୋ ଜେଜେ ବାବାଜୀ ଓ ସାନଜେଜେ ନାରାୟଣଙ୍କ ଏକମାତ୍ର ଭଉଣୀ । ଲବଣୀ ଆମ ଘରର ପ୍ରତ୍ୟେକ କାମରେ ଯୋଗଦାନ କରେ, ସେ ବର୍ତମାନ ଜୀବିତ ନାହାଁନ୍ତି । ତାଙ୍କର ଏକମାତ୍ର ପୁଅ ଦିରିଜ ବଡବାପାଙ୍କ ଦୁଇପୁଅ, ସେଥିରୁ ଶିନ୍‌ଭାଇ ମୋଠାରୁ ବଡ । ସେ ରାସୋଲରେ ବାହା ହୋଇଅଛି, ସେ ଭାଉଜ ଭାରି କର୍ମଠ ଓ ସ୍ନେହିଲୋକ । ଲବଣୀ ଜେଜିଙ୍କ ଘର ଭୁବନ ସହରର ଲତାବିଲରେ ।

ପିତୃପକ୍ଷ ଭାଉଜ ପରେ - ମୋର ମାତୃପକ୍ଷ ଭାଉଜ ଅର୍ଥାତ୍ ମୋ ମା' ଭାରତୀ ଦେବୀଙ୍କର ସମ୍ପର୍କୀୟ ମାନେ ସେମାନେ ହେଲେ ତା'ର ଭଉଣୀମାନେ - ସୀତା, ଗୋଡି ଓ ବାସନ୍ତୀ ଓ ଭାଇ ଶତ୍ରୁରା ଓ କୃଷ୍ଣଙ୍କ ବଂଶଲତା ।

ପ୍ରଥମେ ମୋର ବଡମାମୁଁ ଶତ୍ରୁରା, ଜଣେ ଭଲ ଚାଷୀ, ଦୁଇପୁଅ ଓ ଦୁଇଝିଅକୁ ନେଇ ତାଙ୍କ ସଂସାର । ପୁଅ ଦୁଇଜଣ - କୈଳାସ ଓ ବିଳାସ । କୈଳାସ ଭାଇ ଦିଲ୍ଲୀରେ କାମ କରନ୍ତି । ଭାଉଜ ନାମ - ଗୁନା, ସେ ଭୁବନ ସହର କୀର୍ତନ ଗୁରୁ କୋଦଣ୍ଡଙ୍କ ଝିଅ, ବହୁତ ମିଳାପି । ମଝିରେ ଆମର ମାମୁଁ ଘର ସହିତ ସମ୍ପର୍କ କଟିଯାଇଥିଲା । ମୋର ଜୟନ୍ତୀ ନାନୀ ବାହାଘରକୁ ମାତ୍ର ମୋ ବାହାଘର ସମୟରେ ମୋ ବାସନ୍ତୀ ମାଉସୀ ଉଦ୍ୟମରେ ମୋ ଭାଉଜ ଗୁନାର ସହଯୋଗରେ ପୁନଶ୍ଚ ମାମୁଁ ଘର ଆମ ସହିତ ଚଳିଲା । ମୋର ତଥା ମୋ ଦୁଇଭାଇ ପ୍ରକାଶ ଓ ମାନସର ବାହାଘର ସମୟରେ ଆମେ ପାଲିଙ୍କିରେ ବସି ମାମୁଁ ଘରକୁ ମଙ୍ଗୁଳୁତି ଖାଇବାକୁ ଯାଇଥିଲୁ । ଗୁନା ଭାଉଜ ଆମର ସମସ୍ତ ବାହାଘରରେ ମଧ୍ୟ ଉପସ୍ଥିତ ରହୁଥିଲେ । ଅନ୍ୟ ଜଣେ ଭାଇ ବିଳାସ ଓ ତାଙ୍କ ପତ୍ନୀ - ଆମ ସହିତ ତାଙ୍କର ସମ୍ପର୍କ ନାହିଁ, ତାଙ୍କର କୌଣସି ପିଲାପିଲି ନାହାଁନ୍ତି । ମାମୁଁଙ୍କ ଦୁଇଝିଅ ଆମ ଭୁବନ ସହରରେ ବିବାହିତ । ମୋର ଅଜା ଲକ୍ଷ୍ମୀଧର ଦାସ ଓ ଆଈ ଶୋଲାଦେଇ ଦାସ ମରିଗଲେଣି ଓ ମାମୁଁ ତଥା ମାଇଁ ମଧ୍ୟ ମରିଗଲେଣି ।

ମୋ ସାନମାମୁଁ କୃଷ୍ଣଚନ୍ଦ୍ର ପୋଥାଳ, ଛୋଟ ପିଲାବେଳୁ ସେ ତାଙ୍କ ମାମୁଁଙ୍କ ଘରକୁ ପୁଅ ହୋଇଯାଇଥିବାରୁ ତାଙ୍କର ସାଙ୍ଗିଆ ପୋଥାଳ । କୃଷ୍ଣ ମାମୁଁ ସଦାସର୍ବଦା ଆମ ପରିବାର ସହିତ ରହିଛନ୍ତି । ମାମୁଁଙ୍କ ଦୁଇପୁଅ - କିଶୋର, ନୀର ଓ ଦୁଇଝିଅ - କୁନି ଓ ଟି, ଦୁଇଟି ଝିଅ ଆମ ଭୁବନରେ ବିବାହିତ । ମୋ ବଡଭାଇ କିଶୋର ଆଜୀବନ ବ୍ରହ୍ମଚାରୀ । ବିବାହ କରିନାହାଁନ୍ତି । ସାନଭାଇ ନୀର ଜଣେ ମେକାନିକ୍, ତାଙ୍କ ପତ୍ନୀ ଆମ ଭାଉଜ - ଭୁବନର ଝିଅ, ସେ ବହୁତ ସାଧାସିଧା ଓ ମିଳାପି । ଆମ ଘରର ସମସ୍ତ ବିବାହାଦି କର୍ମରେ ସିଏ ଆସିଥାନ୍ତି । ମାମୁଁ ମୋର ମରିଗଲେଣି କିନ୍ତୁ ମାଇଁ ମୋର ଅଛନ୍ତି ।

ବଡମାଉସୀ - ସୀତା ଦାସ, ମଉସା - ଠୁରିଆ ଦାସ, ପାଚଂଜଣ ଝିଅ ଓ ଦୁଇଜଣ ପୁଅ ତାଙ୍କର ସଂସାର । ମଉସା ଜଣେ ଚାଷୀ ଲୋକ । ଲତାବିଲ (ଭୁବନ)ରେ ତାଙ୍କ ଘର । ଦୁଇଝିଅ ଭୁବନରେ ଓ ଅନ୍ୟ ତିନିଝିଅ ଭୁବନ ବାହାରେ ବିବାହିତ - ସୁମା, କୁନି, ମିନି, ଶିନୀ, ରୀନା ତାଙ୍କର ପାଚଂଝିଅ ଓ ରବି ତଥା ଶରତ ଦୁଇଜଣ ପୁଅ । ରବିଭାଇ ମୋଠାରୁ ବଡ ଓ ଶରତ ମୋଠାରୁ ସାନ । ରବିଭାଇ - ଆମ ଭୁବନ ସନିକଟ୍ ଷଡଙ୍ଗୀ ଗ୍ରାମରେ ବିବାହିତ ଓ ଶରତ ଆମ ଭୁବନ ସହରରେ ବିବାହିତ । ବିବାହର କିଛିଦିନ ମଧ୍ୟରେ ଦୁଇଭାଇ ସଂପୂର୍ଣ୍ଣ ଅଲଗା । ବଡ ଭାଉଜ ଆମର ଭାରି ଆମାୟିକ ଓ ଶାନ୍ତଶିଷ୍ଟ କିନ୍ତୁ କୌଣସି ମତେ ସାନ ଯା (ଶରତର ସ୍ତ୍ରୀକୁ) ଏକତ୍ର ଚଳିବାରେ ବିଫଳତା ଜୀବନର ଗୋଟେ ଦିଗ ଅଟେ ।

ମୋର ମଧ୍ୟମ ମାଉସୀ ଗୋଡି ମାଉସୀ । ଭୁବନ ନାୟକ ସାହିରେ ବିବାହିତ । ହାଡିଆ ମଉସା - ବୃତିରେ ଜଣେ ଚାଷୀ । ଦୁଇଝିଅ କେତକୀ ଓ ଦେବକୀ, ସେ ଦୁହେଁ ଆମ ଭୁବନ ସହରରେ ବିବାହିତ । ତିନିଗୋଟି ପୁଅ - ଯୁଧିଷ୍ଠିର, ରମେଶ ଓ ବିଶ୍ୱନାଥ, ତିନିପୁଅ ଓ ଦୁଇଝିଅ ସମସ୍ତେ ମୋଠାରୁ ବୟସରେ ବଡ ଅଟନ୍ତି ।

ବଡପୁଅ ଯୁଧିଷ୍ଠିର - ଜଣେ ଆର୍‌ଏସ୍‌ଏସ୍‌ର ସ୍ୱୟଂ ସେବକ । ଆଦ୍ୟରୁ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପ୍ରଧାନ ଆଚାର୍ଯ୍ୟ । ଶିକ୍ଷା - ବିଏ, ବି.ଇଡି । ସେ ଯାଜପୁର ରୋଡ, ଶଙ୍ଖଚିଲା ଗ୍ରାମରେ ବିବାହ କରିଛନ୍ତି । ଭାଉଜ ସୁଷମା ମାଟ୍ରିକ୍ୟୁଲେଟ୍ । ଦୁଇଝିଅ ଓ ଗୋଟିଏ ପୁଅକୁ ନେଇ ତାଙ୍କ ସଂସାର ବିବାହ ପରେପରେ - ଭାଉଜ ସୁଷମା ଶାଶୁଘର ଛାଡି (ମାଉସୀ ଘର) ଭାଇ ପାଖରେ ସଦାସର୍ବଦା ରୁହନ୍ତି । ଭଲମନ୍ଦ କାମରେ ଭୁବନ ଆସିଥାନ୍ତି । ମୁଁ ଯେତେବେଳେ ଏମ୍.ଏ. (ଓଡିଆ) ପରୀକ୍ଷା ଘରୋଇ ଭାବରେ କଟକ ଲ କଲେଜରେ

ଦେଉଥିଲି । ଯୁଧିଷ୍ଠିର ଭାଇ - କଟକର ନୂଆବଜାର ସରସ୍ୱତୀ ଶିଶୁ ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଥିଲେ । ମୁଁ ତାଙ୍କ ପାଖରେ ଏକମାସ ରହି ମୋର ପିଜି ପରୀକ୍ଷା ଦେଇଥିଲି । ସୁଷମା ଭାଉଜ ସଂପୂର୍ଣ୍ଣ ମୋର ରହିବା ଓ ଖାଇବା ଦାୟିତ୍ୱ ନେଇଥିଲେ । ଅନ୍ୟ ଜଣେ ଭାଇ ରମେଶ, ସେ ଭୁବନ ସହରରେ ବିବାହିତ । ଭାଉଜ - ମାଳତୀ (କୁଇଁ), ଜଣେ ସାଧାସିଧା, ଅପାଠୁଆ, ଆଧୁନିକା ଝିଅଟିଏ । ଭାଇ ପେଷାରେ ଟ୍ରକ୍ ଡ୍ରାଇଭର । ଦୁଇପୁଅ ପିଟୁଂ ଓ ଗୋବିକୁ ନେଇ ତାଙ୍କ ପରିବାର । ମୋ ଜୀବନର ସବୁଠାରୁ ଆଦର୍ଶ ଭାଉଜ ମାଳତୀ । ମୁଁ ଭାବେ ଯେ - ସେ ମୋର ସମସାମୟିକ ସାଙ୍ଗ ଓ ଜଣେ ବାନ୍ଧବୀ, ମୋର ମନର କଥା ମୁଁ ତାଙ୍କୁ ସବୁ ସେୟାର କରେ । ସେ ମୋତେ ବହୁତ ଭଲପାଆନ୍ତି, ମୁଁ ମଧ୍ୟ ତାଙ୍କୁ । ପିଲା ଦୁଇଟିର ପଢିବାର ସଂପୂର୍ଣ୍ଣ ଦାୟିତ୍ୱ ମୁଁ ନେଇଥାଏ । ବଡପୁଅ ତ୍ରିଲୋଚନ (ପିଟୁଂ) ମାଟ୍ରିକ୍‌ରେ ପ୍ରଥମ ଶ୍ରେଣୀରେ ପାସ୍ ପରେ - ମୁଁ ତାଙ୍କୁ ନୀଳଗିରି (ବାଲେଶ୍ୱର)ର ଏକ ଡିପ୍ଲୋମା ସ୍କୁଲରେ ମେକାନିକାଲ ଡିପ୍ଲୋମା ଇଂଜିନିୟର ଓ ପରେପରେ OJEE ଦେଇ - ଭବାନୀପାଟଣା ସରକାରୀ ଡିଗ୍ରୀ ଇଂଜିନିୟର କଲେଜରୁ ଗତବର୍ଷ ଈ. ଞରମଷ ପାସ୍‌କରି ଇଂଜିନିୟର ହୋଇପାରିଅଛି । ସାନପୁଅ ନରେନ୍ଦ୍ର (ଗୋବି)ଟିକୁ ମୁଁ ପିଲାଟି ଦିନରୁ ପାଠପଢାରେ ସାହାଯ୍ୟ କରେ ବେଳେବେଳେ ପାଠ ବୁଝାଇଦିଏ । ମାଟ୍ରିକ୍‌ରେ ପ୍ରଥମ ଶ୍ରେଣୀରେ ପାସ୍ କଲାପରେ ସେ ବର୍ତମାନ ବାଜିରାଉତ କଲେଜରେ ବିଏ (ଓଡିଆ) ଅନର୍ସ ନେଇ ପଢୁଅଛି । ଭବିଷ୍ୟତରେ ଜଣେ ଶିକ୍ଷକ ହେବାପାଇଁ । ଭାଉଜ ମୋତେ ଗୋଟିଏ ତିନି ହଜାର ଟଙ୍କା ଦେଇଥିଲେ, ମୁଁ ସେଥିରେ ମୋ ଜୀବନର ପ୍ରଥମ ମୋବାଇଲଟିଏ କିଣିଥିଲି । ଅଧ୍ୟାପକ ଚାକିରୀ ତଥା ବିବାହ ପୂର୍ବରୁ - ରାଜନୀତି, ସାହିତ୍ୟକୁ ସମୟ ଦେଇ ମୁଁ ଅଧାସମୟ ଭାଉଜ ମାଳତୀ ସହିତ ତାଙ୍କ ପରିବାରରେ ସମୟ କାଟୁଥିଲି । ମୋ ଭାଉଜ ରୋଗାଗ୍ରସ୍ତ ହୋଇ କଟକ ବଡ ଡାକ୍ତରଖାନାରେ ମାସାଧିକ କାଳ ଚିକିତ୍ସା ହେଲା । ମୁଁ ସେତେବେଳେ କଟକରେ ତାଙ୍କ ପାଖରେ ରହିଥିଲି । ମୋର ଚାକିରୀ ଓ ବିବାହ ଡେରି ହେଉଥିବାରୁ - ଅନେକ ସାହିପଡିଶା ଲୋକ ଭାଉଜ ମାଳତୀ ଯୋଗୁ ସୁବାଷ କୁଆଡେ ଯାଉନାହିଁ ବୋଲି କହୁଥିଲେ, ମାତ୍ର ଏହା ସଂପୂର୍ଣ୍ଣ ଭୁଲ୍ । ମୋ ଚାକିରୀ ଓ ବିବାହ ପାଇଁ ଭାଉଜ ସଦାସର୍ବଦା ଭଗବାନଙ୍କୁ ପ୍ରାର୍ଥନା କରୁଥିଲେ । ପରିଶେଷରେ ବାବା ବୁଦ୍ଧେଶ୍ୱର ତାଙ୍କର ଦୁଃଖ ଶୁଣିଲେ ଓ ମୁଁ ଚାକିରୀ ଓ ବିବାହ କରିଲି । ସେ ମୋର

ଧର୍ମପତ୍ନୀ ତୁଳସୀଙ୍କୁ ବିବାହ ସମୟରେ ଦୁଇଗୋଟି ସୁନାର କାନଫୁଲ ବ୍ୟକ୍ତିଗତ ଭାବରେ ଦେଇଥିଲେ, ସେ ମୋର ବିବାହ ସମୟରେ ମୋର ସହିତ ବରଯାତ୍ରୀ ଯିବାକୁ ବାହାରୁଥିବା ସମୟରେ ଗାଡି ଚାଲି ଯାଇଥିବାରୁ ସେ ଯାଇପାରିନଥିଲେ । ସେଇଟା ତାଙ୍କ ପାଇଁ ଦୁଃଖ ଥିଲା । ତାଙ୍କର କଲେଜ ରୋଡରେ ନୂତନ ଘରକରି ବର୍ତମାନ ସେଠାରେ ରହୁଛନ୍ତି ।

ଅନ୍ୟଜଣେ ଭାଇ ବିଶ୍ୱନାଥ ଓ ଭାଉଜ, ସେ ଆମ ଭୁବନର ଝିଅ । ଭାଇଙ୍କୁ OMFED ଡିଲରସିପ୍ ମୁଁ କରାଇଦେବାରେ ପ୍ରମୁଖ ଭୂମିକା ନେଇଥିଲି ।

ଅନ୍ୟ ଜଣେ ସାନ ମାଉସୀ ବାସନ୍ତୀ । ସେ ଭଦ୍ରକରେ ବିବାହିତ । ତା'ର କୌଣସି ପୁଅଝିଅ ନାହାଁନ୍ତି । ମଉସା ମରିଯାଇଥିବାରୁ, ମୋର ଅଜା ଥିବା ସମୟରେ ସେ ତାକୁ ତାଙ୍କ ଘର ପାଖରେ ଏକ ଜାଗା ଦେଇଥିଲେ ସେ ସେଠାରେ ଘରକରି ରହିଛି । ସେ ମୋର ମା' ତା' ସାନ ଭଉଣୀ ଭାରତୀକୁ ବହୁତ ଭଲପାଏ, ଦିନକୁ ଚାରିଥର ସେ ଆମ ଘରକୁ ଆସେ

ବାସ - ମୋ ଜୀବନ ପରିଧିରେ ଉପରୋକ୍ତ ପିତୃ ତଥା ମାତୃପକ୍ଷର ଭାଉଜମାନେ ଆସିଛନ୍ତି । ସେମାନଙ୍କର ସ୍ନେହପ୍ରେମ ମୋତେ ଜଣେ ଭଲ ମଣିଷ କରିପାରିଅଛି । ମାତ୍ର ସମସ୍ତ ଭାଉଜ ମୋ ପାଖରେ ସମ୍ମାନ ସମସ୍ତେ ମୋତେ ଭଲପାଆନ୍ତି, ସ୍ନେହ କରନ୍ତି । ବଡ ମଣିଷ ହେବାପାଇଁ ଆଶୀର୍ବାଦ କରନ୍ତି । ମାତ୍ର ମୋର ମାନନାଖି ଭାଉଜଟି ହେଉଛି ମାଳତୀ । ଏ ଗଳ୍ପ ଭାଉଜ ଲେଖିବାରେ ସେହିଁ ଏକମାତ୍ର ପ୍ରେରଣାଦାୟୀ ।

---

## ଶାଳୀ ଦୁଇଟା

ଓଡିଆରେ ଗୋଟିଏ ଢଗ ଅଛି - ଶାଳୀ ଅଧା ଘରବାଲି ।

ଏହା କେତେକାଂଶରେ ସତ ଥାଇପାରେ, ମାତ୍ର ପଥହରା ପଥିକ ସୁବାଷର ଜୀବନ ପରିଧିରେ ଶଳୀ ଦୁଇଟା ଏକ ଜୀବନ୍ତ ଗଳ୍ପର କାହାଣୀ ଅଟେ ।

ଭୁବନ ଏକ ଐତିହାସିକ ଗାଁ ବର୍ତମାନର ସହର, ଏଠାକାର ଏକ ସରଳ, ଆମ୍ରାୟିକ ପରିବାର - ନାୟକ ବଂଶଲତା । ସେଥିରେ ଶ୍ରୀରାମ ପରିବାର, ମୋ ବାପା - ରାମଚନ୍ଦ୍ର ନାୟକଙ୍କ ଭୁବନ ସହରରେ ଏକ ପ୍ରତିଷ୍ଠା ରହିଅଛି, ଜଣେ ଜାତୀୟ ସ୍ତରର ବିଶିଷ୍ଟ କାଠଶିଳ୍ପୀ, ବରିଷ୍ଠ ରାଜନେତା ସର୍ବୋପରି ଜଣେ ସମାଜସେବୀ ସର୍ବୋପରି ମାଟିର ମଣିଷଟିଏ । ପତ୍ନୀ - ଭାରତୀ ଦେବୀ ଓ ଏକ କନ୍ୟା ଓ ତିନି ପୁଅକୁ ନେଇ ତାଙ୍କ ସଂସାର । ବଡଝିଅ - ଜୟନ୍ତୀ ବିବାହ ପରେ ୨୦୧୨ରେ ବିବାହର ଦୀର୍ଘ ୧୨ ବର୍ଷ ପରେ ବଡପୁଅ ସୁବାଷର ବିବାହ ହୋଇଥିଲା । ଏହାର ଏକମାତ୍ର କାରଣ ଥିଲା - ବିଧିନିର୍ଦ୍ଧିଷ୍ଟ । ସୁବାଷ ବାପାଙ୍କର ରାଜନୈତିକ ଉତରାଧିକାରୀ ଭାବରେ ସ୍ଥାନୀୟ ଚେୟାରମ୍ୟାନ ଅବା ବିଧାୟକ ଓ ସାଂସଦ ନିର୍ବାଚନରେ ପ୍ରମୁଖ ଭାବରେ ପଦାର୍ପଣ ବିଜେପି ଯୁବନେଡାଟିଏ ଭାବରେ ସରକାର ଦୋଷ ଦୁର୍ବଳତାକୁ ନେଇ - ଓଡିଶା ବିଧାନସଭା ଅବା ଭାରତୀୟ ପାଲ୍ୟାମେଟଂ ଘେରଉରେ ସକ୍ରିୟ ଅଂଶଗ୍ରହଣ ସହିତ ସାହିତ୍ୟରେ ଗବେଷଣା ଓ ସାହିତ୍ୟ ରଚନାରେ ଜୀବନକୁ ବିତାଇ ବୈବାହିକ ଜୀବନଠାରୁ ବହୁତ ଦୂରରେ ଥିଲି । ଆଜିକା ସମାଜରେ ତୁମେ ଯଦି ଭଲ ଚାକିରୀ କିମ୍ଵା ଭଲ ବ୍ୟବସାୟ ନକରିବ, ବିବାହ ସମୟରେ ବହୁତ କଷ୍ଟସାଧ୍ୟ ହେବ - କନ୍ୟାପାତ୍ରୀ ଖୋଜିବାରେ ମୁଁ ବା ସେଥିରୁ ବାଦ୍ ବା ପଡନ୍ତି କିପରି । ପ୍ରତ୍ୟେକଙ୍କ ଜୀବନରେ ଗୋଟିଏ ଗୋଟିଏ ସୁଯୋଗ ଆସିଥାଏ, ମୋ ଜୀବନରେ ମଧ୍ୟ ଗୋଟିଏ ସୁଯୋଗ ଆସିଲା - ମୋ ବାପା ରାମଚନ୍ଦ୍ରଙ୍କର ସମସାମୟିକ ସାଙ୍ଗ ଥିଲେ ଭୁବନର ରାଧାଶ୍ୟାମ ସାର୍ ଜଣେ ଭଲ ବିଜ୍ଞାନ ଶିକ୍ଷକ । ଢେଙ୍କାନାଳ ସହରରେ ତାଙ୍କର ସାନଶଳା ଜ୍ଞାନେନ୍ଦ୍ର କୁମାର ସାହୁ (ମିଟୁ) କରିଥିଲେ ବିଦ୍ୟାର୍ଥୀ ରେସିଡେଟାଂଲ କଲେଜ (+୨ ବିଜ୍ଞାନ ଶ୍ରେଣୀ) ସେଠାରେ ପ୍ରିନିସ୍‌ପାଲ୍ ଥାଆନ୍ତି - ଇଂରାଜୀର ବରିଷ୍ଠ ପ୍ରଫେସର ଦେବଦତ ମିଶ୍ର (ସିଏ ଅବସରପ୍ରାପ୍ତ ପ୍ରିନିସ୍‌ପାଲ୍ - ବାଜିରାଉତ ମେମୋରିଆଲ କଲେଜ, ଭୁବନ) । ମୋ ବାପା ରାମଚନ୍ଦ୍ର - ଆମ କଲେଜରେ ଏମ୍.ପି. ତଥାଗତ ଶତପଥୀଙ୍କର

ନୋମିନୀ ଭାବରେ କାର୍ଯ୍ୟକରି ଦେବଦତ ସାର୍‌ଙ୍କ ସାଙ୍ଗରେ ଅତି ଉତମ ସଂପର୍କ ଥିଲା ଦେବ ସାର୍ ଓ ମିଟୁ ମାମୁଁଙ୍କ ଯୋଗୁ - ମୁଁ ବିଦ୍ୟାର୍ଥୀ କଲେଜର ସ୍ଥାୟୀ ଓଡିଆ ଅଧ୍ୟାପକ ଭାବରେ ଯୋଗଦାନ କରିଲି, ସେତେବେଳକୁ ମୋର ଗବେଷଣା (ପିଏଚ୍.ଡି.) ସରିଯାଇଥିଲା । ଜନ୍ମ, ଶିକ୍ଷା, କର୍ମ ପରେ ଆମ ପରିବାରର ବଡପୁଅ (ମୋର ତଳେ ଦୁଇଭାଇ ଆଡଭୋକେଟ୍ ପ୍ରକାଶ ଓ ଶିକ୍ଷକ ମାନସ) ହୋଇଥିବା ହେତୁ ବିବାହ ପ୍ରସ୍ତାବ ମଧ୍ୟସ୍ଥିଙ୍କ ମାଧ୍ୟମରେ ଲାଗିଲା । ଛଅମାସ ମଧ୍ୟରେ ମୁଁ ପାଚଂ  ଜଣ ଝିଅଙ୍କୁ ଦେଖିସାରିଥିଲି କେଉଁଠି ମୁଁ ସେମାନଙ୍କର ପସନ୍ଦ ହେଉନଥିଲି ତ ସେମାନେ ମୋର ପସନ୍ଦ ହେଉନଥିଲେ ।

ଓଡିଆରେ ଗୋଟିଏ କଥା ଅଛି -

"ଯିଏ ଯାହା ହାଣ୍ଡିରେ ଚାଉଳ ପକାଇଥାଏ"

ଅର୍ଥାତ୍ ବିବାହ ସ୍ୱର୍ଗରେ ସ୍ଥିରୀକୃତ ହୋଇଥାଏ, ଯାହା ଘରକୁ ଯିଏ ଆସିବା କଥା ସଠିକ୍ ଟାଇମ୍ ହେଲେ ସିଏ ବିବାହ ମାଧ୍ୟମରେ ଆସିଥାଏ, ମୋ ଜୀବନରେ ମଧ୍ୟ ସେହିପରି ଘଟିଥିଲା ଅଧ୍ୟାପକ ଚାକିରୀର ଛମାସ ଓ ଷଷ୍ଠ କନ୍ୟାରେ ମୋର ବିବାହ ହୋଇଥିଲା ।

ଆମର ଜଣେ ଦୂର ସମ୍ପର୍କୀୟ ଭାଇ ଆମ ଭୁବନ ବଡହାଟସ୍ଥ - ଜୟ ସାହୁ ମୋର ବିବାହର ମଧ୍ୟସ୍ଥି ଥିଲେ । ତାଙ୍କ ସାନଭାଇ ଡାକୁ କଟକରେ ବାହା ହୋଇଥିଲେ - ସେ ସମ୍ପର୍କ ମଧ୍ୟରେ ମୋର ବିବାହ ସଂପୂର୍ଣ୍ଣ ହୋଇଥିଲା ।

ଐତିହାସିକ କଟକ ସହରର ପୁରାତନ ଚାଉଳିଆଗଞ୍ଜ ଅଚଂଳର ସୁରେନ୍ଦ୍ର କୁମାର ସାହୁ ଓ ସୁଭଦ୍ରା ଦେବୀଙ୍କର ମଧ୍ୟମ କନ୍ୟା ତୁଳସୀ (ଟିକି) ସହ ଶିବ ମନ୍ଦିରରେ । ବାଜାରୋଷଣୀ ସହ - ୧୨ ଜୁନ୍ ୨୦୧୫ରେ ବୈଦିକ ରୀତିରେ ବିବାହ କର୍ମ ସଂପୂର୍ଣ୍ଣ ହୋଇଥିଲା ବିନା ଯାନି ଓ ଯୌତୁକରେ । ମୋ ବାପା ମୋର (ପିଏଚ୍.ଡି.) ଆୱାର୍ଡ ପରେ ହିରୋହୋଣ୍ଡା ସ୍ପେଣ୍ଡର ମଟର ସାଇକେଲ ଦେଇଥିଲେ (OR 02 BU 1122). ବାପା ଜଣେ ବିଶିଷ୍ଟ କାଠଶିଳ୍ପୀ ହୋଇଥିବାରୁ - ଆମ ଘରର ଆସବାବପତ୍ର - ବକ୍ସ ଖଟ, ଡ୍ରେସିଙ୍ଗ୍ ଟେବୁଲ, ଆଲଣା, ସୋଫା ସେଟ୍, ଡାଇନିଙ୍ଗ୍ ସେଟ୍ ସେ ନିଜେ କରାଇ ଦେଇଥିଲେ । ମୋ ବାପା ଓ ମା' ଯୌତୁକ ବିରୋଧି ଥିଲେ, ମୋର ନୂଆନୂଆ ଅଧ୍ୟାପକ ଚାକିରୀ ପ୍ରାୟ ସେହି ସମୟରେ ୨,୫୦,୦୦୦ (ଅଢେଇ ଲକ୍ଷ) ମୋ ବାପା ମୋ ବାହାଘରରେ ଖର୍ଚ୍ଚ କରିଥିଲେ । ମୁଁ କୌଣସି ଯୌତୁକ ଆଣିନଥିଲେ ମଧ୍ୟ - ମୋ ସ୍ତ୍ରୀର ସୁନା ସେଟ୍, ମୋର

ଚେନ୍, ମୁଦି ସହ । ଘରର ଆସବାବପତ୍ର ଗଡ୍ରେଜ୍, ଘରକରଣା ସାମଗ୍ରୀ - ଟିଭି, ମୋ ଶ୍ୱଶୁର ମୋ ସ୍ତ୍ରୀକୁ ସ୍ୱଇଚ୍ଛାରେ ଦେଇଥିଲେ । ମନ୍ଦିରରେ ସାଧାର ଉତମ ଭୋଜିଟିଏ, ଆମ ପରିବାରର ପଚାଶ ବରଯାତ୍ରୀ ତଥା ତାଙ୍କ ପରିବାର ପାଖାପାଖି ତିନିଶହ ଲୋକ ଖାଇଥିଲେ

ମୋ ଶ୍ୱଶୁରଙ୍କ ବାପା ବିପିନ୍ ବିହାରୀ ସାହୁ (ମୋ ଜେଜେଶ୍ୱୁର) ବ୍ୟବସାୟୀ ଥିଲେ । ଜେଜେ, ଜେଜେମା, ମୋ ଧର୍ମପନ୍ତ୍ରୀ ତୁଳସୀର ମରି ଯାଇଥିଲେ । କଟକରେ ତାଙ୍କର ଦୁଇଗୁଣ୍ଠ ଜାଗା ସହିତ ନବେ ବର୍ଷର ଦ୍ୱିତାଲା କୋଠାଘର ଓ ବାରି ଅଛି । ମୋ ଶଶୁର ସୁରେନ୍ଦ୍ର ଏକମାତ୍ର ପୁଅ ଓ ଦୁଇ ଝିଅ । ବଡ ପୀଉସୀ ଜଗତସିଂହପୁର ଓ ସାନ ପିଉସୀ ଭଦ୍ରକରେ ବିବାହିତ । କାଳକ୍ରମେ କଟକରେ ବ୍ୟବସାୟ କରି - ଅପର୍ଣ୍ଣା ନଗରରେ ରୁହନ୍ତି ।

ମୋ ଶଶୁର ଜଣେ ଟେଲର ଦୋକାନୀ । ତାଙ୍କ ନିଜସ୍ୱ ଘରେ ତାଙ୍କର ଦୋକାନ । ପୂର୍ବରୁ ବାପାଙ୍କ ସହିତ ଲୁଗା ଦୋକାନ କରିଥିଲେ । ସାଧାରଣତଃ ଆମ ଜାତି ପାଟରାମାନେ ବ୍ୟବସାୟୀ ଅଟନ୍ତି । ମୋ ଶଶୁର - କଟକର ଟାଙ୍ଗୀରେ ବିବାହ କରିଥିଲେ । ତାଙ୍କର ଦୁଇଗୋଟି ଶଳା (ଆମ ମଳାଶ୍ୱୁର) ଓ ଦୁଇଗୋଟି ଶାଳୀ (ଆମ ମା' ଶାଶୁ) ଅଛନ୍ତି । ମୋ ଶାଶୁ - ସୁଭଦ୍ରା ଦେବୀ ବହୁତ ସରଳ, ଆତ୍ମୀୟିକ ଓ ଧର୍ମପରାୟଣ ମହିଳା ।

ମୋର ଶାଳୀ ଦୁଇଟା - ଗଳ୍ପରେ ଦୁଇଧାରର ଶାଳୀକୁ (ଶାଳୀ ଦୁଇଟା)ର ଆଖ୍ୟା ଦିଆଯାଇଛି । ଯେଉଁମାନେ କି ମୋ ଜୀବନ ପରିଧିକୁ ଆସିଛନ୍ତି । ସେହି ଶାଳୀ ଦୁଇଟା - ପ୍ରଥମ ଧାରା - ମୋ ନିଜସ୍ୱ ଶାଳୀ ଅର୍ଥାତ୍ ମୋ ଧର୍ମପନ୍ତ୍ରୀ ତୁଳସୀର ଦୁଇ ଭଉଣୀ ଶଶ୍ମିତା (ସିଲି) ଓ ଲକ୍ଷ୍ମୀପ୍ରିୟା (ଗୁଲୁ) । ଅନ୍ୟ ଶାଳୀଧାରାଟି ଧର୍ମପନ୍ତ୍ରୀ ତୁଳସୀର ସମ୍ପର୍କୀୟା ଶାଳୀ । ଅର୍ଥାତ୍ ବଡ ପିଉସୀ ଝିଅ ରିନୁଆ ଓ ସାନ ପିଉସୀ ଝିଅ ପିଙ୍କିନା ତଥା ମାଉସୀ ଝିଅ ସୋନୀ । ସର୍ବୋପରି ପାଚଂଗୋଟି ଶାଳୀ ଚରିତ୍ର ମୋ ଗଳ୍ପର ନାୟିକା ଅଟନ୍ତି ।

ମୋ ଶଶୁର ଓ ଶାଶୁଙ୍କର ଚାରିଗୋଟି କନ୍ୟାସନ୍ତାନ ପରେ ଏକ ପୁତ୍ର ସନ୍ତାନ ଅଛି । ପାଚଂଜଣଙ୍କୁ ନେଇ ତାଙ୍କ ପରିବାର । ବଡଝିଅ - ବାସନ୍ତୀ (ମିଲି), ମଧ୍ୟମଝିଅ - ଶଶ୍ମିତା (ସିଲି), ସାନଝିଅ - ଲକ୍ଷ୍ମୀପ୍ରିୟା (ଗୁଲୁ) ଓ ସମସ୍ତଙ୍କଠୁ ସାନପୁଅ ଡମ୍ବୁରଧର (ଗୁଡ) । ତେଲଲୁଣର ସଂସାର ମଧ୍ୟରେ ମୋ ଶଶୁର ସମସ୍ତ ପିଲାମାନଙ୍କୁ ଶିକ୍ଷା ଓ

ସଂସ୍କାର ଦେଇଅଛନ୍ତି ଓ ସମାଜରେ ଚଳିବା ପାଇଁ (କର୍ମବାଦୀ) ପାଇଁ ଶକ୍ତି ଓ ସାମର୍ଥ୍ୟ ଦେଇଛନ୍ତି ।

ମୋ ଧର୍ମପତ୍ନୀ ତୁଳସୀର ବଡଭଉଣୀ (ମୋର ଦେଢଶାଶୁ) ମିଳି, କଟକର ରେଭେନ୍ସା କଲେଜରୁ ବିଏ ପାସ୍‌କରି ଏକ ପ୍ରାଇଭେଟ୍ ମୋବାଇଲ୍ କମ୍ପାନୀରେ ଚାକିରୀ କରିଥିଲେ । ସେଠାରେ ସମୟର ଚକ୍ରରେ ପ୍ରଶାନ୍ତ ସାହୁ (ଢେଙ୍କାନାଳ ଜିଲ୍ଲା - ଘଟିପିରି) ଅଚଂଳର ଯୁବକ, ଯେକି ମୋବାଇଲ ହୋଲସେଲର (ସିମ୍) ଭାବରେ କାର୍ଯ୍ୟ କରୁଥିଲେ, ଦୁହେଁ ଦୁହିଁକୁ ଭଲପାଇ ବସିଲେ ଓ ପରିବାରର ଅନିଚ୍ଛା ସତ୍ୱେ (ପୁଅର ଘର ଅନ୍ୟ ଜାତି)ରେ ମନ୍ଦିରରେ ବୈଦିକ ରୀତିରେ ବିନା ଯୌତୁକରେ ବିବାହ କାର୍ଯ୍ୟ ସରିଥିଲା । ମାତ୍ର ସେ ତାଙ୍କର ଶାଶୁଘର ଘଟିପିରି ଯାଇନଥିଲେ । ଢେଙ୍କାନାଳରେ ତାଙ୍କ ଶାଶୁ,ଶଶୁର ସହ ରହୁଥିଲେ । ତାଙ୍କ ସ୍ୱାମୀ ପ୍ରଶାନ୍ତ ଢେଙ୍କାନାଳରେ ମୋବାଇଲ୍ ଦୋକାନ ଦେଇଥିଲେ । କାଳକ୍ରମେ ମିଳିନାନୀ – ଚୌଦ୍ୱାର ମ୍ୟୁନିସିପାଲିଟିରେ (ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ)ର ସିଓ (କମ୍ୟୁନିଟ୍ ଅର୍‌ଗାନାଇଜର୍) ଭାବରେ କଣ୍ଟ୍ରାଂଚୁଆଲ୍ ଚାକିରୀରେ ଯୋଗଦେଲେ ଓ ପରବର୍ତୀ ମୁହୂର୍ତରେ ତାଙ୍କ ସ୍ୱାମୀ ପ୍ରଶାନ୍ତ ଭାଇ ଚୌଦ୍ୱାରରେ ମୋବାଇଲ୍ ଦୋକାନ ଦେଲେ । ତାଙ୍କର ଦୁଇଗୋଟି ପୁଅ ଅଛନ୍ତି ।

ମଧ୍ୟମ କନ୍ୟା ମୋ ଧର୍ମପତ୍ନୀ ତୁଳସୀ (ଟିକି) – ଖୁବ୍ ଆତ୍ମୀୟିକ, ଭଦ୍ର ଓ କର୍ମଠ ପିଲା । କଟକର କୁସୁମଦେବୀ ମହିଳା କଲେଜରୁ ବିଏ ପାସ୍‌କରି କିଛିଦିନ ଘରେ ପିଲାଙ୍କୁ ଶିକ୍ଷାଦାନ କଲେ । ତେଲଙ୍ଗା ପୀଠ ଠାରେ ପଣ୍ଡା କ୍ୟାନସର କ୍ୟୁରେ ଆକାଉଟଂ ସେକ୍ସନ୍‌ରେ କାମ କରିଲେ ।

ସାନକନ୍ୟା – ଶଶ୍ମିତା (ସିଲି) – କଟକର ଜାତୀୟକବି ବୀରକିଶୋର କଲେଜ (ଜେକେବିକେ)ରୁ ବିଏ ପାସ୍‌କରି ସ୍ଥାନୀୟ ସାହାରା ଇଣ୍ଡିଆ କମ୍ପାନୀରେ କାମ କରୁଥିଲା । ସାହିମାନଙ୍କରେ ଲୋକମାନେ ବର୍ଷକୁ ଥରେ ପିକ୍‌ନିକ୍ କରିବାକୁ ଯାଆନ୍ତି । ସେ ମୋର ଶାଶୁ ଓ ଶଶୁର ସାଙ୍ଗରେ ପିକ୍‌ନିକ୍ କରିବାକୁ ଯାଇଥିଲା । ସେଠାରେ ଭଲବୋ ବସ୍‌ର ଡ୍ରାଇଭର ସନ୍ତୋଷ ସାହୁଙ୍କ ସହ ପରିଚୟ ହୁଏ ଓ ପରେ ଦୁହେଁ ଦୁହିଁଙ୍କ ମଧ୍ୟରେ ଭଲପାଇବା ଆସିଯାଏ । ମାତ୍ର ବଡନାନୀ ତୁଳସୀ ବିବାହ କରିନଥିବାରୁ – ସେ ବିବାହ କରିପାରେ ନାହିଁ । ପରିଶେଷରେ ସନ୍ତୋଷ ଓ ସିଲି ସବୁଦିନ ପାଇଁ ଲୁଚି ପଳାଇ (ବିନା ବାହାଘରରେ) ଜୀବନସାଥୀ ହୋଇଗଲେ

ମୋର ଧର୍ମପତ୍ନୀ ତୁଳସୀର ବିବାହର ଛମାସ ପୂର୍ବରୁ ସେ ଘରୁ ଚାକିରୀ କରିବା ବାହାନାରେ ଯାଇଥିଲା । ମୋର ଶଶୁର ଥରେ - ତା'ର ଘର ଝାରସୁଗୁଡା ଯାଇଥିଲେ । ସନ୍ତୋଷ ଘର ଯାଜପୁର କି କେନ୍ଦୁଝରରେ ତାହା ସମସ୍ତଙ୍କୁ ଅଜଣା - ମାତ୍ର ଝାରସୁଗୁଡା କୋଇଲା ଖଣିର ତାଙ୍କ ବାପା ଡ୍ରାଇଭର ଥିଲେ । ବାପା ମରିଯିବା ପରେ ମା' ଓ ଦୁଇ ଭଉଣୀଙ୍କ ସହ ସନ୍ତୋଷ ତାଙ୍କର କମ୍ପାନୀ କଲୋନୀରେ ରହୁଥିଲେ ।

ମୁଁ ମୋର ବାହାଘର ପୂର୍ବରୁ ଏ ଦୁଇ ଘଟଣା ଜାଣିଥିଲି । ମିଲିନାନୀ ଲଭ୍ ମ୍ୟାରେଜ୍ ଓ ଶାଳୀ ସିଲି ମଧ୍ୟ ଲଭ୍ ମ୍ୟାରେଜ୍ । ମାତ୍ର ମୁଁ ତାହାକୁ ଭ୍ରୁକ୍ଷେପ କରିନଥିଲି । ମୁଁ ମୋର ଧର୍ମପତ୍ନୀ କ'ଣ ମୁଁ ବିଚାରକରି ବିବାହ କରିଥିଲି । ମୋ ବିବାହ ସମୟରେ ମୋ ଶାଳୀ ଗୁଲୁ ମୋର ହାତଗଣ୍ଠି ଫିଟାଇଥିଲା । ବିବାହର ପ୍ରଥମ ବର୍ଷ ଶଳା - ଗୁଡୁ ଓ ଶାଳୀ - ଗୁଲୁ, ଆମ ଘର ଭୁବନକୁ ରାକ୍ଷୀ ପିନ୍ଧାଇବାକୁ ଆସିଥିଲେ ।

ଦିନକର ଘଟଣା - ସେଦିନ ଥାଏ - ୨୬ ଜାନୁୟାରୀ ସାଧାରଣତନ୍ତ୍ର ଦିବସ (ମୋର ବିବାହର ପ୍ରଥମ ସନ୍ତାନ ୭ ମାସର ନଷ୍ଟଯିବା ପରେ ୩ ମାସ ଘରେ ରହି ପରେ କଟକ ଟାଙ୍ଗୀସ୍ଥ - ଟେଟ୍ରାହେଡ୍ରନ କଲେଜର ଅଧ୍ୟାପକ ଭାବରେ ଯୋଗଦେଇଥାଏ ।) ମୋ ଶଶୁର ମୋତେ ଫୋନ୍‌କରି କହିଲେ ଆମେ ଅର୍ଜେଟଂ ଭୁବନେଶ୍ୱର ଯିବା, ମୁଁ ପଚାରିବାରୁ ସେ କହିଲେ - ମୋ ଶାଳୀ ସିଲି ସନ୍ତୋଷ ସହିତ ପାଟିତୁଣ୍ଡ କରି ଭୁବନେଶ୍ୱର ଆସିଛି ପୁଣି ଘରକୁ (କଟକ) ଆସିବ - ମୁଁ ମୋର ବାଇକ୍‌ରେ ଶଶୁରଙ୍କୁ ନେଇ ଭୁବନେଶ୍ୱର ଗଲି ଓ ମୋର ଦେଢଶାଶୁ ମିଲିନାନୀ ଓ ପ୍ରଶାନ୍ତଭାଇ ବାଇକ୍‌ରେ ସେହିଦିନ ଭୁବନେଶ୍ୱର ଗଲେ । ମୋ ମନରେ ସବୁବେଳେ ଗୋଟିଏ ପ୍ରଶ୍ନ ଆସିଥାଏ ମୁଁ ସିଲିକୁ ଦେଖିବାକୁ ଅନ୍ୟ କିଏ ହୋଇଥିଲେ ମଧ୍ୟ ଯାଇନଥାନ୍ତା କାରଣ ମୋ ସ୍ତ୍ରୀ ତୁଳସୀକୁ ସେ ପ୍ରତାରଣା କରି ଛମାସ ପୂର୍ବରୁ ବିବାହ କରିଅଛି । ମୁଁ ଗଲି ସିଲିକୁ ଦେଖିଲି ଓ ସନ୍ତୋଷକୁ ଅନୁରୋଧ କରିବାରୁ ସେ ତାକୁ ତାଙ୍କ ଘରକୁ ନେଇଗଲା । ସିଲି ବିବାହର ଦୁଇବର୍ଷ ପର୍ଯ୍ୟନ୍ତ ତାଙ୍କ କଟକ ଘରକୁ ଆସିଲା ନାହିଁ, ତା' ନଣନ୍ଦ ଓ ସ୍ୱାମୀ ସହିତ ପାଟିକରି ବ୍ରଜରାଜନଗର ଥାନାରେ ଏତଲା ଦେଲା । ଥାନା ବାବୁ ସହ ମୁଁ ଶେଷରେ କଥା ହେବାରୁ ସନ୍ତୋଷକୁ ଛାଡିଲେ ଓ ସେହିଦିନ ଠାରୁ ସିଲି ତା'ର ଶାଶୁଘର ଛାଡି ବରଗଡ ସହରରେ ଭଡାଘରେ ରହୁଅଛି । ମୋ ଶଳା ଗୁଡୁ, ଶାଳୀ ଗୁଲୁ ସମସ୍ତଙ୍କ ବିରୋଧ ସତ୍ତ୍ୱେ ମୁଁ ସିଲିକୁ ତାଙ୍କ କଟକ

ଘରେ ପ୍ରବେଶ କରିଲି ଓ ସନ୍ତୋଷକୁ ମୋର ମାନ୍ୟତା ଏକ ସୁନାମୁଦି ଅର୍ପଣ କରିଲି । କିଛିଦିନ ଅନ୍ତେ - ରଜ ସମୟରେ ମୁଁ ମୋର ସ୍ତ୍ରୀ ଟିକି ଓ ଶାଳୀ ସିଲି ସମସ୍ତେ କଟକରେ ଥିଲୁ, କଟକର ଏକ ବସ୍ ମାଲିକ ବସ୍ ଚୋରି କରିଥିବା ଅଭିଯୋଗରେ ଚାଉଳିଆଗଞ୍ଜ ପୋଲିସ୍ ସନ୍ତୋଷକୁ ସକାଳୁ - ରାତି ୧୦ଟା ପର୍ଯ୍ୟନ୍ତ ଥାନାରେ ରଖିଦେଲେ । ସେ ନିଜର ଓ ଶଶୁର ଘରର ସମ୍ମାନ ନଯିବା ପାଇଁ କାହାକୁ କିଛି ନକହି - ଥାନାରେ ରହିଲେ । ପରିଶେଷରେ କହିବାରୁ ମୋ ଶଶୁର ଘର କଟକ - ଚାଉଳିଆଗଞ୍ଜରେ ରାତି ୧୦ଟାରେ ପୋଲିସ୍ ଶଶୁର ଘରକୁ ଆସିଥିଲା । ମୁଁ ଓ ମୋର ଶଶୁର ଯାଇ - ମୁଁ ଏକ ବ୍ୟକ୍ତିଗତ ଲିଖିତରେ ସନ୍ତୋଷକୁ ଥାନାରୁ ମୁକୁଳେଇଲି । କେସ୍‌ଟି ଥିଲା - ସନ୍ତୋଷର ବସ୍ ମାଲିକ ବସ୍‌ଟି କିଣି ଅଧା ପଇସା ନଶୁଝି ବସ୍‌ର ପାର୍ଟପତ୍ର ବାହାର ରାଜ୍ୟରେ ବିକ୍ରି କରିଦେଇଛନ୍ତି । ମୋ ଶାଳୀର ଦୁଇଟା ଝିଅ, ପ୍ରଥମ ଝିଅ ବ୍ରଜରାଜନଗରରେ ଜନ୍ମବେଳକୁ ତାଙ୍କ ଘରକୁ ମୁଁ ଓ ମୋର ଶାଶୁ ଯାଇଥିଲୁ । ଦ୍ୱିତୀୟ ଝିଅଟି ଚୌଦ୍ୱାରରେ ଜନ୍ମ ହୋଇଅଛି ।

ମୋର ଏକମାତ୍ର ଶଳା - ଗୁଡୁ, ବୟସ ୧୭ ବର୍ଷ । ମାଟ୍ରିକ୍ ପାସ୍‌ପରେ ମୋର ପରାମର୍ଶରେ କଟକ ସରକାରୀ ଆଇ.ଟି.ଆଇ. ପଢୁଥିଲା ମାତ୍ର ପଢା ସାରିପାରିଲା ନାହିଁ । ଚୌଦ୍ୱାରରେ ତା'ର ମିଲିନାନୀ ପାଖରେ ରହି ତା' ପ୍ରଶାନ୍ତ ଭାଇ ମୋବାଇଲ୍ ଦୋକାନରେ କାମ କରୁଥିଲା ଓ ମିଲିନାନୀ ବଡପୁଅକୁ ଟ୍ୟୁସନ୍ ଛାଡିବାକୁ ନେବାବେଳେ - ଚୌଦ୍ୱାରର ଏକ ଘରୋଇ ସ୍କୁଲ୍‌ରେ ବିଏ ପଢି ଶିକ୍ଷୟତ୍ରୀ ହୋଇଥିବା ଝିଅଟିଏ ଯେକି ବୟସରେ ତା'ଠାରୁ ବଡ ହେବ ପ୍ରେମକରି ବସି ଘରୁ ପଳାଇଯାଇ ବିବାହ କରିଲା ଓ ଭୁବନେଶ୍ୱରରେ ରହିଅଛି । ଝିଅର ମା' ଚୌଦ୍ୱାର ଥାନାରେ କେସ୍ ଦେଇଥିଲେ । ବଡନାନୀ ଗୁଲୁ ବିବାହିତ ନହୋଇଥିବାରୁ - ଗୁଡୁ ଘରକୁ ଆସେନାହିଁ । ଆଇନତଃ ତାକୁ ୨୧ ବର୍ଷ ବୟସ ହୋଇନାହିଁ

ଘରର ସାନଝିଅ - ଗୁଲୁ । ମୋ ବିବାହ ବେଳକୁ - +୩, ଦ୍ୱିତୀୟ ବର୍ଷ (କମର୍ସ) ଛାତ୍ରୀ ଭାବରେ କଟକ କଲେଜରେ ପାଠ ପଢୁଥିଲା । ତା'ର ଭଲ ପାଠହୁଏ । ମୋର ଟାଙ୍ଗୀରେ ଅଧ୍ୟାପକ ଚାକିରୀ ଅନେକ ସମୟରେ ମୁଁ ବିଶ୍ୱବିଦ୍ୟାଳୟ କାମରେ ଭୁବନେଶ୍ୱର ଫେରି କଟକରେ ଶଶୁର ଘରେ ରହି ତା' ପରଦିନ ବାଇକ୍‌ରେ କଟକର - ଟାଙ୍ଗୀସ୍ଥ ମୋ କଲେଜକୁ ଫେରିଆସେ । ମୋ ସାନଶାଳୀ ଗୁଲୁ ମୋ ପ୍ରତି ବହୁତ ଭଲ ବ୍ୟବହାର - ସେଠାରେ ଖାଇବା, ପିଇବାର ଯତ୍ନ ସେ ମୋର ନେଉଥାଏ । ଦିନକର ଘଟଣା - ମୁଁ ରାତି

ଭୁବନେଶ୍ୱର କାମସାରି ପାଖାପାଖି ୯ଟାରେ ଶଶୁର ଘରେ ପହଚିଂଲି ଗୁଲୁ ଘରେ ନଥାଏ । ରାତି ୧୧ଟାରେ ଘରକୁ ଫେରିଲା - ମୋ ଶାଶୁ ଓ ଶଶୁର ଥିଲେ ମୁଁ ପଚାରିଲି ଏତେ ରାତି ଯାଏଁ କେଉଁଠି ଥିଲୁ - ସେ କହିଲା ଆମ ମାଲିକ (ସେ କଟକର ଏକ ଫାୟାର ସେପଟ୍ ଇନ୍‌ଷ୍ଟିଚ୍ୟୁଟ୍‌ରେ ଚାକିରୀ କରୁଥିଲା)ଙ୍କ ଝିଅର ଜନ୍ମଦିନ ଥିଲା । ମୁଁ ସେଠାରୁ ଫେରିବାଟା ଡେରି ହେଇଗଲା । ସେ ମୋ କଥା ମାନି ତାଙ୍କ ମାଲିକ (ଡାଇରେକ୍ଟର)ଙ୍କ ମୋବାଇଲ ନମ୍ବର ଦେଲା ମୁଁ କଥାହେଲି, ସେ କହିଲେ ଲକ୍ଷ୍ମୀପ୍ରିୟା ବର୍ତମାନ ଗଲେ, ସେ ନମ୍ବରଟା ମୁଁ ଗୁଲୁ ଜବ୍ ଡାଇରେକ୍ଟର ସେଭେ କରିଲି ମୋ ମୋବାଇଲ୍‌ରେ । କିଛଦିନ ପରେ ମୋର ପତ୍ନୀ ଟିକି ଓ ମୁଁ କୌଣସି କାମରେ ଶଶୁର ଘର କଟକରେ ଥିଲୁ, ରାତି ୧୧ଟା ବେଳକୁ ଗୁଲୁ ନମ୍ବରକୁ ଟେଲିଫୋନ୍ ଆସିଲା - ସେ ଫୋନ୍‌ରେ ସେଭେ କରିଛି - ନୂଆଦିଲ୍ଲୀ ମୋ ସ୍ତ୍ରୀ ଟିକି - ଗୁଲୁକୁ ପାଟି କରିଥିଲା । ଗୁଲୁର ବିକମ୍ ପାସ୍‌ପରେ ମୋର ଉଦ୍ୟମରେ - ସେ ଇଗ୍ନୁରେ ଏମ୍.ଏ.କମ୍ (M.Com) ଆଡମିଶନ କରିଲା - ୧୦,୦୦୦ ଟଙ୍କା ନିଜେ ଦେଇ ପରେପରେ ୨ ବର୍ଷର ସମସ୍ତ ଖର୍ଚ୍ଚ (ପାଠପଢା ବହି) ମୁଁ ମୋର ଜଣେ ଅଧାପକ ଭିଣେଇ ଭାବରେ ଦେଇଥିଲା । ମୋର ଲକ୍ଷ୍ୟଥିଲା - ଦୁଇଭଉଣୀ ମିଲିନାନୀ/ସିଲି ଓ ଭାଇ ଗୁଡୁ ଭଳି ଭଲପାଇ ନ ବିବାହ କରୁ (M.Com) କରି ଅଧାପିକାଟିଏ ହୋଇ ବିବାହ କରୁ ।

ଗୁଲୁ ଆମ ଘରକୁ ଆସିଥିଲା - ମୋ ସାନଭାଇ ମାନସ ବାହାଘର ସମୟରେ । ମୋ ଶାଶୁ ଓ ଅନ୍ୟ ପରିବାର ବର୍ଗ ମଧ୍ୟ ଆସିଥିଲେ । ମୁଁ ପରଦିନ ସକାଳୁ ମୋ ବାଇକ୍‌ରେ ବସାଇ ଭୁବନରୁ କଟକ (ନୂଆ ବାଜିରାଉତ ବ୍ରିଜ୍ କପିଳାସ, ଟାଙ୍ଗୀ) ବାଟେ ନେଇଥିଲି । ସେ ମୋତେ କଟକର ଐତିହାସିକ ବାଲିଯାତ୍ରା ବୁଲାଇ ନେଇଥିଲା ଓ ରାମଦୋଳି ଆମେଦୁହେଁ ଖେଳିଥିଲୁ, ମୁଁ ବହୁତ ଉଚ୍ଚାରେ ଡରି ଯାଇଥିଲି । ପୁନଶ୍ଚ ଏକଦିନ ମୁଁ ମୋର କଲେଜରୁ ଛୁଟିନେଇ କଟକରୁ ଭୁବନେଶ୍ୱର ଗୁଲୁକୁ ମୋର ମଟର ସାଇକେଲ୍‌ରେ ନେଇ IGNOU ଅଫିସ୍‌ରେ ତା'ର (M.Com) ସମ୍ବନ୍ଧୀତ କାମ ସରିବା ସହ କଟକରେ କିଛି Official କାମ ସାରିଥିଲୁ । ଗୁଲୁର ମୋ ପ୍ରତି ବହୁତ ସମ୍ମାନ ଓ ଭଲପାଇବା ଥିଲା । ମୁଁ ତା'ର ଡାଇରେକ୍ଟରଙ୍କ ସହ ମଝିରେ ମଝିରେ ଫୋନ୍‌ରେ କଥାହୁଏ । ଥରେ ମୁଁ ତାକୁ କହିଥିଲି ତୋର ଚାକିରୀର ମାଲିକ (ଡାଇରେକ୍ଟର)ଙ୍କୁ ଦେଖା କରିବି, ସେ ଡାକିବାରୁ

ମୁଁ ଯାଇଥିଲି । ସେଦିନ କ'ଣପାଇଁ ମୁଁ ତାକୁ ଫୋନ୍‌ରେ ଗାଳୀ ଦେଇଥାଏ, ମୋ ମା'ର ଏକ ଅପରେସନ ପାଇଁ କଟକ ଯାଇଥାଏ - ଡାକ୍ତର କହିଲେ ଦୁଇଦିନ ପରେ ଆସିବ, ମୋ ମା' ମୋ ଶଶୁର ଘରେ ଥାଆନ୍ତି । ଗୁଲୁ ଚାଲେଞ୍ଜ କରି ମୋତେ ଡାକିନେଲା ପୂର୍ବରୁ ତାଙ୍କ Principalଙ୍କୁ ସେ ମୋତେ ଚିହ୍ନା କରାଇଥିଲା । Principal Sir ମୋତେ ବସାଇଲେ ମୁଁ ଠକ Directorଙ୍କୁ ଫୋନ୍ କରିଲି, ତା'ର କିଛି ସମୟ ପରେ ତାଙ୍କ ପ୍ରକୃତ Director ଆସିଲେ । ଏ ଠକ Director ଗୁଲୁ କଥାରେ ତାଙ୍କ ମୋବାଇଲ୍ ସୁଇଚ୍ ଅଫ୍ କରିଦେଲା । ସେଠାରେ ମୋ ଶଶୁର ପହଚିଂ ମୋତେ ଆଣିଲେ । ଆମେ ସମସ୍ତେ ଜାଣିଲୁ ସେ ଠକ ଉସକ୍ସରମଖ୍ନକ୍ଟକ୍ସ ତା'ର ପ୍ରେମିକ ହରିଶ । ଯେକି ପୂର୍ବରୁ ରାତି ୧୧ଟା ପର୍ଯ୍ୟନ୍ତ ତା' ସହିତ ଥିଲା ଓ ଦିଲ୍ଲୀରେ ଏକ ମଟର ସାଇକେଲ୍ କମ୍ପାନୀରେ କାର୍ଯ୍ୟ କରନ୍ତି

ମୁଁ ଏସବୁ ଜାଣିବା ପରେ ଫୋନ୍‌ରେ ଠକ Directorଙ୍କୁ ବିଗିଡିଥିଲି । ପର୍ଯ୍ୟାୟକ୍ରମେ ମୋର ମଧ୍ୟମ ଶାଳୀ ସିଲିର ଦ୍ୱିତୀୟ ଝିଅ କଟକର ଚୌଦ୍ୱାରରେ ହେଲା, ମୁଁ ଦେଖିବାକୁ ଯାଇଥିଲି । ସେ କିଛିଦିନ ମୋ ଦେଢଶାଶୁ ବାସନ୍ତୀ (ମିଲି) ନାନୀ ପାଖରେ ରହିଲା । ସେହି ସମୟରେ ଫନି ବାତ୍ୟା ଗୁଲୁ ଯାଇମଧ ମିଲିନାନୀ ଘରେ ରହିଲା । ମୋ ଶଶୁର କହିଲେ - ଗୁଲୁ ଚାକିରୀ ଛାଡିଦେଇଛି । ଫଛରେ ଜଣାଗଲା - ମୋତେ Director ଡାକି ଯେଉଁ ଠକ Director କଥା କହିଥିବାରୁ Director ଚାକିରୀ ଛାଡିବାକୁ କହିଲେ, ମୁଁ ଗୁଲୁକୁ ଫୋନ୍‌ରେ ବିଗିଡେ । ମନଦେଇ ପାଠପଢ ଅଯଥା ନାନୀ ଓ ଭିଣେଇ ଘରକୁ ଯାଅନାହିଁ । ଏପରିକି E-mailରେ Message ଦେଇ ତାଗିଦ୍ କରେ, ମୋର ଲକ୍ଷ୍ୟଥିଲା ପିଲାଟି ପାଠପଢି ମଣିଷ ହେଉ । ବାପା ଓ ମା'ଙ୍କ ସମ୍ମାନ ରଖୁ କାରଣ ଦୁଇନାନା ଓ ଗୋଟିଏ ଭାଇ ବାପା-ମା'ଙ୍କୁ ବିରୋଧ କରି ଲଭ୍ ମ୍ୟାରେଜ୍ କରିଅଛନ୍ତି । ମୁଁ ଚାହୁଁଥିଲି ମୋର ଧର୍ମପତ୍ନୀ ତୁଳସୀ ଯେପରି ଏମ୍.ଏ. (ଇଂରାଜୀ)ରେ କରି ଅଧ୍ୟାପିକା ହେବାପାଇଁ ଜୀବନରେ ଲକ୍ଷ୍ୟ ରଖିଲା, ଠିକ୍ ସେହିପରି ମୋ ଶାଳୀ ଗୁଲୁ M.Com କରି ଅଧ୍ୟାପିକା (Lecturer)ଟିଏ ହୋଇ ବିବାହ କରୁ ।

କିନ୍ତୁ - ବିଧିର ବିଧାନ କେ କରିବ ଆନ -

ମୋ ଜୀବନରେ ଏକା କଳା ବାଦଲ ଆସିଥିଲା - ଜୁନ୍ ୧୩, ୨୦୧୯ ମସିହାରେ । ସେହିଦିନ ସନ୍ଧ୍ୟା ୫ଟାରେ ମୁଁ ମୋର କଲେଜ (ଟେଟ୍ରାହେଡ୍ରନ) କାମସାରି ବାଇକ୍‌ରେ

ପୂର୍ବ ପ୍ରସ୍ତୁତି ଅନୁଯାୟୀ କଟକ ମୋ ଶଶୁରଙ୍କ ଘରକୁ ଯାଇଥିଲି । ଆମେ (ମୁଁ - ଗୁଲୁ) କଟକରୁ ରଜ ମାର୍କେଟ୍ (ମୋ ସ୍ତ୍ରୀ ଓ ଝିଅ) ତଥା ଗୁଲୁ ଓ ଅନ୍ୟ ଶାଳୀ (ସିଲି) ଯେକି ଦ୍ୱିତୀୟ ଝିଅ ଜନ୍ମଦେଇ ମୋ ଶଶୁର ଘରେ ଥିଲା । ମାତ୍ର ମୁଁ ଗୁଲୁକୁ ଡାକିବାରୁ ସେ ମୋତେ ଗାଳିଗୁଲଜ କରି ଚାଉଳିଆଗଞ୍ଜ ଥାନାକୁ ଆସିଥିଲା । ମୋ ନାମରେ FIR ଦେବାପାଇଁ ମୁଁ ସନ୍ଧ୍ୟାରେ ଶଶୁର ଘରୁ ଯାଇ କଟକରେ ମୋ ଆଖି ଚଷମା କରୁଥିଲି ଠିକ୍ ସେତିକିବେଳେ ଚାଉଳିଆଗଞ୍ଜ ଥାନାରୁ ମୋତେ ଫୋନ୍‌ଗଲା ଆପଣ ଥାନାକୁ ଆସନ୍ତୁ । ମୁଁ ରାତି ୭.୩୦ ମିନିଟ୍‌ରେ ଥାନାରେ ପହଚିଂଲି, ସେଠାରେ ମୋ ଶାଳୀଥିଲା । ମୁଁ ମୋର ଶଶୁରଙ୍କୁ ଫୋନ୍‌କରି ଡାକିଲି, ସେ ଥାନାକୁ ଆସିଲେ । ମୁଁ ମୋର ଧର୍ମପତ୍ନୀ ତୁଳସୀକୁ ଫୋନ୍‌ରେ ଜଣାଇଲି ଓ ମୋର କଲେଜ ଚେୟାରମ୍ୟାନ୍ ତ୍ରିଦେବ ସାର୍‌ଙ୍କୁ ଜଣାଇଲି । ସେ ଆମର ଅନ୍ୟଜଣେ ସଂଗ୍ରାମ ସାର୍‌ଙ୍କୁ ଧରି ଚାଉଳିଆଗଞ୍ଜ ଥାନାରେ ପହଚିଂଲେ । ଥାନାବାବୁଙ୍କ ସହିତ ଆମର ଆଲୋଚନା ହେଲା ହେଲେ ମୋ ଶଶୁର ଓ ଶାଳୀ ଚାହିଁଲେ ମୋ ନାମରେ କେସ୍ ହେଉ । କେସ୍ ନମ୍ବର ୧୮୧/୨୦୧୯ ହେଲା ଓ ବ୍ୟକ୍ତିଗତ ମୁଚଲିକାରେ ରାତି ୧୧ଟାରେ ଥାନାରୁ ସଂଗ୍ରାମ ସାର୍‌ଙ୍କ ଘରେ ଆସି ରହିଲି । ତା' ପରଦିନ ରଜ ଛୁଟିରେ ମୁଁ ମୋର ଭୁବନ ଘରକୁ ଆସିଲି । ବାସ୍ ସମ୍ପର୍କ ସେତିକି ।

ମୋର ଶଶୁର ନଭେମ୍ବର ୧୫,୨୦୧୯ରେ ମୋର ଶାଳୀ ଗୁଲୁର ବିବାହ ତା'ର ପ୍ରେମିକ ଠକ Director ହରିଶ୍ ସହିତ କରେଇଲେ । ଆମ ଘରକୁ ଆସି ମୋ ବାପାଙ୍କୁ ବନ୍ଧୁ ନିମନ୍ତ୍ରଣ କରିଗଲେ । ବିବାହରେ ମୁଁ ଓ ମୋର ବାପା ଗଲୁନାହିଁ । ମୋ ଧର୍ମପତ୍ନୀ ଟିକି ଓ ମୋ ସାନଭାଇ ମାନସ ଯାଇ ବାହାଘର ଦିନ ପଳାଇ ଆସିଲେ, ମୋ ଶାଶୁ, ଶଶୁର ମୋତେ ଡାକିଲେ ନାହିଁ କି ମୋର ଶାଳୀ ଗୁଲୁ ମଧ୍ୟ ମୋତେ ଡାକିଲା ନାହିଁ

କଥାରେ ଅଛି -

ମଣିଷର ତୁମେ ଯେତେ
ବଡ ଉପକାର କରନା
କାହିଁକି
ପରବର୍ତ୍ତୀ ସମୟରେ ତୁମର
ସାମାନ୍ୟ ଭୁଲ୍ ହେଲେ

ସେ ସେହି ଉପକାର
କଥା ବୁନ୍ଦାଏ ମାତ୍ର ମନେ
ପକାଇବ ନାହିଁ

ଭାରତରତ୍ନ ଡକ୍ଟର ଏପିଜେ ଅବଦୁଲ କାଲାମଙ୍କ ବାଣୀ
(ମିସାଇଲ ମ୍ୟାନ ଓ ଭାରତର ପୂର୍ବତନ ରାଷ୍ଟ୍ରପତି)

ମୋ ଜୀବନରେ ଠିକ୍ ସେହିପରି ଘଟିଲା ।

ପଥହରା ପଥିକ ସୁବାଷ ବାସ୍ତବିକ୍ ନିରୁପାୟ । ବିବାହ ପରେ ମଧ୍ୟ ଅଦ୍ୟାବଧି ଛମାସ ବିତିଯାଇଥିଲେ ମଧ୍ୟ ମୋ ଶଶୁର ଓ ଶାଳୀ କେସ୍‌ଟିକୁ ନଉଠାଇ ମୋତେ ଜଣେ ସମାଜରେ ଅପରାଧିର ମାନ୍ୟତା ଦେଇଛନ୍ତି, ବାସ୍ତବିକ୍ ମଣିଷ ନିଜର ସ୍ୱାର୍ଥପାଇଁ କ'ଣ ବା ନ କରିପାରେ । ତଥାପି ଶାଳୀ ଗୁଲୁର (M.Com) ପରୀକ୍ଷାରେ Back ଲାଗିଥିବାରୁ ବିବାହ ପରେ ମୁଁ ମୋର ନିଜସ୍ୱ ଖର୍ଚ୍ଚରେ ପୂର୍ବଭଳି ତା'ର (M.Com) form fill up କରାଇଥିଲି, ପିଲାଟା ପାଠପଢି ସମାଜରେ ମଣିଷ ହେବବୋଲି । ସେମାନେ ମୋର କେସ୍‌ଟିକୁ କୋର୍ଟରୁ ଉଠାଉ ନାହାଁନ୍ତି କି ମୁଁ ମୋର ଶଶୁରଙ୍କ ଘରକୁ ଯାଉନାହିଁ ।

ଶାଳୀ ଦୁଇଟି (ମୋ ଗଳ୍ପର) ଅନ୍ୟଏକ ଦିଗନ୍ତ ତା' ବଡ ପିଉସୀ (ଜଗତସିଂହପୁର) ଝିଅ ରାନୁଆ ବିବାହ ଉତ୍ସବରେ ମୋର ଯୋଗଦାନ ତଥା କଟକରେ ତା'ର ଝିଅ ଜନ୍ମଦିନକୁ ତା'ର ଘରେ ଅତିଥି ହେବା । ତା'ର ଜ୍ୱାଇଁ ଘର କଟକ, ସେ ଗୋଟିଏ ଡ୍ରେସ୍ ଦୋକାନ ଦେଇଛନ୍ତି । ରାନୁଆ ଓ ତା'ର ସ୍ୱାମୀର ବ୍ୟବହାର ବହୁତ ଭଲ ।

ଅନ୍ୟଜଣେ ଶାଳୀ ସାନପିଉସୀ ଝିଅ ପିଙ୍କିନା । ସେ ଢେଙ୍କାନାଳ ସହରରେ ବିବାହ କରିଅଛି । ମୋ ଧର୍ମପତ୍ନୀ ତୁଳସୀ ବିବାହ ପୂର୍ବରୁ । ତା'ର ସ୍ୱାମୀ ଢେଙ୍କାନାଳରେ ଗଦି ଦୋକାନ ଦେଇଛନ୍ତି । ତା'ର ଗୋଟିଏ ଝିଅ । ପିଙ୍କିନା ଆମର ସବୁ ଘର କାମରେ ତା' ସ୍ୱାମୀଙ୍କୁ ପଠାଇଥାଏ, ତା'ର ଶଶୁର ମରିଯାଇଥିବା ଏକାଦଶାହ କାର୍ଯ୍ୟରେ ମୁଁ ମଧ୍ୟ ଯୋଗ ଦେଇଥିଲି, ସେ ଶାଳୀ ଓ ତା'ର ସ୍ୱାମୀ ମୋର ପ୍ରତି ଭଲ ବ୍ୟବହାର ।

ଅନ୍ୟ ଶାଳୀଟି ହେଲା - ମୋ ଧର୍ମପତ୍ନୀ ତୁଳସୀର ମାଉସୀ (ସୁବନୀ)ଙ୍କ ଝିଅ ସୋନି, ସୁବନୀ ମାଉସୀ ଏମ୍.ଏ. (ସଂସ୍କୃତ)ରେ । ତାଙ୍କ ସ୍ୱାମୀ ଜଣେ ଜିଓଲୋଜିକାଲ ଅଫିସର । ଭୁବନେଶ୍ୱରରେ ଘରକରି ରହିଛନ୍ତି । ଦୁଇଗୋଟି ପୁଅ ଓ ଗୋଟିଏ ଝିଅ ।

ବଡପୁଅ ଭଲପାଇ ବିବାହ କରିଥିଲା, ମୋତେ ନିମନ୍ତ୍ରଣ କରିଥିବାରୁ ମୁଁ ବିବାହର ଭୋଜିରେ ଯୋଗଦେବାକୁ ଯାଇଥିଲି । ସେଠାରେ ସେ ଶାଳୀଟି (ସୋନି) ମୋର ଦେଖା ହୋଇଥିଲା, ସେ ବର୍ତମାନ ଅଧ୍ୟୟନରତ ।

ମାନ୍ୟବର ଓଡିଶା ହାଇକୋର୍ଟରେ Case No. CRLMC No.-909/ 2021 Dated-10-03-2022 ରେ ଉଭୟ ପକ୍ଷ ଦ୍ୱାରା ସମାଧାନ ହୋଇ କେସଟି quashed ହୋଇଯାଇଛି ।

ଛାଡନ୍ତୁ - ଏ ସମାଜରେ କିଏ ବା କାହାର ସମସ୍ତେ ଭଲରେ ରୁହନ୍ତୁ ଏତିକି ଜଗନ୍ନାଥଙ୍କ ନିକଟରେ ପଥହରା ପଥିକର ପ୍ରାର୍ଥନା ସହ - ମୋର ଜୀବନରେ ହସ୍ତଗଣ୍ଠି ପିଟାଇଥିବା ମୋର ଶାଳୀ ଲକ୍ଷ୍ମୀପ୍ରିୟା (ଗୁଲୁ)ର ସବୁଦୋଷକୁ କ୍ଷମାକରି ଏବଂ ଦୂରରୁ ଥାଇ ଆଶୀର୍ବାଦ କରୁଅଛି - ସେ ତା'ର ପରମେଶ୍ୱର ସ୍ୱାମୀ ହରିଶ୍ ସହିତ ସୁଖର ସଂସାର କରୁ ଏବଂ ମହାପ୍ରଭୁ ଜଗନ୍ନାଥ ମୋର ଶଶୁର, ଶାଶୁ ତଥା ପରିବାର ବର୍ଗ ଓ ଆତ୍ମିୟ ସ୍ୱଜନଙ୍କୁ ଭଲରେ ରଖିଥାନ୍ତୁ, ସେମାନଙ୍କୁ ଦୀର୍ଘାୟୁ କରନ୍ତୁ ।

## ଭଉଣୀର ରାକ୍ଷୀ

ଭଉଣୀ ଏକ ନାମ ନୁହେଁ, ସେ ଏକ ଆଦର୍ଶ । ସେ ସ୍ନେହ, ପ୍ରେମ, ସହାନୁଭୂତି, ସାମର୍ଥ୍ୟର ଜ୍ୱଳନ୍ତ ପ୍ରତୀମା । ଆଦିମ କାଳରୁ ଭାଇ ଓ ଭଉଣୀର ସମ୍ପର୍କ ଚିରନ୍ତନ । ଜଗତର ନାଥ - ଜଗନ୍ନାଥ, ବଡଭାଇ ବଳଭଦ୍ର ଓ ଭଉଣୀ ଦେବୀ ସୁଭଦ୍ରା ଶ୍ରୀମନ୍ଦିର (ପୁରୀ)ରେ ବିରାଜମାନ । ବର୍ଷକରେ ଥରେ ଭକ୍ତଙ୍କ ମେଳରେ ମାଉସୀ ମା' ମନ୍ଦିରକୁ ଯାତ୍ରା କରିଥାନ୍ତି । ନର ଓ ନାରାୟଣ (ଜନତା ଓ ଭଗବାନ)ଙ୍କ ସମ୍ପର୍କ ନିଆରା । ଓଡିଶାର ଜନପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପଥ ପ୍ରଦର୍ଶକ ଭଉଣୀ - ଆନ୍ତର୍ଜାତୀୟ ଖ୍ୟାତି ସମ୍ପର୍ଣ୍ଣ ଲେଖିକା ଗୀତା ମେହେଟ୍ଟା (ଆଧୁନିକ ଓଡିଶାର ନିର୍ମାତା ବିଜୁ ପଟ୍ଟନାୟକଙ୍କ କନ୍ୟାରତ୍ନ) ଭାଇ ନବୀନ ଭଉଣୀ ଗୀତାଙ୍କ ପଦାଙ୍କ ଅନୁସରଣ କରି ଜଣେ ଜାତୀୟସ୍ତରର ଲେଖକ ଭାବରେ ପରିଚିତ । ଏ ଅଧିନ ପଥହରା ପଥିକ ସୁବାଷ ସେଥିରୁ ବାଦ୍ ବା ପଡନ୍ତା କିପରି ।

ଭୁବନ ସହରର ପ୍ରତିଷ୍ଠିତ କାଠଶିଳ୍ପୀ ତଥା ରାଜନେତା ମୋ ବାପା ରାମଚନ୍ଦ୍ର ନାୟକ ଓ ମା' ଭାରତୀ ଦେବୀଙ୍କ ଠାରୁ ଆମେ ଚାରିଜଣ ସନ୍ତାନ ମଧ୍ୟରୁ ଜଣେ ଭଉଣୀ ଓ ତିନିଜଣ ଭାଇ ଜନ୍ମଲାଭ କରିଅଛି । ବାପା, ମାଆ ଆମ୍ଭଙ୍କୁ ଉପଯୁକ୍ତ - ଶିକ୍ଷା, କର୍ମ, ବିବାହ ଆଦି କାର୍ଯ୍ୟସାରି ଉପଯୁକ୍ତ ସଭ୍ୟତା ଓ ସଂସ୍କାର ଦେଇ ଏ ସମାଜରେ ପ୍ରତିଷ୍ଠିତ କରାଇ ପାରିଛନ୍ତି । ଆମେ ଭାଇ-ଭଉଣୀ ଚାରିଜଣ ସଦାସର୍ବଦା ନିଜନିଜ ଭିତରେ କୋଳାକୁଳି, ହସହସି ଓ ପଢାରେ ଆମ ପିଲାଦିନ ଶ୍ରୀରାମ ନିବାସ (ଭୁବନ ସହରସ୍ଥ - ବଡହାଟସ୍ଥ) କଟିଅଛି । ସେଠାରେ ଅଦ୍ୟାବଧି ଆମ୍ଭେ ମଧ୍ୟ ରହିଅଛି ।

ଭୁବନ ଏସିଆ ମହାଦେଶର ସର୍ବବୃହତ ଗ୍ରାମଥିଲା । ୧୯୭୨ ମସିହାରୁ ଏହା ସହର (ଏନ୍.ଏ.ସି.)ର ମାନ୍ୟତା ସରକାରଙ୍କ ଦ୍ୱାରା ପ୍ରାପ୍ତହେଲା । ବାପା ଗଢିଥିବା ୫୦ ବର୍ଷର ଟାଇଲ ଛପର ଘର - ୫ ବଖରା, ଡ୍ରଇଁଙ୍ଗ୍, ଡାଇନିଙ୍ଗ୍ ସହ କିଚେନ୍ ରୁମ୍ ତତ୍ସହିତ ପାଣିପାଇଁ କୂଅ ଓ ପାଇଖାନା ଓ ଗାଧୁଆଘର ଏ ଗୁଣ୍ଠ ପରିମିତ ଜାଗାରେ ଅବସ୍ଥିତ । ସେତେବେଳେ ୫୦ ବର୍ଷ ପୂର୍ବେ ସମଗ୍ର ଭୁବନ ଗାଁ ଚାଳଘର ଥିଲା ମାତ୍ର ୫୦ ଜଣଙ୍କର ଏକ ମହଲା କୋଠାଘର ଥିଲା । କାଳକ୍ରମେ ସହରରେ ସମସ୍ତଙ୍କ ଏକ ମହଲା ଓ ଦ୍ୱିମହଲା ଘରହେଲା ।

ଭୁବନ କାଳୀବଜାରସ୍ଥ - କଲେଜ ରୋଡ୍‌ରେ ଆମ୍ଭର ଶ୍ରୀରାମ ଫାର୍ମ ହାଉସ୍ ୩୦ଗୁଣ୍ଠ ପରିମିତ ଜାଗାରେ ଅବସ୍ଥିତ । ସେଠାରେ ବିଜୁ କୃଷକ ଯୋଜନାରେ ୩୩୦ ଫୁଟର ଗଭୀର ନଳକୂପ କରିଅଛୁ । ବିଭିନ୍ନ ପ୍ରକାରର ଫସଲ ସହ ଚାଷ ଧାନ ମଧ୍ୟ ହେଉଅଛି, ଯାହାର ଆନୁମାନିକ ମୂଲ୍ୟ ଏକ କୋଟିରୁ ଉର୍ଦ୍ଧ୍ୱଟଙ୍କା ଏତଦ୍‌ବାଦ - କଲେଜ ରୋଡ୍ ବାଇପାସ୍ ଛକରେ ଦେଢଗୁଣ୍ଠ ଘରବାରି ଜମି ଯାହାକି ଶ୍ରୀରାମ ମାର୍କେଟ୍ କମ୍ପ୍ଲେକ୍ସ ପାଇଁ ପ୍ରଯୁର୍ଜ୍ୟ ।

ଏତେ ସଂପତିର ମାଲିକ ହେଇ ମଧ୍ୟ ଆମ୍ଭମାନଙ୍କର ମନରେ ଗର୍ବ ଓ ଅହଙ୍କାର ନାହିଁ । ବାପା ଜଣେ ରାଜ୍ୟ ଓ ଜାତୀୟସ୍ତରୀୟ କାଠଶିଳ୍ପୀ - ଦୀର୍ଘ ୬୦ ବର୍ଷ ଧରି ଶ୍ରୀରାମ ଫର୍ଣ୍ଣିଚରର ପ୍ରୋପାଇଟ୍‌ର ଭାବରେ କାର୍ଯ୍ୟକରି ୫ବର୍ଷ ଧରି ଅବସରପ୍ରାପ୍ତ । ତତ୍‌ସହିତ ଜନତାଙ୍କର ସେବା କରିବାପାଇଁ ବହୁ ସାମାଜିକ ଅନୁଷ୍ଠାନ ସହିତ ଜଡିତ ଜଣେ ସମାଜସେବୀ ଭାବରେ ଐତିହାସିକ ଭୁବନ ଦଶହରା ବଳଦ ଯାତ୍ରାର ପ୍ରତିଷ୍ଠାତା ଶାନ୍ତି କମିଟି ସଭ୍ୟ (କାମାକ୍ଷାନଗର ସବ୍‌କଲେକ୍ଟର ତାହାର ସଭାପତି) ଭୁବନ ବାବୁ ବୁଦ୍ଧେଶ୍ୱର ମନ୍ଦିର ଟ୍ରଷ୍ଟ ସଭ୍ୟ, ଭୁବନ ବରିଷ୍ଠ ନାଗରିକ କମିଟି ସଭ୍ୟ, ବାଜିରାଉତ ମେମୋରିଆଲ କଲେଜ ଗଭର୍ନିଙ୍ଗ୍ ବଡି ମେମ୍ବର (ଢେଙ୍କାନାଳ ଲୋକସଭା ସାଂସଦ (ଏମ୍.ପି.) ନୋମିନୀ) - ଭୁବନ କାରିଗର ବହୁମୁଖୀ ଶିଳ୍ପ ସମବାୟ ସମିତିର ସଭାପତି ପ୍ରଭୃତି ଅନେକ କମିଟିର ସଭ୍ୟ ସର୍ବୋପରି - ଜଣେ ବରିଷ୍ଠ ରାଜନେତା (ଢେଙ୍କାନାଳ ଜିଲ୍ଲା ବିଜେପିର ପୂର୍ବତନ ଜିଲ୍ଲା ଉପସଭାପତି), ଭୁବନ ସହର ବିଜେପି ସଭାପତି, ରାଜ୍ୟସଭା ସାଂସଦ (ଏମ୍.ପି.)ଙ୍କ ନୋମିନୀ ଭାବରେ ଭୁବନ ଏନ୍.ଏ.ସି.ର କାର୍ଯ୍ୟରତ । ୧୯୮୫ ମସିହାରେ କାରାବରଣ କରି (ରାଜନୈତିକ) - ଓଡିଶାର ପ୍ରଥମ ବିଜେପି ବିଧାୟକ - କାମାକ୍ଷାନଗରଙ୍କୁ ବିଜୟୀ କରାଇ ପାରିଥିଲେ । ଦୀର୍ଘ ୪୦ ବର୍ଷର ଜଣେ ରାଜନେତା ବର୍ତମାନର ଶାସକ ବିଜୁ ଜନତା ଦଳ (ବିଜେଡି)ର ଜଣେ ବରିଷ୍ଠ ନେତା ଭାବରେ ବିଜୁ ପଟ୍ଟନାୟକଙ୍କୁ "ଭାରତରତ୍ନ" ଉପାଧିପାଇଁ ଦାବି ଏହାକୁ ଓଡିଶାର ମହାମହିମ ରାଜ୍ୟପାଳ ଭାରତର ପ୍ରଧାନମନ୍ତ୍ରୀଙ୍କୁ ସୁପାରିଶ ପତ୍ର - ୨୦୧୩ ମସିହାରେ ।

ରାଜନେତା, ସମାଜସେବା, ଶିଳ୍ପୀ ଭାବରେ ମୋ ବାପା କାର୍ଯ୍ୟ କରିଥିଲେ ମଧ୍ୟ ଭୁଲି ଯାଇନଥିଲେ - ନିଜର ତେଲଲୁଣର ସଂସାରକୁ (ପରିବାର) । ସମାଜରେ ପିଲାମାନଙ୍କୁ

ଉପଯୁକ୍ତ ମଣିଷଟିଏ କରି ଜୀବନରେ ଆତ୍ମ ସନ୍ତୋଷ କରିପାରିଛନ୍ତି କହିଲେ ଅତ୍ୟୁକ୍ତି ହେବନାହିଁ ।

ଏକମାତ୍ର କନ୍ୟା - ଜୟନ୍ତୀ, ଇନ୍ଦିରାଗାନ୍ଧୀ ଜାତୀୟ ବିଶ୍ୱବିଦ୍ୟାଳୟ (ଇଗ୍ନୁ)ରୁ ଅଣ୍ଡର ଗ୍ରାଜୁଏଟ୍ । ଜଣେ ଲେଖିକା ଭାବରେ ଓଡିଶା ଲେଖିକା ସାଂସଦର ଆଜୀବନ ସଭ୍ୟା । ଅନେକ ଲେଖା ତାଙ୍କର ପତ୍ର, ପତ୍ରିକାରେ ପ୍ରକାଶିତ । କବୟିତ୍ରୀ ନନ୍ଦିନୀ ଶତପଥୀ, ଗାଳ୍ପିକା ନନ୍ଦିନୀ ଶତପଥୀ, ଅନୁବାଦିକା ନନ୍ଦିନୀ ଶତପଥୀ ତାଙ୍କର ତିନିଗୋଟି ପୁସ୍ତକ । କେନ୍ଦ୍ରାପଡା ଜିଲ୍ଲା ଓଲକଣାରେ ବିବାହିତ (ଓଲକଣା ଓଡିଶା ପ୍ରସିଦ୍ଧ ଦୋଳ ମେଲଣ କ୍ଷେତ୍ର) । ଅବସରପ୍ରାପ୍ତ ଓଡିଶା ସରକାରୀ କର୍ମଚାରୀ ନନ୍ଦକିଶୋର ଲେଙ୍କାଙ୍କ ପୁଅ - ମହେନ୍ଦ୍ର ତାଙ୍କର ସ୍ୱାମୀ ମହେନ୍ଦ୍ର ଇଗ୍ନୁରୁ ଅଣ୍ଡର ଗ୍ରାଜୁଏଟ୍ । ଜଣେ ଟ୍ରାନ୍ସପୋର୍ଟର - ଗ୍ୟାସ୍ ବିତରକ କର୍ମୀ ସର୍ବୋପରି ଜଣେ ସାମ୍ବାଦିକ । ଦୁଇଗୋଟି କନ୍ୟା (ଲିସା ଓ ଇସା)କୁ ନେଇ ତା'ର ପରିବାର ।

ବଡପୁଅ ପ୍ରଫେସର ଡକ୍ଟର ସୁବାଷ ନାୟକ ତଥା ଏମ୍.ଏ. ଓ ପିଏଚ୍.ଡି. ଡିଗ୍ରିଧାରୀ ଗବେଷକ ଓ ସାହିତ୍ୟିକ ଗୋଟିଏ ବେସରକାରୀ ଡିଗ୍ରୀ କଲେଜର ଭାଇସ୍ ପ୍ରିନିସ୍‌ପାଲ୍ ଭାବେ କାର୍ଯ୍ୟରତ । ଧର୍ମପତ୍ନୀ ତୁଳସୀ (ଟିକି), ଐତିହାସିକ କଟକ ସହର ଝିଅ ଏମ୍.ଏ. (ଇଂରାଜୀ ସାହିତ୍ୟ) - ଶିକ୍ଷା ବୃତି ପ୍ରତି ଅନୁରକ୍ତ । ଏକମାତ୍ର କନ୍ୟା ତେଜସ୍ୱିନୀ (ଲକି)କୁ ନେଇ ସଂସାର ।

ମଧ୍ୟମପୁତ୍ର - ଆଡଭୋକେଟ୍ ପ୍ରକାଶ ନାୟକ ବିଏ, ଏଲ୍.ଏଲ୍.ବି. ଡିଗ୍ରିଧାରୀ । ଭୁବନର ଜେଏମ୍ଏଫ୍‌ସି କୋର୍ଟର ଓକିଲ ତଥା ଶ୍ରୀରାମ ଭିଜନ (ଭିଡିଓ ସୁଟିଙ୍ଗ୍ ଏଡିଟିଙ୍ଗ୍)ର ପ୍ରୋପାଇଟର । ଧର୍ମପତ୍ନୀ ସୁପ୍ରଭା (ନିନି) - ଜଣେ ସରକାରୀ ଉପ୍ରା. ସ୍କୁଲ ଶିକ୍ଷୟିତ୍ରୀ । ବିଏ, ବି.ଏଡ୍. ଡିଗ୍ରୀଧାରୀ । ବାଲେଶ୍ୱର ସହରର ଝିଅ । ଏକମାତ୍ର ପୁତ୍ର ଅଂଶୁମାନ (ରାଜା)କୁ ନେଇ ସଂସାର ।

ସାନପୁଅ ଡକ୍ଟର ମାନସ ନାୟକ, ଏମ୍.ଏ. (ଇଂରାଜୀ ସାହିତ୍ୟ) ବି.ଏଡ୍. ପିଏଚ୍.ଡି. ଡିଗ୍ରୀଧାରୀ । ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ । ଜଣେ ଲେଖକ - ଗୀତା ମେହେଟ୍ଟା - ଜଣେ ଆନ୍ତର୍ଜାତୀୟ ଲେଖିକା ଗବେଷକ - ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲେଖକୀୟ କୃତିକୁ ନେଇ । ଢେଙ୍କାନାଳର ରାସୋଳରେ ବିବାହିତ ଧର୍ମପତ୍ନୀ - ଶିବାନୀ

(ମାନି) - ଜଣେ ବି.ଏସ୍‌ସି ଓ ଡିଆଇଟ୍ ଡିଗ୍ରୀଧାରୀ । ଘରୋଇ ଶିକ୍ଷୟତ୍ରୀ ଭାବେ କାର୍ଯ୍ୟରତ ।

ମା' ଭାରତୀ ଦେବୀ ଓ ବାପା ରାମଚନ୍ଦ୍ର ଏକ ପୂର୍ଣ୍ଣଙ୍ଗ ପରିବାରର ସଫଳତା ପ୍ରାପ୍ତି ହୋଇଥିଲେ ମଧ୍ୟ କାହା ମନରେ ଗର୍ବ ଓ ଅହଂଙ୍କାର ନାହିଁ ।

ପିଲାଟି ଦିନରୁ ଭଉଣୀ ଜୟନ୍ତୀ (ଆମର ବଡନାନୀ) ଆମ୍ଭ ତିନିଭାଇ ତଥା ମୋ ଭାଗବତ ଦାଦା ପୁଅ (ବାବୁ)କୁ ଅଦ୍ୟାବଧି ରାକ୍ଷୀପୂର୍ଣ୍ଣିମାରେ ରାକ୍ଷୀ ପିନ୍ଧାଇ ଅଛି । ତା' ରାକ୍ଷୀର ମହତ୍ୱ ଅନ୍ୟ କେଉଁ ଭାଇକୁ କେତେ ପ୍ରଭାବିତ କରିଥିଲା ମୁଁ ଜାଣେନା କିନ୍ତୁ ଏ ପଥହରା ପଥିକକୁ ଖୁବ୍ ପ୍ରଭାବ ପକାଇଥିଲା, ମୁଁ ମୋର ନାନୀକୁ ବହୁତ ଭଲପାଇବା ତଥା ସମ୍ମାନ ଦେଉଥିଲୁ । କାରଣ ସେ ଥିଲା ଆମ ସମସ୍ତଙ୍କର ବଡ ଭଉଣୀ । ପିଲାଟି ଦିନରୁ ସେ ମୋ ହାତଧରି ବଡହାଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ପାଠ ପଢାଇବା ପାଇଁ ତା' ସାଥିରେ ନେଇ ଯାଉଥିଲା । ଏହା ମଧ୍ୟ ଆଜି ମୋ ଜୀବନରେ ସ୍ମୃତି ହୋଇ ରହିଅଛି । ତା'ର ସେହି ମୋ ପ୍ରତି ପାଠ ପଢାଇବାର ଅଭିଳାଷ ଯୋଗୁ ମୁଁ ଆଜି ସମାଜରେ ଜଣେ - ଅଧ୍ୟାପକ, ସାହିତ୍ୟିକ ଓ ଗବେଷକ ଭାବରେ ପରିଚିତ । ମୋର ମନେପଡେ ମୋର ନାନୀ ଜୟନ୍ତୀ - ମୋତେ ଗୋଟିଏ ସୁନାମୁଦି ଦେଇଥିଲା । ତାହାଥିଲା ମୋ ଜୀବନର ପ୍ରଥମ ମୁଦି । ମୁଁ ତା' ପାଇଁ କ'ଣ କରିଅଛି, କ'ଣ କରିନାହିଁ ଜାଣେନା - ମାତ୍ର ମୋ ବାପା, ମା' ତାକୁ ଜନ୍ମଦେଇ ଆମ ସମସ୍ତଙ୍କ ଅପେକ୍ଷା ତାକୁ ଭଲପାଆନ୍ତି । ନାନୀ ମୋର ଭୁବନ ସହରରୁ ଏକ ହାଇସ୍କୁଲରୁ ମାଟ୍ରିକ୍ ପାସ୍‌ପରେ - ଉଚ୍ଚଶିକ୍ଷା (କଲେଜ) ପାଇଁ ବାପା, ମା' ପଢାଇପାରନ୍ତି ନାହିଁ । ମୁଁ ତାକୁ ଉତ୍କଳ ବିଶ୍ୱବିଦ୍ୟାଳୟରୁ (ଡିଡିସିଇ)ରେ ବିଏ ଆଡମିଶନ୍ କରିଥିଲି । ମାତ୍ର ୨୦୦୩ ମସିହାରେ ତା'ର ବାହାଘର ମୁଁ ଓ ମୋର ଭାଗବତ ଦାଦା ଯାଇ ଓଳକଣାରେ ଫାଇନାଲ କରି ଆସିଲୁ ଓ ବାପା ଓ ବଡବାପା ସ୍ୱୀକୃତି ଦେଇଥିଲେ । ମୋ ଦୁଃଶାସନ ବଡବାପା ନାନୀଙ୍କ ବାହାଘର କରାଇଥିଲେ । ବିନା ଯୌତୁକରେ ବିବାହ କାର୍ଯ୍ୟ ସଂପାଦନ ହୋଇଥିବାରୁ ତଥା ଆମର ସେ ଗୋଟିଏ ଝିଅ ହୋଇଥିବାରୁ ବାପା ମଟର ସାଇକେଲ ଠାରୁ ଆରମ୍ଭକରି ସବୁ ଘରକରଣା - ଟିଭି, ଫ୍ରିଜ୍, କୁଲର, ଗ୍ୟାସ୍ ସମେତ - ଫର୍ଣ୍ଣିଚର ସେଟ୍ (ଆମର ଶ୍ରୀରାମ ଫର୍ଣ୍ଣିଚର ୟୁନିଟ୍ ଥିବାରୁ) - ବମ୍ବେପାର୍ଟନ ଖଟ, ସୋଫାସେଟ୍, ଡ୍ରେସିଙ୍ଗ୍ ଟେବୁଲ, ଗଡ୍ରେଜ୍ ସମେତ ଝିଅ ଓ

ଜ୍ୱାଇଁଙ୍କୁ ସବୁ ପ୍ରକାରର ସୁନା ସାମଗ୍ରୀ ବାପା ଦେଇଥିଲେ । ମୋର ମନେଅଛି ୨୦୦୩ ମସିହାରେ ଭୁବନ ସହରରେ ପ୍ରାରମ୍ଭିକ ଭାବରେ - ବିବାହ ସମୟରେ ଭିଡିଓ ସୁଟିଙ୍ଗ୍ ହେଉଥିଲା, ଆମେ ସେ ସମୟରେ ଆମ ନାନୀ ବାହାଘରରେ ତାହା କରିଥିଲୁ ।

ସମୟର କାଳଚକ୍ରରେ - ନାନୀର ପ୍ରଥମ ପୁଅ କଟକ ବଡ ଡାକ୍ତରଖାନାରେ ଜନ୍ମହେବାର କିଛି ଘଟାଂ ପରେ ମରିଗଲା । ତା'ର ୩ ବର୍ଷପରେ ଏକ କନ୍ୟା ରାଜେଶ୍ୱରୀ (ଲିସା) ଓ ତା'ର ୩ ବର୍ଷପରେ କନ୍ୟା ବ୍ରଜେଶ୍ୱରୀ (ଇସା) ଜନ୍ମ ନେଇଥିଲା । ମୋ ମା' ଓ ମୁଁ ଆମ୍ଭେ ନାନୀର ବଡଝିଅ ଲିସାକୁ ୩ ବର୍ଷପରେ ଆଣି ଆମ ଘରେ ରଖି ପାଠ ପଢାଇଲୁ । ସେ ବର୍ତମାନର ଦଶମ ଶ୍ରେଣୀର ଛାତ୍ରୀ (ଏଥିପାଇଁ ମୋର ଦୁଇଭାଇ ମାନସ ଓ ପ୍ରକାଶର ଅବଦାନ ଅନେକ) । ମୋ ନାନୀର ସାନଝିଅ (ଇସା) ତାଙ୍କ ଗାଁ ଓଳକଣା ଉପ୍ରା. ସ୍କୁଲ୍‌ରେ ଷଷ୍ଠଶ୍ରେଣୀର ଛାତ୍ରୀ । ମୋ ଭିଣେଇ ମହେନ୍ଦ୍ରଙ୍କ ବାପା ଅବସରପ୍ରାପ୍ତ ଓଡିଶା ସରକାରୀ କର୍ମଚାରୀ, ସେ ପେନ୍‌ସନ୍ ପାଉଥିଲେ, ତାଙ୍କ ବାପା, ମା' ବର୍ତମାନ ମରିଗଲେଣି ।

ମୁଁ ଭିଣେଇଙ୍କର ଏକ ଗାଡି ଲୋନ୍ କରିଦେଇଥିଲି । ଶିକ୍ଷମନ୍ତ୍ରୀ ବିଶ୍ୱଭୂଷଣ ହରିଶ୍ଚନ୍ଦନଙ୍କ ସୁପାରିଶ୍‌ରେ । ସେ ମଧ୍ୟ "ଆଗେଇବା" ଖବରକାଗଜ ଢେଙ୍କାନାଳ ସାଂସଦ ମହେଶ ସାହୁଙ୍କ ସଂପାଦନାରେ ସେ କିଛିକାଳ ସାମ୍ବାଦିକ ହେଲେ ବର୍ତମାନ ଗ୍ୟାସ ବିତରକ କର୍ମୀ ଭାବରେ ଲୋକ ତାଙ୍କଠାରୁ ଗ୍ୟାସ ନେଉଛନ୍ତି ।

ଆମ ପରିବାରର ଶିକ୍ଷା ସହିତ ସମାନ ପ୍ରଦର୍ଶନ ପାଇଁ ମୁଁ ଜଣେ ସାନଭାଇ ହିସାବରେ ଆର୍ଥିକ ସାହାଯ୍ୟ ଦେଇ - ସେ ଦୁହେଁ ଇନ୍ଦିରାଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟରୁ (ଇଗ୍ନୁ) ଅଣ୍ଡର ଗ୍ରାଜୁଏଟ୍ ହୋଇପାରିଛନ୍ତି ।

ମୋ ନାନୀ ଶଶୁରଘର କୋଠାଘର ବିଶିଷ୍ଟ । ୪ ଜଣ ପୁଅ ଓ ୩ ଜଣ ଝିଅଙ୍କୁ ନେଇ ତାଙ୍କ ଶଶୁରଙ୍କ ପରିବାର ସମସ୍ତେ ବାହାରେ ନିଜନିଜର କର୍ମରେ ବ୍ୟସ୍ତ ରୁହନ୍ତି ଓ ଯାନିଯାତ୍ରା ଓ ଭଲମନ୍ଦରେ ଏକାଠି ହୁଅନ୍ତି ମାତ୍ର ମୋର ନାନୀ ତା'ର ଶାଶୁ ଓ ଶଶୁରଙ୍କ ସେବା ଯତ୍ନକରି ବା ସହିତ ଶେଷ ପର୍ଯ୍ୟନ୍ତ ତାଙ୍କ ସହିତ ରହି ଲେଙ୍କା ପରିବାରର ଜଣେ ଭଲବୋହୂ ଭାବରେ ସମସ୍ତଙ୍କର ପ୍ରିୟ ପାତ୍ରୀ ହୋଇପାରିଥିଲା ।

ଦୁହିତା ଦୁଇକୂଳକୁ ହିତା -

ବାପାଳୟ ଓ ଶଶୁରାଳୟ ଉଭୟ ପକ୍ଷ ମଧ୍ୟରେ ସେ ସମନ୍ୱୟ ରକ୍ଷାକରି ଜୀବନ ବିତାଉଥିଲା । ମୋର ଭିଣେଇ ମହେନ୍ଦ୍ର ଜଣେ ପରୋପକାରୀ ବ୍ୟକ୍ତି । ବାହାଘର ଠାରୁ ବ୍ରତଘର ଗାଁର (ନୀଳକଣ୍ଠପୁର, ଓଳକଣା) ପର୍ବପର୍ବାଣୀ ଡାକ୍ତରଖାନା ଅବା ଶ୍ମଶାନରେ ସେ ଲୋକଙ୍କ ପାଖରେ ଠିଆ ହେଉଥିଲେ । ଢେରାବିଶ୍ ବ୍ଲକ୍ - ଏଣ୍ଡର ଗ୍ରାମପଚାଂୟତରେ ନୀଳକଣ୍ଠପୁର (ଓଳକଣା) ଗାଁରେ ସେ ଜନପ୍ରତିନିଧି (ୱାର୍ଡମେମ୍ବର) ଭାବରେ ନିର୍ବାଚନ ଲଢୁଥିଲେ, ମୋର ମନେଅଛି କିଛି ପୁସିଙ୍ଗ୍ କାର୍ଡ ତିଆରିକରି ମୁଁ ନେଇ ତାଙ୍କ ନିର୍ବାଚନରେ ପ୍ରଚାର କରୁଥିଲି ମାତ୍ର ଏକ ଖଣ୍ଡ ଭୋଟରେ ସେ ନିର୍ବାଚନରେ ହାରିଯାଇଥିଲେ ମଧ୍ୟ ଜନସାଧାରଣଙ୍କର ସୁଖଦୁଃଖର ସାଥି ଭାବରେ କାମ କରୁଥିଲେ, ତା'ର ଫଳସ୍ୱରୂପ ଆସନ୍ତା ନିର୍ବାଚନରେ (୨୦୧୨-୨୦୧୭) - ପାଚଂବର୍ଷ ପାଇଁ ମୋ ନାନୀ ଜୟନ୍ତୀ ନିର୍ବାଚିତ ୱାର୍ଡମେମ୍ବର (ମହିଳା ସଂରକ୍ଷଣ) ଭାବରେ ଲୋକମାନଙ୍କର କାମ କରିଥିଲେ । ମୋ ବାପା ରାମଚନ୍ଦ୍ରଙ୍କର ରାଜନୈତିକ ଛାପ ମୋ ନାନୀ ଜୟନ୍ତୀ ଉପରେ ପଡିଥିଲା ।

ମୋ ନାନୀ ଜୟନ୍ତୀ ବହୁତ ସାହାସୀ, ସତ୍ୟବାନ ଓ ଧର୍ଯ୍ୟବାନର ମଣିଷଟିଏ । କର୍ମ ତା' ଜୀବନର ମାନଦଣ୍ଡ । ଏହାର ଉଦାହରଣ ସ୍ୱରୂପ - ମୋ ବାହାଘର (୨୦୧୫) ମସିହାରେ ସେ ଅଧାକାମ କରିଥିଲା (ଲୁଗାପଟା କିଣିବା, ବନ୍ଧୁ ଚର୍ଚ୍ଚା କରିବା, ପରିବାରର ସମସ୍ତଙ୍କ ଖାଇବା ବୁଝିବା ଇତ୍ୟାଦି) ତତ୍ସହିତ ସେ ମୋର ସାନଭାଇ ଦୁଇଜଣ ମାନସ ଓ ପ୍ରକାଶ ପାଇଁ ମଧ୍ୟ ସେହିଭଳି ଭାବରେ କାର୍ଯ୍ୟ କରିଥିଲା - ବାହାଘର ବେଳେ ।

ମୋ ବାପା, ମା'ଙ୍କ କଟକ ବଡ ଡାକ୍ତରଖାନାରେ ଆଖି ଅପରେସନ୍ ହେଉ ଅବା ମୋ ମା'ର ୟୁରୋଟ୍ରାଜି ଅପରେସନ୍ ମୋ ନାନୀ ସବୁଥିରେ ଉପସ୍ଥିତ ଥିଲା ।

ଆମ ତିନିଭାଇଙ୍କ ବିବାହରେ ସେ ସୁନା ବନ୍ଧାଣ ସହ ଆମ ତିନିଭାଇଙ୍କ ପିଲା ଜନ୍ମ ସମୟ ସହ ଏକୋଇଶିଆ କାର୍ଯ୍ୟରେ ସେ ମଧ୍ୟ ସୁନା ଲକେଟ୍ ପ୍ରଦାନକରି ବଡ ଭଉଣୀର ସମ୍ମାନ ରଖି ପାରିଥିଲା ।

**ଭଉଣୀର ରାକ୍ଷୀ -**

ଆମ୍ଭମାନଙ୍କର ଜୀବନକୁ ଉଚ୍ଚିତ ମାର୍ଗରେ ପରିଚାଳିତ କରିବାରେ ସହାୟକ ହେଉଥିଲା । ପଥହରା ପଥିକ ସୁବାଷକୁ ଚାରିଜଣ ଭଉଣୀ ପ୍ରତିବର୍ଷ

ରାକ୍ଷୀ ପିନ୍ଧାଇଥାନ୍ତି । ମୋ ନାନୀ ଜୟନ୍ତୀ ସହ ମୋ ଭାଗବତ ଦାଦାଙ୍କ ତିନିଗୋଟି ଝିଅ - ଗୀତା, ରୀତା, ଶଶୀ । ସେମାନେ ମୋର ସାନଭଉଣୀ । ପ୍ରତିବର୍ଷ ସେମାନେ ମୋତେ ଓ ମୋର ଅନ୍ୟ ଦୁଇଜଣ ଭାଇ ପ୍ରକାଶ ଓ ମାନସଙ୍କୁ ମଧ୍ୟ ସେ ରାକ୍ଷୀ ପିନ୍ଧାଇଥାନ୍ତି ।

ମୋ ଦାଦା ଜଣେ ବରିଷ୍ଠ କଂଗ୍ରେସ ନେତା, ସମାଜସେବୀ ତଥା ନୂଆବଜାର ବଣିକ ସଂଘ ତଥା ଆମ ବଡହାଟ ଯୁବକ ସଂଘ (ମଉଡମଣି ମହାଲକ୍ଷ୍ମୀ କମିଟି)ର ସଭାପତି ଭାବରେ କାର୍ଯ୍ୟ କରିଅଛନ୍ତି । ମୋର ଭଉଣୀ ଗୀତା - ରାଉରକେଲାରେ ବିବାହିତ, ତା'ର ସ୍ୱାମୀ - କୃଷ୍ଣ ଦାସ, ଜଣେ ସଫଳ ବ୍ୟବସାୟୀ, ତା'ର ଏକମାତ୍ର ପୁଅ ଅଛି । ମଧ୍ୟମ ଭଉଣୀ - ରୀତା - ଢେଙ୍କାନାଳର ରାସୋଳରେ ବିବାହିତ । ତା'ର ଜ୍ୱାଇଁ - ସୁଶୀଲଙ୍କର ଜୋତା ଦୋକାନ ରହିଅଛି, ସାନଭଉଣୀ ଶଶୀ - ଯାଜପୁରରେ ବିବାହିତ । ମୋ ଦାଦାଙ୍କର ଏକମାତ୍ର ପୁତ୍ର ସନ୍ତାନ ଗୌରଗୋପାଳ (ବାବୁ) ।

ଭାଇ ଓ ଭଉଣୀ ମାନଙ୍କର ମଧ୍ୟରେ ଅଭୁଲା ସମ୍ପର୍କ ରାକ୍ଷୀ । ଭଉଣୀ ଭାଇ ହାତରେ ରାକ୍ଷୀବାନ୍ଧି, ତା'ର ଶୁଭମନାସୀ ଥାଇ ଜୀବନରେ ଭଲମନ୍ଦରେ ତା' ପାଖରେ ଠିଆହେବା ପାଇଁ ।

ମୁଁ ପ୍ରତିବର୍ଷ ରାକ୍ଷୀ ପୂର୍ଣ୍ଣିମାରେ ମୋର ନାନୀ ଜୟନ୍ତୀ ପାଖରୁ ରାକ୍ଷୀ ପନ୍ଧିଥାଏ, ବେଳେବେଳେ ସେ ଆମ ଘରକୁ ଆସି ପିନ୍ଧାଇଥାଏ ଅବା ମୁଁ ବେଳେବେଳେ ତା'ର ଘରକୁ ଯାଇ ରାକ୍ଷୀ ପିନ୍ଧିଥାଏ । ଗୀତା, ରୀତା ଓ ଶଶୀ ମଧ୍ୟ ପ୍ରତିବର୍ଷ ମୋତେ ରାକ୍ଷୀ ପିନ୍ଧାଇଥାନ୍ତି । ସେମାନେ ଦୂରରେ ଥିଲେ ମଧ୍ୟ ମୋ ପାଖକୁ ରାକ୍ଷୀ ଦେଇଥାନ୍ତି । ମୁଁ ସେହିଦିନ ତାଙ୍କ ସହିତ ଫୋନ୍‌ରେ କଥା ହୋଇଥାଏ ।

ପଥହରା ପଥିକ ସୁବାଷର ଏତିକି ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା - ସଂସାରରେ ସମସ୍ତ ଭାଇ ଓ ଭଉଣୀର ସମ୍ପର୍କ ସଦାସର୍ବଦା ରହିଥାଉ । ଏ ସମ୍ପର୍କରେ ସାକ୍ଷୀ "ଭଉଣୀର ରାକ୍ଷୀ" ହୋଇ ରହିଥାଉ, ଯେପରି ମହାପ୍ରଭୁ ଜଗନ୍ନାଥ ଓ ଭଉଣୀ ଦେବୀ ସୁଭଦ୍ରାଙ୍କ ସମ୍ପର୍କ ।

## ଭାଇବୋହୂ

ଭାରତୀୟ ସଂସ୍କୃତି ଓ ପରମ୍ପରା ଅନୁଯାୟୀ ପରିବାର ମୁଖ୍ୟ ଏ ସଂସାରରେ ବାପା-ମା' ଓ ସେମାନଙ୍କର ସନ୍ତାନସନ୍ତତି ମାନଙ୍କୁ ନେଇ ପରିବାର ଗଠିତ । ଏହା ଆଜି ନୁହେଁ ସୃଷ୍ଟି ପ୍ରାରମ୍ଭରୁ ଚାଲିଅଛି । ପରିବାରରେ ଜଣେ ବାପାଙ୍କର ଦୁଇପୁଅ ଥାଆନ୍ତି - ବଡପୁଅ ଓ ସାନପୁଅ । ସାନପୁଅର ଧର୍ମପତ୍ନୀ ବଡଭାଇର ଭାଇବୋହୂ ଅଟନ୍ତି । ଭାଇବୋହୂ - ବଡଭାଇଙ୍କୁ ଦେଢଶ୍ବୁରର ମର୍ଯ୍ୟାଦା ପ୍ରଦାନ କରିଥାନ୍ତି । ଆମ ଭାରତୀୟ ହିନ୍ଦୁ ଶାସ୍ତ୍ରାନୁଯାୟୀ ଏହା ପ୍ରଚଳିତ । ବିଧିନିୟନ୍ତାଙ୍କ ନିର୍ଦ୍ଦେଶ କେ କରିବ ଆନ - ମୁଁ ତ ସାମାନ୍ୟ ସେହି ପଥହରା ପଥିକଟିଏ ମୁଁ ବା ସେଥିରୁ ବାଦ୍ ପଡନ୍ତି କିପରି ।

ଭୁବନ ଏସିଆ ମହାଦେଶର ସର୍ବବୃହତ ଗାଁ । ବର୍ତମାନର ଭୁବନ ସହର (୧୯୭୨ ମସିହାରୁ ଏନ୍.ଏ.ସି. ମାନ୍ୟତାପ୍ରାପ୍ତ) । ସେଠିକାର ଜଣେ ବ୍ୟବସାୟୀ ବାବାଜୀ ନାୟକ, ତାଙ୍କର ଏକ କନ୍ୟାରତ୍ନ - ବେଙ୍ଗୁଲି ଓ ଚାରିଗୋଟି ପୁତ୍ର - ଦୁଃଶାସନ, ଭୀମସେନ, ରାମଚନ୍ଦ୍ର ଓ ଭାଗବତ ତଥା ଧର୍ମପତ୍ନୀ ଭୂତିଦେବୀଙ୍କୁ ନେଇ - ସାତଜଣ ପ୍ରାଣୀଙ୍କୁ ନେଇ ତେଲଲୁଣର ସଂସାର । ଜାତିରେ କାପୁଡିଆ, ଯାହାକି ଭୁବନର ଅଧା ଜନବସତି ଜାତିର ଲୋକ ।

ଦଇବ ଦଉଡ଼ି ମଣିଷ ଗାଇ, ଯେଣିକି ଟାଣଇ ସେଣିକି ଯାଇ । ବାବାଜୀ ଏ ସଂସାରରେ ବେଶୀଦିନ ବଚିଂଲେ ନାହିଁ । ତାହା ବୋଧେ ଦୈବଶକ୍ତିର ଇଚ୍ଛାଥିଲା । ପିଲା ପାଚଂଜଣ - ଦୁଇବର୍ଷରୁ ବାରବର୍ଷ ମଧ୍ୟରେ ହୋଇଥିଲେ ବାପ ଛୋ ଭଣ୍ଡ ହୋଇଗଲେ । ମା' ଭୂତିଦେବୀ ବହୁତ କଷ୍ଟସହି ପିଲାମାନଙ୍କୁ ଛୋଟରୁ ବଡଟିଏ କରିଲେ ମାତ୍ର ଘରର ଆର୍ଥିକସ୍ଥିତି ଭଲ ନଥିବାରୁ ସମସ୍ତେ ଶିକ୍ଷା ଗ୍ରୀଣ କରି ପାରିନଥିଲେ । ପିଲାମାନେ ନିଜନିଜର ପେଟ ଚାଖଣ୍ଡେ ପାଇଁ ଶିଶୁ ଶ୍ରମିକ ଭାବରେ କାମ କରିଲେ । ସେ ଗଳ୍ପ ଆଉ କାହାର ନୁହେଁ ସେ ଗଳ୍ପଟି ଏ ପଥହରା ପଥିକ ସୁବାଷ ପରିବାରର ।

ମୋର ଜେଜେବାପା ଥିଲେ - ବାବାଜୀ, ବାପା ଥିଲେ - ରାମଚନ୍ଦ୍ର ଆଉ ଅନ୍ୟମାନେ ଥିଲେ - ବଡବାପା, ଦାଦା ଓ ପିଉସୀ । ଭୁବନର ପୋଥାଳ ସାହିରେ ତିନି ବଖରା ବିଶିଷ୍ଟ ଟାଇଲ୍ ଛପର ଘର ଖଣ୍ଡିଏ ଥିଲା । ଚାଷଜମି କହିଲେ ନାହିଁ କହିଲେ ଚଳେ ମାତ୍ର ଜେଜେ ଥିଲେ ବ୍ୟବସାୟୀ - ଜେଜେ ବାବାଜୀ ମରିଗଲା ବେଳକୁ ମୋ

ବାପା ରାମଚନ୍ଦ୍ରଙ୍କୁ ମାତ୍ର ପାଚଂବର୍ଷ ବୟସ ହୋଇଥିଲା । ତାଙ୍କ ବାପାଙ୍କ ଚେହେରା ତାଙ୍କର ମନେନାହିଁ । ଦଶବର୍ଷ ପର୍ଯ୍ୟନ୍ତ କାଛିଆ କନା ଖଣ୍ଡେ ଗୁଡେଇ ହୋଇ ଇଜତ ବଚାଂଉଥିଲେ ଓ ପେଟକୁ ଦିଓଳା ଖାଦ୍ୟ ଖାଉଥିଲେ - ମା' ଓ ବଡଭାଇ ରୋଜଗାରରୁ । କାଳକ୍ରମେ ପାଠତ (ପ୍ରାକ୍ ପ୍ରାଥମିକ) ସେ କାଠକାମକୁ ନିଜର ଜୀବିକା ବନାଇଲେ - ପାଚଂବର୍ଷ କାଠକାମ ଶିଖିଲେ ପନ୍ଦର ବର୍ଷ ବୟସ ବେଳକୁ ଜଣେ କାରିଗର ଭାବରେ (ଗୁରୁ ନବକିଶୋର ମହାରଣା) ପାଦଦେଲେ ଓ ଜୀବନରେ ଆଗକୁ ମାଡିଚାଲିଲେ, କୋଡିଏ ବର୍ଷ ବେଳକୁ ନିଜେ ଜଣେ କାରିଗର ଭାବରେ କାମ କରିଲେ ଓ ପଚିଶ ବର୍ଷ ବୟସରେ ତାଙ୍କ ଜୀବନରେ ଏକ ମୋଡ ଆସିଲା ।

ସେ ଭୁବନ ଅରାସାହି ନିବାସୀ ଲକ୍ଷ୍ମୀଧର ଦାସଙ୍କ ସାନଝିଅ - ଭାରତୀ ଦେବୀଙ୍କୁ ବିବାହ କରିଲେ ସେତେବେଳକୁ ଯାନିଯୌତୁକ କିଛି ନଥିଲା ଓ ଭାରତୀ ଦେବୀ ଆସିବା ପରେ ରାମଚନ୍ଦ୍ର ନିଜର କିଣିଥିବା ବଡହାଟ ଜାଗାରେ ଶ୍ରୀରାମ ଫର୍ଣ୍ଣିଚର କରି ପର୍ଯ୍ୟାୟକ୍ରମେ ସେଠାରେ ଘର ତିଆରି, ପାଚଂ ବଖରା ଟାଇଲ ଛପର ଘରକରି - ସାନଭାଇ ଭାଗବତ (ସିଏ ହାଇସ୍କୁଲ ସ୍ତରୀୟ ପାଠ ପଢିଛନ୍ତି) ଯେକି ଭୁବନ ବସ୍‌ଷ୍ଟାଣ୍ଡରେ ଦୋକାନ ଦେଇଥିଲେ ଆଣି ନିଜ ପାଖରେ ରଖିଲେ ଓ ବିବାହ ପରେ ସେ ଅନ୍ୟତ୍ର ଲତାବିଲରେ ନିଜସ୍ୱ ଘରକରି ରହିଲେ ।

ପର୍ଯ୍ୟାୟକ୍ରମେ ମୋ ବାପା ରାମଚନ୍ଦ୍ର - ସମାଜସେବା, ରାଜନୀତି ତଥା କାଠଶିଳ୍ପୀ ଭାବରେ ଭୁବନ ସହରରେ ପ୍ରତିଷ୍ଠା ଲାଭ କରିଲେ ନିଜସ୍ୱ ଅର୍ଜିତ ଧନରେ - କଲେଜ ରୋଡ ବାଇପାସ୍ (ପେଟ୍ରୋଲ୍ ପମ୍ପ) ନିକଟରେ ଘରବାରିର ଜମି - ଶ୍ରୀରାମ ମାର୍କେଟ୍ କମ୍ପ୍ଲେକ୍ସ ଓ କାଳୀବଜାର ଛକଠାରୁ ଅନତି ଦୂରରେ ଜାତୀୟ ରାଜପଥ (୫୩) ପାଖରେ ତିରିଶି ଗୁଣ୍ଠ ପରିମିତ ଜମିରେ ଶ୍ରୀରାମ ଫାର୍ମ ହାଉସ୍, ସେଥିରେ ୩୨୦ ଫୁଟର ଗଭୀର ନଳକୂପ ବିଜୁ କୃଷକ ଯୋଜନାରେ, ଯାହାର ବର୍ତମାନ ଆନୁମାନିକ ମୂଲ୍ୟ ଏକକୋଟିରୁ ଊର୍ଦ୍ଧ୍ୱ ହେବ ।

ରାମଚନ୍ଦ୍ର ନିଜର ଅସ୍ଥାବର ସମ୍ପତି (ଜମିବାଡି-ଘରଦ୍ୱାର) କରିନାହାଁନ୍ତି - ସ୍ଥାବର ସମ୍ପତି କରିଛନ୍ତି - ନିଜର ଚାରିଗୋଟି ପିଲାଙ୍କୁ ସମାଜରେ ଜନ୍ମ ପରେପରେ ଉପଯୁକ୍ତ

ଶିକ୍ଷା, କର୍ମସଂସ୍ଥାନ ତଥା ବିବାହ ଆଦି କରାଇ ସମାଜରେ ସେମାନଙ୍କୁ ଠିଆ କରାଇ ପାରିଛନ୍ତି କହିଲେ ଅତ୍ୟୁକ୍ତି ହେବନାହିଁ ।

ଏକମାତ୍ର ବଡଝିଅ - ଜୟନ୍ତୀ, ଇଗୁନୁର ଅଣ୍ଡର ଗ୍ରାଜୁଏଟ୍, ଜଣେ ଲେଖିକା, କେନ୍ଦ୍ରାପଡାର ଓଲକଣା ନିବାସୀ ସରକାରୀ କର୍ମଚାରୀ (ଅବସରପ୍ରାପ୍ତ) ନନ୍ଦକିଶୋର ଲେଙ୍କାଙ୍କ ମଧ୍ୟମ ପୁତ୍ର - ଟ୍ରାନ୍ସପୋର୍ଟର ସାମ୍ବାଦିକ ମହେନ୍ଦ୍ର ଲେଙ୍କାଙ୍କ ସହଧର୍ମୀଣୀ, ଢେରାବିଂଶ ବ୍ଲକ୍‌ର ଜଣେ ନିର୍ବାଚିତ ପଚାଂୟତ ପ୍ରତିନିଧି ଭାବରେ କାର୍ଯ୍ୟ କରିଛନ୍ତି । ଦୁଇଗୋଟି କନ୍ୟା ସନ୍ତାନ - ଲିସା ଓ ଇସାକୁ ନେଇ ତାଙ୍କର ସଂସାର, ମହେନ୍ଦ୍ର ଶିକ୍ଷାରେ ଇଗୁନୁରୁ ଅଣ୍ଡର ଗ୍ରାଜୁଏଟ୍ ।

ବଡପୁଅ ସୁବାଷ ଜଣେ ଓଡିଆ ସାହିତ୍ୟର ଅଧ୍ୟାପକ ତଥା ଗୋଟିଏ ଘରୋଇ ଡିଗ୍ରୀ କଲେଜର ଉପାଧ୍ୟକ୍ଷ ଭାବରେ କାର୍ଯ୍ୟରତ । ଧର୍ମପନ୍ତ୍ରୀ ତୁଳସୀ (ଟିକି) ଐତିହାସିକ କଟକ ସହରର ଚାଉଳିଆଗଞ୍ଜ ନିବାସୀ, ଟେଲର ମିସ୍ତ୍ରୀ ତଥା ସଂସ୍କୃତ ପ୍ରେମୀ - ସୁରେନ୍ଦ୍ର ସାହୁଙ୍କ ମଧ୍ୟମ କନ୍ୟା । ସୁବାଷଙ୍କ ଶିକ୍ଷା ଏମ୍.ଏ., ପିଏଚ୍.ଡି. ଓ ସାହିତ୍ୟିକ ତଥା ଗବେଷକ । ତୁଳସୀଙ୍କ ଶିକ୍ଷା ଏମ୍.ଏ. (ଇଂରାଜୀ ସାହିତ୍ୟ) ତଥା ଶିକ୍ଷାନୁରାଗୀ ବୃତିଧାରୀ ଏକମାତ୍ର କନ୍ୟା ତେଜସ୍ୱିନୀ (ଲକି)କୁ ନେଇ ସଂସାର ।

ମଧ୍ୟମ ପୁତ୍ର - ପ୍ରକାଶ, ଶିକ୍ଷା - ବିଏ,ଏଲ୍ଏଲ୍.ବି., ବୃତିରେ ଜଣେ ଓକିଲ । ଭୁବନର ଜେଏମ୍ଏଫ୍‌ସି (ଭିଡିଓ ସୁଟିଙ୍ଗ୍ ଓ ଏଡିଟିଙ୍ଗ୍)ର ଡାଇରେକ୍ଟର ଭାବରେ କାର୍ଯ୍ୟରତ

ସାନପୁଅ - ମାନସ, ଶିକ୍ଷା - ଏମ୍.ଏ. (ଇଂରାଜୀ), ବି.ଇଡି., ପିଏଚ୍.ଡି. । ବୃତିରେ - ସରକାରୀ ଉଚ୍ଚ ପ୍ରାଥମିକ ସ୍କୁଲର ଶିକ୍ଷକ ତଥା ଜଣେ ଲେଖକ (ଗୀତାମେହେଟ୍ଟା - ଆନ୍ତର୍ଜାତୀୟ ଲେଖିକା) ଓ ଗବେଷକ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସାରସ୍ୱତ କୃତି (ଲେଖକୀୟ ଜୀବନୀ) । ଇଂରାଜୀ ସାହିତ୍ୟର ଜଣେ ଭଲ ଶିକ୍ଷକ ।

ପଥହରା ପଥିକ ସୁବାଷ ନିଜର ଗଳ୍ପ ସଂକଳନ "ପଥହରା ପଥିକ"ରେ "ଭାଇବୋହୂ" ଏକ ଗଳ୍ପ । ଏଥିରେ ସେ ତିନିଜଣ ନାରୀ ଚରିତ୍ର (ଭାଇବୋହୂ)ଙ୍କୁ ଉପସ୍ଥାପନା କରିଅଛନ୍ତି । ସେମାନେ ହେଲେ - ଭାଗବତ ଦାଦାଙ୍କ ଏକମାତ୍ର ପୁଅ ଗୌରଗୋପାଳ (ବାବୁ)ର ଧର୍ମପନ୍ତ୍ରୀ ରୀନା ଓ ନିଜର ଦୁଇଭାଇ ବୋହୂ - ପ୍ରକାଶର ଧର୍ମପନ୍ତ୍ରୀ - ସୁପ୍ରଭା (ନିନି) ଓ ମାନସର ଧର୍ମପନ୍ତ୍ରୀ ଶିବାନୀ (ମିଷ୍ଟି) ।

ମୋର ଦାଦା ଭାଗବତଙ୍କ ତିନିଗୋଟି ଝିଅରେ ଏକମାତ୍ର ପୁଅ ଗୌରଗୋପାଳ (ବାବୁ), ତା'ର ଶିକ୍ଷା - ମାଟ୍ରିକ୍ ମାତ୍ର ସେ ଜଣେ ମୋବାଇଲ ଭଲ କାରିଗର, ଭୁବନ ସହରରେ ତା'ର ନାମ (ବାବୁ ମୋବଇଲ ସପ୍) । ସେ ଆମ୍ଭ ତିନିଭାଇ (ସୁବାଷ, ପ୍ରକାଶ, ମାନସ)ଙ୍କଠୁ ସାନ । ପରିବାରର ସବୁଠାରୁ ଗେହ୍ଲା ପୁଅ । ସାଙ୍ଗସାଥି ମେଳରେ ପଡି ଘରପାଖ (ବ୍ଲକ୍ କଲୋନୀ) ନିକଟରେ ଆମ ଭାଇବୋହୂ ବନିଥିବା (ରୀନା)କୁ ଭଲପାଇ ବସିଲା । ପରିବାରର ଆମେ ତିନିଜଣ ବଡଭାଇ ଥିବାରୁ ସେ ବିବାହ କରିପାରିଲା ନାହିଁ । ଦିନକର ଘଟଣା - ମୋ ଦାଦା ତା' ବିବାହକୁ ବିରୋଧ କରିଲେ ମଧ୍ୟ (ପରିବାରରେ ଆମେ ବଡଭାଇ ଥିଲୁ ବୋଲି) - ବାବୁ ମୋ ପାଖକୁ ଆସି କହିଲା ଭାଇ ତୁମେ ତ ବହୁତ ପାଠ ପଢିଛ - ଚାକିରୀ କରି ବିବାହ କରିବ - ମୋ ବିବାହ ପାଇଁ ମତାମତ ଦିଅ । ତା'ପରେ ମୁଁ ମୋର ବଡବାପା ଦୁଃଶାସନ, ବାପା ରାମଚନ୍ଦ୍ର ଓ ଦାଦା ଭାଗବତଙ୍କ ସହ ବୈଠକ କରି ବାବୁ ବାହାଘର ପାଇଁ ମୁଁ ସମ୍ମତି ଦେଇଥିଲି । ଏ ପଥହରା ପଥିକ ସୁବାଷର ବିଶାଳ ହୃଦୟ ଥିଲା - ଜଣେ ପ୍ରେମୀ ଯୁଗଳକୁ ବିବାହ ବନ୍ଧନରେ ସାଂସାରିକ ଜୀବନ କରିବା, ପୁରା ବୈଦିକ ରୀତିରେ ମନ୍ଦିରରେ ବାବୁର ବିବାହ ହୋଇଥିଲା ବିନା ଯାନି ଓ ଯୌତୁକରେ । ଭାଇବୋହୂ ରୀନା ଆମ କଲେଜରୁ (+୨) କଳା ପାସ୍ କରିଥିଲେ । ମୁଁ ତାଙ୍କୁ ପରାମର୍ଶ ଦେଇଥିଲି - ଉଚ୍ଚଶିକ୍ଷା (ଡିଡିସିଇ)ରେ ବିଏ କରିବାପାଇଁ ମାତ୍ର ପରିବାରର ଜଟାଂଳରେ କରିପାରି ନାହାଁନ୍ତି ସତ ସରକାରଙ୍କର ଅଙ୍ଗନାୱାଡି କର୍ମୀ (ପ୍ରାକ୍ ପ୍ରାଥମିକ ଶିକ୍ଷା) ଚାକିରୀ କରିଛନ୍ତି । ତାଙ୍କର ଗୋଟିଏ ଝିଅ ଓ ଗୋଟିଏ ପୁଅକୁ ନେଇ ସଂସାର ।

ପଥହରା ପଥିକ ସୁବାଷକୁ ତା'ର ଦୁଇ ସାନଭାଇ ପ୍ରକାଶ ଓ ମାନସ ସଦାସର୍ବଦା ସମ୍ମାନ ଦେଇଅଛନ୍ତି । ମୁଁ ବଡଭାଇ ହିସାବରେ ସେମାନଙ୍କୁ ସମାଜରେ ପ୍ରତିଷ୍ଠିତ କରାଇବାର ଦାୟିତ୍ୱ ବାପା ଓ ମା'ଙ୍କ ସାଙ୍ଗରେ ମିଶିକରି କରିଅଛି ।

ମୋର ମଧ୍ୟମ ଭାଇ ପ୍ରକାଶ - ଶିକ୍ଷା - ବିଏ, ଏଲ୍ଏଲ୍.ବି. ଜଣେ ଆଡଭୋକେଟ୍, ଆମ ଭୁବନ ସହରର ଜେଏମ୍ଏଫ୍ସି କୋର୍ଟରେ ଓକିଲାତି କରେ । ତା'ର ପାଠପଢା ଏତେ ଭଲ ନହେଲେ ମଧ୍ୟ ମନ୍ଦ ନୁହେଁ, +୨ ବିଜ୍ଞାନ ଶ୍ରେଣୀ ପରେପରେ - ଉତ୍କଳ ବିଶ୍ୱବିଦ୍ୟାଳୟରୁ (ଡିଡିସିଇ)ରୁ ବିଏ ପଚଂଗଡ ସୋମନାଥ ଦେବୀ କଲେଜ, ବଅଁରପାଳ - ଅନୁଗୁଳରୁ ଘରୋଇ ଭାବରେ ସଫଳତା ସହ ଉତୀର୍ଣ୍ଣ ପରେ ମୋର ଚିନ୍ତାଥିଲା ସାନଭାଇ କ'ଣ

ଜୀବନରେ ହେବ, ବାପା ଚାହିଁଲେ ସେ ଗୋଟିଏ ଇଲୋକ୍ଟ୍ରୋନିକ୍ ଗଣମାଧ୍ୟମର ସାମ୍ବାଦିକ ହେବାପାଇଁ ମାତ୍ର ଦଇବ ଦଉଡି ମଣିଷ ଗାଇ, ଯେଣିକି ଟାଣଇ ସେଣିକି ଯାଇ ସବୁ ବିଧିନିର୍ଦ୍ଦିଷ୍ଟ - ମୋର ପ୍ରଚେଷ୍ଟାରେ ସେ ଢେଙ୍କାନାଳ ଲ କଲେଜରେ ଏଲ୍.ଏଲ୍.ବି. (ଲ) ଆଡମିଶନ୍ କରିଲା ଓ ତା'ର ଦୃଢଇଚ୍ଛା ଶକ୍ତି ବଳରେ ସେ ଲ ପରୀକ୍ଷାରେ ପାସ୍ କରିଲା । ବାପାଙ୍କ ପରାମର୍ଶରେ ମୁଁ ମୋ ଭାଇ ପ୍ରକାଶକୁ ନେଇ ଷ୍ଟେଟ୍ ବାର କାଉନସିଲ୍ କଟକରୁ ଓକିଲାତି ଲାଇସେନ୍ସ ଆଣିଲି - ୨୦୧୦ ମସିହାରୁ । ବିଏ ପାସ୍‌ପରେ ମୋ ବାପାଙ୍କ ଏକ ଅର୍ଥରାଶି ପ୍ରଦାନରେ - ସେ ପ୍ରଥମେ ଭିଡିଓ କ୍ୟାମେରା ଆଣି ବିବାହ ଓ ବ୍ରତଘର ଆରମ୍ଭ କଲା । ପର୍ଯ୍ୟାୟକ୍ରମେ ଲକ୍ଷାଧିକ ଟଙ୍କାର ଶ୍ରୀରାମ ଭିଜନ (ଭିଡିଓ ସୁଟିଙ୍ଗ୍, ଏଡିଟିଙ୍ଗ୍ ଓ ଡ୍ରନ୍ କ୍ୟାମେରା) ସହ ଦୁଇଜଣ ପିଲାଙ୍କୁ ରଖି ଭୁବନ ସହରରେ ବ୍ୟବସାୟ ପ୍ରତିଷ୍ଠାନ କଲା ।

ମୋର କର୍ମ (ଅଧ୍ୟାପକତ୍ୱ) ତଥା ବିଳମ୍ବରେ ବିବାହ ହୋଇଥିଲା ମାତ୍ର ଭାଇମାନଙ୍କୁ ମୁଁ ପ୍ରଥମେ ପ୍ରସ୍ତାବ ଦେଇଥିଲି ତୁମେ କର୍ମ କଲଣି (ମୁଁ ସାହିତ୍ୟର ଗବେଷଣାରେ ନିମଗ୍ନ) ବିବାହ କରିଯାଅ ମାତ୍ର ସେମାନେ ମନାକରି ଦେଇଥିଲେ । ମୋର ବିବାହ ୧୨ ଜୁନ୍ ୨୦୧୫ରେ କଟକ ସହର ଚାଉଳିଆଗଞ୍ଜର ସୁରେନ୍ଦ୍ର ସାହୁଙ୍କ କନ୍ୟା ତୁଳସୀ (ଟିଂକି) ବିବାହର ୭ ମାସ ପରେ - ମୋର ମଧ୍ୟମ ଭାଇ ପ୍ରକାଶର ବିବାହ ହେଲା ।

ବାଲେଶ୍ୱର ସହରର ଗୋଟିଏ ପ୍ରତିଷ୍ଠିତ ପରିବାର ଟାଲ୍‌ଡି ପରିବାର, ଭଦ୍ର, ଆମ୍ବାୟିକ ଓ ଶାନ୍ତ, ସରଳର ପରିବାର । ହରି ନାରାୟଣ ଟାଲ୍‌ଡି ଓ ବାସନ୍ତୀ ଟାଲ୍‌ଡିଙ୍କ ପରିବାର । ହରି ନାରାୟଣ ଥିଲେ - ଅବସରପ୍ରାପ୍ତ କ୍ରୀଡା ଉପନିର୍ଦ୍ଦେଶକ - ଫକୀରମୋହନ କଲେଜ, ବାଲେଶ୍ୱର - ଚାରିଗୋଟି କନ୍ୟାରତ୍ନା ଓ ଏକମାତ୍ର ପୁତ୍ର ସନ୍ତାନକୁ ନେଇ ତାଙ୍କର ସଂସାର । ପୁତ୍ର - ସଂଜୀବ୍ ଅଛନ୍ତି - କ୍ରୀଡା ଶିକ୍ଷକ ଭାବରେ ଫକୀରମୋହନ ଜୁନିୟର କଲେଜରେ କାର୍ଯ୍ୟରତ ତାଙ୍କର ଦୁଇଗୋଟି ପୁତ୍ର ସନ୍ତାନ । ଚାରିଜଣ ଭଉଣୀ ସମସ୍ତେ ଉଚ୍ଚଶିକ୍ଷିତ ତଥା ତାଙ୍କ ସ୍ୱାମୀମାନେ ସରକାରୀ ବେସରକାରୀ ସଂସ୍ଥାରେ ଚାକିରୀ କରନ୍ତି । ମୋର ଭାଇବୋହୂ ସୁପ୍ରଭା (ନିନି) ମୋର ମଧ୍ୟମ ଭାଇ ପ୍ରକାଶର ଧର୍ମପତ୍ନୀ । ନିନୀର ଶିକ୍ଷା - ବିଏ,ବି.ଏଡ୍.- ପ୍ରଥମେ ପ୍ରଥମେ ସରସ୍ୱତୀ ଶିଶୁ ମନ୍ଦିରରେ ଶିକ୍ଷୟତ୍ରୀ ପରେ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷା ସହାୟକ ଚାକିରୀ । ସେହି ସମୟରେ

ଆମର ଜଣେ ଦୂର ସଂପର୍କୀୟ ଭୁବନର ନବଭାଇ ପ୍ରସ୍ତାବକ (ମଧ୍ୟସ୍ଥି) ଭାବରେ ମୋତେ ନେଇ ପ୍ରଥମେ ବାଲେଶ୍ୱର ଯାଇଥିଲେ ଓ ଦୁଇ ପରିବାରର ସହମତି ରୀତିରେ, ବୈଦିକ ରୀତିରେ ବିବାହ କାର୍ଯ୍ୟ ହେଲା ବିନା ଯାନି ଓ ଯୌତୁକରେ ମାତ୍ର ନିନୀଙ୍କର ବାପା, ଭାଇ - ସମସ୍ତ ଜିନିଷ ଦେବାସହ ଭଲ ବିବାହ ଭୋଜି ବରଯାତ୍ରୀଙ୍କୁ ଦେଇଥିଲେ ।

ବିବାହ ପରେ ଭାଇବୋହୂ ନିନୀ ଆମ ପରିବାରରେ ଭୁବନରେ ରହିଲେ ମାତ୍ର ନିଜର କର୍ମକ୍ଷେତ୍ର ଚାକିରୀ ବାଲେଶ୍ୱର (ସୋର) ନିକଟରେ । ମୋର ସାନଭାଇ ମାନସର ଉଦ୍ୟମରେ ବାଲେଶ୍ୱରରେ ଜଣେ ଶିକ୍ଷକ ଆମ ଭୁବନ ବ୍ଲକ୍‌ରେ ଥିଲେ ସରକାର ସ୍ତରରେ ମ୍ୟୁଚୁଆଲ୍ ଟ୍ରାନ୍ସଫର୍ ହେଲା । ନିନୀ ବର୍ତ୍ତମାନ ସଂପୂର୍ଣ୍ଣ ସରକାରୀ ଶିକ୍ଷୟତ୍ରୀ । ଏକ ସ୍କୁଟିନେଇ ସେ ସ୍କୁଲ ପାଠ ପଢାଇବା ପାଇଁ ଯାଆନ୍ତି ତଥା ଘରକାମରେ ସମସ୍ତେ ମିଳିମିଶି କରନ୍ତି । ମୁଁ ଯେତେବେଳେ ମୋ ଧର୍ମପନ୍ତୀ ତୁଳସୀଙ୍କୁ ତାଙ୍କ ପରିବାର ଭୁଲ୍ ପାଇଁ ତାଗିଦ୍ କରେ - ନିନୀ ମୋତେ କୁହନ୍ତି ଭାଇ - ତୁମେ ଟିକିନାନୀ ଓ ଝିଅ ଲକିକୁ ନେଇ ସଂସାର କର । ତାଙ୍କ ପରାମର୍ଶ ମୋତେ ଖୁବ୍ ଆନନ୍ଦ ଦେଇଥିଲା ।

ଅନ୍ୟଜଣେ ମୋର ସାନ ଭାଇବୋହୂ - ମୋ ସାନଭାଇ ମାନସର ଧର୍ମପନ୍ତୀ ଶିବାନୀ (ମିଷ୍ଟି) । ମଧ୍ୟମ ଭାଇ - ପ୍ରକାଶର ୩ ବର୍ଷ ପରେ ମାନସର ବିବାହ ହେଲା । ମାନସର ଶିକ୍ଷା - ଏମ୍ଏ, ବି.ଏଡ୍., ପିଏଚ୍.ଡି., ମାଟ୍ରିକ୍ +୨ (କଳା)ରେ ସଫଳତାର ସହ ଉତୀର୍ଣ୍ଣ ହୋଇ ମାନସ ବାଜିରାଉତ କଲେଜରେ ଶିକ୍ଷା (ସମ୍ମାନ) ନେଇ ବିଏ ପ୍ରଥମ ଶ୍ରେଣୀରେ ପାସ୍ କରିଲା । ମୋର ସଂପୂର୍ଣ୍ଣ ପରାମର୍ଶ ଓ ସହଯୋଗରେ - ଶିକ୍ଷକତା ବୃତିକୁ ଆପଣି ନେଲା ଘରୋଇ ସ୍କୁଲ ଓ କୋଚିଂ ସେଟଂର ଶିକ୍ଷକ । ପରେ ଇନ୍ଦିରାଗାନ୍ଧୀ ଜାତୀୟ ବିଶ୍ୱବିଦ୍ୟାଳୟ (ଇଗୁନ୍)ରୁ ବି.ଏଡ୍. ପାସ୍‌କରି ସରକାରୀ ଉଚ୍ଚ ପ୍ରାଥମିକ ସ୍କୁଲ୍‌ରେ ଶିକ୍ଷକ (ଶିକ୍ଷା ସହାୟକ) ଓ ବର୍ତ୍ତମାନ ସରକାରୀ ଶିକ୍ଷକ । ତା' ମଧ୍ୟରେ ମୋର ପରାମର୍ଶରେ ଘରୋଇ ଭାବରେ ଏମ୍.ଏ. (ଇଂରାଜୀ)ରେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ପାସ୍ ପରେପରେ ମୋର ଆଦର୍ଶରେ ତାକୁ ଅନୁପ୍ରାଣିତ କରି ଡକ୍ଟରେଟ୍ (ପିଏଚ୍.ଡି.) ଉପାଧିପାଇଁ ଚେଷ୍ଟା ଓ ସଫଳତା ପ୍ରାପ୍ତି । ଉତର ଓଡିଶା ବିଶ୍ୱବିଦ୍ୟାଳୟ, ବାରିପଦାରେ ଅବସରପ୍ରାପ୍ତ ପ୍ରିନିସ୍‌ପାଲ୍ ରେମୁଳି କଲେଜ, କେନ୍ଦୁଝର ଡକ୍ଟର କାର୍ତ୍ତିକ ଚନ୍ଦ୍ର ମିଶ୍ରଙ୍କ ତତ୍ୱବଧାନରେ ଗବେଷଣା - ନବୀନ ପଟ୍ଟନାୟକଙ୍କ ଲେଖକୀୟ କୃତି ଉପରେ । ଚଳିତ ବର୍ଷ ସେ ପିଏଚ୍.ଡି. ଉପାଧିପ୍ରାପ୍ତ

- ଡକ୍ଟର ମାନସ ନାୟକ । ଅନେକ ପ୍ରସ୍ତାବ ପରେପରେ - ମୋର ସାଙ୍ଗ ଭୁବନ (ନୂଆ ଭୁବନ)ର ରମା ପୃଷ୍ଟି ତଥା ଆମ ପିଉସୀ ବେଙ୍ଗୁଲିର ଭଣଜା ଆଡଭୋକେଟ୍ କୋଦଣ୍ଡ ନାୟକଙ୍କ ସାନଶାଳୀ ଶିବାନୀ ସହିତ ବିବାହ ।

ପରିଶେଷରେ ୧୩ ମାର୍ଚ୍ଚ ୨୦୧୮ ରିଖରେ ମାନସର ବିବାହ ହୁଏ - ଆମ ଢେଙ୍କାନାଳ ଜିଲ୍ଲା ରାସୋଳ ଗାଁର - ଓଡିଶା ସରକାରଙ୍କର ଅବସରପ୍ରାପ୍ତ ପଶୁଧନ ନିରୀକ୍ଷକ (ଏଲ୍.ଆଇ.) ପୁରୁଷୋତମ ସାହୁ ଓ କଳ୍ପନା ସାହୁଙ୍କ କନ୍ୟାରତ୍ନା ଶିବାନୀ । ବାପା-ମା'ଙ୍କ ଚାରିଗୋଟି କନ୍ୟାରତ୍ନା ମଧ୍ୟରେ ଶିବାନୀ କନିଷ୍ଠ କନ୍ୟା, ଭାଇ ନଥିଲେ ମଧ୍ୟ ମାଉସୀ ପୁଅ ଭାଇ ଧୋବି ଭାଇଠାରୁ ବଳିକରି ସବୁ କାମରେ ଠିଆ ହୁଅନ୍ତି । ଶିବାନୀର ଶିକ୍ଷା +୩ (ବିଜ୍ଞାନ) - ବି.ଏସ୍‌ସି. ଓ ଡି.ଆଇ.ଇ.ଟି. (ସିଟି) - ଜଣେ ଘରୋଇ ଶିକ୍ଷୟତ୍ରୀ । ବିନା ଯୌତୁକରେ ବିବାହ ମାତ୍ର ବାପା, ଭାଇ ସବୁ ଜିନିଷ ଦେଇଥିଲେ, ଘରର ସାମଗ୍ରୀ ନେଇ ଯାନି ଓ ଯୌତୁକ ଭରିଦେଇ, ବୈଦିକ ରୀତିରେ ବାଜା, ବାଣ ରୋଷଣିରେ ବିବାହ ସମ୍ପୂର୍ଣ୍ଣ ।

ଭାଇବୋହୂ ଶିବାନୀ (ମୁଁ ଡାକେ ମାନି) - ଶାନ୍ତଶିଷ୍ଟ ମାତ୍ର ଟିକିଏ ଅଭିମାନିନୀ । ମୋତେ (ଦେଢଶ୍ବଶୁର)ଙ୍କୁ ଉପଯୁକ୍ତ ସମ୍ମାନ । ଦୁଇ ଭାଇବୋହୂ ସହ ମୋ ଦାଦାପୁଅ ଭାଇ (ବାବୁ) ମଧ୍ୟ ଏକ ଭାଇବୋହୂ ମୋର ପରାମର୍ଶ ସଦାସର୍ବଦା ଗ୍ରହଣ କରିଥାନ୍ତି । ମୋର ଆଶୀର୍ବାଦ ସଦାସର୍ବଦା ସେମାନଙ୍କର ପାଖରେ ରହିଅଛି । ବାପା-ମା'ଙ୍କ ସାଙ୍ଗରେ ଏକ ଅନ୍ନବତୀ ପରିବାର ମଧ୍ୟରେ ସୁଖରେ କାଳାତିପାତ କରିଲୁ, ଏହା ମହାପ୍ରଭୁ ଜଗନ୍ନାଥଙ୍କର ନିକଟରେ ମୋର ପ୍ରାର୍ଥନା ।

## ଗୁରୁଦେବ

ଗୁରୁ ବ୍ରହ୍ମା ଗୁରୁ ବିଷ୍ଣୁ
ଗୁରୁଦେବ ମହେଶ୍ୱର
ଗୁରୁ ସାକ୍ଷାତ ପରମ ବ୍ରହ୍ମ
ତାସ୍ମାତ ଶ୍ରୀ ଗୁରବେ ନମଃ

ମାନବ ଜୀବନ ସମଗ୍ର ପୃଥିବୀର ସର୍ବଶ୍ରେଷ୍ଠ ଜୀବ । ପ୍ରଭୁ ପରମେଶ୍ୱରଙ୍କ ସୃଷ୍ଟି ସର୍ଜନାରେ - ମାନବ ସୃଷ୍ଟି ସର୍ବଶ୍ରେଷ୍ଠ । ନର ଓ ନାରୀର ମହାସଙ୍ଗମରେ ଶିଶୁଟିଏ ଭୂମିଷ୍ଠ ହୋଇଥାଏ । ଦଶମାସ ଦଶବର୍ଷ ମାତୃ ଗର୍ଭରେ ସଚାଂରିତ ହୋଇ । କଥାରେ ଅଛି - ପିତାମାତାଙ୍କ ସଂଯୋଗ କାଳେ ବିହି (ବିଧାତା) ଯା କପାଳେ ଛାଡେ - ତାହା ହିଁ ଭାଗ୍ୟ । ଭାଗ୍ୟ ସର୍ବତ୍ର ଫଳତମ୍ । ବିଧିର ବିଧାନ କେ କରିବ ଆନ । ଜନ୍ମ, ଶିକ୍ଷା, କର୍ମ, ବିବାହ, ମୃତ୍ୟୁ - ଏହି ପଚଂତତ୍ୱକୁ ପରମେଶ୍ୱର ପ୍ରତ୍ୟେକଙ୍କ ଜନ୍ମ କୁଣ୍ଡଳୀରେ ଛାଡିଥାନ୍ତି । ମୁଁ ବା ସେଥିରୁ ଅନ୍ତର ହେବି ବା କିପରି ?

ଭୁବନ ସହରରେ ନାୟକ ବଂଶଲତା (ବଡହାଟସ୍ଥ) ବାପା ରାମଚନ୍ଦ୍ରଙ୍କ ଔରସ ଓ ମା' ଭାରତୀ ଦେବୀଙ୍କ ଗର୍ଭରୁ ଦ୍ୱିତୀୟ ସନ୍ତାନ ଭାବରେ ୧୪ ଏପ୍ରିଲ୍ ୧୯୭୭ ମସିହାରେ ଜନ୍ମନେଲି । ମୋ ପୂର୍ବରୁ ଏକମାତ୍ର ଭଉଣୀ ଜୟନ୍ତୀ ନାନୀ ଓ ପରେ ଦୁଇଭାଇ - ପ୍ରକାଶ ଓ ମାନସକୁ ନେଇ ଆମର ଖୁସିର ପରିବାର । ବାପା ଜଣେ କାଠଶିଳ୍ପୀ ଓ ରାଜନେତା ଭାବରେ ଜନମାନସରେ ପରିଚିତ । ସମାଜସେବୀ ଭାବରେ ସମାଜର ବିଭିନ୍ନ ଅନୁଷ୍ଠାନରେ ପ୍ରତ୍ୟକ୍ଷ ଭାବରେ ଜଡିତ । ବାପାଙ୍କର ଇଚ୍ଛା ତାଙ୍କ ସମସ୍ତ ପିଲାମାନେ ଉପଯୁକ୍ତ ଶିକ୍ଷା ଲାଭକରି ସମାଜରେ ପ୍ରତିଷ୍ଠିତ ହୋଇ ପରିବାରର ଗୌରବ ବୃଦ୍ଧିରେ ସହାୟକ ହୁଅନ୍ତୁ । ବାପାଙ୍କ ଇଚ୍ଛା ସହିତ ଦୈବୀଶକ୍ତିର କୃପା ବଳରେ ଆମେ ସମସ୍ତେ ସମାଜରେ ପ୍ରତିଷ୍ଠିତ ହେଲୁ ।

ଜନ୍ମପରେ ପରେ ମୋର ଗୁରୁଦେବ(ଶିକ୍ଷା)ର ମୋ ମା' ଆଉ ବାପା, ଏହାର କାରଣ ସେ ମୋତେ ଠୁକ୍‌ଠୁକ୍ ପାଦ ଚାଲିରେ ମଧ ସଂଖ୍ୟା, ଅକ୍ଷର ସହ ପ୍ରଥମେ ଶବ୍ଦର ବ୍ୟବହାର ଶିଖାଇଥିଲେ । ମା, ବାପା ସହ ନିତ୍ୟ ବ୍ୟବହାର କଥା - ଖାଇବା, ପରିସ୍ରା କରିବା, ଝାଡାଯିବା କହିବା ଆଦି ମୋ ମା' ଭାରତୀ ଦେବୀ (ମୋର ମାତୃଭାଷା) - ଓଡିଆ

ଭାଷାରେ କଥୋପକଥନ ମାଧ୍ୟମରେ ସେ ମୋତେ ଶିଖାଇଥିଲେ । ତେଣୁ ମୋ ଜୀବନର ଆଦ୍ୟ ଗୁରୁ ମୋ ମା' ପରବର୍ତ୍ତୀ ସମୟରେ ମୋ ଜେଜେମା ଭୁତିଦେବୀ, ମୋ ବାପା - ରାମଚନ୍ଦ୍ର, ମୋ ନାନୀ ଜୟନ୍ତୀ ମାନଙ୍କ ଗ୍ରହଣରେ ସର୍ବୋପରି ପରିବାର ବର୍ଗ (ବଡବାପା/ ଦାଦାଙ୍କ ପରିବାର)ଙ୍କ ସାନିଧ୍ୟ ଲାଭକରି କଥୋପକଥନ ଶିକ୍ଷା କରିଥିଲି ।

ମୋତେ ଯେତେବେଳେ ଚାରି ଓ ପାଚଂବର୍ଷ ବୟସ ହେଲା ସେତେବେଳେ ପ୍ରାକ୍ ପ୍ରାଥମିକ ଶିକ୍ଷା (ଚାଟଶାଳୀ) ଥିଲା । ଆମ ଘର ନିକଟରେ ବାସୁଦେବ ବେହେରା (ବୁଲା) ଆମ୍ଭ ପନ୍ଦର ଜଣ ପିଲାଙ୍କୁ ଗୋଟେ ଶ୍ରେଣୀ କକ୍ଷରେ ତାଙ୍କ ଘରେ ପଢାଉଥିଲେ । ସେ ଦିନର ବୁଲା ବେହେରା ଆଜି ଆମ ଭୁବନ ସହର ସଂଗଠନର ସଭାପତି । ଚାଟଶାଳୀ ଶିକ୍ଷା ପରେ ମୋର ନାମଲେଖା ଯାଇଥିଲା ସ୍ଥାନୀୟ ବଡହାଟ ଉଚ୍ଚ ପ୍ରାଥମିକ ସରକାରୀ ସ୍କୁଲରେ । ପ୍ରଥମରୁ - ସପ୍ତମ ଶ୍ରେଣୀ ସାତବର୍ଷ ପର୍ଯ୍ୟନ୍ତ ମୁଁ ସେହି ସ୍କୁଲ୍‌ରେ ପାଠ ପଢିଅଛି । ମୋର ଅନେକ ଗୁରୁ (ଶିକ୍ଷକ-ଶିକ୍ଷୟତ୍ରୀ) ମୋତେ ଶିକ୍ଷା ଦେଇଛନ୍ତି - ସେମାନଙ୍କର ମଧ୍ୟରେ - ସନାତନ ସାର୍, ଅଗଣି ସାର୍, ଗିରିଧାରୀ ସାର୍, ବ୍ରଜ ସାର୍, ଗୋପୀନାଥ ସାର୍ ତଥା ସୁକାନ୍ତି ମ୍ୟାଡାମ୍, ପୁଷ୍ପା ମ୍ୟାଡାମ୍, ଅର୍ଚ୍ଚନା ମ୍ୟାଡାମ୍ ପ୍ରମୁଖଙ୍କ ସହ ପ୍ରଧାନଶିକ୍ଷକ ବିରେନ୍ଦ୍ର କୁମାର ସିଂହ ମୋ ଜୀବନରେ ଶିକ୍ଷା ପ୍ରଦାନ କରିଅଛନ୍ତି । ଏତଦ୍‌ବାଦ ମୋ ବାପା ଆମକୁ ପ୍ରାଥମିକ ଶିକ୍ଷା ସମୟରେ ଜଣେ ପ୍ରମୋଦ ସାର୍‌ଙ୍କୁ ଆଣି ଆମ ଘରେ ଆମ ଭାଇ, ଭଉଣୀ ସହ ପଡିଶା ପିଲାଙ୍କୁ ଟିୟୁସନ୍ କରୁଥିଲେ ଓ ସପ୍ତମ ଶ୍ରେଣୀରେ ମୁଁ ପ୍ରଧାନଶିକ୍ଷକ ବିରେନ୍ଦ୍ର ସାର୍‌ଙ୍କ ଲତାବିଲସ୍ଥ ବାସଭବନକୁ ଟିୟୁସନ୍ ହେବାକୁ ଯାଉଥିଲି । ଅନେକ ସ୍ଥାନୀୟ ସହପାଠୀ ଓ ସହପାଠିନୀ ମୋ ସହିତ ପାଠ ପଢୁଥିଲେ ।

ପରବର୍ତ୍ତୀ ସମୟରେ ମୁଁ ସପ୍ତମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ସଫଳତା ପାଇ ଭୁବନ ହାଇସ୍କୁଲରେ ନାମ ଲେଖାଇଥିଲି । ଭୁବନ ସହର ସମସ୍ତ ସାହିରୁ ଛାତ୍ର, ଛାତ୍ରୀ ଆସି ଆମ ସହିତ ପାଠ ପଢୁଥିଲେ । ଓଡିଶା ମାଧ୍ୟମିକ ଶିକ୍ଷା ବୋର୍ଡ ଆମ ସମୟରେ ନବମ ଓ ଦଶମ ଶ୍ରେଣୀର ପାଠ୍ୟକ୍ରମକୁ ଆଧାରକରି ମାଟ୍ରିକ୍ ପରୀକ୍ଷା ହେଉଥିଲା । ଅନେକ ଶିକ୍ଷକ ମଣ୍ଡଳୀ ଆମ୍ଭକୁ ମାଧ୍ୟମିକ ଶିକ୍ଷା - ଗଣିତ, ବିଜ୍ଞାନ, ସାହିତ୍ୟ (ଓଡିଆ/ ହିନ୍ଦୀ/ସଂସ୍କୃତ), ସାମାଜିକ ବିଜ୍ଞାନ ପଢାଉଥିଲେ । ସେମାନଙ୍କର ମଧ୍ୟରେ - ହରିହର

ମିଶ୍ର, ଚୈତନ୍ୟ ମିଶ୍ର, ରମାକାନ୍ତ ମିଶ୍ର, ବାଳକୃଷ୍ଣ ସାହୁ, ସଂସ୍କୃତ ପଣ୍ଡିତ, କରୁଣାକର ସାହୁ, ମୁକୁନ୍ଦ ଚନ୍ଦ୍ର ସାହୁ, ରାଧାଶ୍ୟାମ ସାହୁ, ବିଦ୍ୟୁତଲତା ମ୍ୟାଡାମ୍, କଲ୍ୟାଣି ମ୍ୟାଡାମ୍, ଜୟକୃଷ୍ଣ ସାହୁ, ହୃଷିକେଶ ପୃଷ୍ଟି, ଦୀପ୍ତିରଞ୍ଜନ ପୃଷ୍ଟି, ବିଦ୍ୟାଧର ନନ୍ଦ, ବାଇଧର ସାର୍, କୈଳାସ ସାର୍ ପ୍ରମୁଖ ଆମକୁ ଶିକ୍ଷାଦାନ କରି ଅଛନ୍ତି । ରସାନନ୍ଦ ବେହେରା ପ୍ରଧାନଶିକ୍ଷକ ଥାଆନ୍ତି । ଭୁବନ ହାଇସ୍କୁଲର ପ୍ରଧାନଶିକ୍ଷକ ପଦବୀ - ଓଡିଶା ଶିକ୍ଷା ସେବା (ଦ୍ୱିତୀୟ ଶ୍ରେଣୀ ଅଧିକାରୀ) ପଦବୀ ।

ହାଇସ୍କୁଲରେ ଅଧ୍ୟୟନ ସହିତ ଦୟାନିଧି ସାର୍ (ଲତାବିଲ)ଙ୍କ ପାଖରେ ଗଣିତ ଓ ବିଜ୍ଞାନ ଟିୟୁସନ୍ ସହ - ଓକିଲ ରବିନ୍ଦ୍ର ସାର୍‌ଙ୍କ ପାଖରେ ଇଂରାଜୀ ଟିୟୁସନ୍ ହୋଇ ମୁଁ ଭୁବନ ସହରଠାରୁ ୩୫ କି.ମି. ଦୂରରେ କାମାକ୍ଷାନଗରର ସାରଙ୍ଗଧର ହାଇସ୍କୁଲରେ ମାଟ୍ରିକ୍ ପରୀକ୍ଷା ଦେଇ ୧୯୯୩ ମସିହାରେ ମାଟ୍ରିକ୍ (ଦ୍ୱିତୀୟ ଶ୍ରେଣୀ)ରେ ପାସ୍ କରିଲି ।

ବାପା ଓ ମା'ଙ୍କର ସ୍ୱପ୍ନ ମୋ ପୁଅ ସୁବାଷ ଉଚ୍ଚଶିକ୍ଷା ଲାଭକରି ଭଲ ମଣିଷଟିଏ ହେଉ । ପଥହରା ପଥିକ ସୁବାଷ ବା କିପରି ସେ ସ୍ୱପ୍ନକୁ ପୂରଣ ନକରିବ । ସେଥିପାଇଁ ମୁଁ ଉଚ୍ଚଶିକ୍ଷା ଗ୍ରହଣ କରିଲି । ହାଇସ୍କୁଲ ପରୀକ୍ଷାରେ ମୋର ଇତିହାସ ଓ ନଗର ବିଜ୍ଞାନରେ ଭଲ ନମ୍ବର ରହିଥିବାରୁ ମୁଁ ଆମ ଭୁବନ ସହରର ବାଜିରାଉତ ମେମୋରିଆଲ କଲେଜରେ ପାଠ ପଢିଲି +୨ (କଳା), ଦ୍ୱିତୀୟ ଶ୍ରେଣୀରେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପରୀକ୍ଷାରେ ଉତୀର୍ଣ୍ଣ ହୋଇ +୩ କଳା ଶିକ୍ଷା (ସମ୍ମାନ) ନେଇ ପ୍ରଥମ ଶ୍ରେଣୀରେ ବିଏ ପାସ୍ କରିଲି । ଏହି କଲେଜ ଜୀବନ ପାଚଂବରଷ ମୋ ପାଇଁ ଥିଲା ଗୁରୁତ୍ୱପୂର୍ଣ୍ଣ ସମୟ । ଏହି ସମୟରେ ଆମ ଭୁବନ ସହର ତଥା ଆଖପାଖ ଅଚଂଳରୁ ଅନେକ ଛାତ୍ରଛାତ୍ରୀ ଆମ ସହିତ ପାଠ ପଢୁଥିଲେ ।

କଲେଜରେ ଅନେକ ଅଧ୍ୟାପକ/ଅଧ୍ୟାପିକା ମୋତେ ପାଠ ପଢାଇଛନ୍ତି - ସେମାନଙ୍କର ମଧ୍ୟରୁ - ଡକ୍ଟର କଳ୍ପତରୁ ସାହୁ, ଅଶୋକ ପ୍ରସନ୍ନ ସରଣ, ଦେବଦତ ମିଶ୍ର, କୈଳାସ ଗୁରୁ, ଡକ୍ଟର ନୃସିଂହ ଚରଣ ମିଶ୍ର, ବାସୁଦେବ ସାହୁ, ପାର୍ଥସାରଥି ସ୍ୱାଇଁ, ଅଞ୍ଜଳୀ ପରିଡା, ମିନତୀ ମିଶ୍ର, ଅନୀଲ ଧିର, ନିତ୍ୟାନନ୍ଦ ପରିଡା, ବ୍ରହ୍ମାନନ୍ଦ ରାଉତ, ହିଂମାଶୁ ମିଶ୍ର, ସୁରେଶ ଲେଙ୍କା, ଅଲେଖ ପାତ୍ର, ଗୋପାଳ ମହାପାତ୍ର, ଗୌରାଙ୍ଗ ମହାରଣା, ସ୍ମିତାରାଣୀ ପାତ୍ର ପ୍ରମୁଖ ଅନେକ ସାର୍ ଓ ମ୍ୟାଡାମ୍‌ଙ୍କ ଠାରୁ ମୁଁ ଶିକ୍ଷାପ୍ରାପ୍ତ ।

କଲେଜରେ ଗ୍ରାଜୁଏସନ୍ ସ୍ତରରେ ଆମ ସମୟରେ ଓଡିଆ (ଅନର୍ସ) ନଥିଲା । ତେଣୁ ମୁଁ ଏଜୁକେସନ୍ (ଅନର୍ସ) ନେଇ ପଢିବା ସହ ମାତୃଭାଷା (ଓଡିଆ) - ବାଧ୍ୟତାମୂଳକ ବିଷୟରେ ପାଠ ପଢୁଥିଲି । ଗ୍ରାଜଏସନ୍ ସରିବା ପରେପରେ କ'ଣ କରିବି ମୁଁ ଓ ମୋର ପରିବାର ନିଷ୍ପତି ନେଇ ପାରୁନଥିଲୁ ।

ପରିଶେଷରେ ଓଡିଆ ସାହିତ୍ୟରେ ସ୍ନାତକୋତର (ଏମ୍.ଏ.) କରିବାକୁ ସିଦ୍ଧାନ୍ତ ନେଇ ଉତ୍କଳ ବିଶ୍ୱବିଦ୍ୟାଳୟରେ ଘରୋଇ ଭାବରେ ଏମ୍.ଏ. ପାସ୍ କରିଲି । ତା'ପରେ ମୋର ବାପାଙ୍କର ଇଚ୍ଛାଥିଲା ପୁଅ ମୋର ଅଧ୍ୟାପକଟିଏ ହେଉ, ତେଣୁ ତାଙ୍କ ସ୍ୱପ୍ନକୁ ସାକାର କରିବାପାଇଁ ମୁଁ ଚେଷ୍ଟା କରିଲି । ମୋ ବାପା ରାମଚନ୍ଦ୍ର ଥିଲେ ବାଜିରାଉତ କଲେଜ ଗଉନିଙ୍ଗ ବଡିର ମେମ୍ବର (ଢେଙ୍କାନାଳ ଲୋକସଭା ସାଂସଦ ତଥାଗତ ଶତପଥୀଙ୍କର ନୋମିନୀ) - କଲେଜ ପରିଚାଳନା ବୋର୍ଡରେ ବାପା ସଭ୍ୟ ଥିବାରୁ ମୋତେ ଅଧ୍ୟାପକ ହେବାପାଇଁ ତାଙ୍କର ଇଚ୍ଛାଥିଲା । ସହଜେ ତ ମୁଁ ବାଜିରାଉତ କଲେଜର ଓଡିଆ ସାହିତ୍ୟ ବିଭାଗର ସେମିନାରରେ ମୋର ସଂପାଦନା ସୋପାନ ଶିକ୍ଷାର୍ଥୀଙ୍କୁ ଖୁବ୍ ପ୍ରଭାବିତ ପକାଉଥିଲା । ମୁଁ ଇଚ୍ଛାପ୍ରକାଶ କରିଲି ଗବେଷଣା (ପିଏଚ୍.ଡି.) କରିବି ।

ପ୍ରଥମେ ଉତ୍କଳ ବିଶ୍ୱବିଦ୍ୟାଳୟରେ ପିଏଚ୍.ଡି. ପାଇଁ ଚେଷ୍ଟା କରିଲି, ସଫଳତା ପାଇପାରି ନଥିଲି । ମାତ୍ର ବିଧି ନିର୍ଦ୍ଦିଷ୍ଟ ପରେ ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ପିଏଚ୍.ଡି. ଆଡମିଶନ୍ କରିଲି - ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ନିୟମାନୁଯାୟୀ ଜଣେ ଅଧ୍ୟାପକଙ୍କ ତତ୍ତ୍ୱବଧାନରେ କରିବାକୁ । ସୁଯୋଗବସତଃ ମୁଁ ପିଏଚ୍.ଡି. ବିଷୟ ପ୍ରସ୍ତୁତ କରିଲି । ଏମ୍.ପି. ତଥାଗତ ଶତପଥୀଙ୍କର ମା' ନନ୍ଦିନୀ ଶତପଥୀ ଯେକି ଜଣେ ସାରସ୍ୱତସାଧକ ଓ ରାଜନେତ୍ରୀ ଭାବରେ ଭାରତରେ ସୁନାମ ଅର୍ଜନ କରିଥିଲେ ଓଡିଶାର ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ, କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ସାହିତ୍ୟିକା ।

ମୋର ପିଏଚ୍.ଡି. ସନ୍ଦର୍ଭ ବିଷୟ - "ଓଡିଆ ସାହିତ୍ୟ କୁ ନନ୍ଦିନୀ ଶତପଥୀଙ୍କ ଅବଦାନ" ଓ ବହୁତ ଖୋଜାଖୋଜି ପରେ ଭୁବନେଶ୍ୱରର କଳିଙ୍ଗ ବିହାର ନିବାସୀ - ପ୍ରଫେସର ଡକ୍ଟର ଆଦିକନ୍ଦ ସାହୁ ମୋର ଗାଇଡି ପାଇଁ ସ୍ୱୀକୃତି ଦେଲେ । ସେତେବେଳକୁ ସେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅବସରପ୍ରାପ୍ତ ପ୍ରଫେସର ଓଡିଆ ଭାଷା ସାହିତ୍ୟ ତଥା ଚେୟାରମ୍ୟାନ ପୋଷ୍ଟ ଗ୍ରାଜୁଏଟ୍ କାଉନ୍ସିଲ୍ (ପିଜି) କରିଥିଲେ ।

ମୋତେ ଶିକ୍ଷାର ସର୍ବୋଚ୍ଚ ଶିଖରକୁ ନେଇଥିବା ଗୁରୁମାନଙ୍କର ମଧ୍ୟରେ ଦେବ ଗୁରୁଦେବ ପ୍ରଫେସର ଆଦିକନ୍ଦ ସାହୁ । ବାଲେଶ୍ୱରର କୁମାରପୁର ଗାଁରେ ତାଙ୍କର ଜନ୍ମ । ଜଣେ କୌଳିକ ସଂସ୍କାରବାଦୀ ପରିବାରର ଦାୟାଦ ଓଡିଆ ଭାଷା ଓ ସାହିତ୍ୟରେ ଏମ୍.ଏ. ପରେ - ସମ୍ବଲପୁର ବିଶ୍ୱବିଦ୍ୟାଳୟର ଅଧ୍ୟାପକ, ପ୍ରାଧ୍ୟାପକ ଓ ପ୍ରଫେସର ଭାବରେ କାର୍ଯ୍ୟ କରିଥିଲେ ।

ଧର୍ମପତ୍ନୀ ଚନ୍ଦ୍ରାବଳୀ, ଦୁଇପୁଅ ଓ ଏକକନ୍ୟା ସନ୍ତାନକୁ ନେଇ ତାଙ୍କର ପରିବାର । ବଡପୁଅ ବିଦେଶରେ (ଆମେରିକା)ରେ ଇଂଜିନିୟରିଂ, ସାନପୁଅ ଏନ୍.ଆଇ.ଟି - ରାଉରକେଲାରେ ଗଣିତ ବିଭାଗର ପ୍ରଫେସର, ବଡବୋହୂ - ଓଡିଶା ପ୍ରଶାସନିକ ସେବା ଅଧିକାରୀ, ସାନବୋହୂ - ଭୁବନେଶ୍ୱରରେ ଏକ ଘରୋଇ ଇଂଜିନିୟରିଂ କଲେଜର ଅଧ୍ୟାପିକା । ଝିଅ ଉଚ୍ଚଶିକ୍ଷିତା ଜ୍ୱାଇଁ ବ୍ୟାଙ୍କ ଅଫିସର । ଧର୍ମପତ୍ନୀ ଚନ୍ଦ୍ରାବଳୀ ମ୍ୟାଡାମ୍ - ଅବସରପ୍ରାପ୍ତ ହାଇସ୍କୁଲର ପ୍ରଧାନଶିକ୍ଷୟତ୍ରୀ । ନାତି ଓ ନାତୁଣୀଙ୍କ ଗ୍ରହଣରେ ତାଙ୍କର ସୁଖର ସଂସାର ।

ଗୁରୁଦେବ ଆଦିକନ୍ଦ ଥିଲେ ଜଣେ ପ୍ରଚଣ୍ଡ ସ୍ୱାଭିମାନୀ ତଥା ସୃଜନଶୀଳ ଧିଶକ୍ତିର ମଣିଷଟିଏ । ସରଳ, ଆତ୍ମୀୟିକ, ଭଦ୍ର ବ୍ୟକ୍ତି ଭାବରେ ସମାଜରେ ପ୍ରତିଷ୍ଠିତ । ସୁପ୍ରତିଷ୍ଠିତ ସାହିତ୍ୟିକ ଭାବରେ ଓଡିଆ ସାହିତ୍ୟ ଜଗତରେ ଜଣାଶୁଣା, ମୁଖ୍ୟତଃ ଜଣେ ସାହିତ୍ୟ ସମାଲୋଚକ ଭାବରେ ପରିଚିତ । ତାଙ୍କର ସାରସ୍ୱତ କୃତି ମଧ୍ୟରେ - ମାଈ ସଞ୍ଚର କବିତା, କ୍ଷେତ୍ର ପାଚିବାର ବେଳ, ଶୃଙ୍ଗାର, ଗଦ୍ୟ ଗୌରବ, ପଦ୍ୟ ଗୌରବ, କଳା ଗୌରବ, ଭାବ ଗୌରବ, ସୃଜନ ଗୌରବ, ମୋ ମନ ପସନ୍ଦର କବି ଓ ଅନ୍ୟାନ୍ୟ ନିର୍ବନ୍ଧ, କବିତାର ମୃତ୍ୟୁ ଓ ଅନ୍ୟାନ୍ୟ ନିର୍ବନ୍ଧ, ସୁଧାସ୍ୱାଧୀ ଗଙ୍ଗାଧର ଓ ଶୂନ୍ୟବାଦୀ ଭୀମଭୋଇ, ସୋରେନ କିରକେମାର୍ଡ ଓ ସାହିତ୍ୟରେ ଅସ୍ତିତ୍ୱବାଦ । ଓଡିଆ ଗଳ୍ପ ଉପନ୍ୟାସର ନବଦିଗନ୍ତ ଓ ସୌନ୍ଦର୍ଯ୍ୟ ଓ ସୃଜନ ଦର୍ଶନ ପ୍ରମୁଖ ।

ପ୍ରଫେସର ଆଦିକନ୍ଦ ସାହୁ ଗଳ୍ପ, କବିତା, ସାହିତ୍ୟ ସମାଲୋଚନା, ଜୀବନୀ ଓ ଲଳିତ ନିବନ୍ଧ ରଚନା କ୍ଷେତ୍ରରେ ବେଶ୍ ସୁପ୍ରତିଷ୍ଠିତ । ଶୈଳୀଗତ ଚମ୍ତ୍କାରିତା ତାଙ୍କ ରଚନାର ବଡଗୁଣ । ସତେ ଯେପରି ସେ ଗଦ୍ୟ ରଚନା ଭିତରେ କବିତା ହିଁ ଲେଖିଥାନ୍ତି ।

ସର୍ବଭାଷା, ଭୂଗୋଳ, ଧର୍ମ, ସଂସ୍କୃତି ନିରପେକ୍ଷ ପ୍ରଫେସର ଆଦିକନ୍ଦ ସାହୁ ଜଣେ ସ୍ଥିତିବାଦୀ ଚେତନାର ବଡ ସମର୍ଥକ । ତାଙ୍କ ଲେଖାର ବିଷୟବସ୍ତୁ ଯେପରି ଭାବନିଷ୍ଠ ତାଙ୍କ ରଚନାଶୈଳୀ ମଧ୍ୟ ସେହିପରି ରସାର୍ଦ୍ର । ସାର୍ବଜନୀନତା ତଥା ବିଶ୍ୱଦୃଷ୍ଟି ତାଙ୍କ ଲେଖା ସବୁକୁ

ପ୍ରାୟ ଆନ୍ତ ବିଦ୍ୟାମୂଳକ କରିଛି । ତାଙ୍କ ଲେଖନୀରେ ସେ ଖୁନ୍ଦି ହେଲାଭଳି ରହିଛନ୍ତି ।

ଆଧୁନିକ ଓଡିଆ ସାହିତ୍ୟରେ ପ୍ରଫେସର ଆଦିକନ୍ଦ ସାହୁ ଜଣେ ନିୟମିତ ଲେଖକ ଓ ବହୁଗ୍ରନ୍ଥର ପ୍ରଣେତା ତାଙ୍କ ଲେଖା ସାରଗର୍ଭକ ପାଠକୀୟ ଆଦୃତିଲାଭ କରିଅଛି ।

ମୁଁ ପ୍ରଥମେ ସାକ୍ଷାତ ହୁଏ ଆଦିକନ୍ଦ ସାର୍‌ଙ୍କ ସହିତ ତାଙ୍କର ଭୁବନେଶ୍ୱର କଳିଙ୍ଗ ବିହାର ବାସଭବନରେ ସେତେବେଳକୁ ସେ କିଛି ମାସ ପୂର୍ବରୁ ଅବସର ଗ୍ରହଣ କରିଥିଲେ ୩୨ ଜଣ ଶିକ୍ଷାର୍ଥୀ (ଛାତ୍ର ଓ ଛାତ୍ରୀ) ପିଏଚ.ଡି. ଉପାଧି ପ୍ରଦାନ କରିଥିଲେ । ତେଣୁ ସେ ମୋର ଗାଇଡି ହେବାକୁ ରାଜି ହୋଇନଥିଲେ ସତେ ତ ଅବସର ଗ୍ରହଣ ଓ ପରିବାର ତଥା ସାହିତ୍ୟ ରଚନାରେ ସମୟ ବିତାଇବା ତାଙ୍କର ପ୍ରମୁଖ କାର୍ଯ୍ୟଥିଲା ।

ମୁଁ ଭୁବନ ସହରରୁ ଯାଇଅଛି, ମୋ ଘର ଭୁବନ ଶୁଣି ସେ ମୋତେ କହିଥିଲେ - ମୋର ପ୍ରଥମ ଛାତ୍ର ସମ୍ବଲପୁର ବିଶ୍ୱବିଦ୍ୟାଳୟର ଓଡିଆ (ଏମ୍.ଏ.) କୈଳାସ ଗୁରୁ, ମୁଁ କହିଲି ସେ ଆମ ଘର ପାଖର ମୋର ଗୁରୁ ଓଡିଆ ଅଧ୍ୟାପକ ତଥା ଆମ ସମ୍ପର୍କୀୟ ପିଉସୀ ପୁଅ ଭାଇ ହେବେ । ପୁଣି ଗୋଟିଏ ଉଦାହରଣ ଦେଲେ - ତାଙ୍କ ଭାଇଙ୍କ ପୁଅ ଡାକ୍ତର ଦିଗମ୍ବର ସାହୁ (କାମାକ୍ଷାନଗର ମେଡିକାଲର ଡାକ୍ତର)ଙ୍କ ଧର୍ମପତ୍ନୀ ଅଧ୍ୟାପିକା ସୁବାଶିନୀ ସାଥୁଆ ମହାପାତ୍ର । ସେ ମୋର ଭୁବନ ବାଜିରାଉତ କଲେଜର ଅଧ୍ୟାପିକା ତଥା ଆମ ଦୂର ସମ୍ପର୍କୀୟ ନାନୀ ହେବେ । ଏହି ଦୁଇଦୁଇ ଗୋଟ ସମ୍ପର୍କ ଶୁଣି ସଙ୍ଗେସଙ୍ଗେ ଆଦିକନ୍ଦ ସାର୍ ରାଜି ହୋଇଗଲେ ମୁଁ ତୋର ପିଏଚ୍.ଡି. ଗାଇଡି ହେବା - ଏ ପଥହରା ପଥିକ ସୁବାଷକୁ ଦଇବ ଭରଷା - ବାବା ବୁଦ୍ଧେଶ୍ୱର - ଭୁବନର ଆରାଧ୍ୟ ଦେବତାଙ୍କ ଶୁଭ ଆଶୀର୍ବାଦ ଯୋଗୁ ଆଦିକନ୍ଦ ସାର୍‌ଙ୍କ ଭଳି ଜଣେ ବରିଷ୍ଠ ପ୍ରଫେସରଙ୍କୁ ମୋର ଗାଇଡି ଭାବରେ ପାଇଲି ।

ତା' ପରେପରେ ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ରେଜିଷ୍ଟ୍ରେସନ୍ ପାଠପଢା ଆରମ୍ଭ । ତା' ଭିତରେ ମୋ ବାପା ଜଣେ ରାଜନେତା (ବିଜେପି ଢେଙ୍କାନାଳ ଜିଲ୍ଲା ଉପସଭାପତି ତଥା ସାଂସଦଙ୍କ ନୋମିନୀ) ହୋଇଥିବାରୁ ସ୍ଥାନୀୟ ରାଜନୀତି ସର୍ବୋପରି ସାଂସଦ, ବିଧାୟକ ଓ ନଗରପାଳଙ୍କ ନିର୍ବାଚନରେ ମୁଁ ସକ୍ରିୟ ଭାବରେ କାର୍ଯ୍ୟ କରୁଥିଲି, ବିଜେପି ଯୁବମୋର୍ଚ୍ଚା କାର୍ଯ୍ୟକ୍ରମରେ ମଧ୍ୟ ମୋର ସକ୍ରିୟ ଭୂମିକା ଥିଲା ଓଡିଶା ବିଧାନସଭା ଘେରାଉ

ତଥା ଭାରତୀୟ ପାର୍ଲ୍ୟାମେଟଂ (ନୂଆଦିଲ୍ଲୀ) ଘେରାଉ (ସରକାରଙ୍କ ଜନବିରୋଧି କାର୍ଯ୍ୟକ୍ରମ ପାଇଁ) ମୁଁ ସକ୍ରିୟ ଭାବରେ କାର୍ଯ୍ୟ କରୁଥିଲି । ରାଜନୀତି ସହ ସାହିତ୍ୟ ରଚନାରେ ମଧ୍ୟ ନିମଗ୍ନ ରହିଥିଲି । ପର୍ଯ୍ୟାୟକ୍ରମେ - ଆଦିକନ୍ଦ ସାର୍‌ଙ୍କ ଡାକରା ପାଇଁ ମୁଁ ଭୁବନେଶ୍ୱର ଯାଇ ରହିଲି । ଭୁବନେଶ୍ୱର ବିଜେବି ନଗରରେ ମୋର ବଡବାପାଙ୍କ ପୁଅଭାଇ ଉମାକାନ୍ତ (ବାପି)ଙ୍କ ପାଖରେ, ସେ ଜଣେ ଇଲେକ୍ଟ୍ରିସିଆନ୍ ଭାବରେ କାର୍ଯ୍ୟ କରନ୍ତି । ସେଠାରୁ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପାଠାଗାର ଓ ରାଜ୍ୟ ପାଠାଗାର (ଲାଇବ୍ରେରୀ)କୁ ଯାଇ ମୁଁ ବହିଆଣି ଲେଖାଲେଖି କରୁଥିଲି । ମୁଁ ମୋର ସାଇକେଲଟିରେ ଭୁବନେଶ୍ୱରରେ ଯିବା ଆସିବା କରୁଥିଲି । ସପ୍ତାହକୁ ତିନିଦିନ ମୁଁ ମୋର ଗାଇଡି ଆଦିକନ୍ଦ ସାର୍‌ଙ୍କର କଳିଙ୍ଗ ବିହାର, ଭୁବନେଶ୍ୱର ଘରକୁ ଅଟୋରେ ଯିବା ଆସିବା କରେ ।

ଏତିକିବେଳେ ମୁଁ ଓଡିଶା ସାହିତ୍ୟ ଏକାଡେମୀରୁ (ଭୁବନେଶ୍ୱର)ରୁ ଯାଇ ନନ୍ଦିନୀ ଶତପଥୀଙ୍କ ବିଷୟରେ ପ୍ରକାଶିତ ବହି କଲେକ୍ସନ୍ କରିଲି । ସେଥିମଧ୍ୟରୁ ଗୋଟିଏ ବହିଥିଲା "ମାଟିର ନନ୍ଦିନୀ" - ଲେଖକ ଥିଲେ - ଆଶିଷ ରଞ୍ଜନ ମହାପାତ୍ର । ସେ ଥିଲେ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ରାଜନୈତିକ ସହାୟକ (ପିଏ), ତାଙ୍କର ଧର୍ମପତ୍ନୀ ଓ ଏକମାତ୍ର କନ୍ୟାକୁ ନେଇ ତାଙ୍କର ପରିବାର, ସାହିତ୍ୟ ଏକାଡେମୀରୁ ମୁଁ ତାଙ୍କର ନମ୍ବର ନେଇ ତାଙ୍କୁ ତାଙ୍କ ଭଡାଘର ଭୁବନେଶ୍ୱର ଜୟଦେବ ବିହାରରେ ପ୍ରଥମେ ଭେଟକଲି । ସେ ମୋତେ ସଂପୂର୍ଣ୍ଣ ସାହାର୍ଯ୍ୟ କରିଲେ । ମୋ ପିଏଚ.ଡି. ଥୋସିସ୍ ୬ଟି କପିକୁ ଆଶିଷ ଭାଇ ତାଙ୍କର ପ୍ରେସ୍ (ଆରୋପ୍ରଭା ପ୍ରିଟଂର୍)ରେ ଡିଟିପି କରି ଛପାଇଲେ । ସେ ମୋଠାରୁ ପାରିଶ୍ରମିକ ଟଙ୍କା ନେଲେ ନାହିଁ । ମୋ ବାପା ଜଣେ କାଠଶିଳ୍ପୀ ହୋଇଥିବାରୁ ବାପା ମୋ ଗାଇଡି ଆଦିକନ୍ଦ ସାର୍‌ଙ୍କୁ ସୁନ୍ଦର ଡାଳିନକ୍ସା ଡ୍ରେସିଙ୍ଗ୍ ଟେବୁଲ ମୋର କହିବା ଅନୁଯାୟୀ ମୋ ଗୁରୁଦେବଙ୍କୁ ଏକ ଛୋଟ ଉପହାର - ବାପାଙ୍କ ସୃଜନଶୀଳତା ଶିଳ୍ପୀର ଏବଂ ଆଶିଷ ଭାଇଙ୍କୁ ଏକ ବମ୍ବେ ପାଟଣା ବକ୍ସ ଖଟଟିଏ ଗିଫ୍ଟ ପ୍ରଦାନ କରିଲି । ସେମାନେ ଆଦରରେ ଗ୍ରହଣ କରିଲେ ।

ମୋ ଭୁବନ ସହରର ଏକ ଗଣପର୍ବ - ଐତିହାସିକ ଭୁବନ ଦଶହରା ବଳଦ ଯାତ୍ରା । ଲକ୍ଷାଧିକ ଜନସମାଗମ, ଘରେ ଘରେ ବନ୍ଧୁବାନ୍ଧବ ଭର୍ତିହୋଇ ରହିଥାଆନ୍ତି । ଏ କ୍ଷେତ୍ରରେ ପଥହରା ପଥିକ ସୁବାଷ ବା ବାଦ୍ ପଡନ୍ତା କିପରି । ୨୦୦୯ ମସିହା - ଭୁବନ ଦଶହରା ରାବଣ ପୋଡି ପାଲାମଣ୍ଡପରେ ହୋଇଥାଏ, ୫୦ ହଜାର ଜନସମାଗମ, ମୁଁ ସେହିଦିନ

ଭୁବନେଶ୍ୱରରୁ ମୋ ଗୁରୁଦେବ ଆଦିକନ୍ଦ ସାର୍, ଲେଖକ ଆଶିଷ ଭାଇ, ତାଙ୍କ ଧର୍ମପନ୍ତୀ ଓ କନ୍ୟାକୁ ଧରି ଏକ କାର୍‌ରେ ଭୁବନ ଆଣିଥିଲି ଆମ ଘରକୁ । ସେଦିନ ରାବଣ ପୋଡି ଉତ୍ସବରେ - ଓଡିଶାର ସଂସ୍କୃତି ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ମୁଖ୍ୟ ଅତିଥି ଥିଲେ, ଆମ କାମାକ୍ଷାନଗର ବିଧାୟକ ପ୍ରଫୁଲ୍ଲ ମଲ୍ଲିକ୍ ସମ୍ମାନିତ ଅତିଥି ତଥା ମୋ ଗାଇଡି ପ୍ରଫେସର ଆଦିକନ୍ଦ ସାହୁ ମୁଖ୍ୟ ବକ୍ତା ଥିଲେ ମାତ୍ର ସେଠାରେ ଦୁଇ ସାଙ୍ଗର ମହାମିଳନ ହୋଇଥିଲା - ଭଦ୍ରକ କଲେଜରେ ଦୁଇଜଣ ପାଠ ପଢୁଥିଲେ - ସେ ଥିଲେ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ଓ ମୋ ଗାଇଡି ପ୍ରଫେସର ଆଦିକନ୍ଦ ସାହୁ, ସେମାନେ ସେଠାରେ ପରସ୍ପରକୁ ଆଲିଙ୍ଗନ କରିଲେ । ମନ୍ତ୍ରୀଙ୍କ କହିବାନୁଯାୟୀ ତାଙ୍କ ସ୍ଥାନରେ ଆଦିକନ୍ଦ ସାର୍ ରାବଣର ମୁହଁରେ ଅଗ୍ନି ସଂଯୋଗ କରିଥିଲେ, ସେହି ସମୟ ଥିଲା ମୋ ଜୀବନର ଏକ ସ୍ମରଣୀୟ ଦିନ ।

ପର୍ଯ୍ୟାୟକ୍ରମେ ଆଦିକନ୍ଦ ସାର୍ ଓ ମୁଁ ଥରେ ପୁରୀ ଓ କୋଣାର୍କ ମନ୍ଦିର ବୁଲିବାକୁ ଯାଇଥିଲୁ । ପରେ ପରେ ମୁଁ ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ଥୋସିସ୍ ଡିପୋଜିଟ୍ କରିଲି । ପରେ ମୋର ପିଏଚ୍.ଡି. ଭାଇବସ୍ ତାରିଖ ଠିକ୍ ହେଲା । ଦୁଇ ପିଏଚ୍.ଡି. ଏକ୍‌ଜାମିନଙ୍କର । ପିଏଚ୍.ଡି. ଥୋସିସ୍ ନିରୀକ୍ଷଣ କରି ସୁପାରିଶ୍ କରିବା ଦ୍ୱାରା ସେ ଦୁଇଜଣ ଶିକ୍ଷକ ଥିଲେ - ବିହାର ପ୍ରଦେଶର ରାଚିଂ ବିଶ୍ୱବିଦ୍ୟାଳୟର ଓଡିଆ ସାହିତ୍ୟର ପ୍ରଫେସର ପ୍ରସନ୍ନ କୁମାର ପ୍ରଧାନ ଓ ଓଡିଶାର ବରିଷ୍ଠ ପ୍ରଫେସର ଶ୍ରୀନିବାସ ମିଶ୍ର । ୧ ଫେବୃୟାରୀ ୨୦୧୧ ମସିହାରେ ମୋର ପିଏଚ୍.ଡି. ଭାଇବସ୍ ସାରି - ମୁଁ ଡକ୍ଟରେଟ୍ ଉପାଧି ପାଇଲି, ସେ ଦିନ ଥିଲା ମୋ ଜୀବନର ଏକ ଐତିହାସିକ ଦିନ, ତା'ପରେ ଡକ୍ଟର ସୁବାଷ ନାୟକ ଜୀବନରେ ସ୍ଥାୟୀ ଭାବରେ ଅଧ୍ୟାପକ ଚାକିରୀ ବିଦ୍ୟାର୍ଥୀ ରେସିଡେଟାଂଲ କଲେଜ (+୨ ବିଜ୍ଞାନ) ଓ ପରେ ପରେ ଓଡିଶାର ଲବ୍ଧ ପ୍ରତିଷ୍ଠିତ କଲେଜ - ଟେଟ୍ରାହେଡ୍ରନରେ - ତା'ର ଡିଗ୍ରୀ କଲେଜ - ତ୍ରିଦେବ ଡିଗ୍ରୀ କଲେଜରେ ଓଡିଆ ସାହିତ୍ୟର ଆସିଷ୍ଟାଟଂ ପ୍ରଫେସର ସହ ଭାଇସ୍‌ପ୍ରିନିସ୍‌ପାଲ ପଦବୀରେ କାର୍ଯ୍ୟରତ ।

ଆଦିକନ୍ଦ ସାର୍‌ଙ୍କ ପ୍ରତ୍ୟେକ ପ୍ରେରଣାରେ ମୋ ଜୀବନରେ ଖାଲି ଅଧ୍ୟାପକଟିଏ ଓଡିଆ ସାହିତ୍ୟର ହୋଇପାରି ନାହିଁ । ତାଙ୍କ ଆଶୀର୍ବାଦରୁ ୧୫ ଗୋଟି ଗବେଷଣା ପତ୍ର (ରିସର୍ଚ୍ଚ ପେପର) ବିଭିନ୍ନ ଜାତୀୟ ଓ ଆନ୍ତର୍ଜାତୀୟ ପତ୍ରିକାରେ ପ୍ରକାଶିତ ତଥା ଶିକ୍ଷାର୍ଥୀଙ୍କର ପିଏଚ୍.ଡି. ଗାଇଡି ହେବାପାଇଁ ବିଶ୍ୱବିଦ୍ୟାଳୟରେ ଆବେଦନକାରୀ । ଏହାଥିଲା ଗବେଷକର

ଜୀବନ, ତତ୍‌ସହିତ ଥିଲା ଏକ ସାହିତ୍ୟିକ ଜୀବନଟିଏ, ସେଥିରେ ଆଦିକନ୍ଦ ସାର୍‌ଙ୍କର ପ୍ରତ୍ୟେକ ଆଶୀର୍ବାଦ । ଓଡ଼ିଆ ସାହିତ୍ୟର ସମଗ୍ର ବିଭାଗ - ଯଥା - କବିତା, ଗଳ୍ପ, ଉପନ୍ୟାସ, ସମୀକ୍ଷା, ସମାଲୋଚନା, ପ୍ରବନ୍ଧ, ନିବନ୍ଧ, ଜୀବନୀକାର, ସନ୍ଦର୍ଭକାର, ନାଟ୍ୟକାର, ଅନୁବାଦକ ସାହିତ୍ୟ ରଚନାରେ କଲମ ଚାଳନା କରିପାରିଅଛି । ୧୨ ଗୋଟି ପୁସ୍ତକ ମଧ୍ୟରୁ ୬ ଗୋଟି ପୁସ୍ତକ ସଂପୂର୍ଣ୍ଣକରଣ ତଥା ୬ ଗୋଟି ପୁସ୍ତକ ରଚନା କାର୍ଯ୍ୟ ଚାଲିଅଛି । ପର୍ଯ୍ୟାୟକ୍ରମେ ପ୍ରକାରକଙ୍କ ଦ୍ୱାରା ବହି ପ୍ରକାଶ ହେବ ମାତ୍ର ବର୍ତ୍ତମାନ ମୋ ବ୍ୟକ୍ତିଗତ Website (www.professorsubashnayak.com)ରେ ଉପଲବ୍ଧ ହୋଇ ବିଶ୍ୱର ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ତାଙ୍କ ଓଡ଼ିଆ ସାହିତ୍ୟର ବିକାଶରେ ଏକ ସାମ୍ୟକ ସହାୟକ ଗ୍ରନ୍ଥ ହେବ ଏଥିରେ ସନ୍ଦେହ ନାହିଁ ।

ଅଧ୍ୟାପକ, ସାହିତ୍ୟିକ ଓ ଗବେଷକ ଜୀବନ ବାଦେ ମୋର ଏକ ପାରିବାରିକ ଜୀବନ ମୋର ଧର୍ମପତ୍ନୀ ତୁଳସୀ ସାହୁ ଇଂରାଜୀ ସାହିତ୍ୟରେ (ଏମ୍.ଏ.) ଓ ଜଣେ ଶିକ୍ଷାବିତ୍ ଭାବରେ କାର୍ଯ୍ୟ କରିବାର ସ୍ୱପ୍ନ ତଥା ମୋର ଏକମାତ୍ର କନ୍ୟାରତ୍ନା ତେଜସ୍ୱିନୀ (ଲକି) ତଥା ବାପା-ମା' ଓ ସପରିବାର ।

ମୋ ଗୁରୁଦେବ ଆଦିକନ୍ଦ ସାର୍‌ଙ୍କ ପରାମର୍ଶରେ ମୁଁ ଉଚ୍ଚତର ଗବେଷଣା ପୋଷ୍ଟ ଡକ୍ଟରାଲ/ଡକ୍ଟର ଅଫ୍ ଲିଟେରଚର (ଡି.ଲିଟ୍.) ସନ୍ଦର୍ଭ ବିଷୟ - ଓଡ଼ିଆ ସାହିତ୍ୟର କବି କାଳିନ୍ଦୀଚରଣ ପାଣିଗ୍ରାହୀ ଓ ଗୁଜୁରାଟୀ ସାହିତ୍ୟର କବି ନରେନ୍ଦ୍ର ମୋଦିଙ୍କ କାବ୍ୟଜଗତ - "ଏକ ଅଧ୍ୟୟନ" ସ୍ୱତତ୍ତ୍ୱାବଧାରକ (ସେଲଫ୍ ଗାଇଡ଼) ଭାବରେ ଉତ୍କଳ ବିଶ୍ୱବିଦ୍ୟାଳୟରେ କାର୍ଯ୍ୟସାରି ରେଜିଷ୍ଟ୍ରେସନକୁ ଅପେକ୍ଷାରତ । ଯାହାକି ମୋତେ ଅଧୁନା ଓଡ଼ିଆ ସାହିତ୍ୟର ଆସୋସିଏଟ୍ ପ୍ରଫେସର ରୁ ପ୍ରଫେସର ପଦବୀକୁ ଉନ୍ନିତ କରାଇପାରିବ - କୌଣସି ବିଶ୍ୱବିଦ୍ୟାଳୟରେ ପାଠ ପଢ଼ାଇବାର ସୁଯୋଗ ପାଇଁ ।

ଜଣେ ସଂଗଠକ ଭାବରେ ମୋର ପ୍ରେରଣାର ଉତ୍ସ ଆଦିକନ୍ଦ ସାର୍ । ଓଡ଼ିଶାର ଶତାୟୁ ସାରସ୍ୱତ ଅନୁଷ୍ଠାନ - ଉତ୍କଳ ସାହିତ୍ୟ ସମାଜ, ଓଡ଼ିଆ ଗବେଷଣା ପରିଷଦ, ନିଖିଳ ଭାରତ ଓଡ଼ିଆ ଅଧ୍ୟାପକ ସମ୍ମିଳନୀ, ଓଡ଼ିଶା, ୟୁଜିସି ଅନୁମୋଦିତ ସାରସ୍ୱତ ପତ୍ରିକା - ରକପେବୁଲ ତଥା ଓଡ଼ିଆ ସାରସ୍ୱତ ପତ୍ରିକା - ଜନସୁଧାର ଆଜୀବନ ସଦସ୍ୟ ଭାବରେ

କାର୍ଯ୍ୟରତ ।

ସାରସ୍ୱତ ଜଗତର ଅନେକ ଅନୁଷ୍ଠାନରୁ ସମ୍ମାନୀତ ଓ ମାନପତ୍ର ପାତ୍ର - ଢେଙ୍କାନାଳ ଜିଲ୍ଲା ସଂସ୍କୃତି ପରିଷଦ - ଢେଙ୍କାନାଳ ମହୋତ୍ସବ - କବି ସମ୍ମିଳନୀ ମାନପତ୍ର ପ୍ରାପ୍ତ, ଶାସ୍ତ୍ରୀୟ ଓଡିଆ ଭାଷା ଜାତୀୟ ପରାମର୍ଶ କର୍ମଶାଳ (ଓଡିଶା ସାହିତ୍ୟ ଏକାଡେମୀ), ନିମନ୍ତିତ ସଭ୍ୟ, ବାଣୀ ସାହିତ୍ୟ ସଂସଦର (ସଂଗଠନ ସଂପାଦକ) ତଥା ବାଣିଶ୍ରୀ ସମ୍ମାନପ୍ରାପ୍ତ । ଢେଙ୍କାନାଳ ଜିଲ୍ଲା ମହୋତ୍ସବ - ସ୍ମରଣୀକା କମିଟି ସଭ୍ୟ, କବି କମିଟି ସଭ୍ୟ, ସତାର ସ୍ମୃତି ସଂସଦ, ସୁକିନ୍ଦା, ଯାଜପୁର ସାରସ୍ୱତ ମାନପତ୍ର, ଶୁଭଶଙ୍କ ସାହିତ୍ୟ ସଂସଦ, ବାରଗାଡିଆ, କଳିଙ୍ଗ ନଗର, ଯାଜପୁର ମାନପତ୍ରପ୍ରାପ୍ତ, ପ୍ରତିଭା ଅନ୍ୱେଷଣ, ବିରିଡି, ଜଗତସିଂହପୁର ରୁ ପ୍ରତିଭା ସମ୍ମାନପ୍ରାପ୍ତ, ଓଡିଶା ସାମ୍ବାଦିକ ସଂଘ, କଟକ ଜିଲ୍ଲା ଶାଖା (ଟାଙ୍ଗୀ-ଚୌଦ୍ୱାର)ରୁ ଶିକ୍ଷା ପ୍ରଶାସକ ମାନପତ୍ରପ୍ରାପ୍ତ, ମୋର ଶିକ୍ଷାର ଏନ୍ତୁଡିଶାଳ - ମୋ ବଡହାଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ - ସଫଳ ଶିକ୍ଷାର୍ଥୀ ମାନପତ୍ରପ୍ରାପ୍ତ ।

ସର୍ବୋପରି ମୋ ଜୀବନର ଏକ ଅଭୁଲା ସ୍ମୃତି - ୩୯ତମ ବିଶ୍ୱକବି ସମ୍ମିଳନୀ - ଭାରତର ଆମ ଓଡିଶା ପ୍ରଦେଶର କିଟ୍ ବିଶ୍ୱବିଦ୍ୟାଳୟରେ ଜଣେ କବି ଭାବରେ ଯୋଗଦାନ ଓ ଆନ୍ତର୍ଜାତୀୟ ସ୍ତରୀୟ ମାନପତ୍ରପ୍ରାପ୍ତ ତଥା ନିଖିଳ ଭାରତ ବିଶ୍ୱବିଦ୍ୟାଳୟ ତଥା ମହାବିଦ୍ୟାଳୟ କଲେଜ ଶିକ୍ଷକ ସଂଘର ଦ୍ୱିବାର୍ଷିୟ - ସାମ୍ବିଧାନିକ ବୈଠକ ଭୁବନେଶ୍ୱରରେ ଜଣେ ପ୍ରଫେସର ଭାବରେ ଯୋଗଦାନ ଓ ଜାତୀୟ ଶିକ୍ଷାନୀତି ଉପରେ ମୋର ସନ୍ଦର୍ଭ ପାଠ ସହ ମାନପତ୍ରପ୍ରାପ୍ତ । ୟୁଜିସି ଅନୁମୋଦିତ ପତ୍ରିକା ରକ୍‌ପେବୁଲାର୍ ଜାତୀୟ ସଂପାନରେ ସନ୍ଦର୍ଭ ପାଠସହ ମାନପତ୍ରପ୍ରାପ୍ତ । କାଦମ୍ବିନୀ ସାରସ୍ୱତ ପତ୍ରିକା ଦ୍ୱାରା ପ୍ରତିବର୍ଷ ଜାତୀୟ ଲେଖକ ସମ୍ମିଳନୀରେ ଯୋଗଦାନ ମୋ ସାରସ୍ୱତ ଜୀବନର ଏକ ଅଙ୍ଗ ।

ମୋର ସମସ୍ତ ଗୁରୁ ତଥା ଗୁରୁଦେବ ଆଦିକନ୍ଦ ସାର୍‌ଙ୍କର ସମସ୍ତ ଭଲମନ୍ଦ କାର୍ଯ୍ୟକ୍ରମରେ ସକ୍ରିୟ ଯୋଗଦାନ । ସ୍ୱାସ୍ଥ୍ୟ ସମସ୍ୟା ବେଳେ ମୋର ମନେହୁଏ - ଆଦିକନ୍ଦ ସାର୍ ଗତବର୍ଷ ଅଶ୍ୱିନୀ ହସ୍ପିଟାଲରେ ସ୍ୱାସ୍ଥ୍ୟଗତ କାରଣରୁ ଥିଲେ, ମୁଁ ଖବର କାଗଜରୁ ପଢି ତାଙ୍କୁ ଦେଖା କରିବାପାଇଁ ସେଠାକୁ ଯାଇଥିଲି, ସେ ମୋତେ ଦେଖି ବହୁତ ଖୁସି ହୋଇ ଯାଇଥିଲେ ।

ମୋର ଜୀବନ ଏକ ପୂର୍ଣ୍ଣାଙ୍ଗମୟ ହେଉ - ଜଣେ ଅଧ୍ୟାପକ, ସାହିତ୍ୟିକ, ଗବେଷକ ଭାବରେ ସର୍ବୋପରି ଜଣେ ପ୍ରଫେସର ପଦବୀରେ ଗାରିମାମୟ ଭାବରେ କାର୍ଯ୍ୟକରେ । ସେଥିପ୍ରତି ମୋର ସମସ୍ତ ଗୁରୁ ତଥା ଗୁରୁଦେବ ଆଦିକନ୍ଦ ସାର୍‌ଙ୍କ ଶୁଭ ଆଶୀର୍ବାଦ ଥାଉ ଏହା ହିଁ ମୋ ଜୀବନର ଏତିକି ମାତ୍ର କାମନା ।

## ବିଶ୍ୱ ମହାମାରୀ କରୋନା ବନାଇଲା ସାହିତ୍ୟ ରଚନା

ପଥହରା ପଥିକ ସୁବାଷର ଜୀବନରେ ଏକ ସ୍ମରଣୀୟ ଦିନଥିଲା ୨ ରୁ ୬ ଅକ୍ଟୋବର, ୨୦୧୯ ମସିହା । କାରଣ ଏହି ୫ ଦିବସୀୟ - ୩୯ତମ ବିଶ୍ୱକବି ସମ୍ମିଳନୀ ବିଶ୍ୱକଳା ଓ ସଂସ୍କୃତି ପରିଷଦ ତରଫରୁ ଅନୁଷ୍ଠିତ ହୋଇଥିଲା ଯାହାକି ମିଳିତ ଜାତିସଂଘର ସ୍ୱୀକୃତିପ୍ରାପ୍ତ ।

ଆମରାଷ୍ଟ୍ର ଭାରତର ଆମ ପ୍ରଦେଶ ଓଡିଶାର କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡଷ୍ଟ୍ରିଆଲ୍ ଟେକ୍‌ନୋଲୋଜି (କିଟ୍) ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଥିଲା । ସେଥିପାଇଁ କିଟ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ଧନ୍ୟବାଦର ପାତ୍ର । ଯେ ଆମ ଓଡିଶା ପ୍ରଦେଶରେ ଏକ ଆନ୍ତର୍ଜାତୀୟ ସ୍ତରୀୟ ସାରସ୍ୱତ ସମ୍ମିଳନୀ ଅନୁଷ୍ଠିତ କରାଇ ପାରିଥିଲେ । ୬୭ଟି ବିଦେଶ ରାଷ୍ଟ୍ରରୁ ପାଖାପାଖି ୧୫୦୦ କବି ଓ କବୟତ୍ରୀ ଆମରାଷ୍ଟ୍ର ଭାରତର ବିଭିନ୍ନ ପ୍ରଦେଶରୁ ତଥା ଆମ ରାଜ୍ୟ ଓଡିଶାରୁ ଅଳ୍ପ ସଂଖ୍ୟକ କବି/କବୟତ୍ରୀ ଯୋଗ ଦେଇଥିଲେ । ତନ୍ମଧ୍ୟରୁ ମୁଁ ଯୋଗଦାନ କରି ସମସ୍ତ ସାରସ୍ୱତ ସ୍ରଷ୍ଟାଙ୍କ ସହିତ ମିଶିବାର ସୁଯୋଗ ପାଇଥିଲି । ଭୁବନେଶ୍ୱର, ପୁରୀ ଓ କୋଣାର୍କରେ ବିଭିନ୍ନ କାର୍ଯ୍ୟକ୍ରମ ମାନ ଅନୁଷ୍ଠିତ ହୋଇଥିଲା । ଉଦ୍‌ଘାଟନ ଉତ୍ସବରେ ଓଡିଶାର ମୁଖମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଉଦ୍‌ଯାପନ ଉତ୍ସବରେ ଭାରତର ଉପରାଷ୍ଟ୍ରପତି ଭେଙ୍କିଆ ନାଇଡୁ ଯୋଗଦାନ କରିଥିଲେ । ମୋ ପାଇଁ ଏକ ଅପୂର୍ବ ସୁଯୋଗ ଉପରାଷ୍ଟ୍ରପତିଙ୍କୁ ସାକ୍ଷାତ ଓ ବ୍ୟକ୍ତିଗତ ଭାବରେ ଆଲୋଚନା ମୁଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କାବ୍ୟ ସାରସ୍ୱତକୁ ନେଇ ଉଚ୍ଚତର ଗବେଷଣା ଡି.ଲିଟ୍. କରୁଥିବା କଥା ସେ ଶୁଣି ମୋ ସହିତ କରମର୍ଦ୍ଦନ କରି ଧନ୍ୟବାଦ ଜଣାଇଥିଲେ ଯାହାକି ଫଟୋଗ୍ରାଫର ମାନେ ଉତୋଳନ କରିଥିଲେ, ଫଟୋଟି ମୋ ପାଖରେ (ମୋର Website)ରେ ସ୍ମାରକୀ ହୋଇ ରହିଅଛି ।

ଏହିଭଳି ଗୋଟିଏ ସୁଖଦ ଅନୁଭୂତି ବିଶ୍ୱସ୍ତରୀୟ ସାରସ୍ୱତ ମହାକୁମ୍ଭ ମେଳା ସରିବାର ମାତ୍ର କେତେଟା ଦିନପରେ ବିଶ୍ୱରେ ଏକ ମାନବ ମହାମାରୀ କରୋନା (କୋଭିଡ-୧୯) - ନଭେମ୍ବର ମାସରେ ଚୀନ୍ ରାଷ୍ଟ୍ରରେ ଉହାନ ସହରରେ ବ୍ୟାପିଲା । କରୋନା ନଭେମ୍ବର ଓ ଡିସେମ୍ବର ମାସରେ ଏତେ ପରିବ୍ୟାପ୍ତ ହେଲା ଯେ - ସମଗ୍ର ଚୀନ୍

ରାଷ୍ଟ୍ରକୁ ବ୍ୟାପିଗଲା କିଏ କରିଲା - ଏହା ଚୀନ୍ ରାଷ୍ଟ୍ରର ଅନେକ ଦିନର ପଚାମାଂସ ଆବର୍ଜନାରୁ ଜୀବାଣୁ ବାହାରି ମାନବକୁ ଗ୍ରାସ କରିଅଛି । କିଏ କିଏ କହିଲେ - ଚୀନ୍ ରାଷ୍ଟ୍ର ବିଶ୍ୱର ଏକ ନମ୍ବର ରାଷ୍ଟ୍ର ହେବାପାଇଁ ଏଭଳି କରୋନା ଭାଇରସ ତା' ଜୈବିକ ଲାବୋରଟୋରୀ ଲିକେଜ୍ ହୋଇଗଲା । ଦୁଃଖର କଥା ଆମ ବିଶ୍ୱକବି ସମ୍ମିଳନୀ ସରିବାର ୨୦ ଦିନପରେ ଏ ଘଟଣା ଘଟିଅଛି । ଚୀନ୍ ରାଷ୍ଟ୍ର ସହ ଉହାନ ସହରରୁ ପାଖାପାଖୀ ୧୦୦ ଜଣ କବି ଓ କବୟିତ୍ରୀ ଆମ ବିଶ୍ୱକବି ସମ୍ମିଳନୀରେ ଯୋଗ ଦେଇଥିଲେ, ସେମାନଙ୍କର ମଧ୍ୟରୁ ଅନେକଙ୍କ ସହିତ ମୋର ବ୍ୟକ୍ତିଗତ ସମ୍ପର୍କ ସ୍ଥାପିତ ହୋଇଥିଲା । ସେଥିମଧ୍ୟରୁ ଅଗ୍ରଜ ଭାଗରେ ଥିଲେ ଡକ୍ଟର ଜୀ ଜାଙ୍ଗ ସଭାପତି - ଆନ୍ତର୍ଜାତୀୟ କବିତା ଗବେଷଣା ଓ ଅନୁବାଦ କେନ୍ଦ୍ର (ଆଇପିଟିଆର୍‌ସି) ଚାଇନା । ପର୍ଯ୍ୟାୟକ୍ରମେ ଚୀନ୍ ରାଷ୍ଟ୍ରରୁ ସମଗ୍ର ବିଶ୍ୱର ୨୧୦ ରାଷ୍ଟ୍ରକୁ ବ୍ୟାପିଗଲା । ସମସ୍ତ ରାଷ୍ଟ୍ରର ଚୀନ୍‌ର ଅଧିବାସୀ ମାନେ କରୋନା ଭାଇରସ୍‌କୁ ନେଇ ନିଜନିଜ ରାଷ୍ଟ୍ରକୁ ଯାଇ ଏହି କରୋନା ରୋଗକୁ ବ୍ୟାପିବାରେ ସହାୟକ କରିଥିଲେ । ବିଭିନ୍ନ ରାଷ୍ଟ୍ରମାନେ ତାଙ୍କର ପ୍ରବାସୀମାନଙ୍କୁ ନିଜ ରାଷ୍ଟ୍ରକୁ ଫେରାଇ ଆଣିଲେ । ରାଷ୍ଟ୍ରରୁ ପ୍ରବାସୀମାନେ ମଧ୍ୟ ନିଜନିଜ ରାଜ୍ୟକୁ ଚାଲିଗଲେ - ଆମ ରାଷ୍ଟ୍ର ଭାରତ ତଥା ଆମ ରାଜ୍ୟ ଓଡିଶାରେ ମଧ୍ୟ ଏଭଳି କାର୍ଯ୍ୟକ୍ରମ ଚାଲିଲା ।

ଆଜିକା ତାରିଖ ତଥ୍ୟ ଅନୁଯାୟୀ ତା. ୨୧/୦୫/୨୦୨୦ ସମଗ୍ର ବିଶ୍ୱରେ ୫,୦୯୧,୦୫୫ ଜଣ ବ୍ୟକ୍ତି କରୋନାରେ ଆକ୍ରାନ୍ତ ହୋଇଛନ୍ତି । ସେଥିମଧ୍ୟରୁ ୨,୦୨୬,୧୫୦ ଜଣ ବ୍ୟକ୍ତି ସୁସ୍ଥ ହୋଇଛନ୍ତି ଏବଂ ୩,୨୯,୭୬୨ ଜଣ ବ୍ୟକ୍ତିଙ୍କ ବହୁମୂଲ୍ୟ ଜୀବନ ହରାଇଛନ୍ତି ।

## ନିମ୍ନୋକ୍ତ ସାରଣୀ

| କ୍ର.ନଂ | ରାଷ୍ଟ୍ରର ନାମ | କରୋନା ପଜିଟିଭ | ମୃତବ୍ୟକ୍ତି |
|---|---|---|---|
| ୧. | ଆମେରିକା | ୧,୫୯୩,୦୩୯ | ୯୪,୯୪୧ |
| ୨. | ରୁଷିଆ | ୩,୦୮,୭୦୫ | ୨,୯୭୨ |
| ୩. | ସ୍ପେନ୍ | ୨,୭୯,୫୨୪ | ୨୭,୮୯୪ |
| ୪. | ଇଟାଲୀ | ୨,୨୭,୩୬୪ | ୩୨,୩୩୦ |
| ୫. | ଫ୍ରାନ୍ସ | ୧,୮୧,୫୭୫ | ୨୮,୧୩୨ |
| ୬. | ଜର୍ମାନୀ | ୧,୭୮,୫୩୧ | ୮,୨୭୦ |
| ୭. | ଭାରତ | ୧,୧୨,୪୪୨ | ୩,୪୩୮ |
| ୮. | ଚୀନ୍ | ୮୨,୯୭୭ | ୪,୬୩୪ |
| ୯. | ନେଦରଲ୍ୟାଣ୍ଡ | ୪୪,୪୪୭ | ୫,୭୪୮ |
| ୧୦. | ପାକିସ୍ତାନ | ୪୮,୦୯୧ | ୧,୦୧୭ |
| ୧୧. | ମେକ୍ସିକୋ | ୫୬,୫୯୪ | ୬,୦୯୦ |

ପ୍ରମୁଖ ରାଷ୍ଟ୍ର ଭଳି ଅନେକ ରାଷ୍ଟ୍ର (ସମୁଦାୟ - ୨୧୦) ରାଷ୍ଟ୍ର କରୋନା ରୋଗରେ କବଳିତ । ବିଶ୍ୱ ନୁହେଁ ଆମ ରାଷ୍ଟ୍ର ଭାରତରେ ମଧ୍ୟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢିଚାଲିଛି - ପ୍ରବାସୀ ଭାରତୀୟ ସ୍ୱଦେଶକୁ ଫେରିବାରୁ । ଆଜିକା ତାରିଖ ତଥ୍ୟ ଅନୁଯାୟୀ ତା. ୨୧/୦୫/୨୦୨୦ ସମଗ୍ର ଭାରତରେ ୧,୧୫,୨୭୭ ଜଣ ବ୍ୟକ୍ତି କରୋନାରେ ଆକ୍ରାନ୍ତ ହୋଇଛନ୍ତି । ସେଥିମଧ୍ୟରୁ ୪୬,୮୪୦ ଜଣ ବ୍ୟକ୍ତି ସୁସ୍ଥ ହୋଇଛନ୍ତି ଓ ୩,୪୯୩ ଜଣ ବ୍ୟକ୍ତିଙ୍କ ବହୁମୂଲ୍ୟ ଜୀବନ ହରାଇଛନ୍ତି ।

## ନିମ୍ନୋକ୍ତ ସାରଣୀ

| କ୍ର.ନଂ | ରାଷ୍ଟ୍ରର ନାମ | କରୋନା ପଜିଟିଭ | ମୃତବ୍ୟକ୍ତି |
|---|---|---|---|
| ୧. | ଓଡିଶା | ୧,୧୦୩ | ୦୦୭ |
| ୨. | ମହାରାଷ୍ଟ୍ର | ୩୯,୨୯୭ | ୧,୩୯୦ |
| ୩. | ତାମିଲନାଡୁ | ୧୩,୧୯୧ | ୦୮୭ |
| ୪. | ଗୁଜୁରାଟ | ୧୨,୫୩୭ | ୭୪୯ |
| ୫. | ଦିଲ୍ଲୀ | ୧୧,୦୮୮ | ୧୭୬ |
| ୬. | ରାଜସ୍ଥାନ | ୬,୦୧୫ | ୧୪୭ |
| ୭. | ମଧ୍ୟପ୍ରଦେଶ | ୫,୭୩୫ | ୨୬୭ |
| ୮. | ଉତରପ୍ରଦେଶ | ୫,୧୭୫ | ୧୨୭ |
| ୯. | ପଶ୍ଚିମବଙ୍ଗ | ୩,୧୦୩ | ୨୫୩ |
| ୧୦. | ଆନ୍ଧ୍ରପ୍ରଦେଶ | ୨,୬୦୨ | ୦୫୩ |
| ୧୧. | ପଞ୍ଜାବ | ୨,୦୦୫ | ୦୩୮ |
| ୧୨. | ବିହାର | ୧,୬୭୪ | ୦୧୦ |
| ୧୩. | ତେଲେଙ୍ଗାନା | ୧,୬୬୧ | ୦୪୦ |
| ୧୪. | କର୍ଣ୍ଣାଟକ | ୧,୪୬୨ | ୦୪୧ |
| ୧୫. | ଜାମ୍ମୁ ଓ କାଶ୍ମୀର | ୧,୩୯୦ | ୦୧୮ |
| ୧୬. | ହରିୟାଣା | ୦,୯୯୩ | ୦୧୪ |
| ୧୭. | କେରଳ | ୦,୬୬୬ | ୦୦୪ |
| ୧୮. | ଉତରାଖଣ୍ଡ | ୦,୧୨୨ | ୦୦୧ |
| ୧୯. | ଛତିଶଗଡ | ୦,୧୧୫ | ୦୦୦ |
| ୨୦. | ହିମାଚଳ ପ୍ରଦେଶ | ୦,୧୧୦ | ୦୦୩ |

ସହିତ ଅନ୍ୟାନ୍ୟ ରାଜ୍ୟ ଓ କେନ୍ଦ୍ରଶାସିତ ଅଚଂଳରେ କରୋନା ବ୍ୟାପିଅଛି ।

ମାର୍ଚ୍ଚ ମାସ ପ୍ରଥମ ସପ୍ତାହରେ ପ୍ରବାସୀ ଭାରତୀୟ ନିଜ ରାଷ୍ଟ୍ରକୁ ଫେରିବାରୁ କରୋନା

ସଂକ୍ରମିତ - ଏହାକୁ ଆଖି ଆଗରେ ରଖି ଭାରତ ସରକାର ସଂପୂର୍ଣ୍ଣ ସଜାଗ ରହିବା ସହ ସବୁ ରାଜ୍ୟ ସରକାରଙ୍କୁ ସଜାଗ ପାଇଁ ପରାମର୍ଶ ଦେଲେ । ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାରତରେ ଲକ୍‌ଡାଉନ୍ ଘୋଷଣା କରିଲେ -

ପ୍ରଥମ ଲକ୍‌ଡାଉନ୍ - ୨୩ ମାର୍ଚ୍ଚ ୨୦୨୦ ରୁ ୧୪ ଏପ୍ରିଲ୍
ଦ୍ୱିତୀୟ ଲକ୍‌ଡାଉନ୍ - ୧୫ ଏପ୍ରିଲ୍ ରୁ ୩ ମେ
ତୃତୀୟ ଲକ୍‌ଡାଉନ୍ - ୪ ମେ ରୁ ୧୭ ମେ
ଚତୁର୍ଥ ଲକ୍‌ଡାଉନ୍ - ୧୮ ମେ ରୁ ୩୧ ମେ

ସମଗ୍ର ଭାରତ ବର୍ଷରେ କିପରି କରୋନା ରୋଗ ନ ବ୍ୟାପିବ ସେଥିପାଇଁ ସମସ୍ତ ଭାରତବର୍ଷକୁ ଲକ୍‌ଡାଉନ୍ ପ୍ରଧାନମନ୍ତ୍ରୀ କରାଇଥିଲେ ଜନସାଧାରଣଙ୍କର ସ୍ୱାର୍ଥ ତଥା ସ୍ୱାସ୍ଥ୍ୟ ପାଇଁ ।

ଲକ୍‌ଡାଉନ୍ ସମୟରେ ସମସ୍ତ ଗାଡି, ମୋଟର, ଦୋକାନ, ବଜାର, ସ୍କୁଲ, କଲେଜ ସବୁ ବନ୍ଦ ହୋଇଗଲା । ସମଗ୍ର ଭାରତବର୍ଷରେ ପ୍ରଧାନମନ୍ତ୍ରୀ ଯଦି ଲକ୍‌ଡାଉନ୍ କରିନଥାନ୍ତେ, ତା'ହେଲେ କୋଟିକୋଟି ଲୋକ କରୋନାରେ ଆକ୍ରାନ୍ତ ହୋଇଥାନ୍ତେ ।

ଚତୁର୍ଥ ଲକ୍‌ଡାଉନ୍ ମେ ମାସ ୧୮ ତାରିଖକୁ କିଛି କ୍ଷେତ୍ରକୁ ଲକ୍‌ଡାଉନ୍ କୋହଳ କରାଯିବା ସହ ନୂଆ ଭାରତ କର୍ମଠ ଭାରତ ଗଠନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦ ଲକ୍ଷ ହଜାର କୋଟି ଟଙ୍କାର ପ୍ୟାକେଜ୍ ଘୋଷଣା କରିଛନ୍ତି ।

ସମଗ୍ର ଭାରତ ବର୍ଷରେ ଲକ୍‌ଡାଉନ୍ ସମୟରେ କରୋନା ଯୋଦ୍ଧା - ପ୍ରମୁଖ ହେଲେ - ସମଗ୍ର ଡାକ୍ତର ସମାଜ, ମେଡିକାଲ କର୍ମଚାରୀ, ପୋଲିସ୍ ବିଭାଗ, ସାମ୍ବାଦିକ ବନ୍ଧୁ ସର୍ବୋପରି ପ୍ରଶାସକ ମାନେ ତଥା ସରକାରୀ କର୍ମଚାରୀ ଗଣ । ବିଭିନ୍ନ ସ୍ଥାନରେ ସରକାରୀ ଓ ବେସରକାରୀ ସ୍ତରରେ ରିଲିଫ୍ କାର୍ଯ୍ୟ ଚାଲୁ ରହିଅଛି ।

ଏହି ପରିପ୍ରେକ୍ଷୀରେ ଆମ ଓଡିଶା ସରକାର ସର୍ବୋପରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମଗ୍ର ଭାରତ ବର୍ଷରେ କରୋନା ପାଇଁ ପ୍ରଥମ ରାଜ୍ୟ ଯେକି ୨୨ ମାର୍ଚ୍ଚ ୨୦୨୦ରୁ ଲକ୍‌ଡାଉନ୍ ଘୋଷଣା କରିଛନ୍ତି । ଏହି ସମୟରେ ଓଡିଶାରେ ମଧ୍ୟ ସ୍କୁଲ ଓ

କଲେଜ ବନ୍ଦକରି ଦିଆଗଲା ।

ଆମ୍ଭ କର୍ମକ୍ଷେତ୍ର ଟେଟ୍ରାହେଡ୍ରନ୍ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍, ଟାଙ୍ଗୀ, କଟକ ବା ସେଥିରୁ ବାଦ୍ ପଡନ୍ତା କିପରି । ଆମ୍ଭେ ଏକ ବୈଠକ କରି କଲେଜର ଚେୟାରମ୍ୟାନ୍ ଅଧ୍ୟାପକ ତ୍ରିଦେବ ବେହେରାଙ୍କର ସଭାପତିତ୍ୱରେ କଲେଜକୁ ଉଭୟ +୨ ଓ ତ୍ରିଦେବ ଡିଗ୍ରୀ କଲେଜ (+୩, ବିଜ୍ଞାନ)କୁ ୨୨ ମାର୍ଚ୍ଚ ୨୦୨୦ରୁ ଅନିର୍ଦ୍ଧିଷ୍ଟ କାଳପାଇଁ ବନ୍ଦ କରିଲୁ - ସରକାରୀ ନିର୍ଦ୍ଦେଶନାମା ପର୍ଯ୍ୟନ୍ତ ।

ଅଧିନ ପଥହରା ପଥିକ ସୁବାଷ ନିଜ କର୍ମକ୍ଷେତ୍ର - ଭାଇସ୍‌ପ୍ରିନିସ୍‌ପାଲ୍ ତଥା ଆସିଷ୍ଟାଟଂ ପ୍ରଫେସର - ଓଡିଆ ସାହିତ୍ୟ - ତ୍ରିଦେବ ଡିଗ୍ରୀ କଲେଜ (ଉତ୍କଳ ବିଶ୍ୱବିଦ୍ୟାଳୟ ଅନୁମୋଦିତ ତଥା ଉଚ୍ଚଶିକ୍ଷା ବିଭାଗ - ଓଡିଶା ସରକାରଙ୍କ ସ୍ୱୀକୃତିପ୍ରାପ୍ତ) ୨୨ ମାର୍ଚ୍ଚରୁ କଲେଜରୁ ଆସି ମୋର ଶ୍ରୀରାମ ନିବାସ, ଭୁବନ ଟାଉନ୍‌ରେ ଦୀର୍ଘ ୨ ମାସ ହେବ ରହି କରୋନା ମହାମାରୀ ମୋତେ ବନାଇଦେଲା ସାହିତ୍ୟ ରଚନା -

ଓଡିଆ ସାହିତ୍ୟର ଜଣେ ଅଧ୍ୟାପକ, ସାହିତ୍ୟିକ, ଗବେଷକ ଭାବରେ ପରିଚିତ ଥିଲି । ମାତ୍ର ଅଧିକରୁ ଅଧିକ ସଫଳତା ପାଇଁ କରୋନାର ଲକ୍‌ଡାଉନ୍ ମୋତେ ଗୋଟିଏ ସୁଯୋଗ ଆଣିଦେଲା । ପ୍ରତ୍ୟେକ ମଣିଷ ଚାହାଁନ୍ତି ନିଜ ଜୀବନରେ ସର୍ବୋଚ୍ଚ ଶିଖରରେ ପହଚିଂବା ପାଇଁ ଏ ପଥହରା ପଥିକ ସୁବାଷ ସେଥିରୁ ବାଦ୍ ବା ପଡନ୍ତା କିପରି । ଓଡିଆ ସାହିତ୍ୟରେ ଆସିଷ୍ଟାଟଂ ପ୍ରଫେସରରୁ ପ୍ରମୋଶନ ପାଇଁ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି)ର ନିୟମ ଅନୁଯାୟୀ - ଏକାଡେମିକ୍ ପର୍‌ଫର୍‌ମାନ୍ସ ଇଣ୍ଡିକେଟର (ଏପିଆଇ) ସ୍କୋର ଆବଶ୍ୟକ । ଆସୋସିଏଟ୍ ପ୍ରଫେସର ପାଇଁ ୩୦୦ ସ୍କୋର ଓ ପ୍ରଫେସର ପାଇଁ ୪୦୦ ସ୍କୋର ଆବଶ୍ୟକ । ମୋର ବର୍ତମାନ ୩୦୦ ସ୍କୋର ଅତିକ୍ରାନ୍ତ କରି ମୁଁ ଆସୋସିଏଟେଡ୍ ପ୍ରଫେସର ର୍‍ୟାଙ୍କର । ୩୦୦ ସ୍କୋର ମଧ୍ୟରେ - ଇ: ଲନିଙ୍ଗ (ମୋ ୱେବ୍‌ସାଇଟ୍‌ରେ ସ୍ଥାନୀତ) - ଅଣ୍ଡର ଗ୍ରାଜୁଏଟ୍ ଟିଚର, ଏକଜାମ କଣ୍ଡଟ୍, ଇ-ଭାଲୁଏସନ୍, କଲେଜ ଆଷ୍ଟ୍ରିମିନିଷ୍ଟ୍ରେସନ୍ ଏସ୍‌ପ୍ରେରଏନ୍ସ ଭାଇସ୍ ପ୍ରିନିସ୍‌ପାଲ୍ ଅବା ପ୍ରିନିସ୍‌ପାଲ (ଇନ୍‌ଚାର୍ଯ୍ୟ) କଲେଜର ମହିଳା ପ୍ରତିରକ୍ଷା ତାଲିମ୍ ପୋଗ୍ରାମ ଅଫିସର, କଲେଜର ଏକ୍ସଟ୍ରା କରିକୁଲାର

ଆକଟିଭ୍ରିଟନ୍ ସହ ୧୫ ଗୋଟି ରିସର୍ଚ୍ଚ ପବ୍ଲିକେସନ୍ ଜାତୀୟ ଓ ଆନ୍ତର୍ଜାତୀୟ ପତ୍ରିକାରେ ପ୍ରକାଶିତ । ୧୨ ଗୋଟି ସାରସ୍ୱତ କୃତି (ସାହିତ୍ୟ ବହି)ର ପରିକଳ୍ପନାରୁ ୬ ଗୋଟି ବହି ପରିସମାପ୍ତି ସହ ଅନ୍ୟ ୬ଟି ବହି ଚାଲିଛି ଓ ମୋର Website - www.professorsubashnayak.comରେ Upload ହୋଇ ବିଶ୍ୱର କୋଣ ଅନୁକୋଣରେ ଥିବା ସମସ୍ତ ଓଡିଆ ପ୍ରେମୀମାନଙ୍କ ପାଇଁ ଏ ସାହିତ୍ୟ ଉତ୍ସର୍ଗୀକୃତ

ସାହିତ୍ୟ ରଚନାର ପ୍ରାରମ୍ଭିକ ପର୍ଯ୍ୟାୟରେ ଶିକ୍ଷାର୍ଥୀ (ଅଣ୍ଡର ଗ୍ରାଜୁଏଟ୍)ଙ୍କ ପାଇଁ ଦକ୍ଷତାଭିତିକ ବାଧ୍ୟତାମୂଳକ ପାଠ୍ୟକ୍ରମ - ଯୋଗାଯୋଗର ଭାଷା (ଓଡିଆ)ରେ ୫ ଗୋଟି ଦୀର୍ଘ ଉତରମୂଳକ ପ୍ରଶ୍ନୋତର, ଯହିରୁ କ୍ଷୁଦ୍ର ଓ ସଂକ୍ଷିପ୍ତମୂଳକ ପ୍ରଶ୍ନୋତର - ସର୍ବୋମୋଟ - ୧୦୦ ମାର୍କରୁ ୮୦ ମାର୍କ ପାଠ୍ୟକ୍ରମ ସ୍ଥାନୀତ ଓ ୨୦ ମାର୍କ ପ୍ରାକ୍ଟିକାଲ୍ - ଏହା ମୋର ୱେବ୍‌ସାଇଟ୍‌ରେ ପ୍ରକାଶିତ ।

ଦ୍ୱିତୀୟ ପର୍ଯ୍ୟାୟରେ ଗବେଷଣା ପତ୍ର (Research Paper) ପ୍ରସ୍ତୁତ । ୨ ଗୋଟି ଆନ୍ତର୍ଜାତୀୟ ଓ ଜାତୀୟ ସାରସ୍ୱତ ପତ୍ରିକାପାଇଁ । ପ୍ରଥମଟି - ଚୀନ୍ ରାଷ୍ଟ୍ରରେ ପ୍ରକାଶିତ IPTRC (International Poetry Research Transaction Centre)ରେ - "Odia Sahitya ra Kabi Kalindi Charan Panigrahi O Gujarati Sahitya ra Kabi Narendra Modi nka - Kabya Jugata - Eka Adhayan" ପ୍ରକାଶନ ପାଇଁ ପ୍ରେରିତ ଏବଂ UGC - ଅନୁମୋଦିତ "Rock Pebbles" ଜର୍ଣ୍ଣାଲରେ - Narendra Modi - Indian Literature ପ୍ରକାଶନ ପାଇଁ ପ୍ରେରିତ ।

ଆନ୍ତର୍ଜାତୀୟ ପତ୍ରିକାର - Research Paperଟି ମୋର Post-Doctoral/Doctor of Literature (D.Litt.)ର ବିଷୟବସ୍ତୁର ସାଂରାଶ ଓ ଜାତୀୟ ପତ୍ରିକାର Research Paperଟି ମୋର ନରେନ୍ଦ୍ର ମୋଦି ଜଣେ ଭାରତୀୟ ସାହିତ୍ୟିକ । ନରେନ୍ଦ୍ର ମୋଦିଙ୍କ ସାମ୍ୟକ ଜୀବନୀ ସହିତ ତାଙ୍କର ସଂପୂର୍ଣ୍ଣ ସାରସ୍ୱତ ପ୍ରତିଭା

ବର୍ଣ୍ଣିତ ।

ସାହିତ୍ୟ ରଚନାର ତୃତୀୟ ସୋପାନରେ - ସାରସ୍ୱତ ସୃଷ୍ଟି ମୋ ମନର କଳ୍ପନାରେ ୧୨ ଗୋଟି ବହିକୁ ସୃଷ୍ଟି କରିବାର ଦୁର୍ବାର ସ୍ୱପ୍ନକୁ ସାକାର କରିବାର ଶପଥ ।

**ସାରସ୍ୱତ କୃତି - ପ୍ରଫେସର ଡକ୍ଟର ସୁବାଷ ନାୟକ**

୧. ବିଜୁ ଜନତା ଦଳ

ଓଡିଶା ଜନମାନସର ସେବକ

(ଏକ ରାଜନୈତିକ ସମୀକ୍ଷା ସାହିତ୍ୟ)

୨. ଏକ ଯାତ୍ରା

ନରେନ୍ଦ୍ର ମୋଦିଙ୍କ କାବ୍ୟମାନସ

(ଏକ ଶାସ୍ତ୍ରୀୟ ଓଡିଆ ଭାଷା ଅନୁବାଦ ସାହିତ୍ୟ)

୩. ସାରସ୍ୱତସାଧିକା

ନନ୍ଦିନୀ ଶତପଥି

(ଏକ ଗବେଷଣାତ୍ମକ ନିବନ୍ଧ ସାହିତ୍ୟ)

୪. ପ୍ରିୟା

(ଏକ କାବ୍ୟ ସାହିତ୍ୟ)

୫. ପଥହରା

ପଥିକ

(ଏକ ଗଳ୍ପ ସାହିତ୍ୟ)

୬. ଭାରତୀୟ ସାହିତ୍ୟର କାବ୍ୟ ପୁରୁଷ

ନରେନ୍ଦ୍ର ମୋଦି ଓ କାଳିନ୍ଦୀଚରଣ ପାଣିଗ୍ରାହୀ

(ଏକ ଆଲୋଚନାତ୍ମକ ପ୍ରବନ୍ଧ ସାହିତ୍ୟ)

୭. ଅସ୍ତମିତ ସୂର୍ଯ୍ୟ

ବାବାଜୀ

(ଏକ ସାମାଜିକ ନାଟ୍ୟ ସାହିତ୍ୟ)

୮. ରାମଚନ୍ଦ୍ର ନାୟକ

ଏକ ଅମ୍ଳାନ ପ୍ରତିଭା

(ଏକ ଜୀବନୀ ସାହିତ୍ୟ)

୯. ଭାରତୀ ଦେବୀ

(ଏକ ନାରୀ କେନ୍ଦ୍ରୀକ ଉପନ୍ୟାସ ସାହିତ୍ୟ)

୧୦. ସୃଜନପ୍ରଭା - ଓଡିଆ ସାହିତ୍ୟ ର ସୃଷ୍ଟି ଓ ସ୍ରଷ୍ଟା

(ଏକ ସୃଜନଶୀଳ ସମାଲୋଚନା ସାହିତ୍ୟ)

୧୧. ନରେନ୍ଦ୍ର ମୋଦିଙ୍କ କାବ୍ୟମାନସ - "ଏକ ଯାତ୍ରା"

ଭାରତୀୟ ସାହିତ୍ୟରେ ପ୍ରତିଫଳନ

(ଏକ ଗବେଷଣାତ୍ମକ ସନ୍ଦର୍ଭ କାବ୍ୟ ସାହିତ୍ୟ)

୧୨. ନରେନ୍ଦ୍ର ମୋଦିଙ୍କ କାବ୍ୟମାନସ - "ଏକ ଯାତ୍ରା"

ବିଶ୍ୱ ସାହିତ୍ୟରେ ପ୍ରତିଫଳନ

(ଏକ ଉଚ୍ଚତର ଗବେଷଣାତ୍ମକ କାବ୍ୟ ସାହିତ୍ୟ)

ଏଥିମଧ୍ୟରୁ ଉପରୋକ୍ତ ୬ ଗୋଟି ସାରସ୍ୱତ ସୃଷ୍ଟି ପରିସମାପ୍ତି ଘଟି ମୋର Websiteରେ ଉପଲବ୍ଧ ପର୍ଯ୍ୟାୟକ୍ରମେ ପୁସ୍ତକ ପ୍ରକାଶନ ହେବ ତଥା ଅନ୍ୟାନ୍ୟ ୬ ଗୋଟି ପୁସ୍ତକ ରଚନା କାର୍ଯ୍ୟ ଚାଲୁ ରହିଅଛି ।

ଏତଦ୍‌ବାଦ ମୋ ଜୀବନର ବଡ ସଫଳତା ମୋର ଉଚ୍ଚତର ଗବେଷଣା - ପୋଷ୍ଟ ଡକ୍ଟରାଲ/ଡକ୍ଟର ଅଫ୍ ଲିଟେରଚର (ଡି.ଲିଟ୍.) - ଯାହାକି ମୁଁ ୨୦୧୨ ମସିହାରୁ ଦୀର୍ଘ ୮ ବର୍ଷ ଧରି ପରିକଳ୍ପନା କରୁଅଛି ପ୍ରଫେସର ପଦବୀ ପାଇଁ (ସ୍ୱତତ୍ତ୍ୱବଧାନରେ - Self Guide) ଉତ୍କଳ ବିଶ୍ୱବିଦ୍ୟାଳୟରେ Registration ପାଇଁ ଅପେକ୍ଷାରତ "Odia Sahitya ra Kabi Kalindi Charan Panigrahi O

Gujarati Sahitya ra Kabi Narendra Modi nka Kabya Jagata - Eka Aadhyan".

"ଓଡିଆ ସାହିତ୍ୟର କବି କାଳିନ୍ଦୀଚରଣ ପାଣିଗ୍ରାହୀ ଓ ଗୁଜୁରାଟୀ ସାହିତ୍ୟର କବି ନରେନ୍ଦ୍ର ମୋଦିଙ୍କ କାବ୍ୟଜଗତ - ଏକ ଅଧ୍ୟୟନ"ର Thesis କାର୍ଯ୍ୟ 90% ପରିସମାପ୍ତି ଘଟିଅଛି । ଏହା ମୋ ପାଇଁ ଗୋଟିଏ ବଡ କୃତିତ୍ୱ ।

ମୋର ଅଧିନରେ ଶିକ୍ଷାର୍ଥୀ (ପିଏଚ୍.ଡି.) ପାଇଁ ଗାଇଡି ଭାବରେ କାର୍ଯ୍ୟପାଇଁ ବିଶ୍ୱବିଦ୍ୟାଳୟରେ କାର୍ଯ୍ୟାରମ୍ଭ ।

**ମୋର ସାରସ୍ୱତ ସୃଷ୍ଟିର ସ୍ୱୟଂ ସାଂରାଶ**

୧. ବିଜୁ ଜନତା ଦଳ

ଓଡିଶା ଜନମାନସର ସେବକ -

(ଏକ ରାଜନୈତିକ ସମୀକ୍ଷା ସାହିତ୍ୟ)

ଏ ପୁସ୍ତକଟି ମୋତେ ଲେଖିବାର ପ୍ରେରଣା ଦେଇଥିଲେ ମୋ ବାପା ବରିଷ୍ଠ ରାଜନେତା ରାମଚନ୍ଦ୍ର ନାୟକ, ସେ ଆମ କାମାକ୍ଷାନଗର ବିଧାନସଭା କ୍ଷେତ୍ରର ବରିଷ୍ଠ ବି.ଜେ.ଡି. ନେତା ବିଜୁ ପଟ୍ଟନାୟକଙ୍କୁ "ଭାରତରତ୍ନ" ପ୍ରଦାନ ପାଇଁ ଚେଷ୍ଟିତ - ରାଜ୍ୟପାଳ ତାଙ୍କ ପତ୍ରକୁ ପ୍ରଧାନମନ୍ତ୍ରୀଙ୍କୁ ସୁପାରିଶ କରିଥିଲେ ।

ଏ ପୁସ୍ତକରେ ୧୭ ଗୋଟି ଉପକ୍ରମଣିକାରେ ସମୀକ୍ଷା କରିଅଛି, ବିଜୁଙ୍କ ଜୀବନୀ - ବିଜୁ ଜନତା ଦଳ (ବିଜେଡି) ଗଠନ । କେନ୍ଦ୍ର ସରକାର ତଥା ବିଜୁଙ୍କ ପୁଅ ନବୀନ ପଟ୍ଟନାୟକ ବିଜେଡି ସଭାପତି ଓ ଓଡିଶାର ମୁଖ୍ୟମନ୍ତ୍ରୀ, କେନ୍ଦ୍ର ସରକାରଙ୍କ ପାତରଅନ୍ତର ନିତୀୟ ବିଜେଡିର ନୂଆଦିଲ୍ଲୀରେ ବିକ୍ଷୋପ ଇତ୍ୟାଦି ସ୍ଥାନୀତ ।

ଏ ପୁସ୍ତିକାଟି ମୁଁ ନବୀନ ପଟ୍ଟନାୟକଙ୍କୁ ଉତ୍ସର୍ଗ କରିଅଛି । ବିଜେଡିର ରାଜ୍ୟସ୍ତରୀୟ ପ୍ରତିଷ୍ଠା ଦିବସ ୨୬/୧୨/୨୦୧୩ ରିଖରେ ରାଜ୍ୟ କାର୍ଯ୍ୟାଳୟ (ଭୁବନେଶ୍ୱର)ଠାରେ - ବିଜେଡି ନେତାଙ୍କ ଉପସ୍ଥିତିରେ ନବୀନ ପଟ୍ଟନାୟକଙ୍କ ଦ୍ୱାରା ପୁସ୍ତକ ଉନ୍ମୋଚନ ଓ ପୁସ୍ତକଟିରେ

ସ୍ୱାକ୍ଷର ପ୍ରଦାନ ।

ମୋର ଜାଣିବାରେ ସମଗ୍ର ଭାରତବର୍ଷରେ ଏ ପୁସ୍ତକ (ସମୀକ୍ଷା)ଟି ପ୍ରଥମ ରାଜନୈତିକ ଦଳର ପୁସ୍ତକ ଅଟେ ।

୨. "ଏକ ଯାତ୍ରା"

ନରେନ୍ଦ୍ର ମୋଦିଙ୍କ କାବ୍ୟମାନସ

(ଏକ ଶାସ୍ତ୍ରୀୟ ଓଡିଆ ଭାଷା ଅନୁବାଦ ସାହିତ୍ୟ)

କବି ନରେନ୍ଦ୍ର ମୋଦି ତାଙ୍କର କବିତା ପୁସ୍ତକ "ଏ ଜର୍ଣ୍ଣି" - ଏଥିରେ ସେ ୬୭ କବିତାକୁ ସ୍ଥାନୀତ କରିଛନ୍ତି । ଏ ପୁସ୍ତକଟି ତାଙ୍କ ଗୁଜୁରାଟୀ ଭାଷାରେ ପ୍ରକାଶିତ । ଏହାକୁ ଲେଖକ ରବିମନ୍ଥା - ଇଂରାଜୀ ଭାଷାରେ - ଅନୁବାଦ କରିଅଛନ୍ତି । ଏ ପୁସ୍ତିକାଟି - ପ୍ରଧାନମନ୍ତ୍ରୀ ମୋଦିଙ୍କ ସଚିବ ଡକ୍ଟର ପି.କେ. ମିଶ୍ରଙ୍କୁ ଉତ୍ସର୍ଗ । ଏ ବହିଟିକୁ ମୁଁ ଆମ ପ୍ରଦେଶର ଶାସ୍ତ୍ରୀୟ ଓଡିଆ ଭାଷାରେ ଅନୁବାଦ କରିଅଛି । ଏହା ଭାରତୀୟ ସାହିତ୍ୟର ଏକ ଅମୂଲ୍ୟ ଗ୍ରନ୍ଥ କହିଲେ ଅତ୍ୟୁକ୍ତି ହେବନାହିଁ ।

ଏହି ପୁସ୍ତକଟିରେ ମୋଦିଜୀ ନିଜର କାବ୍ୟଚେତନା ବଳରେ ନିଜର ଜୀବନ ଯାତ୍ରାକୁ ପରିପ୍ରକାଶ କରିଛନ୍ତି ।

ଓଡିଆ ସାହିତ୍ୟ ସର୍ବୋପରି ଓଡିଆ ପାଠକଙ୍କ ନିକଟରେ ଏ ପୁସ୍ତିକାଟି ଆଦୃତ ଲାଭ କରିବ ।

୩. ସାରସ୍ୱତସାଧିକା

ନନ୍ଦିନୀ ଶତପଥୀ

(ଏକ ଗବେଷଣାତ୍ମକ ନିବନ୍ଧ ସାହିତ୍ୟ)

ନନ୍ଦିନୀ ଶତପଥି ଜଣେ ରାଜନେତ୍ରୀ ତଥା ସାହିତ୍ୟିକା ଭାରତର କେନ୍ଦ୍ରମନ୍ତ୍ରୀ, ଓଡିଶାର ମୁଖ୍ୟମନ୍ତ୍ରୀ ବ୍ୟକ୍ତିରୋକେ, ସେ ଥିଲେ ଜଣେ ସୃଷ୍ଟିଶାଳୀ ସାରସ୍ୱତସାଧିକା । କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ସାହିତ୍ୟିକା ।

ମୋର ଗବେଷଣା (ପିଏଚ୍.ଡି.) ବିଷୟାଙ୍କ "ଓଡିଆ ସାହିତ୍ୟକୁ ନନ୍ଦିନୀ ଶତପଥୀଙ୍କ

ଅବଦାନ" । ମାତ୍ର ମୋର ଏହି ନିବନ୍ଧ ସାହିତ୍ୟ ସଂପୂର୍ଣ୍ଣ ଭିନ୍ନ ଅଟେ । ଏଥିରେ ନନ୍ଦିନୀ ଶତପଥିଙ୍କ ପରିଚୟ ବଂଶାନୁବାଦୀ ନନ୍ଦିନୀ, ରାଜନେତ୍ରୀ ନନ୍ଦିନୀ ସହ ସାରସ୍ୱତସାଧିକା ନନ୍ଦିନୀ ଦେବୀ ବର୍ଣ୍ଣିତ ।

ସେ ଯେପରି ଜଣେ ସୃଷ୍ଟିଶାଳୀ ଲେଖିକା ଠିକ୍ ସେହିପରି ଜଣେ ସଫଳ ଅନୁବାଦିକା ।

ତାଙ୍କର ଦୁଇଗୋଟି ଗଳ୍ପ ସାହିତ୍ୟ -

କେତୋଟି କଥା ଓ ସପ୍ତଦର୍ଶୀ

ଗୋଟିଏ କବିତା ସାହିତ୍ୟ

ଉତର ପୁରୁଷ

ଚାରିଗୋଟି ଅନୁବାଦ ସାହିତ୍ୟ - (ଓଡିଆ ସାହିତ୍ୟକୁ)

କୃଷ୍ଣୀ କୃପାଳିନୀଙ୍କ - ଗାନ୍ଧୀ କଥାମୃତ

ଅମୃତା ପ୍ରୀତମ୍‌ଙ୍କ - ରେଭିନ୍ୟୁ ଟିକେଟ୍

ତସଲିମା ନାସରିନଙ୍କ - ଲଜ୍ଜା

ମହେଶ୍ୱତା ଦେବୀଙ୍କ - ନିର୍ବାଚିତ ଗଳ୍ପ

କାଳର କରଳୋ ପରେ ହୁଏତ ରାଜନେତ୍ରୀ ନନ୍ଦିନୀ ଲୀନ ହୋଇ ଯାଇଛନ୍ତି ମାତ୍ର ସାରସ୍ୱତସାଧିକା ନନ୍ଦିନୀ ଦେବୀ ଚିରକାଳ ଅମର ହୋଇ ରହିଛନ୍ତି ।

ଏ ପୁସ୍ତିକାଟି ମୁଁ ମୋର ଭ୍ରାତୃତୁଲ୍ୟ - ନନ୍ଦିନୀ ଶତପଥୀଙ୍କ ଜୀବନୀ ଲେଖକ - ଆଶିଷ ରଞ୍ଜନ ମହାପାତ୍ରଙ୍କୁ ଉତ୍ସର୍ଗ କରିଅଛି ।

୪. ପ୍ରିୟା

(ଏକ କାବ୍ୟ ସାହିତ୍ୟ)

ଏହି କବିତା ଗ୍ରନ୍ଥରେ ମୋ ମାନସପଟ୍ଟର ସ୍ୱରଚିତ ୫୦ ଗୋଟି କବିତା ସ୍ଥାନୀତ । ପୂର୍ବରୁ ୫ ଗୋଟି କବିତା ପତ୍ର ଓ ପତ୍ରିକାରେ ପ୍ରକାଶିତ ହୋଇଥିଲା ।

ଏ କବିତା ଗୁଡ଼ିକରେ ରାଜନୀତି, ସାହିତ୍ୟ, ପ୍ରେମ-ପ୍ରତାରଣା, ବ୍ୟକ୍ତିତ୍ୱ, ଐତିହାସିକ

ପୃଷ୍ଠଭୂମି, ସଂସ୍କୃତି, ଭାଷା ଆଦି ବିଷୟରେ ରଚିତ । ଏହା ଏକ ବହୁମୁଖୀ କବିତାଗ୍ରନ୍ଥ କହିଲେ ଅତ୍ୟୁକ୍ତି ହେବନାହିଁ ।

ଏ ପୁସ୍ତିକାଟି ମୁଁ ମୋର ଏକମାତ୍ର ସନ୍ତାନ - କନ୍ୟାରତ୍ନା - ତେଜସ୍ୱିନୀ (ଲକି)କୁ ଉତ୍ସର୍ଗ କରିଅଛି ।

୫. ପଥହରା

ପଥିକ

(ଏକ ଗଳ୍ପ ସାହିତ୍ୟ)

ଏହି ଗଳ୍ପ ସଂକଳନଟି ମୋର ମାନସ ମନ୍ଥନ । ମୋ ଜୀବନର କିଛି ଅଭୁଲା ସ୍ମୃତିକୁ ମୁଁ ଗଳ୍ପ ମାଧ୍ୟମରେ ସ୍ଥାନୀତ କରିଅଛି । ଏ ସଂସାରରେ ସମସ୍ତେ ପଥିକ ମାତ୍ର ଖୁବ୍ କମ୍ ବ୍ୟକ୍ତି ପଥହରା - ମୁଁ ବା ସେଥିରୁ ବାଦ୍ ପଡନ୍ତି କିପରି ।

ଏ ଗଳ୍ପରେ ୧୨ ଗୋଟି ଗଳ୍ପ ସ୍ଥାନୀତ - ପଥହରା ପଥିକ, ଜନ୍ମଲଗ୍ନ, ଶିକ୍ଷାକେନ୍ଦ୍ର, କର୍ମକ୍ଷେତ୍ର, ଧର୍ମପତ୍ନୀ, ଭାଉଜ, ଶାଳୀ ଦୁଇଟା, ଭାଇବୋହୂ, ଭଉଣୀର ରାକ୍ଷୀ, ଗୁରୁଦେବ, ବିଶ୍ୱମାରୀ କରୋନା ବନାଇଲା ସାହିତ୍ୟ ରଚନା, ପଥହରା ପଥିକର ସ୍ୱପ୍ନ ସାଂସଦ (ଏମ୍.ପି.) ।

ଏ ସମସ୍ତ ଗଳ୍ପଗୁଡିକ ମୋ ଜୀବନରେ ଘଟିଥିବା ସତ୍ୟ ଘଟଣା ଉପରେ ଆଧାରିତ । ଏହା ଖୁବ୍ ମାର୍ମିକ ଓ ହୃଦୟସ୍ପର୍ଶୀ ।

ଏ ପୁସ୍ତିକାଟିକୁ ମୁଁ ମୋର ଧର୍ମପତ୍ନୀ ତୁଳସୀ ସାହୁ (ଟିକି)କୁ ଉତ୍ସର୍ଗ କରିଅଛି । ପଥହରା ପଥିକର ସେ ସାହାରା ମଣିଷଟିଏ ।

୬. ଭାରତୀୟ ସାହିତ୍ୟର କାବ୍ୟପୁରୁଷ

ନରେନ୍ଦ୍ର ମୋଦି ଓ କାଳିନ୍ଦୀଚରଣ ପାଣିଗ୍ରାହୀ

(ଏକ ଆଲୋଚନାତ୍ମକ ପ୍ରବନ୍ଧ ସାହିତ୍ୟ)

ଏ ପୁସ୍ତିକାଟି ମୋର ଉଚ୍ଚତର ଗବେଷଣାର ଫଳଶ୍ରୁତି ଅଟେ । ମୋର ଅଭିଳିପ୍ସା ଉଚ୍ଚତର ଗବେଷଣା  ପୋଷ୍ଟ ଡକ୍ଟରାଲ/ଡକ୍ଟର ଅଫ୍ ଲିଟରେଚର (ଡି.ଲିଟ୍.)ର ପ୍ରତିଛବି

ଅଟେ । ଯାହାକି ରେଜିଷ୍ଟ୍ରେସନ୍ ଅପେକ୍ଷାରେ ।

ଏହି ପୁସ୍ତକଟି ଏକ ଆଲୋଚନାତ୍ମକ ପ୍ରବନ୍ଧ ସାହିତ୍ୟ । ଏଥିରେ ନରେନ୍ଦ୍ର ମୋଦି, ରାଷ୍ଟ୍ରନାୟକ ନରେନ୍ଦ୍ର ମୋଦି, ସାହିତ୍ୟ ସ୍ରଷ୍ଟା ନରେନ୍ଦ୍ର ମୋଦି, କବି ନରେନ୍ଦ୍ର ମୋଦି ।

କାଳିନ୍ଦୀଚରଣ ପାଣିଗ୍ରାହୀ, ସାରସ୍ୱତସାଧକ କାଳିନ୍ଦୀଚରଣ, କବି କାଳିନ୍ଦୀଚରଣ

ନରେନ୍ଦ୍ର ମୋଦି ଓ କାଳିନ୍ଦୀଚରଣ ପାଣିଗ୍ରାହୀ ଙ୍କ ସାହିତ୍ୟିକ ଜୀବନର ଉନ୍ମେଷ ଓ ଉତୋରଣ ।

ଭାରତୀୟ ସାହିତ୍ୟର କାବ୍ୟପୁରୁଷ ନରେନ୍ଦ୍ର ମୋଦି ଓ କାଳିନ୍ଦୀଚରଣ ପାଣିଗ୍ରାହୀ ବିଷାଦ ଭାବରେ ବର୍ଣ୍ଣିତ ।

ଓଡିଆ ସାହିତ୍ୟ କାହିଁକି ଭାରତୀୟ ସାହିତ୍ୟର ଏହା ଏକ ଅମୂଲ୍ୟଗ୍ରନ୍ଥ ହେବ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ ।

ଗୁରୁଙ୍କ ଋଣ କେହି ଶୁଝିପାରନ୍ତି ନାହିଁ, ମୁଁ ଏ ପୁସ୍ତିକାଟିକୁ ମୋ ଗୁରୁଦେବ ଓଡିଆ ସାହିତ୍ୟର ଜଣେ ସାରସ୍ୱତ ପୁରୁଷ ପ୍ରଫେସର ଆଦିକନ୍ଦ ସାହୁଙ୍କୁ ଉତ୍ସର୍ଗ କରିଅଛି ।

୭. ଅସ୍ତମିତ ସୂର୍ଯ୍ୟ

ବାବାଜୀ

(ଏକ ସାମାଜିକ ନାଟ୍ୟ ସାହିତ୍ୟ) -

ମୁଁ ନାଟ୍ୟକାର ନୁହେଁ, ଓଡିଆ ସାହିତ୍ୟର ଜଣେ ସେବକ । ଅସ୍ତମିତ ସୂର୍ଯ୍ୟ - ବାବାଜୀ ଏକ ନାଟ୍ୟ ସାହିତ୍ୟ, ଅସ୍ତମିତ ସୂର୍ଯ୍ୟ - ସକଳ ଶକ୍ତିର ଆଧାର ସୂର୍ଯ୍ୟ, ଏଠାରେ ମୋର ନାଟ୍ୟପଟ୍ଟର ସୂର୍ଯ୍ୟ - ମୋ ଜେଜେବାପା ବାବାଜୀ ନାୟକ ସୂର୍ଯ୍ୟ ଅସ୍ତ ହେଲେ ଯେପରି ଅନ୍ଧକାର ଆସି ରାତ୍ରିର ଆଗମନ ହୋଇଥାଏ ଠିକ୍ ସେହିଭଳି ମୋ ଜେଜେ ଅସମୟରେ ସଂସାରରୁ ଚାଲିଗଲେ (୫ ଜଣ ସନ୍ତାନ ଏକ କନ୍ୟା ଓ ଚାରିଜଣ ପୁଅ)ଙ୍କୁ ନେଇ ମୋ ଜେଜେମା କିପରି ସମାଜରେ ପ୍ରତିଷ୍ଠିତ କରାଇଲେ, ତାହା ଏହି ସାମାଜିକ ନାଟକର ସାଂରାଶ । ପିତୃହରା ହୋଇ ପିଲାମାନେ କିପରି ସମାଜରେ ସଂଘର୍ଷ କରି ପ୍ରତିଷ୍ଠିତ ହୋଇ ନିଜ ନିଜର ସନ୍ତାନମାନଙ୍କୁ ଶିକ୍ଷା, ସଂସ୍କାର ଦେଇ ମଣିଷ କରିଛନ୍ତି, ତାହା ଏଥିରେ

ବିଷାଦ ଭାବରେ ବର୍ଣ୍ଣିତ ।

ଏହି ନାଟକଟିରେ - ସାତଗୋଟି ନାୟକ ଓ ନାୟିକାର ଚରିତ୍ରରେ ଚିତ୍ରଣ ହୋଇ ନାଟକଟି ରଚିତ । ବାବାଜୀ, ପତିହରା ପତ୍ନୀ ଭୂତିଦେବୀ, କନ୍ୟାରତ୍ନା ବେଙ୍ଗୁଲି, ପୁତ୍ର - ଦୁଃଶାସନ, ଭୀମସେନ, ରାମଚନ୍ଦ୍ର ଓ ଭାଗବତ ଆଦି ନାଟକର ମୁଖ୍ୟ ଚରିତ୍ର ।

ମୋର ଏହି ମନର ପରିସ୍ଫୁଟନ - ଅସ୍ତମିତ ସୂର୍ଯ୍ୟ - ବାବାଜୀ - ଏକ ସାମାଜିକ ନାଟକ ସାହିତ୍ୟଟିକୁ ମୋର ମଧ୍ୟମ ଭାଇ ଆଡଭୋକେଟ୍ ପ୍ରକାଶ ନାୟକ ଓ ତା'ର ପରିବାରକୁ ଉତ୍ସର୍ଗ କରୁଅଛି ।

ଆଗାମୀ ଦିନରେ ଓଡିଶାର କୌଣସି ନାଟ୍ୟ ନିର୍ଦ୍ଦେଶକ ଙ୍କ ଦ୍ୱାରା - ଓଡିଆ ଯାତ୍ରା ଜଗତରେ ଏହି ନାଟକଟିକୁ ରଙ୍ଗମଚଂରେ ସ୍ଥାନ ପାଇବ ବୋଲି ମୋର ଆଶା ଓ ବିଶ୍ୱାସ ।

୮. ରାମଚନ୍ଦ୍ର ନାୟକ

ଏକ ଅମ୍ଳାନ ପ୍ରତିଭା

(ଏକ ଜୀବନୀ ସାହିତ୍ୟ)

ପିତରୀ ପ୍ରିୟତି ପନ୍ନା ପିତା ସର୍ବ ଦେବତା । ଜନ୍ମଦାତା ବାପାଙ୍କ ଋଣ କେହି ସୁଝିପାରନ୍ତି ନାହିଁ, ମୁଁ ବା ଏଥିରୁ ବାଦ୍ ପଡନ୍ତି କିପରି ? ବାପା ଏହି ପଥହରା ପଥିକ ସୁବାଷକୁ ସମାଜରେ ଅଧ୍ୟାପକ, ସାହିତ୍ୟିକ, ଗବେଷକର ସମ୍ମିଶ୍ରଣ ପ୍ରଫେସର କରିପାରିଛନ୍ତି, ବାପାଙ୍କ ଅମ୍ଳାନ ପ୍ରତିଭାକୁ ଚିର ସ୍ମରଣୀୟ କରିବାର ପଥ ସାହିତ୍ୟ ରଚନା ପୁଣି ଜୀବନୀ ସାହିତ୍ୟ ।

ରାମଚନ୍ଦ୍ର ନାୟକ - ଏକ ଅମ୍ଳାନ ପ୍ରତିଭା - ଏକ ଜୀବନୀ ସାହିତ୍ୟରେ ପାଚଂଗୋଟି ସ୍ତରରେ ଜୀବନୀକାର ସୁବାଷ ଜୀବନୀ ସାହିତ୍ୟକୁ ରୂପରସ ପ୍ରଦାନ କରିଅଛନ୍ତି ।

ପିତୃହରା ରାମଚନ୍ଦ୍ର, ଶିଳ୍ପୀ ରାମଚନ୍ଦ୍ର, ବାପା ରାମଚନ୍ଦ୍ର, ରାଜନେତା ରାମଚନ୍ଦ୍ର, ସମାଜସେବୀ ରାମଚନ୍ଦ୍ର ବିଷୟରେ ବର୍ଣ୍ଣନା କରାଯାଇଅଛି ।

ପାଚଂବର୍ଷର ଶିଶୁ ପିତୃହରା ହେବା ପରେ ନିଜେ ଜୀବନ ଯୁଦ୍ଧରେ ହାରିନଯାଇ

ସମାଜରେ ପ୍ରତିଷ୍ଠିତ ହୋଇ (ଶିଳ୍ପୀ, ରାଜନେତା, ସମାଜସେବୀ) ନିଜର ବାପାର ପରିଚୟରେ ଚାରି ସନ୍ତାନ ଗଣଙ୍କୁ ସମାଜରେ ମୁଣ୍ଡ ଟେକି ଠିଆ କରାଇ ପାରିଛନ୍ତି । ତାହା ଜୀବନୀ ସାହିତ୍ୟକୁ ପରିସ୍ଫୁଟନ କରିଅଛି ।

ଓଡିଆ ଜୀବନୀ ସାହିତ୍ୟ କ୍ଷେତ୍ରରେ ଏହା ଏକ ମାଇଲି ଖୁଟିଂ ସଦୃଶ ହେବ ଏଥିରେ ଦ୍ୱିମତ ନାହିଁ ।

ଜୀବନୀ ସାହିତ୍ୟରେ - ଯାହା ଜୀବନୀ ରୂପରେ ଲିଖିତ ତାଙ୍କୁ ଉତ୍ସର୍ଗ କରିବାକୁ ମୁଁ ଉଚିତ୍ ମନେକଲି । ଏହା ମୋ ବାପା ରାମଚନ୍ଦ୍ର ନାୟକଙ୍କୁ ଉତ୍ସର୍ଗୀକୃତ ।

ଆଶା ରଖିବି ପାଠକୀୟ ଆଦୃତି ଲାଭ କରିଲେ ଶ୍ରମ ସାର୍ଥକ ହେବ ।

୯. ଭାରତୀଦେବୀ

(ଏକ ନାରୀ କେନ୍ଦ୍ରୀକ ଉପନ୍ୟାସ ସାହିତ୍ୟ)

ନାରୀ ତୁହିଁ ନାରାୟଣୀ,

ଜାୟା, ଜନନୀ, ଭଗିନୀ ରୂପରେ ସୃଷ୍ଟିକାରିଣୀ ହେଉଛି - ସେହି ନାରୀ, ନାରୀ ବିନା ସମାଜର ସୃଷ୍ଟି ପରିକଳ୍ପନା କରାଯାଇ ପାରିବ ନାହିଁ । ଦଶମାସ ଦଶଦିନ ସନ୍ତାନକୁ ନିଜ ଗର୍ଭରେ ଧାରଣ କରି, ଛୋଟ ଠାରୁ ବଡ ପର୍ଯ୍ୟନ୍ତ ଅଳିଅର୍ଦ୍ଦଳି ସହି ମଣିଷ କରିଥିବା - ସେହି ଜଗତ ଜନନୀ ମା, ମୋ ମା' - ଭାରତୀ ଦେବୀ, ଜଣେ ଅପାଠୁଆ ମଣିଷଟିଏ, ସରଳ, ନିଷ୍କପଟ, ଧର୍ମପରାୟଣା - ମହିଳା ଆମ୍ଭ ଭାଇଭଉଣୀ ଚାରିଜଣଙ୍କୁ ସମାଜରେ ଛୋଟରୁ ବଡ କରିବାରେ ତା'ର ଭୂମିକା କୁ ଅସ୍ୱୀକାର କରାଯାଇ ପାରିବ ନାହିଁ

ସେହି ନାରୀ ରୂପକ ନାରାୟଣୀ - ମୋ ପାଇଁ ହେଉଛନ୍ତି - ମୋ ମା' - ଭାରତୀ ଦେବୀ - ତା'ର ଜୀବନୀ ଦ୍ୱିପକୁ ନେଇ ମୋର ଏହି ମାନସମନ୍ଥନ - ଭାରତୀ ଦେବୀ - ଏକ ନାରୀ କେନ୍ଦ୍ରୀକ ଉପନ୍ୟାସ ସାହିତ୍ୟ ।

ଏକ ନାରୀ ଜୀବନୀକୁ ନେଇ ଏହି ଉପନ୍ୟାସଟି ରଚିତ - କନ୍ୟାରତ୍ନା ଭାରତୀ, ଭଗିନୀ ଭାରତୀ, ଧର୍ମପତ୍ନୀ ଭାରତୀ, ଜନନୀ ଭାରତୀ, ଶାଶୁମା ଭାରତୀ, ଆଈ ମା' ଭାରତୀ ଓ ଜେଜେମା ଭାରତୀ ପ୍ରମୁଖ ସାତଗୋଟି ସ୍ତମ୍ଭରେ ଏହି ଉପନ୍ୟାସଟି ରଚିତ ।

ଏହି ଉପନ୍ୟାସ ସାହିତ୍ୟଟି ମୁଁ ମୋର ବଡନାନୀ ଲେଖିକା ଜୟନ୍ତୀ ନାୟକ ଓ ତାଙ୍କ ପରିବାରକୁ ଉତ୍ସର୍ଗ କରିଅଛି ।

ଆଶା ଓ ବିଶ୍ୱାସ - ଓଡିଆ ଉପନ୍ୟାସ ସାହିତ୍ୟରେ - ବିକାଶଧାରାରେ ମୋର ଏହି ଉପନ୍ୟାସଟି ପାଠକୀୟ ଆଦୃତି ଲାଭ କରିବ ।

୧୦. ସୃଜନପ୍ରଭା - ଓଡିଆ ସାହିତ୍ୟ ର ସୃଷ୍ଟି ଓ ସ୍ରଷ୍ଟା

(ଏକ ସୃଜନଶୀଳ ସମାଲୋଚନା ସାହିତ୍ୟ)

ଓଡିଆ ଏକ ଶାସ୍ତ୍ରୀୟ ଭାଷା ଭାବରେ ମର୍ଯ୍ୟାଦା ପାଇବା ପରେ ଓଡିଆ ସାହିତ୍ୟ ଆଉ ଓଡିଶାର ଆଚଂଳିକ ସାହିତ୍ୟ ନୁହେଁ ଭାରତୀୟ ସାହିତ୍ୟ ସର୍ବୋପରି ବିଶ୍ୱସାହିତ୍ୟରେ ମର୍ଯ୍ୟାଦା ଲାଭ କରିପାରିଲା । ଓଡିଆ ସାହିତ୍ୟର ଆଧୁନିକ ଯୁଗର ଅନେକ ସାହିତ୍ୟିକ ଙ୍କ ଜୀବନୀ ଓ ସୃଜନୀ ନେଇ ଏକ ସୃଜନଶୀଳ ସମାଲୋଚନା ସାହିତ୍ୟଟିଏ "ସୃଜନପ୍ରଭା" । ଆମ ସମୟର ଅନେକ ସାହିତ୍ୟିକ ଯେଉଁମାନଙ୍କ ଜାତୀୟ ତଥା ଆନ୍ତର୍ଜାତୀୟ ସ୍ତରରେ ସୁନାମ ଅର୍ଜନ କରିଛନ୍ତି, ସେମାନଙ୍କ ମଧ୍ୟରୁ କିଛି ସାହିତ୍ୟିକ ଙ୍କୁ ବ୍ୟକ୍ତିଗତ ଭାବରେ ମୋର ଅନୁରୋଧର ଫଳସ୍ମୃତି ଏହି "ସୃଜନପ୍ରଭା" ।

ସୃଜନପ୍ରତିଭା - ଉଭୟ ଜୀବନୀ ଓ ସୃଜନୀର ସୁମଧୁର ସୃଷ୍ଟି - ସୃଜନପ୍ରଭା । ଅନେକ ବରିଷ୍ଠ ସାହିତ୍ୟିକ ସେମାନଙ୍କର ସୃଜନୀରେ ଓଡିଆ ସାହିତ୍ୟକୁ ଭାରତୀୟ ସାହିତ୍ୟ ତଥା ବିଶ୍ୱସାହିତ୍ୟରେ ପ୍ରତିପାଦନ କରିଛନ୍ତି - ସେମାନଙ୍କୁ ଗୋଟିଏ ପୁସ୍ତକ ମଧ୍ୟରେ ପାଠକୀୟ ଆଦୃତି ଲାଭ କରାଇବା ମୋର ଲକ୍ଷ୍ୟ । ଓଡିଆ ସାହିତ୍ୟ ସୁଦୀର୍ଘ ସାହିତ୍ୟରେ ମୋ ମନ ପସନ୍ଦର କିଛି ସାହିତ୍ୟିକଙ୍କ ସୃଜନୀ ସୃଷ୍ଟି ପରିସ୍ଫୁଷ୍ଟ ।

ସେମାନଙ୍କର ମଧ୍ୟରେ ପ୍ରମୁଖ ସ୍ଥାନରେ ରହିଅଛି; ଫକୀରମୋହନ ସେନାପତି, ଗଙ୍ଗାଧର ମେହେର, ଗୋପବନ୍ଧୁ ଦାସ, ଗୋପିନାଥ ମହାନ୍ତି, ରାଧାନାଥ ରାୟ, କାଳିନ୍ଦୀଚରଣ ପାଣିଗ୍ରାହୀ, ହରେକୃଷ୍ଣ ମହତାବ, ଜାନକୀବଲ୍ଲଭ ପଟ୍ଟନାୟକ, ରମାକାନ୍ତ ରଥ, ସୀତାକାନ୍ତ ମହାପାତ୍ର, ମନୋଜ ଦାସ, ପ୍ରତିଭା ରାୟ, ଜୟନ୍ତ ମହାପାତ୍ର, ବିଭୂତି ପଟ୍ଟନାୟକ, ବୀଣାପାଣୀ ମହାନ୍ତି, କୃଷ୍ଣଚରଣ ବେହେରା, ଚି ରଞ୍ଜନ ଦାସ, ପଠାଣୀ

ପଟ୍ଟନାୟକ, ରତ୍ନାକର ଚଇନି ଙ୍କ ସହିତ ଅନେକ ପ୍ରମୁଖ ସାହିତ୍ୟିକ ।

ମୁଁ ମୋର ଏହି ସାରସ୍ୱତ ସୃଷ୍ଟି - "ସୃଜନପ୍ରଭା" ମୋର ସାନଭାଇ ଶିକ୍ଷକ ଡକ୍ଟର ମାନସ ନାୟକ ତଥା ତା'ର ପରିବାରକୁ ଉତ୍ସର୍ଗ କରୁଅଛି ।

ଓଡିଆ ସମାଲୋଚନା ସାହିତ୍ୟର ବିକାଶଧାରାରେ ଏ ପୁସ୍ତିକା "ସୃଜନପ୍ରଭା" ଏକ ଗୁଣ୍ଡୁଚିମୂଷା ସେତୁବନ୍ଧ ବାନ୍ଧିବା ଭଳି ସହାୟକ ହେବ ।

୧୧. ନରେନ୍ଦ୍ର ମୋଦିଙ୍କ କାବ୍ୟମାନସ - "ଏକ ଯାତ୍ରା"

ଭାରତୀୟ ସାହିତ୍ୟରେ ପ୍ରତିଫଳନ

(ଏକ ଗବେଷଣାତ୍ମକ ସନ୍ଦର୍ଭ କାବ୍ୟ ସାହିତ୍ୟ)

୩୯ତମ ବିଶ୍ୱକବି ସମ୍ମିଳନୀ - ୨୦୧୯ - ଓଡିଶାର କିଟ୍ ବିଶ୍ୱବିଦ୍ୟାଳୟରେ ମୋର ଯୋଗଦାନ ଜୀବନର ଏକ ସ୍ମରଣୀୟ ଦିନ ହୋଇରହିବ । ୬୭ ଗୋଟି ଦେଶର ପ୍ରତିନିଧି ସଭା ଭାରତର ପ୍ରତ୍ୟେକ ପ୍ରଦେଶରୁ କବିଗଣଙ୍କ ସହ ପାଚଂଦିନର ଭାବଗତ ସମ୍ପର୍କ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜଣେ ଗୁଜୁରାଟୀ ସାହିତ୍ୟିକ - କବି ମୋଦିଙ୍କ "ଏକ ଯାତ୍ରା" ୬୭ ଗୋଟି କବିତାର ଏକ କବିତା ସଂକଳନ ମୋ ଦ୍ୱାରା ଓଡିଆ ଭାଷାରେ ଅନୁବାଦ ସାହିତ୍ୟ ପ୍ରକାଶିତ ।

ଭାରତବର୍ଷର ଅନେକ ଭାଷାର କବି / କବୟତ୍ରୀଙ୍କୁ ବ୍ୟକ୍ତିଗତ ଭାବର ଆଦାନପ୍ରଦାନରେ - "ଏ ଜର୍ଣ୍ଣି" - ଇଂରାଜୀ ଅନୁବାଦିତ - ରବିମନ୍ଥାଙ୍କ ଦ୍ୱାରା ପ୍ରେରଣା ସହ ନିଜନିଜ ଭାଷାରେ ଅନୁବାକ ସାହିତ୍ୟ କରି - ଭାରତୀୟ ସାହିତ୍ୟରେ ପ୍ରତିଫଳନ - ମୋର ଏହି ଗବେଷଣାତ୍ମକ କାବ୍ୟ ସାହିତ୍ୟଟିଏ । "ଏ ଜର୍ଣ୍ଣି" ମୂଳ ରଚନା - ଗୁଜୁରାଟୀ - ନରେନ୍ଦ୍ର ମୋଦି - ଇଂରାଜୀ ଅନୁବାଦ - ରବିମନ୍ଥା ଓ ଓଡିଆ ଅନୁବାଦ - ପ୍ରଫେସର ଡକ୍ଟର ସୁବାଷ ନାୟକ ।

ଏହାବାଦ୍ - ବିଭିନ୍ନ ଭାଷା - ସିନ୍ଧି, ସଂସ୍କୃତ, ହିନ୍ଦୀ, ବେଙ୍ଗଲି, ମାଲାୟଲମ୍,

ତାମିଲ୍, ତେଲୁଗୁ, ମରାଠୀ, ପଞ୍ଜାବୀ, କନ୍ନଡ, ଆସାମିଜ୍, ସାନ୍ତାଳୀ, ରାଜସ୍ଥାନୀ ପ୍ରମୁଖ ୧୩+୩ ମୂଳ ଅନୁବାଦ = ୧୬ ଗୋଟି ଭାଷାରେ ଭାରତୀୟ ସାହିତ୍ୟକୁ ଅବଦାନ ପାଇଁ ପ୍ରୟାସରତ ।

ଏ ସନ୍ଦର୍ଭ କାବ୍ୟ ସାହିତ୍ୟକୁ ମୁଁ ମୋର ପୂଜ୍ୟ କର୍ମଗୁରୁ - ଶ୍ରୀ ଜ୍ଞାନେନ୍ଦ୍ର କୁମାର ସାହୁ (ଚେୟାରମ୍ୟାନ୍ - ବିଦ୍ୟାର୍ଥୀ ରେସିଡେନ୍‌ସିଆଲ କଲେଜ, ଢେଙ୍କାନାଳ)ଙ୍କୁ ଉତ୍ସର୍ଗ କରୁଅଛି ।

ଏ ପୁସ୍ତିକାଟି ଭାରତୀୟ ସାହିତ୍ୟର ଏକ ଅମୂଲ୍ୟଗ୍ରନ୍ଥ ହେବା ସହ - କବି ନରେନ୍ଦ୍ର ମୋଦିଙ୍କୁ - ବିଶ୍ୱକବି (ନୋବେଲ ସାହିତ୍ୟ ପୁରସ୍କାର) ଆଣିଦେବ ବୋଲି ଆଶା

୧୨. ନରେନ୍ଦ୍ର ମୋଦିଙ୍କ କାବ୍ୟମାନସ - "ଏକ ଯାତ୍ରା"

ବିଶ୍ୱସାହିତ୍ୟରେ ପ୍ରତିଫଳନ

(ଏକ ଉଚ୍ଚତର ଗବେଷଣାତ୍ମକ ସନ୍ଦର୍ଭ କାବ୍ୟ ସାହିତ୍ୟ)

ମୋ ଜୀବନରେ ଏକ ଐତିହାସିକ ସ୍ମରଣୀୟ ଦିବସ ଥିଲା - ୩୯ତମ ବିଶ୍ୱକବି ସମ୍ମିଳନୀ - ୨୦୧୯ - ଓଡିଶାର କିଟ୍ ବିଶ୍ୱବିଦ୍ୟାଳୟରେ ମୋର ଯୋଗଦାନ । ୬୭ ଗୋଟି ଦେଶର କବିମାନେ ପାଖାପାଖି ୧୫୦୦ କବି / କବୟିତ୍ରୀ (ଆମ ରାଷ୍ଟ୍ର ଭାରତ ସମେତ) ୫ ଦିନର ଭାବଗତ ସଂପର୍କ ସ୍ଥାପନ ।

ଭାରତୀୟ ସାହିତ୍ୟରେ ଗୁଜୁରାଟୀ ଭାଷା ସାହିତ୍ୟର ଜଣେ ସାରସ୍ୱତସାଧକ ନରେନ୍ଦ୍ର ମୋଦି, ବର୍ତ୍ତମାନ ଭାରତର ପ୍ରଧାନମନ୍ତ୍ରୀ ତାଙ୍କର ଏକ କବିତା ସଂକଳନ - "ଏ ଜର୍ଣ୍ଣି"ରେ ୬୭ ଗୋଟି କବିତା ସ୍ଥାନୀତ । ଏହି କବିତାଗ୍ରନ୍ଥରେ ନରେନ୍ଦ୍ର ମୋଦି ନିଜ ଜୀବନଯାତ୍ରାର ବର୍ଣ୍ଣନା କାବ୍ୟମାନସରେ ପରିସ୍ଫୁଟନ କରିଛନ୍ତି । ଏହାକୁ ଇଂରାଜୀ ଭାଷାରେ ଅନୁବାଦ କରିଛନ୍ତି - ରବିମନ୍ଥା ଓ ଶାସ୍ତ୍ରୀୟ ଓଡିଆ ଭାଷାରେ ଅନୁବାଦ ମୋର (ପ୍ରଫେସର ଡକ୍ଟର ସୁବାଷ ନାୟକ) ଦ୍ୱାରା ସଂପର୍ଣ୍ଣ ହୋଇଅଛି ।

ଏତଦ୍‌ବାଦ ୧୩ ଜଣ ଭାରତୀୟ କବି ଓ କବୟିତ୍ରୀଙ୍କ ଦ୍ୱାରା ବର୍ତ୍ତମାନ ବିଭିନ୍ନ

ଭାରତୀୟ ଭାଷାରେ ଅନୁବାଦ କାର୍ଯ୍ୟ ଚାଲୁ ରହିଛି, ଯାହାକି ଭାରତୀୟ ସାହିତ୍ୟକୁ ଅମୂଲ୍ୟ ଅବଦାନ ମୋର ଅନୁରୋଧ କ୍ରମେ ।

ମୋଦିଙ୍କ କାବ୍ୟ "ଏ ଜର୍ଣ୍ଣି"କୁ ବିଶ୍ୱସାହିତ୍ୟରେ ପ୍ରତିଫଳନ କରିବାର ମୋର ବ୍ୟକ୍ତିଗତ ପ୍ରୟାସ ସହ ବିଶ୍ୱର ଅନେକ କବି / କବୟତ୍ରୀ ଧନ୍ୟବାଦର ପାତ୍ର ।

ଆର୍ଜେଟିଂନା ରାଷ୍ଟ୍ରର ଡକ୍ଟର ସୁଷନା ରୋବର୍ଟ "ଏ ଜର୍ଣ୍ଣି"କୁ ସ୍ପାନିସ୍ ଭାବରେ ଅନୁବାଦ ସାରିଛନ୍ତି ଓ ପୁସ୍ତକ ପ୍ରକାଶନ ଅପେକ୍ଷାରେ - ଏତଦ୍‌ବାଦ ଚୀନ୍, ନେପାଳ, ବଙ୍ଗଳା ଦେଶ, ଆମେରିକା, ଫ୍ରାନ୍ସ, ଭୁଟାନ ପ୍ରଭୃତି ରାଷ୍ଟ୍ରର କବି / କବୟତ୍ରୀ ମାନଙ୍କ ଦ୍ୱାରା ଅନୁବାଦ କାର୍ଯ୍ୟ ଚାଲୁ ରହିଅଛି ।

ଏ ସନ୍ଧର୍ଭ କାବ୍ୟ ସାହିତ୍ୟକୁ ମୋର କର୍ମଗୁରୁ - ଅଧ୍ୟାପକ ତ୍ରିଦେବ ବେହେରା - ଚେୟାରମ୍ୟାନ୍ - ଟେଟ୍ରାହେଡ୍ରନ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍ ଟାଙ୍ଗୀ, କଟକ କୁ ଉତ୍ସର୍ଗ କରୁଅଛି ।

ଏ ପୁସ୍ତିକାଟି ଆଗାମୀ ଦିନରେ କବି ନରେନ୍ଦ୍ର ମୋଦିଙ୍କୁ ବିଶ୍ୱକବି (ନୋବେଲ ସାହିତ୍ୟ ପୁରସ୍କାର) ପାଇବେ ବୋଲି ମୋର ଆଶା ଓ ବିଶ୍ୱାସ ।

ବିଶ୍ୱ ମହାମାରୀ କରୋନାରେ ସମଗ୍ର ବିଶ୍ୱଜଗତ କବଳିତ ଓ ମୋ ଭାରତବର୍ଷରେ ଏଥିଯୋଗୁଁ - ଲକ୍‌ଡାଉନ୍ ମୋତେ ସୁଯୋଗ ଆସିଥିଲା - ସାହିତ୍ୟ ରଚନା କରି ଜଣେ ସାହିତ୍ୟିକଟିଏ ହେବାକୁ ।

ମୋର ଭୁବନ ସହରସ୍ଥ ଶ୍ରୀରାମ ନିବାସରେ ଅବସ୍ଥାନ କରିବା ସମୟରେ ସାହିତ୍ୟ ରଚନା ସହିତ କିଛି ମାତ୍ରାରେ ସମୟ ପାଇଲେ - ସମାଜ ସେବା ଦିଗରେ ମନବଳି ଯାଇଥାଏ । ଏ କ୍ଷେତ୍ରରେ ମୋର ବଡଭାଇ ମାନଙ୍କର - ୧୯୯୦ ମସିହା ମାଟ୍ରିକ୍ ହାଇସ୍କୁଲ - ଛାତ୍ର ସଂସଦ - ଭୁବନର ଏକ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଭାବରେ ପରିଗଣିତ - ଲକ୍ଷ୍ମଣ କୁମାର ଦାସ ଓ ତାଙ୍କ ଟିମ୍ ଭାଇମାନଙ୍କ ସହ ଭୁବନର ବିଭିନ୍ନ ଅଚଂଳରେ ଗରିବ ଅସହାୟ ଲୋକଙ୍କୁ ଶୁଖିଲା ଖାଦ୍ୟ, ହାତଧୁଆ ସଚେତନତା, ମାକ୍ସ ବଟଂନ କାର୍ଯ୍ୟକ୍ରମରେ ମୋର

ଯୋଗଦାନ ମୋତେ ଆନନ୍ଦ ପ୍ରଦାନ କରିଥିଲା ।

ମୋର ପ୍ରିୟ ସାଙ୍ଗ ସାମ୍ବାଦିକ ପୂର୍ଣ୍ଣଚନ୍ଦ୍ର ସାହୁଙ୍କ "ତୃପ୍ତି ପାଠାଗାର" ତରଫରୁ ଭୁବନ ସରକାରୀ ଡାକ୍ତରଖାନାରେ ରୋଗୀଙ୍କ ସମ୍ପର୍କୀୟ ମାନଙ୍କୁ ଖାଦ୍ୟ ବଟଂନ ତଥା ଗରିବ ସାଇକେଲ ମିସ୍ତ୍ରୀଙ୍କୁ ସାଇକେଲ ସାମଗ୍ରୀ ବଟଂନ କ୍ଷେତ୍ରରେ ମୋର ସକ୍ରିୟ ସହଯୋଗ ଲକ୍‌ଡାଉନ୍ ସମୟରେ ମୋର ସ୍ମରଣୀୟ ଦିବସ ହୋଇ ରହିବ, ମୋର ଶିକ୍ଷକ ମାନଙ୍କୁ ସାକ୍ଷାତ ମଧ୍ୟ ସ୍ମରଣୀୟ ।

ଭୁବନ ସହରରେ ଢେଙ୍କାନାଳ ଲୋକସଭା ସାଂସଦ ମହେଶ ସାହୁଙ୍କ - କରୋନା ଯୋଦ୍ଧା ମାନଙ୍କୁ ସମ୍ମାନୀତ ଉତ୍ସବରେ ମୋର ଯୋଗଦାନ ଏକ ସ୍ମରଣୀୟ କାର୍ଯ୍ୟକ୍ରମ ।

ଭୁବନ ବିଜେପି ପକ୍ଷରୁ ରକ୍ତଦାନ ଉତ୍ସବ - ରାମ ମନ୍ଦିର ପରିସରରେ ପୂର୍ବତନ ସାଂସଦ ରୁଦ୍ର ନାରାୟଣ ପାଣି ତଥା ଅନ୍ୟ ବରିଷ୍ଠ ବିଜେପି ନେତାଙ୍କ ସହ ଯୋଗଦାନ ।

ଜଗତର ନାଥ ଜଗନ୍ନାଥଙ୍କୁ ମୋର ଏତିକି ପ୍ରାର୍ଥନା ସମଗ୍ର ବିଶ୍ୱରୁ କରୋନା ରୋଗ ଅପସରି ଯାଉ ଏବଂ ଆଗାମୀ ଦିନରେ ମୋର ସାହିତ୍ୟ ରଚନା ପୂର୍ଣ୍ଣାଙ୍ଗୀକରଣ ହେବ ବୋଲି ମୋର ଆଶା ଓ ବିଶ୍ୱାସ ।

**ପଥହରା ପଥିକର ସ୍ୱପ୍ନ ସାଂସଦ (ଏମ୍.ପି.)**

ସ୍ୱପ୍ନହୀନ ଜୀବନ ଜୀବନ ନୁହେଁ, ଯେ କୌଣସି ବ୍ୟକ୍ତି ଜୀବନରେ ସ୍ୱପ୍ନ ଦେଖେ କୌଣସି ସିଦ୍ଧାନ୍ତରେ ପହଚିଂବା ପାଇଁ ସେଥିପାଇଁ ସେ ଅକ୍ଳାନ୍ତ ପରିଶ୍ରମ କରିଥାଏ, ସେ ତାହାର ସ୍ୱପ୍ନକୁ ପୂରଣ କରିବା ପାଇଁ ଧର୍ଯ୍ୟ ସହକାରେ ବିଫଳତାର ଶିଡି ପରେ ଶିଡି ଚଢିଲେ ଯେ ସେ ଦିନେ ନା ଦିନେ ତା'ର ସ୍ୱପ୍ନର ସଫଳତା ପାଇଥାଏ, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ । କର୍ମ ସାଧନ ମାନବର ଭାଗ୍ୟକୁ ପରିବର୍ତନ କରିଥିବାର ଅନେକ ନଜର ରହିଛି, ମୁଁ ବା ସେ ପ୍ରକୃତିର ଚିରାଚରିତ ଧାରାରୁ ବାଦ୍ ବା ପଡନ୍ତି କିପରି ।

ପଥହରା ପଥିକ ସୁବାଷର ସ୍ୱପ୍ନ ସାଂସଦ (ଏମ୍.ପି.) ହେବା । ଭାରତୀୟ ଗଣତନ୍ତ୍ରରେ ଜନତା ହିଁ ମାଲିକ । ସ୍ଥାନୀୟ ସରକାର (ପଚାଂୟତିରାଜ / ନଗରପାଳିକା) ରାଜ୍ୟ ସରକାର ସର୍ବୋପରେ ଭାରତ ସରକାର । ଜାତୀୟସ୍ତରରେ ଭାରତର ପାଲ୍ୟାମେଟଂ (ସଂସଦ) । ଭାରତର ମହାମହିମ ରାଷ୍ଟ୍ରପତି, ରାଜ୍ୟସଭା, ଲୋକସଭା କୁ ନେଇ ଭାରତୀୟ ସାଂସଦ ସ୍ଥାପିତ ସହ ସାମ୍ବିଧାନିକ ବିଧି ବ୍ୟବସ୍ଥା ଅନୁଯାୟୀ କାର୍ଯ୍ୟକାରୀ ହୋଇଥାଏ ।

ଭାରତୀୟ ସଂସଦ

ରାଷ୍ଟ୍ରପତିଙ୍କ ମନୋନୀତ ସାଂସଦ | ରାଜ୍ୟସଭା ସାଂସଦ | ଲୋକସଭା ସାଂସଦ

ଭାରତର ମହାମହିମ ରାଷ୍ଟ୍ରପତି (ପ୍ରତ୍ୟେକ ରାଜ୍ୟର ବିଧାୟକ ତଥା ରାଜ୍ୟସଭା ଓ ଲୋକସଭା ସାଂସଦଙ୍କ ଦ୍ୱାରା ନିର୍ବାଚିତ) ଭାରତୀୟ ଗଣତନ୍ତ୍ରର ସର୍ବୋଚ୍ଚ ପଦବୀ ସେ ସାମ୍ବିଧାନିକ ନିୟମାନୁଯାୟୀ - ୨ ଜଣ ସଦସ୍ୟଙ୍କୁ ଲୋକସଭା (ଆଙ୍ଗୋଇଣ୍ଡିଆନ) ଓ ୧୨ ଜଣ ସଦସ୍ୟ (ସାହିତ୍ୟ, କଳା, ବିଜ୍ଞାନ, ବାଣିଜ୍ୟ, ଏ କ୍ଷେତ୍ରରେ ପାରଦର୍ଶିତା)ଙ୍କୁ ରାଜ୍ୟସଭାକୁ ମନୋନୀତ କରିଥାନ୍ତି ।

ସାଂସଦର ଉଚ୍ଚସଦନ - ଭାରତୀୟ ରାଜ୍ୟସଭା - ୨୫୦ ସଦସ୍ୟ, ୨୩୮ ସଦସ୍ୟ

ପ୍ରତି ରାଜ୍ୟର ବିଧାୟକଙ୍କ ଦ୍ୱାରା ନିର୍ବାଚିତ ହୋଇଥାନ୍ତି । ଆମ ରାଜ୍ୟ ଓଡ଼ିଶାରେ ୧ ୦ ଜଣ ରାଜ୍ୟସଭା ସାଂସଦ ରହିଛନ୍ତି ।

ଭାରତୀୟ ସାଂସଦର ନିମ୍ନସଦନ - ଭାରତୀୟ ଲୋକସଭା - ୫୪୩ ଜଣ ସଦସ୍ୟ ସାଂସଦ । ୧୮ ବର୍ଷରୁ ଉର୍ଦ୍ଧ୍ୱ ଭାରତୀୟ ନାଗରିକଙ୍କ ଦ୍ୱାରା ପ୍ରତ୍ୟେକ ଭାବରେ ନିର୍ବାଚନରେ ବିଜୟୀ ହୁଅନ୍ତି । ଲୋକସଭାର ସଂଖ୍ୟା ଗରିଷ୍ଠ ଦଳର ନେତାଙ୍କୁ ରାଷ୍ଟ୍ରପତି ପ୍ରଧାନମନ୍ତ୍ରୀ ଭାବରେ ନିଯୁକ୍ତି ଦିଅନ୍ତି ଓ କେନ୍ଦ୍ରମନ୍ତ୍ରୀ ପରିଷଦ ରହିଥାଏ । ଓଡ଼ିଶାରୁ ୨୧ ଜଣ ଲୋକସଭା ସାଂସଦ ନିର୍ବାଚିତ ହୋଇଥାନ୍ତି ।

ପଥହରା ପଥିକ - କାହିଁକି ସାଂସଦର ସ୍ୱପ୍ନ ଦେଖେ - ଏସିଆ ମହାଦେଶର ସର୍ବବୃହତ ଗାଁ ଭୁବନ । ୧୯୭୨ ମସିହାର ସହରର ମାନ୍ୟତାପ୍ରାପ୍ତ (ଏନ୍.ଏ.ସି.) - ଭାରତୀୟ ମୁକ୍ତି ସଂଗ୍ରାମର କିଶୋର ଶହୀଦ୍ ବାଜିରାଉତଙ୍କ ଜନ୍ମମାଟି ଭୁବନ, ଭୁବନର ଐତିହାସିକ ଦଶହରା ବଳଦଯାତ୍ରା ଭାରତୀୟ ସଂସ୍କୃତିର ଝଲକ, କଂସା ପିତଳ ବାସନ ଓ କାଠଶିଳ୍ପୀରେ ସ୍ୱତନ୍ତ୍ର ନାମ ଆମ ଭୁବନ ।

ଏଠିକାର ଅଧିକାଂଶ ଜନତା - କାପୁଡିଆ ପାଟକର ସେହି ପାଟକରେ ସ୍ୱାଧିନତା ପୂର୍ବବର୍ତୀ ମୋ ବାପା ରାମଚନ୍ଦ୍ର ନାୟକଙ୍କ ଜନ୍ମ, ଜେଜେବାପା ଜଣେ ବ୍ୟବସାୟୀ, ବାପାଙ୍କୁ ପାଚଂ ବରଷ ହୋଇଥିବା ବେଳେ ମୋ ଜେଜେବାପା ମରି ଯାଇଥିଲେ । ପିତୃହରା ରାମଚନ୍ଦ୍ର ବହୁତ ଦୁଃଖକଷ୍ଟରେ ୫ ପ୍ରାଣୀ ମଣିଷ ସହ ମା' ଭୂତିଦେବୀ ଙ୍କ ଗ୍ରହଣରେ ସମୟ କାଟିଥିଲେ ।

ପରବର୍ତୀ ସମୟରେ କାଠକାମକୁ ନିଜ ବୃତି ଭାବରେ ଗ୍ରହଣ କରି ଦୀର୍ଘ ଛଅ ଦଶନ୍ଧୀର ଜଣେ କାଠଶିଳ୍ପୀ ଭାବରେ ରାଜ୍ୟ ତଥା ଜାତୀୟସ୍ତରରେ ସୁନାମ ଅର୍ଜନ କରିପାରିଛନ୍ତି । ଅନେକ ଯୁବଶିଳ୍ପୀଙ୍କୁ ମଧ୍ୟ ସରକାରଙ୍କ ତରଫରୁ ଇନ୍ଷ୍ଟ୍ରଟର ଭାବରେ ତାଲିମ୍ ପ୍ରଦାନ କରିଛନ୍ତି । ଭୁବନ କାରିଗର ବହୁମୁଖୀ ଶିଳ୍ପ ସମବାୟ ସମିତିର ସଭାପତି ରହିବା ସହ ଅନେକ ଅନୁଷ୍ଠାନରୁ ସମ୍ମାନୀତ ୧୪ତମ ଢେଙ୍କାନାଳ ଜିଲ୍ଲା ସଂସ୍କୃତି ପରିଷଦ (ସଂସ୍କୃତି ବିଭାଗ ଓଡ଼ିଶା ସରକାର)ର ଢେଙ୍କାନାଳ ମହୋତ୍ସବ - ୨୦୧୨ରେ ମହିମା

ହସ୍ତକଳା ସମ୍ମାନ - ଓଡିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଙ୍କଠାରୁ ଗ୍ରହଣ କରିଛନ୍ତି । ପରବର୍ତ୍ତୀ ସମୟରେ ରାଜ୍ୟ ହସ୍ତଶିଳ୍ପ ପରସ୍କାର ଦରଖାସ୍ତକାରୀ ଥିଲେ ମଧ୍ଯ ପୁରସ୍କାର ପାଇପାରି ନଥିଲେ । ଭାରତ ସରକାରଙ୍କ ଲଳିତ କଳା ଏକାଡେମୀର ୫୮ତମ ଜାତୀୟ କଳା ପ୍ରଦର୍ଶନୀ ପାଇଁ (ବିଜୁ ପଟ୍ଟନାୟକ କାଠ ଖୋଦେଇ ପ୍ରତିମୂର୍ତ୍ତିର ଫଟୋ କପି) ଜଣେ ଶିଳ୍ପୀ ଭାବରେ - ଏଟ୍ରିଂ ନମ୍ବର ୧୭୬୪/ ୧୫/୦୫/୨୦୧୭ରେ ରେଜିଷ୍ଟ୍ରେସନ୍‌ପ୍ରାପ୍ତ

ପରବର୍ତ୍ତୀ ସମୟରେ ମୋ ବାପା ରାମଚନ୍ଦ୍ର ଚିନ୍ତା କରିଥିଲେ ଜନସେବାରେ ମନଦେବା ପାଇଁ ସେଥିପାଇଁ ସେ ଭାରତୀୟ ଜନତା ପାର୍ଟି (ବିଜେପି)ରେ ଯୋଗଦାନ କରି ନିଜର ରାଜନୈତିକ ଜୀବନ ଆରମ୍ଭ କରିଥିଲେ । ୧୯୮୦ ମସିହାରେ ବିଜେପି ପ୍ରତିଷ୍ଠା - ଅଟଳ ବିହାରୀ ବାଜ୍‌ପେୟୀ ସଭାପତି ତଥା ଲାଲକୃଷ୍ଣ ଆଡଭାନୀ ସାଧାରଣ ସଂପାଦକ ଭାବରେ ଦଳ ପ୍ରତିଷ୍ଠା କରିଥିଲେ । ୧୯୮୨ ମସିହାରେ କାମାକ୍ଷାନଗର ର ପୂର୍ବତନ ବିଧାୟକ ପ୍ରସନ୍ନ ପଟ୍ଟନାୟକ ଙ୍କ ନେତୃତ୍ୱରେ - ମୋ ବାପା ରାମଚନ୍ଦ୍ର, ବାଉରୀବନ୍ଧୁ ପୃଷ୍ଟି, ସନାତନ ପାତ୍ର ପ୍ରମୁଖ କାର୍ଯ୍ୟ କରିଥିଲେ - ଭୁବନ ବସ୍‌ଷ୍ଟାଣ୍ଡ ଠାରେ ୧୯୮୨ ମସିହାରେ ମୋ ବାପାଙ୍କ ସଭାପତିତ୍ୱରେ ଲାଲକୃଷ୍ଣ ଆଡଭାନୀ ମୁଖ୍ୟ ଅତିଥି - କେନ୍ଦ୍ରିୟ ନେତା ବଂଶୀଲାଲ ସୋନୀ, ପ୍ରସନ୍ନ ପଟ୍ଟନାୟକ ମଚାଂସୀନ ହୋଇ ଜନସଭା କରିଥିଲେ । ପରବର୍ତ୍ତୀ ସମୟରେ ବିଜେପିର ପ୍ରଥମ ରାଜ୍ୟ ସଭାପତି ବିଶ୍ୱଭୂଷଣ ହରିଶ୍ଚନ୍ଦନଙ୍କ ସ୍ୱାକ୍ଷରରେ ୭୫୦୫/ ବିଜେପି/ ୦୫/୦୭/୧୯୮୪ ମସିହାରେ ବିଜେପିର ପ୍ରାଥମିକ ସଦସ୍ୟ ହୋଇ ସାଂଗଠନିକ ନିର୍ବାଚନରେ ରହିଲେ । ବାସୁଦେବ ବେହେରା ସଭାପତି ଓ ମୋ ବାପା ଉପସଭାପତି ଭୁବନ ବିଜେପି ମଣ୍ଡଳର କାର୍ଯ୍ୟ କଲେ - ୧୯୮୪ ମସିହାରେ ଏକ ରାଜନୈତିକ ଆକ୍ରୋଶ ଭାବରେ ୨୧ ଦିନ କାଳ ଜେଲଯାଇ - ୧୯୮୫ ମସିହାରେ ଓଡିଶାର ପ୍ରଥମ ବିଜେପି ବିଧାୟକ କାମାକ୍ଷାନଗର - ପ୍ରସନ୍ନ ପଟ୍ଟନାୟକ ଙ୍କୁ ବିଜୟୀ କରାଇବାରେ ପ୍ରମୁଖ ସାରଥି ସାଜିଥିଲେ, ପରବର୍ତ୍ତୀ ସମୟରେ ପ୍ରଥମ ବିଜେପି ବିଧାୟକ ତଥା ରାଜ୍ୟ ସାଧାରଣ ସଂପାଦକ ତାଙ୍କ ସରକାରୀ ବିଧାୟକ ପତ୍ରରେ ୨୩/୧୧/୧୯୮୫ରେ ମୋ ବାପା ରାମଚନ୍ଦ୍ର (ବିଜେପି ଉପସଭାପତି)ଙ୍କୁ ଦଳୀୟ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଅନୁରୋଧ କରିଥିଲେ । ପରବର୍ତ୍ତୀ

ସମୟରେ ମୋ ବାପା - ଭୁବନ ଏନ୍.ଏ.ସି. ବିଜେପି ମଣ୍ଡଳର ୩ ଥର ସଭାପତି ଭାବରେ କାର୍ଯ୍ୟ କରିଥିଲେ ।

ସେ ୧୯୮୪ ଭୁବନ ଏନ୍.ଏ.ସି. ନିର୍ବାଚନରେ ୭ ନମ୍ବର ୱାର୍ଡରୁ ପ୍ରାର୍ଥୀ ହୋଇଥିଲେ ମାତ୍ର ତାଙ୍କ ପ୍ରାର୍ଥୀତ୍ୱକୁ ସରକାରୀ ସ୍ତରରେ ନାକଚ କରି ଦିଆଯାଇଥିଲା । ୧୯୯୨ ମସିହା ଭୁବନ ଏନ୍.ଏ.ସି. ନିର୍ବାଚନରେ ସେ ଥାଆନ୍ତି ଭୁବନ ସଭାପତି - ନିଜେ ପ୍ରତ୍ୟକ୍ଷ ଭାବରେ ଚେୟାରମ୍ୟାନ (ନଗରପାଳ) ପ୍ରାର୍ଥୀ ନହୋଇ ଭୁବନର ପ୍ରଥମ ନଗରପାଳ ହରିହର ମିଶ୍ରଙ୍କୁ ଚେୟାରମ୍ୟାନ ପ୍ରାର୍ଥୀ ଓ ୬ ଜଣ କାଉନ୍ସିଲର ପ୍ରାର୍ଥୀ ଥିଲେ ତତ୍କାଳିନ ବିଜେପି ରାଜ୍ୟ ସଭାପତି ଡାକ୍ତର ଦେବେନ୍ଦ୍ର ପ୍ରଧାନଙ୍କର ସ୍ୱାକ୍ଷରରେ ଟିକେଟ୍ ଆସିଥିଲେ, ସେ ସମୟରେ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ଙ୍କ ଜନତା ଦଳ ପ୍ରାର୍ଥୀମାନେ ଚେୟାରମ୍ୟାନ ଓ କାଉନ୍ସିଲର ବିଜୟୀ ହୋଇଥିଲେ ।

ପରବର୍ତ୍ତୀ ସମୟରେ ଢେଙ୍କାନାଳ ଜିଲ୍ଲା ବିଜେପିର ୨ ଥର ଜିଲ୍ଲା ଉପସଭାପତି ଭାବରେ କାର୍ଯ୍ୟ କରିଥିଲେ । ଜିଲ୍ଲା ସଭାପତି ଭାବରେ ରୁଦ୍ର ନାରାୟଣ ପାଣି କାମ କରୁଥିଲେ ।

୧୯୮୫, ୧୯୯୦, ୧୯୯୫, ୧୯୯୭ (ଉପନିର୍ବାଚନ), ୨୦୦୦, ୨୦୦୪, ୨୦୦୯ ମସିହାର ବିଧାନସଭା ନିର୍ବାଚନରେ ମୋ ବାପା ସକ୍ରିୟ ଭୂମିକା ନେଇଥିଲେ - ୨୦୦୦ ମସିହାରେ ବିଜେଡି + ବିଜେପି ମେଟଂରେ କାମାକ୍ଷାନଗର ବିଧାୟକ (ବିଜେଡି)ର ବ୍ରହ୍ମାନନ୍ଦ ବିଶ୍ୱାଳ ହୋଇଥିଲେ । ୨୦୦୪ ଓ ୨୦୦୯ରେ ବିଜେଡିର ପ୍ରଫୁଲ୍ଲ ମଲ୍ଲିକ ବିଧାୟକ ହୋଇଥିଲେ ।

୧୯୯୮ ମସିହାରେ ବିଜେଡିର ଢେଙ୍କାନାଳ ଲୋକସଭା ସାଂସଦ ତଥାଗତ ଶତପଥିଙ୍କର ନୋମିନୀ ଭାବରେ ମୋ ବାପା ଭୁବନର ବାଜିରାଉତ ମେମୋରିଆଲ କଲେଜର ଗଭର୍ନିଙ୍ଗ ବଡି ସଭ୍ୟ ଭାବରେ କାର୍ଯ୍ୟ କରିଥିଲେ ।

ପରବର୍ତ୍ତୀ ସମୟରେ ବିଜେପିର ରାଜ୍ୟସଭା ସାଂସଦ ରୁଦ୍ର ନାରାୟଣ ପାଣିଙ୍କର

ନୋମିନୀ ଭାବରେ ଭୁବନ ଏନ୍.ଏ.ସି.ର କାର୍ଯ୍ୟ କରିଥିଲେ ଏମ୍.ପି.ଙ୍କ ପତ୍ର ସଂଖ୍ୟା - 1335/04/63(E)/BJP/Odisha/01.10.2004 ରିଖନୁଯାୟୀ ପରବର୍ତ୍ତୀ ସମୟରେ ପାର୍ଟିର ବରିଷ୍ଠ ନେତାଙ୍କ ଚାପରେ ସେ ନୋମିନୀରୁ ଇସ୍ତଫା ଦେଇଥିଲେ ।

ଦୀର୍ଘ ୨୭ ବର୍ଷଧରି ବିଜେପିରେ କାର୍ଯ୍ୟକରି ସେ ବିଜେପି ରାଜ୍ୟ ପରିଷଦ / ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପାଇଁ ଇଚ୍ଛାପ୍ରକାଶ କରିଥିଲେ, ତାଙ୍କର ଏକ ପତ୍ରକୁ ଆଧାର କରି - ବିଜେପିର ରାଷ୍ଟ୍ରୀୟ ସଭାପତି ରାଜନାଥ ସିଂହଙ୍କ ପତ୍ର ସଂଖ୍ୟା - 175/BJP/P/07/01.08.2007 ରିଖରେ ସ୍ୱ ସ୍ୱାକ୍ଷରରେ - କେନ୍ଦ୍ରୀୟ ପ୍ରହାରୀ ବିନୟ କଟିଆର ଙ୍କୁ ଦେଇଥିଲେ କାର୍ଯ୍ୟାନୁଷ୍ଠାନ ପାଇଁ ମାତ୍ର ସେ ସମୟର ରାଜ୍ୟ ସଭାପତି ସୁରେଶ ପୂଜାରୀ ଏହାକୁ କରାଇ ଦେଇନଥିଲେ ।

ବାପାଙ୍କର ରାଜନୈତିକ ସାଥିରେ ମୁଁ କିଛିକିଛି ଜଡିତ ଥିଲି । ନଗରପାଳିକା, ବିଧାୟକ ଓ ସାଂସଦ ନିର୍ବାଚନରେ ମୁଁ ସକ୍ରିୟ ଭୂମିକା ଗ୍ରହଣ କରିଥିଲି । ବିଜେପି ଯୁବମୋର୍ଚ୍ଚାର ରାଜ୍ୟ ବିଧାନସଭା ଘେରାଉ ତଥା ବିଜେପି ରାଷ୍ଟ୍ରୀୟ ଯୁବମୋର୍ଚ୍ଚା ସଭାପତି - ଧର୍ମେନ୍ଦ୍ର ପ୍ରଧାନଙ୍କର ନେତୃତ୍ୱରେ ଭାରତୀୟ ପାଲ୍ୟାମେଟଂ ଘେରାଉ (ନୂଆଦିଲ୍ଲୀ) କାର୍ଯ୍ୟକ୍ରମରେ ମୁଁ ସକ୍ରିୟ ରହିଥିଲି । ନୂଆଦିଲ୍ଲୀରେ ମୁଁ ବିଜେପିର ରାଷ୍ଟ୍ରୀୟ ସଭାପତି ରାଜନାଥ ସିଂହଙ୍କୁ ସାକ୍ଷାତ କରି ତାଙ୍କର ଚିଠି (ମୋ ବାପାଙ୍କ ରାଜନୈତିକ ପାଇଁ) ସହ ଆଲୋଚନା କରିଥିଲି ମାତ୍ର ୧ ବର୍ଷ ବିତିଗଲା ପରେ ବିଜେପି ଦଳ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାରୁ ମୋ ବାପା ରାମଚନ୍ଦ୍ର - ୦୮/୦୯/୨୦୦୮ରେ ବିଜେପିରୁ ଇସ୍ତଫା ଦେଇ ବିଜୁ ଜନତା ଦଳ (ବିଜେଡି)ର ପ୍ରାଥମିକ ସଦସ୍ୟ ସଂଖ୍ୟା - 635602/BJD/Odisha/11.09.2008ରେ ରାଜ୍ୟ ପରିଷଦ ସଭ୍ୟ ମାୟାଧର ପଣ୍ଡାଙ୍କ ସ୍ୱାକ୍ଷରରେ ତଥା ରାଜ୍ୟର ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର ଓ କାମାକ୍ଷାନଗର ବିଧାୟକ ପ୍ରଫୁଲ୍ଲ ମଲ୍ଲିକ୍ ଙ୍କ ଉପସ୍ଥିତିରେ ଏକ ଜନସଭାରେ ବିଜେଡିରେ ଯୋଗ ଦେଇଥିଲେ ।

ମୋ ବାପା ୨୬ ବର୍ଷ ଧରି ବିଜେପିରେ ରହି ଦଳର କାମ କରିଥିଲେ, ଦଳର

ସର୍ବୋଚ୍ଚ ନେତା ରାଷ୍ଟ୍ରୀୟ ସଭାପତି ରାଜନାଥ ସିଂହଙ୍କର ନିର୍ଦ୍ଦେଶନାମାକୁ ଓଡିଶା ରାଜ୍ୟ ବିଜେପି ଶାଖାର ନେତାମାନେ ଗୁରୁତ୍ୱ ଦେଲେ ନାହିଁ । ସେ ଦଳରୁ ଇସ୍ତଫା ଦେଇ ଜନସାଧାରଣ ସହିତ ରହିବା ପାଇଁ ଏକ ରାଜନୈତିକ ଦଳ ବିଜେଡିରେ ଯୋଗ ଦେଇଥିଲେ, ଏହା ପରେ ମୋ ସାନଭାଇ ଶିକ୍ଷକ ମାନସ ନାୟକ - ମୋ ବାପାଙ୍କ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବାପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଙ୍କ ଲେଖକୀୟ କୃତି ଉପରେ ଗବେଷଣା (ପିଏଚ୍.ଡି.) କରିବାକୁ - ଡିସେମ୍ବର ୨୦୦୮ରେ ମାନସିକ ସ୍ତରରେ ଯୋଜନା ଆରମ୍ଭ କରି ଦେଇଥିଲା ଓ ଉତର ଓଡିଶା ବିଶ୍ୱବିଦ୍ୟାଳୟରେ ଦରଖାସ୍ତ କରିଥିଲା । ବହୁତ ବାଧାବିଘ୍ନ ସତ୍ତ୍ୱେ ତା'ର ଗବେଷଣା ରେଜିଷ୍ଟ୍ରେସନ୍ ହେଲା - Ph.D/32/12/dt. 14.05.2012 ରିଖରେ ସେହି ଦିନଠାରୁ ସେ ଗବେଷକର ମାନ୍ୟତା ପାଇଲା

ମୋ ବାପାଙ୍କ ପରାମର୍ଶ କ୍ରମେ ମୁଁ ଏକ ପୁସ୍ତକ - ବିଜୁ ଜନତା ଦଳ - ଓଡିଶା ଜନମାନସର ସେବକ (ଏକ ରାଜନୈତିକ ସମୀକ୍ଷା ସାହିତ୍ୟ) ରଚନା କରିବାରେ ଲାଗିଲି । ବିଜୁ ପଟ୍ଟନାୟକ ଙ୍କ ଜୀବନୀ, ବିଜେଡି - ନବୀନ ପଟ୍ଟନାୟକ ଙ୍କ ନେତୃତ୍ୱ ବିଷୟରେ ବିଷାଦ ଭାବରେ ପୁସ୍ତକଟି ସ୍ଥାନ ପାଇଲା ।

କାମାକ୍ଷାନଗର ବିଧାୟକ ପ୍ରଫୁଲ୍ଲ ମଲ୍ଲିକ୍ ଓ ମୋ ବାପା ମିଳିତ ଭାବରେ କାର୍ଯ୍ୟକରି ଚାଲିଲେ (ନିର୍ବାଚନରେ ବୁଲିବା, ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ କରିବା ନିର୍ବାଚନ ପ୍ରଚାରରେ, ଦଳୀୟ ସଂଗଠନ) ।

ପରବର୍ତ୍ତୀ ସମୟରେ ବାପାଙ୍କର ଦୀର୍ଘ ଦିନର ରାଜନୈତିକ ଅଭିଜ୍ଞତା ତଥା ସାନଭାଇ ମାନସର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଙ୍କ ସାରସ୍ୱତ କୃତିରେ ଡକ୍ଟରେଟ୍ ଗବେଷଣା ସର୍ବୋପରି ମୋର ବିଜେଡି ପୁସ୍ତକ ଲେଖାକୁ ଆଧାରକରି ମୋ ବାପା ମୁଖ୍ୟମନ୍ତ୍ରୀଙ୍କୁ ଦରଖାସ୍ତ କରିଥିଲେ - Chairman - Dhenkanal Regional Improvement Trust (DRIT) ପଦବୀ ପାଇଁ ଓଡିଶା ସରକାରଙ୍କ ନଗର ଉନ୍ନୟନ ବିଭାଗ ପତ୍ର ସଂଖ୍ୟା - 32936/HUD/TPD/139/12/dated - 01.12.2012 ଅନୁଯାୟୀ ମୋ ବାପା ରାମଚନ୍ଦ୍ର ନାୟକ ଙ୍କ ନାମ ଏକମାତ୍ର ଏହି

ପଦବୀ ପାଇଁ ସରକାରଙ୍କ ବିଚାରଧିନ ଥିଲା । ମୁଖ୍ୟମନ୍ତ୍ରୀ ଅନୁମୋଦନ ପାଇଁ Resubmit ପାଇଁ ଅନୁମତି ଦେଇଥିଲେ ମାତ୍ର କାମାକ୍ଷାନଗର ବିଧାୟକ ପ୍ରଫୁଲ୍ଲ ମଲ୍ଲିକ୍ ଏହାକୁ ସରକାରୀ ସ୍ତରରେ ବିରୋଧି କରି (ନିଜର ପ୍ରତିଦ୍ୱନ୍ଦୀ ନ ବାହାର କରିବାପାଇଁ) ସଫଳ ହୋଇଥିଲେ, ସେଥିରେ ତାଙ୍କ ସେହି ସମୟର ବିଜେଡିର ପ୍ରଭାବଶାଳୀ ସାଂସଦ ପ୍ୟାରୀମୋହନ ମହାପାତ୍ରଙ୍କର ସମର୍ଥନ ଥିଲା । ପରିଶେଷରେ ସରକାରଙ୍କ ପତ୍ର ସଂଖ୍ୟା - 8781/HUD/28/02/2013 ରିଖନୁଯାୟୀ ମୋ ବାପାଙ୍କର Chairman DRIT କୁ Turndown କରି Collector, Dhenkanal ଙ୍କୁ DRIT Chairman ଦାୟିତ୍ୱ ଅର୍ପଣ କରାଯାଇଥିଲା ।

ସେହିଦିନ ଠାରୁ କାମାକ୍ଷାନଗର ବିଧାୟକ ପ୍ରଫୁଲ୍ଲ ମଲ୍ଲିକ୍ ମୋ ବାପାଙ୍କୁ ଦଳରେ ଆଦୌ ଗୁରୁତ୍ୱ ଦେଲେନାହିଁ । ପରବର୍ତୀ ସମୟରେ ମୋ ବାପା ତାଙ୍କ ଦଳର ବିଜୁ ପଟ୍ଟନାୟକ ଙ୍କୁ ମରୋଣତୋର "ଭାରତରତ୍ନ" ପାଇଁ - ପ୍ରଧାନମନ୍ତ୍ରୀ ଡକ୍ଟର ମନମୋହନ ସିଂହଙ୍କୁ ପତ୍ର ଦେଲେ, ସେହି ଚିଠିରେ ମହାମହିମ ଓଡିଶା ରାଜ୍ୟପାଳ ତାଙ୍କ ପତ୍ର ସଂଖ୍ୟା - 8090/SG/19.12.2013 ରିଖରେ ପ୍ରଧାନମନ୍ତ୍ରୀଙ୍କ OSD ଙ୍କୁ ପତ୍ର ସୁପାରିଶ କରିଥିଲେ ମାତ୍ର ତତ୍କାଳୀନ କେନ୍ଦ୍ର କଂଗ୍ରେସ ସରକାର ଏହାକୁ ଗ୍ରହଣ କରିନଥିଲେ ।

ପରବର୍ତୀ ପର୍ଯ୍ୟାୟରେ ଭୁବନର ବାଜିରାଉତ କଲେଜରେ ବିଭିନ୍ନ ବିଭାଗର ଅଧ୍ୟାପକ (ମ୍ୟାନେଜମେଟଂ ପୋଷ୍ଟିଙ୍ଗ୍) ପାଇଁ ପ୍ରିନିସ୍‌ପାଲ୍‌ଙ୍କ ପତ୍ର ସଂଖ୍ୟା - ୫୩୫/୧୩/୨୦.୧୨.୨୦୧୩ରେ ବିଜ୍ଞାପନ ପ୍ରକାଶ ପାଇଥିଲା । ମୁଁ ଓଡିଆ ସାହିତ୍ୟର ଅଧ୍ୟାପକ ପାଇଁ ସାକ୍ଷାତକାର ଦେଇଥିଲି ମାତ୍ର କାମାକ୍ଷାନଗର ବିଧାୟକ ପ୍ରଫୁଲ୍ଲ ମଲ୍ଲିକ୍ ଯେକି କଲେଜ ଗଭର୍ନିଙ୍ଗ ବଡିର ସଭାପତି । ମୋ ବାପାଙ୍କ ରାଜନୈତିକ ପ୍ରତିଦ୍ୱନ୍ଦୀ ଭାବରେ ମୋତେ ନିଯୁକ୍ତି ଦେଲେନାହିଁ । ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୋର ଅନୁରୋଧ ପତ୍ରକୁ ସୁପାରିଶ କରିଥିଲେ । ତାଙ୍କ ପତ୍ର ସଂଖ୍ୟା - 3684/CM(1)/20/06/2014ରେ ଉଚ୍ଚଶିକ୍ଷା ବିଭାଗର ଶାସନ ସଚିବଙ୍କୁ । ଉଚ୍ଚଶିକ୍ଷା ସଚିବ କାମାକ୍ଷାନଗର ବିଧାୟକଙ୍କୁ ସୁପାରିଶ କରିଥିଲେ ମାତ୍ର ବିଧାୟକ - ଏଥିରୁ ମୋତେ ବାଦ୍‌ଦେଇ ନିଯୁକ୍ତି ଦେଇଥିଲେ ।

ପରବର୍ତ୍ତୀ ସମୟରେ ମୋର ଦରଖାସ୍ତଟିକୁ ବିଚାରକରି ଓଡିଶାର ମହାମହିମ ରାଜ୍ୟପାଳଙ୍କ ପତ୍ର ସଂଖ୍ୟା - 5402/SG/(Ptn)/17/11/2014 ରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବ୍ୟକ୍ତିଗତ ସଚିବ ଭି.କେ. ପାଣ୍ଡିଆନଙ୍କୁ କାର୍ଯ୍ୟାନୁଷ୍ଠାନ ପାଇଁ ଲେଖିଥିଲେ ମାତ୍ର ସେହି ସମୟରେ କାମାକ୍ଷାନଗର ବିଧାୟକ ପ୍ରଫୁଲ୍ଲ ମଲ୍ଲିକ୍ ୩ ଥର ବିଧାୟକ ନିର୍ବାଚିତ ହୋଇ (୨୦୧୪)ରେ ଓଡିଶାର ମନ୍ତ୍ରୀ ହୋଇଥିଲେ, ସେ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବଙ୍କୁ ଧରି ଚାପି ଦେଇଥିଲେ । ଶେଷରେ ମୁଁ ଏକ ଘରୋଇ କଲେଜରେ ସ୍ଥାୟୀ ଅଧ୍ୟାପକ ଚାକିରୀ ପାଇଲି ।

୨୦୧୪ ବିଧାନସଭା ନିର୍ବାଚନର ଅବ୍ୟବହିତ ପୂର୍ବରୁ ବିଜେଡିର ପ୍ରତିଷ୍ଠା ଦିବସରେ ମୋର ବିଜେଡି ପୁସ୍ତକଟିକୁ (ରାଜ୍ୟ କାର୍ଯ୍ୟାଳୟ - ଭୁବନେଶ୍ୱରରେ) - ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉନ୍ମୋଚନ କରିଲେ ଓ ସେଥିରେ ନିଜର ସ୍ୱାକ୍ଷର ପ୍ରଦାନ କରିଲେ ।

ମୋର ବାପା ରାମଚନ୍ଦ୍ର - ୨୦୧୪ ବିଧାନସଭା ନିର୍ବାଚନରେ କାମାକ୍ଷାନଗର ବିଧାୟକ ଆସନ ପାଇଁ ବିଜେଡିରେ ପ୍ରାର୍ଥୀ ପାଇଁ ଆବେଦନ କରିଲେ ଓ ସାନଭାଇ ମାନସ (ମୁଖ୍ୟମନ୍ତ୍ରୀ ଲେଖକୀୟ ଗବେଷକ) ଓ ମୋ ସହିତ ମୋ ବାପା ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିଲେ, ମୁଖ୍ୟମନ୍ତ୍ରୀ ମଧ୍ୟ ପ୍ରାର୍ଥୀ ପାଇଁ ଆଶ୍ୱାସନା ଦେଇଥିଲେ ମାତ୍ର ୨ ଥର ବିଜେଡି ବିଧାୟକ ପ୍ରଫୁଲ୍ଲ ମଲ୍ଲିକ୍ ଙ୍କ ସମର୍ଥନରେ ସମସ୍ତ ଜିଲ୍ଲା ପରିଷଦ ସଭ୍ୟ, ବ୍ଲକ୍ ଚେୟାରମ୍ୟାନ, ଏନ୍.ଏ.ସି. ଚେୟାରମ୍ୟାନ ଦଳୀୟ ଓ ସରକାରୀ ପଦବୀରୁ ଇସ୍ତଫା ଦେବାକୁ ବିଜେଡି ସଭାପତିଙ୍କୁ ସାକ୍ଷାତରେ କହିଲେ, ପରିଶେଷରେ ପ୍ରଫୁଲ୍ଲ ମଲ୍ଲିକ୍ ପ୍ରାର୍ଥୀ ହୋଇ ଲଗାତର ୩ ଥର ବିଧାୟକ ଭାବରେ ପ୍ରଥମ ଥର ମନ୍ତ୍ରୀ ହେଲେ ।

୨୦୧୪ରେ କେନ୍ଦ୍ରରେ କଂଗ୍ରେସ ସରକାରର ଗଠନ ପରେ ବିଜେପି ସରକାରରେ ନରେନ୍ଦ୍ର ମୋଦି ପ୍ରଧାନମନ୍ତ୍ରୀ ହେଲେ । ମୋ ବାପା ରାମଚନ୍ଦ୍ର ନାୟକ ପୁନଶ୍ଚ ବିଜୁ ପଟ୍ଟନାୟକ ଙ୍କୁ ଭାରତରତ୍ନ ପାଇଁ ପ୍ରଧାନମନ୍ତ୍ରୀଙ୍କୁ ପତ୍ର ଲେଖିଲେ, ଏହା ପ୍ରଧାନମନ୍ତ୍ରୀଙ୍କ ପତ୍ର ସଂଖ୍ୟା - 7300/PMO/07/09/2016 ପତ୍ରରୁ ସ୍ପଷ୍ଟ ଭାବରେ ଉଲ୍ଲେଖିତ ଅଟେ ।

କେନ୍ଦ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡିଆ ପୁଅ - ଆଇ.ଏ.ଏସ୍. - ଡକ୍ଟର

ପ୍ରମୋଦ କୁମାର ମିଶ୍ର ପ୍ରଧାନମନ୍ତ୍ରୀଙ୍କ ଅତିରିକ୍ତ ପ୍ରମୁଖ ସଚିବ ନିଯୁକ୍ତି ପାଇଲେ, ସେ ଜଣେ ଲେଖକ । ମୋ ବାପାଙ୍କ ଶିଳ୍ପୀ ପେନ୍‌ସନ୍ ପାଇଁ ସେ ସଂସ୍କୃତି ମନ୍ତ୍ରଣାଳୟକୁ ସୁପାରିଶ ସହ ମୋତେ ତାଙ୍କ ପତ୍ର ସଂଖ୍ୟା - 07/07/2014ରେ ଅବଗତି କରାଇଲେ, ସେହି ଦିନଠାରୁ ଡକ୍ଟର ପି.କେ. ମିଶ୍ରଙ୍କ ସହିତ ମୋର ଏକ ଉତମ ସମ୍ପର୍କ ମାତ୍ର ରାଜନୈତିକ ଚାପରେ ଅଦ୍ୟାବଧି ମୋ ବାପା ଶିଳ୍ପୀ ପେନ୍‌ସନ୍ ପାଇ ପାରିଲେ ନାହିଁ ।

ପୁନର୍ବାର ବିଜେଡି ପୁସ୍ତକର ଲେଖକ ଡକ୍ଟର ସୁବାଷ ନାୟକ ବିଜୁ ପଟ୍ଟନାୟକଙ୍କୁ ଭାରତରତ୍ନ ପାଇଁ ମହାମହିମ ରାଷ୍ଟ୍ରପତିଙ୍କୁ ପତ୍ର ଲେଖିଲା, ରାଷ୍ଟ୍ରପତିଙ୍କ ସୁପାରିଶକୁ ଅଧାରକରି ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟ ସରକାରୀ ପତ୍ର ସଂଖ୍ୟା - 21/2016/dt. 27/12/2016 ରିଖରେ ସୁପାରିଶ କରିଥିଲେ ବିଜୁ ପଟ୍ଟନାୟକ ଙ୍କୁ ଭାରତରତ୍ନ ପାଇଁ ପ୍ରଧାନମନ୍ତ୍ରୀଙ୍କୁ । ଏହାଥିଲା ସର୍ବପ୍ରଥମ ସରକାରୀ ସ୍ତରୀୟ ସୁପାରିଶ ପତ୍ର ।

ପୁନର୍ବାର ପଥହରା ପଥିକ ସୁବାଷ ଭାରତର ଜନପ୍ରିୟ ନେତା - ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭାରତର ସର୍ବୋଚ୍ଚ ସମ୍ମାନ "ଭାରତରତ୍ନ" ପ୍ରଦାନପାଇଁ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କୁ ପତ୍ର ପ୍ରେରଣକଲା । ଏହାକୁ ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟ ପତ୍ର ସଂଖ୍ୟା - 1/14/17/ dt. 10.07.2017ରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ସୁପାରିଶ କଲେ । ଏହାଥିଲା ସର୍ବପ୍ରଥମ ସରକାରୀ ସ୍ତରୀୟ ସୁପାରିଶ ପତ୍ର ।

ପରବର୍ତୀ ପର୍ଯ୍ୟାୟରେ ଗୁଜୁରାଟୀ ସାହିତ୍ୟର ସାହିତ୍ୟିକ ନରେନ୍ଦ୍ର ମୋଦିଙ୍କୁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ - ଓଡିଶାରୁ ସମ୍ମାନସୂଚକ ଡି.ଲିଟ୍. (ଡକ୍ଟରେଟ୍) ଉପାଧି ପାଇଁ ମୋର ପତ୍ରକୁ ମହାମହିମ ରାଷ୍ଟ୍ରପତି ପତ୍ର ସଂଖ୍ୟା - 9/8/2017ରେ ପ୍ରଧାନମନ୍ତ୍ରୀଙ୍କ OSDଙ୍କୁ ସୁପାରିଶ ପତ୍ର ଦେଲେ ।

ପଥିକ ସୁବାଷ - ବିଜୁ ପଟ୍ଟନାୟକ ଙ୍କୁ ଭାରତରତ୍ନ ସହ ରାଷ୍ଟ୍ରପିତା ମହାତ୍ମାଗାନ୍ଧୀ ଙ୍କୁ ଭାରତୀୟ ଗେଜେଟ୍‌ରେ ରାଷ୍ଟ୍ରପିତା ମାନ୍ୟତା, ଭାରତୀୟ ମୁକ୍ତି ସଂଗ୍ରାମର ପ୍ରଥମ ଶହୀଦ୍ ଜୟୀ ରାଜଗୁରୁ (୧୮୦୬)ଙ୍କ ନେତୃତ୍ୱରେ ଓଡିଶାର ପାଇକ ବିଦ୍ରୋହକୁ ପ୍ରଥମ ସ୍ୱାଧିନତା ସଂଗ୍ରାମ ମାନ୍ୟତା ଗେଜେଟ୍ ପ୍ରକାଶ - ଭାରତୀୟ ମୁକ୍ତି ସଂଗ୍ରାମର ପ୍ରଥମ କିଶୋର ଶହୀଦ୍ ଓଡିଶାର

ବାର ବରଷର ବାଳକ ବାଜିରାଉତ (ମୋ ଜନ୍ମମାଟି ଭୁବନର)ଙ୍କୁ ସର୍ବକନିଷ୍ଠ ଶହୀଦ୍‌ର ଗେଜେଟ୍ ନୋଟିଫିକେସନ୍ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ବ୍ୟକ୍ତିଗତ ପତ୍ର ଲେଖିଅଛି, ତାହା ବର୍ତମାନ ବିଚାରାଧିନ ରହିଅଛି ।

ମହାତ୍ମାଗାନ୍ଧୀ ଭାରତୀୟ ସ୍ୱାଧିନତାର ନାୟକ - ରାଷ୍ଟ୍ରପିତା - ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତ ମିଳିତ ଜାତିସଂଘର ସ୍ଥାୟୀ ସଦସ୍ୟ ମାନ୍ୟତା ପାଇଁ ପ୍ରଧାନମନ୍ତ୍ରୀ ମୋଦିଜୀ ନୂତନ ଭାରତର ରାଷ୍ଟ୍ରପିତା ମାନ୍ୟତା ପାଆନ୍ତୁ - ଏହି ପତ୍ର ବୈଦେଶିକ ମନ୍ତ୍ରଣାଳୟ ଭାରତ ସରକାରଙ୍କ ସକ୍ରିୟ ବିଚାରାଧିନ ପତ୍ର ମାଧ୍ୟମରେ ମୁଁ ସୂଚୀତପ୍ରାପ୍ତ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କାବ୍ୟମାନସ "ଏ ଜର୍ଣ୍ଣି"କୁ ମୁଁ ଓଡିଆ ଭାଷାରେ ଅନୁବାଦକ ସହ ୧୩ ଜଣ ଭାରତୀୟ କବି / କବୟତ୍ରୀ ତଥା ୭ ଜଣ ବିଦେଶୀ କବି / କବୟତ୍ରୀଙ୍କୁ ପୁସ୍ତକ ପ୍ରଦାନ ସହ ଅନୁବାଦ କାର୍ଯ୍ୟପାଇଁ ଅନୁରୋଧ, ଯାହାକି ଭାରତୀୟ ସାହିତ୍ୟ ଓ ବିଶ୍ୱସାହିତ୍ୟର ଅମୂଲ୍ୟଗ୍ରନ୍ଥ ହୋଇ ରହିବ । ବିଶ୍ୱକବି ରବିନ୍ଦ୍ରନାଥ ଠାରୁ (୧୯୧୩)ରେ ତାଙ୍କର 'ଗୀତାଞ୍ଜଳୀ' କାବ୍ୟପାଇଁ ବିଶ୍ୱର ସର୍ବୋଚ୍ଚ ସମ୍ମାନ - ନୋବେଲ ସାହିତ୍ୟ ସମ୍ମାନ ପାଇଥିବା ଅଦ୍ୟାବଧି ଏକମାତ୍ର ଭାରତୀୟ ଆଗାମୀ ଦିନରେ - ପ୍ରଧାନମନ୍ତ୍ରୀ କବି ନରେନ୍ଦ୍ର ମୋଦିଙ୍କ "ଏ ଜର୍ଣ୍ଣି" ପୁସ୍ତକଟି ବିଶ୍ୱର ସର୍ବୋଚ୍ଚ ସମ୍ମାନ ନୋବେଲ ସାହିତ୍ୟ ସମ୍ମାନ ପାଇବ ଏଥିରେ ତିଳେମାତ୍ର ଅବକାଶ ନାହିଁ ।

ଏହି କ୍ଷେତ୍ରରେ ମୋର ଏକ ଆଲୋଚନାତ୍ମକ ପ୍ରବନ୍ଧ ସାହିତ୍ୟ - ଭାରତୀୟ ସାହିତ୍ୟର କାବ୍ୟପୁରୁଷ ନରେନ୍ଦ୍ର ମୋଦି ଓ କାଳିନ୍ଦୀଚରଣ ପାଣିଗ୍ରାହୀ ଯାହକି ମୋର ଉଚ୍ଚତର ଗବେଷଣା - ପୋଷ୍ଟ ଡକ୍ଟରାଲ / ଡକ୍ଟର ଅଫ୍ ଲିଟରେଚର (ଡି.ଲିଟ୍.) ଉତ୍କଳ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରେସନ୍ ଅପେକ୍ଷାରତ, ତା'ର ଏକ ଅନନ୍ୟ ପ୍ରତିଛବି । ଏହା ନରେନ୍ଦ୍ର ମୋଦିଙ୍କୁ ନୋବେଲ ସାହିତ୍ୟ ଦିଗର ଏକ ମାଇଲି ଖୁଟିଂ ହେବ ।

ଓଡିଶାର ମହାମହିମ ରାଜ୍ୟପାଳ ତଥା ଉତ୍କଳ ବିଶ୍ୱବିଦ୍ୟାଳୟର କୁଳାଧିପତି ପ୍ରଫେସର ଗଣେଶୀ ଲାଲ୍‌ଙ୍କୁ ରାଜଭବନରେ ସାକ୍ଷାତକରି ଡି.ଲିଟ୍. ରେଜିଷ୍ଟ୍ରେସନ୍ ପାଇଁ ଅନୁରୋଧ ପତ୍ର ପ୍ରଦାନ କରିଛି, ତାଙ୍କଠାରୁ କୌଣସି ସୁପାରିଶ ପତ୍ର ଅଦ୍ୟାବଧି ପାଇନାହିଁ

ଶାସକ ଦଳର କେନ୍ଦ୍ରମନ୍ତ୍ରୀ ଏ ଦିଗରେ ପ୍ରତିବନ୍ଧକ ସାଜିଥିବାର ଆଶା, ମୋର ରେଜିଷ୍ଟ୍ରେସନ୍‌କୁ ବିଳମ୍ବିତ କରୁଅଛି । ନିକଟ ଭବିଷ୍ୟତରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସାକ୍ଷାତକରି ଅବଗତ କରାଇବି ।

ମୋ ପାଇଁ ନୁହେଁ ସମଗ୍ର ଓଡିଆଙ୍କ ପାଇଁ ଏକ ଗୌରବର କଥା - ପ୍ରଧାନମନ୍ତ୍ରୀଙ୍କ ଅତିରିକ୍ତ ସଚିବ ଥିବା ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ହେଲେ ଡକ୍ଟର ପ୍ରମୋଦ କୁମାର ମିଶ୍ର, ତାଙ୍କୁ ଅଭିନନ୍ଦନ ପତ୍ରରେ ସେ ମୋତେ ତା. ୧୫/୦୯/୨୦୧୯ରେ ତାଙ୍କ ଇ-ମେଲରୁ ମୋତେ ଅଭିନନ୍ଦନ ପାଇଁ ଧନ୍ୟବାଦ ଦେବାସହ, ମୋର ଶୁଭ ମନାସୀଛନ୍ତି ।

ଯୋଗ୍ୟ ଓଡିଆମାନଙ୍କୁ ନରେନ୍ଦ୍ର ମୋଦି ସରକାରରେ ସମ୍ମାନ -

ପ୍ରଧାନମନ୍ତ୍ରୀଙ୍କ ପ୍ରଧାନସଚିବ ଡକ୍ଟର ପି.କେ. ମିଶ୍ରଙ୍କୁ କେନ୍ଦ୍ର କ୍ୟାବିନେଟ୍ ମନ୍ତ୍ରୀଙ୍କ ମର୍ଯ୍ୟାଦା
ଧର୍ମେନ୍ଦ୍ର ପ୍ରଧାନ - କେନ୍ଦ୍ର କ୍ୟାବିନେଟ୍ ମନ୍ତ୍ରୀ
ପ୍ରତାପ ଷଡଙ୍ଗୀ - କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ
ବିଶ୍ୱଭୂଷଣ ହରିଶ୍ଚନ୍ଦନ - ଆନ୍ଧ୍ରପ୍ରଦେଶ - ରାଜ୍ୟପାଳ
ଦ୍ରୌପଦୀ ମୁର୍ମୁ - ଝାଡଖଣ୍ଡ - ରାଜ୍ୟପାଳ
ଗିରୀଶ ଚନ୍ଦ୍ର ମୁର୍ମୁ - ଜାମ୍ମୁ - ଉପରାଜ୍ୟପାଳ
ଶିଳ୍ପୀଗୁରୁ ରଘୁନାଥ ମହାପାତ୍ର | ରାଷ୍ଟ୍ରପତିଙ୍କ ମନୋନୀତ
ନୃତ୍ୟଶିଳ୍ପୀ ସୋନାଲି ମାନସିଂହ | ସାଂସଦ (ରାଜ୍ୟସଭା)
ଶଶୀକାନ୍ତ ଦାସ - ଭାରତୀୟ ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ସହ ଅନେକ ଓଡିଆ ଉଚ୍ଚ ପଦବୀରେ ଆସୀନ ।

ଡକ୍ଟର ପି.କେ. ମିଶ୍ର - ଡିଜାଷ୍ଟର ମ୍ୟାନେଜମେଟଂ କ୍ଷେତ୍ରରେ ମିଳିତ ଜାତିସଂଘ ପୁରସ୍କାରପ୍ରାପ୍ତ । ତାଙ୍କର ଦକ୍ଷ ପ୍ରଶାସନକୁ ଆଧାରକରି ଭାରତର ନାଗରିକ ସମ୍ମାନ ପଦ୍ମବିଭୂଷଣ ପାଇଁ ମୁଁ ମନୋନୀତ କରିଥିଲି, ମନୋନୟନ ସଂଖ୍ୟା - 202009371/ dt. 30/ 07/2019 ମାତ୍ର ଡକ୍ଟର ମିଶ୍ର ପଦ୍ମ ସିଲେକ୍‌ସନ୍ କମିଟିରେ ଥିବାରୁ ଏହାକୁ ପ୍ରତ୍ୟାଖ୍ୟାନ ମୋତେ ଦୁଃଖଦ ଆଣି ଦେଇଥିଲା ।

ପଥହରା ପଥିକ ସୁବାଷର ପ୍ରୟାସ ବିଜୁ ପଟ୍ଟନାୟକଙ୍କୁ 'ଭାରତରତ୍ନ' ଦାବି, ବିଜେଡି ପୁସ୍ତକ ଲେଖକ ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବ୍ୟକ୍ତିଗତ ସଚିବ - ଆଧୁନିକ ଓଡିଶା ନିର୍ମାଣର ସାରଥି - ଶ୍ରୀ ଭି. କାର୍ତିକେୟନ ପାଣ୍ଡିଆନଙ୍କୁ ଭାରତର ନାଗରିକ ସମ୍ମାନ 'ପଦ୍ମଭୂଷଣ' ପାଇଁ ମୋର ନୋମିନୀ ସନସଂଖ୍ୟା - 202005796/ dt. 17.07.2019 ମାତ୍ର ଭାରତ ସରକାର ଏହାକୁ କୌଣସି କାରଣବଶତଃ ଗ୍ରହଣ କରିନଥିଲେ ।

ଗତବର୍ଷ ଆନ୍ତର୍ଜାତୀୟ ଖ୍ୟାତି ସମ୍ପର୍ଣ୍ଣ ଲେଖିକା ଗୀତା ମେହେଟ୍ଟାଙ୍କୁ ଭାରତ ସରକାର ପଦ୍ମଶ୍ରୀ ସମ୍ମାନ ପ୍ରଦାନ କରିଥିଲେ ମାତ୍ର ସେ ଏହାକୁ ନିର୍ବାଚନୀ ବର୍ଷ ଥିବାରୁ ଭାଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଙ୍କ ଉପରେ ପ୍ରଭାବ ପକାଇବ ବୋଲି ପଦ୍ମଶ୍ରୀ ଗ୍ରହଣ କରିନଥିଲେ ।

ମାତ୍ର ସେହିବର୍ଷ ମୋର ସାନଭାଇ ମାନସ ନାୟକ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଙ୍କୁ ଶ୍ରେଷ୍ଠ ପ୍ରଶାସକ ତଥା ଲେଖକ ଭାବରେ 'ପଦ୍ମ ବିଭୂଷଣ' ଉପାଧି ପ୍ରଦାନ ପାଇଁ ନୋମିନେସନ୍ କରିଥିଲେ, ଭାରତ ସରକାର ତାହାକୁ ବିଚାରକୁ ନେଇ ପାରିନଥିଲେ ।

ମୋ ସାନଭାଇ ମାନସ ନାୟକ - ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପତ୍ର ଲେଖି ବିଜୁ ପଟ୍ଟନାୟକ ଙ୍କୁ "ଭାରତରତ୍ନ" ପ୍ରଦାନ ପାଇଁ ଅନୁରୋଧ କରିଥିଲେ । ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ପତ୍ର ସଂଖ୍ୟା - 6031/PMO/ dt. 25/05/2018 ଜଣାଯାଇଥିଲା

ମାନସ ନାୟକ - "Gita Meheta - A Renowned International Writer" ପୁସ୍ତକର ଲେଖକ । ଏହି ବହିଟି ଜାତୀୟ ଲେଖକ ସମ୍ମିଳନୀ (କାଦମ୍ବିନୀ ମିଡିଆ)ରେ ଆସାମର ମହାମହିମ ରାଜ୍ୟପାଳ ଜାନକୀ ବଲ୍ଲଭ ପଟ୍ଟନାୟକ ଙ୍କ ଦ୍ୱାରା ୦୫/୦୧/୨୦୧୪ରେ ଉଦ୍‌ଘାଟନ ହୋଇଥିଲା । ସେ ଗୀତା ମେହେଟ୍ଟା ଙ୍କୁ ଏ ବହିଟି ନୂଆଦିଲ୍ଲୀ ଠିକଣାରେ ପ୍ରେରଣ କରିଥିଲେ ଗୀତା ମେହେଟ୍ଟା ଖୁବ୍ ଆନନ୍ଦିତ ଥିଲେ

୨୦୧୯ - କାମାକ୍ଷାନଗର ବିଧାନସଭାରେ ବିଜେଡିର ବିଧାୟକ ପ୍ରାର୍ଥୀ ଆଶାୟୀ ଥିଲେ । ମାନସ ନାୟକ ବିଜେଡି ନେତା - ମୋ ବାପାଙ୍କ ଉତରାଧିକାରୀ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଙ୍କ ଲେଖକୀୟ ଜୀବନର ଗବେଷକ ଲେଖିକା ଗୀତା ମେହେଟ୍ଟା ପୁସ୍ତକର

ଲେଖକ । ଏହାକୁ ଆଧାରକରି ନବୀନ ନିବାସ ଯାଇ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ଅନୁରୋଧ କରିଥିଲେ । ୩ ଥରର କାମାକ୍ଷାନଗର ବିଧାୟକ / ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ଙ୍କୁ ଢେଙ୍କାନାଳ ଲୋକସଭା ସାଂସଦ ପ୍ରାର୍ଥୀ କରିବାକୁ ଦଳ ଇଚ୍ଛା ପ୍ରକାଶ କରିଥିଲା ମାତ୍ର ସେ ବିଧାୟକ ଲଢିବାକୁ ଇଚ୍ଛା କରିଥିଲେ । ରାଜ୍ୟରେ ବାତାବରଣ ଖେଳି ଯାଇଥିଲା - ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨ ଗୋଟି ବିଧାନସଭା ଆସନରୁ ଲଢୁଛନ୍ତି । ଗୋଟିଏ ନିଜର ପୁତୁରା - ଅରୁଣ ପଟ୍ଟନାୟକ ଙ୍କୁ ଛାଡିବେ (ଅରୁଣ - ବଡଭାଇ ପ୍ରେମ ପଟ୍ଟନାୟକ ଙ୍କ ପୁଅ, ବିଜୁ ପଟ୍ଟନାୟକ ଙ୍କ ନାତି), ନବୀନଙ୍କ ଭଉଣୀ ଗୀତା ମେହେଟ୍ଟା - ୨୦୧୯ ନିର୍ବାଚନ ସମୟରେ ନବୀନ ନିବାସରେ ଥିଲେ ।

ମାନସର ବିଜେଡି ଟିକେଟ୍‌ରେ କିଛି ଅଫିସର ମୁଖ୍ୟମନ୍ତ୍ରୀଙ୍କୁ ମିସ୍ ଗାଇଡି କରିଥିଲେ, ସେ ଟିକେଟ୍‌ରୁ ବଚିଂତ ହୋଇଥିଲା ଗୀତା ମେହେଟ୍ଟାଙ୍କ ଉଦ୍ୟମ ସତ୍ତ୍ୱେ । ୪ ଥର ପ୍ରଫୁଲ୍ଲ ମଲ୍ଲିକ୍ - କାମାକ୍ଷାନଗର ବିଧାୟକ ହୋଇ ପୁନର୍ବାର ୨ୟ ଥର ରାଜ୍ୟର କ୍ୟାବିନେଟ୍ ମନ୍ତ୍ରୀ ହେଲେ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଙ୍କ ଲେଖକୀୟ କୃତିରେ (ପିଏଚ୍.ଡି.) ଆୱାର୍ଡ (ଜାନୁୟାରୀ - ୨୦୨୦) ପାଇଲେ ଡକ୍ଟର ମାନସ ନାୟକ ।

ପଥହରା ପଥିକ ସୁବାଷର ସ୍ୱପ୍ନ ସାଂସଦ (ଏମ୍.ପି.), ମୋ ବାପା ରାମଚନ୍ଦ୍ର ନାୟକ ଙ୍କର ରାଜନୈତିକ ଉତରାଧିକାରୀତ୍ୱ - ଜଣେ ଅଧ୍ୟାପକ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସାରସ୍ୱତର ଗବେଷକ ଭାବରେ ମୁଁ ୨୦୧୯ - ଢେଙ୍କାନାଳ ଲୋକସଭା ଆସନର ବିଜେପି ଏମ୍.ପି. ପ୍ରାର୍ଥୀ ପାଇଁ ବିଜେପିର ରାଷ୍ଟ୍ରୀୟ ସଭାପତି ଅମିତ ଶାହାଙ୍କୁ ପତ୍ର ପ୍ରେରଣ କରିଲି । ମୁଁ ପୂର୍ବରୁ ବିଜେପି ରାଜ୍ୟ କାର୍ଯ୍ୟାଳୟରେ ବିଜେପି ସୋସିଆଲ ମିଡିଆ ବୈଠକରେ ଅମିତ ଶାହାଙ୍କ ସହ ଯୋଗଦାନ ଓ ସାକ୍ଷାତ । ବିଜେପି ରାଜ୍ୟ ଇଟେଂଲଚ୍ୟୁଆଲ୍ ସେଲ୍ ବୈଠକରେ ଯୋଗଦାନ ସହ ରାଷ୍ଟ୍ରୀୟ ସଭାପତି ଅମିତ ଶାହାଙ୍କୁ ସାକ୍ଷାତ ଆଲୋଚନା କରିଥିଲି । ୦୨/୦୧/୨୦୧୯ ରିଖରେ ମୋର ପତ୍ରର ଏକକିତା ନକଲ ବିଜେପି ରାଜ୍ୟ ସଭାପତି ବସନ୍ତ ପଣ୍ଡାଙ୍କୁ ଦେଇଥିଲି ଓ ଏହାର ଏକକିତା ନକଲ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ତାଙ୍କର ଅତିରିକ୍ତ ପ୍ରମୁଖ ସଚିବ ଡକ୍ଟର ପି.କେ. ମିଶ୍ରଙ୍କ

ମାଧ୍ୟମରେ ଅବଗତ କରାଇଥିଲି ।

ନିର୍ବାଚନର କିଛିମାସ ପୂର୍ବରୁ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଓଡିଶାର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଭାବରେ ବିଜେପି ଉପସ୍ଥାପନା କରି ୨୦୧୯ ଲୋକସଭା ଓ ବିଧାନସଭା ନିର୍ବାଚନ ଲଢାଯାଉ ବୋଲି ଓଡିଶାରୁ ସର୍ବପ୍ରଥମେ ମୁଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ତାଙ୍କ ଅତିରିକ୍ତ ସଚିବ ଡକ୍ଟର ପି.କେ. ମିଶ୍ରଙ୍କ ମାଧ୍ୟମରେ ଅବଗତ କରାଇଥିଲି । କିଛିଦିନ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଧର୍ମେନ୍ଦ୍ର ପ୍ରଧାନଙ୍କୁ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀରୁ କେନ୍ଦ୍ର କ୍ୟାବିନେଟ୍ ମନ୍ତ୍ରୀ ଭାବରେ ନିଯୁକ୍ତି ପ୍ରଦାନ, ମୋ ସହିତ ପ୍ରତ୍ୟେକ ଓଡିଆଙ୍କ ପାଇଁ ଖୁସିର ଦିନଥିଲା ।

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପୈତୃକ ଘର ତାଳଚେର, ବାପା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଡାକ୍ତର ଦେବେନ୍ଦ୍ର ପ୍ରଧାନ । ତାହା ଢେଙ୍କାନାଳ ଲୋକସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ।

ଢେଙ୍କାନାଳ ଲୋକସଭା ସାଂସଦ ତଥାଗତ ଶତପଥି ୪ ଥର ସାଂସଦ - ଧରିତ୍ରୀ ଖବରକାଗଜ ସଂପାଦକ, ବାପା - ଦେବେନ୍ଦ୍ର ଶତପଥି - ଢେଙ୍କାନାଳର ପୂର୍ବତନ ସାଂସଦ ଓ ମା' ନନ୍ଦିନୀ ଶତପଥି - ଓଡିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ।

ମୋର ବିଜେପିର ଏମ୍.ପି. ପ୍ରାର୍ଥୀ ଦରଖାସ୍ତ ପରେ ଢେଙ୍କାନାଳ ରାଜନୀତିରେ ହଠାତ୍ କି ପରିବର୍ତନ ଘଟିଲା - ସାଂସଦ ତଥାଗତ ଶତପଥି - ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଙ୍କୁ ସାକ୍ଷାତକରି ସକ୍ରିୟ ରାଜନୀତିରୁ (ନିର୍ବାଚନ ରାଜନୀତିରୁ) ସନ୍ନ୍ୟାସ ଘୋଷଣା କରିଲେ, ଏହା ଓଡିଶା ରାଜନୀତିକୁ ସ୍ତବ୍ଧ କରି ଦେଇଥିଲା, କାହିଁକି ତଥାଗତ ବାବୁ ସନ୍ନ୍ୟାସ ନେଲେ ? ମୋର ବ୍ୟକ୍ତିଗତ ଭାବନା ହେଲା - ମୋ ପାଇଁ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ - ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗର ଏକ ମାଧ୍ୟମ ନୁହେଁ କି ? ବିଜେଡିରୁ ଜଣେ ଦୁର୍ବଳ ଲୋକସଭା ଏମ୍.ପି. ପ୍ରାର୍ଥୀ ଦେବାପାଇଁ ଏ ଅସମାହିତ ପ୍ରଶ୍ନର ଉତର କେବଳ ମାନ୍ୟବର ନବୀନ ପଟ୍ଟନାୟକ ଙ୍କୁ ଜଣା ।

ପରବର୍ତୀ ସମୟରେ ମୋତେ ବିରୋଧି କରି - କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ବିଜେପି ରାଜ୍ୟ ସଭାପତି ବସନ୍ତ ପଣ୍ଡା, କେନ୍ଦ୍ରୀୟ ପ୍ରଭାରୀ ଅରୁଣ ସିଂହ - ପୂର୍ବତନ ରାଜ୍ୟସଭା ସାଂସଦ ରୁଦ୍ର ନାରାୟଣ ପାଣିଙ୍କୁ (ପୂର୍ବରୁ ୫ ଥର ଢେଙ୍କାନାଳ ଲୋକସଭା

ନିର୍ବାଚନରେ ପ୍ରାର୍ଥୀ ହୋଇ ହାରିଥିଲେ) ବିଜେପିର ପ୍ରାର୍ଥୀ ଘୋଷଣା କରିଲେ - କେନ୍ଦ୍ରୀୟ ସଭାପତି ଅମିତ ଶାହା - ଢେଙ୍କାନାଳ ଲୋକସଭା ବିଜେପି ପ୍ରାର୍ଥୀ ରୁଦ୍ର ନାରାୟଣ ପାଣି । ଢେଙ୍କାନାଳରେ ବିଜେପି ସଭାପତି ଅମିତ ଶାହା, ଅନୁଗୁଳରେ - ଉତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟ ନାଥ ୭ଗୋଟି ବିଧାନସଭା କ୍ଷେତ୍ରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନିର୍ବାଚନ ପ୍ରଚାର ସର୍ବୋପରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି - ଓଡିଶାର ୮ ଲୋକସଭା ପ୍ରାର୍ଥୀଙ୍କ ପ୍ରଚାର କରିଥିଲେ ମଧ୍ୟ କେନ୍ଦ୍ର କ୍ୟାବିନେଟ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଲୋକସଭା ନିର୍ବାଚନ ମଣ୍ଡଳୀ ଢେଙ୍କାନାଳକୁ ଆସିନଥିଲେ । ବିଜେଡିର ମହେଶ ସାହୁ (୪ ଥର ବିଧାୟକ) - ଢେଙ୍କାନାଳରେ ବିଜେପି ପ୍ରାର୍ଥୀ ରୁଦ୍ର ନାରାୟଣ ପାଣିଙ୍କୁ ପରାଜିତ କରି ଏମ୍.ପି. ହେଲେ ପ୍ରଥମ ଥର ଭାରତୀୟ ସାଂସଦକୁ ।

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କୌଣସି ଲୋକସଭା କିମ୍ବା ବିଧାନସଭାରୁ ବିଜେପିର ପ୍ରାର୍ଥୀ ଭାବରେ ନିର୍ବାଚନ ନଲଢି ସମଗ୍ର ଓଡିଶା ପାଇଁ ବିଜେପି ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିଥିଲେ । ୨୩ ଜଣ ବିଜେପି ବିଧାୟକ ଓ ୮ ଜଣ ଲୋକସଭା ସାଂସଦ ବିଜୟୀ ହୋଇଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲୋକପ୍ରିୟତା ଯୋଗୁଁ ।

ଏହାଥିଲା ବିଜେପିର ଢେଙ୍କାନାଳ ଲୋକସଭା ସାଂସଦ (ଏମ୍.ପି.) ପ୍ରାର୍ଥୀ ଭାବରେ ମୋର ଲଢେଇ, ମୁଁ ହାରିଯାଇ ଥାଇପରେ ମାତ୍ର ମୋର ସ୍ୱପ୍ନ ମରିଯାଇ ନଥିଲା ।

ପରବର୍ତୀ ପର୍ଯ୍ୟାୟରେ ରାଜ୍ୟସଭା ନିର୍ବାଚନ ଭାରତୀୟ ନିର୍ବାଚନ କମିଶନ ସମଗ୍ର ଭାରତବର୍ଷର ବିଭିନ୍ନ ରାଜ୍ୟର ଖାଲି ପଡିଥିବା ଦ୍ୱିବାର୍ଷିକ ନିର୍ବାଚନ ପାଇଁ ତାରିଖ ଘୋଷଣା କରିଲେ । ମୋର ରାଜ୍ୟ ଓଡିଶାର ୪ ଗୋଟି ରାଜ୍ୟସଭା ଆସନ ପାଇଁ ।

ମୋର ବ୍ୟକ୍ତିଗତ ପତ୍ରଥାଏ ତା. ୧୦/୦୨/୨୦୨୦ ରିଖରେ ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ (ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡକ୍ଟର ପି.କେ. ମିଶ୍ରଙ୍କର ଜରିଆରେ) ଏବଂ ଏ ପତ୍ରର ଏକକିତା ନକଲ - ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଙ୍କୁ (ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଭି. କାର୍ତିକେୟନ ପାଣ୍ଡିଆନଙ୍କ ଜରିଆରେ) ବିଷୟ ଥିଲା - ଢେଙ୍କାନାଳ ଲୋକସଭା ବିଜେପି (ଏମ୍.ପି.) ପ୍ରାର୍ଥୀରୁ ବଚିଂତ ହେବା ପରେ

ରାଜ୍ୟସଭା ସାଂସଦ ଭାବରେ ନିର୍ବାଚନ, ମାତ୍ର ଓଡିଶାରେ ୨୩ ଜଣ ବିଜେପି ବିଧାୟକ ଅଛନ୍ତି ଅନୂନ୍ୟ ୩୦ ଜଣ ବିଧାୟକ ଙ୍କ ଭୋଟ ଆବଶ୍ୟକ ।

ରାଷ୍ଟ୍ର ପ୍ରତି ମୋର ସମର୍ପଣ ଭାବ (ଇତିହାସ) ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସାରସ୍ୱତ କୃତି ପ୍ରତି ଗଭୀର ଆସ୍ଥା ସର୍ବୋପରି ବିଜୁ ପଟ୍ଟନାୟକ ଙ୍କୁ 'ଭାରତରତ୍ନ' ସହ ବିଜେଡି ଏକ ରାଜନୈତିକ ସମୀକ୍ଷା ପୁସ୍ତକର ଲେଖକ ଭାବରେ ବିଜେପି+ବିଜେଡି ମଧ୍ୟରେ ସେତୁକାର ଭାବରେ ଚାରିଗୋଟି ରାଜ୍ୟସଭା ଆସନ ମଧ୍ୟରୁ ୧ ଗୋଟି ଆସନ ବିଜେପିକୁ ସମର୍ପଣ ।

ସୂଚନାଯୋଗ୍ୟ ବିଧାନସଭା ଓ ଲୋକସଭା ନିର୍ବାଚନ ପରେପରେ (୨୦୧୯)ରେ ତିନିଗୋଟି ରାଜ୍ୟସଭା ଆସନରୁ ୧ ଗୋଟି ଆସନ ବିଜେପି ପ୍ରାର୍ଥୀ - ଆଇ.ଏ.ଏସ୍. ପ୍ରଶାସକ ଅଶ୍ୱିନୀ ବୈଷ୍ଣବଙ୍କୁ ବିଜେଡିର ନିଃସ୍ୱାର୍ଥ ସମର୍ଥନ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଣମାଧ୍ୟମରେ ପ୍ରକାଶ କରିଥିଲେ ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପରାମର୍ଶରେ ଗୋଟିଏ ଆସନ (ରାଜ୍ୟସଭା) ବିଜେପି ପ୍ରାର୍ଥୀଙ୍କୁ ଦିଆଗଲା । ଅଶ୍ୱିନୀ ବୈଷ୍ଣବ ଓଡିଶାର ଲୋକ ନହୋଇ ରାଜ୍ୟସଭା ସାଂସଦ ଭାବରେ ନିର୍ବାଚିତ ହେଲେ । ଓଡିଶାରୁ ବିଜେପିର ଜଣେ ରାଜ୍ୟସଭା ସାଂସଦ ହେଲେ ଖୁବ୍ ଆନନ୍ଦର କଥା ।

ଏହା ମଧ୍ୟରେ ମୋର ସାକ୍ଷାତ ହେଇଥିଲା - ରାଜ୍ୟ ଶାସନର ସାରଥି - ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଙ୍କ ବ୍ୟକ୍ତିଗତ ସଚିବ ଭି. କାର୍ତ୍ତିକେୟନ ପାଣ୍ଡିଆନଙ୍କୁ କିଟ୍ ବିଶ୍ୱବିଦ୍ୟାଳୟରେ ୩୯ତମ ବିଶ୍ୱକବି ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ଥିଲେ ଉଦ୍‌ଘାଟକ ତା. ୦୨/୧୦/୨୦୧୯ ବିଶ୍ୱର ୬୭ ରାଷ୍ଟ୍ରରୁ ୧୫୦୦ କବିଙ୍କ ମଧ୍ୟରେ ମୁଁ ମଧ୍ୟ ଥିଲି । ସେଠାରେ ପାଣ୍ଡିଆନଙ୍କ ପାଦ ସ୍ପର୍ଶକରି ମୁଁ ତାଙ୍କ ଆଶୀର୍ବାଦ ନେଇଥିଲି, ତାଙ୍କ ସହିତ ମୋର ୨ ବର୍ଷର ସମ୍ପର୍କ । ସେ ମୋଠାରୁ ମୋର ଭିଜିଟିଙ୍ଗ୍ କାର୍ଡ ନେଇଥିଲେ ।

ଦଳୀୟ ଅନୁଶାସନ ଅନୁଯାୟୀ ମୁଁ ବିଜେପି ରାଷ୍ଟ୍ରୀୟ ସଭାପତି ଜଗତ ପ୍ରକାଶ ନଡାଙ୍କୁ ବିଜେପିରୁ ଓଡିଶାର ରାଜ୍ୟସଭା ସାଂସଦ ପାଇଁ ପ୍ରାର୍ଥିନୀ ଭାବରେ (ବିଜେଡି ସମର୍ଥନ)ରେ ଅନୁରୋଧ ପତ୍ର ଦେଇଥିଲି ତା. ୦୫/୦୩/୨୦୨୦ ଏହାର ଏକକିତା ନକଲ

- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି (ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡକ୍ଟର ପି.କେ. ମିଶ୍ରଙ୍କ ଜରିଆରେ) ।

ଓଡିଶାର ଅନେକ ଦାବି କେନ୍ଦ୍ରରେ ଥିଲା - ବିଜୁ ପଟ୍ଟନାୟକ ଙ୍କୁ ଭାରତରତ୍ନ ପ୍ରଦାନ, ଓଡିଶାକୁ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ତଥା ଓଡିଶା ବିଧାନସଭାରେ ପାରିତ - 'ବିଧାନ ପରିଷଦ'କୁ ନରେନ୍ଦ୍ର ମୋଦିଙ୍କ ସରକାର ଗୁରୁତ୍ୱର ସହ ବିଚାର କରନ୍ତୁ । ଏସବୁ ଦାବିକୁ ସରକାର ବିଚାର କରୁଥିଲେ ବନ୍ଧୁତାର ସହଯୋଗରେ ।

ଠିକ୍ ଏତିକିବେଳେ ମାନ୍ୟବାର ମୁଖ୍ୟମନ୍ତ୍ରୀ ବିଜେଡି ସଭାପତି ନବୀନ ପଟ୍ଟନାୟକ ଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହିତ କଥା କରାଇଥିବା ବା ନଥିବା (ରାଜ୍ୟସଭା ସାଂସଦ ପ୍ରସଙ୍ଗରେ) ଏହା ଏକ ବଡପ୍ରଶ୍ନ - କ'ଣ - ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଭି.କେ. ପାଣ୍ଡିଆନଙ୍କ ଏହା ହିଁ କରାଇଥାନ୍ତି । ଏହା ହିଁ ମାନ୍ୟବର ନବୀନ ପଟ୍ଟନାୟକ ଙ୍କୁ ଜଣା - ସେ କେତେ ଜ୍ଞାତ ବା ଅଜ୍ଞାତରେ ଥିଲେ - ଅତି ତରତର ଭାବରେ ବିଜେଡି ସଭାପତି ନବୀନ ପଟ୍ଟନାୟକ ୪ ଜଣ ରାଜ୍ୟସଭା ସାଂସଦଙ୍କ ନାମ - ସୁବାଷ ସିଂହ, ମୁନ୍ନା ଖାଁ, ସୁଜିତ୍ କୁମାର, ମମତା ମହାନ୍ତ ତା. ୦୭/୦୩/୨୦୨୦ ରିଖରେ ଘୋଷଣା କରିଲେ । ଯାହାକି ଓଡିଶା ରାଜନୀତି ସ୍ତମ୍ଭୀଭୂତ ହୋଇଗଲା - ବିଜେପି ଦଳ ତଥା ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ମଧ୍ୟ ନୀରବ ଥିଲେ । ମୁଁ ମାନିନେବି ଯେ ବିଜେଡି ପାଇଁ ମୋର ସେବାର ଫଳ - ପ୍ରଧାନମନ୍ତ୍ରୀଙ୍କ ସହ ମୁଖ୍ୟମନ୍ତ୍ରୀଙ୍କୁ କଥା କରାଇ ନ ଦେବାରେ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଭି.କେ. ପାଣ୍ଡିଆନଙ୍କ କାର୍ଯ୍ୟ କିପରି ଥିଲା ? ଏହା ଏକ ଅସମାପିକା ପ୍ରଶ୍ନ ? ଏହାର ଉତର - ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡକ୍ଟର ପି.କେ. ମିଶ୍ର, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ବିଜେଡିର ମାର୍ଗଦର୍ଶିକା - ବିଜୁ ପଟ୍ଟନାୟକ ଙ୍କ କନ୍ୟା - ନବୀନ ପଟ୍ଟନାୟକ ଙ୍କ ଭଉଣୀ ଲେଖିକା ଗୀତା ମେହେଟ୍ଟାଙ୍କୁ ହୁଏତ ଜଣାଥାଇପାରେ ?

ବିଜେପି ରାଜ୍ୟ ସଭାରେ କୌଣସି ପ୍ରାର୍ଥୀ ନଦେବାରୁ ବିଜେଡିର ୪ ଜଣ ପ୍ରାର୍ଥୀ ଅପ୍ରତିଦ୍ୱନ୍ଦୀ ଭାବରେ ବିଜୟୀ ହେଲେ ।

ପଥହରା ପଥିକାର ସ୍ୱପ୍ନ ସାଂସଦ - ଲୋକସଭା (ଢେଙ୍କାନାଳ) ବିଜେପି ପ୍ରାର୍ଥୀରୁ

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଆଶୀର୍ବାଦ ବିନା ପ୍ରାର୍ଥୀତ୍ୱରୁ ବଚିଂତ (ଦୀର୍ଘ ୨୦ ବର୍ଷର ବ୍ୟକ୍ତିଗତ ସମ୍ପର୍କ ମୋର ଧର୍ମେନ୍ଦ୍ର ପ୍ରଧାନଙ୍କ ଓ ତାଙ୍କ ପରିବାର ସହିତ) ।

ରାଜ୍ୟସଭା (ଓଡିଶା)ରୁ ବିଜେପି ପ୍ରାର୍ଥୀ ଭାବେ ବିଜେଡି ସମର୍ଥନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଙ୍କ ସାରଥି - ଓଡିଶାର ବିଶ୍ୱକର୍ମୀ - ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଭି.କେ. ପାଣ୍ଡିଆନଙ୍କ ଆଶୀର୍ବାଦ ବିନା ପ୍ରାର୍ଥୀତ୍ୱରୁ ବଚିଂତ ।

ପ୍ରଭୁ ଜଗନ୍ନାଥଙ୍କର ପାଖରେ ମୋର ଏତିକି ପ୍ରାର୍ଥନା - ଭାରତ ତଥା ଓଡିଶା ମାଟିର ସେବା କରିବାପାଇଁ ଜନ ସମୁଦ୍ରରେ ମୁଁ ମାତ୍ର ଗୁଣ୍ଡୁଚିମୂଷାଟିଏ ଥିଲି - ଓଡିଶାର ବର୍ତମାନର ଦୁଇ ବିକାଶ ପୁରୁଷ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଭି.କେ. ପାଣ୍ଡିଆନଙ୍କୁ ସେ ଶକ୍ତି ପ୍ରଦାନ କରିଲୁ, ଭାରତବର୍ଷରେ ଓଡିଶାକୁ ଏକ ଶ୍ରେଷ୍ଠ ରାଜ୍ୟରେ ପରିଣତ କରିବାପାଇଁ ।

ପଥହରା ପଥିକ ସୁବାଷର ସ୍ୱପ୍ନ - ସାଂସଦ (ଏମ୍.ପି.) ଢେଙ୍କାନାଳ ଲୋକସଭା, ଓଡିଶାରୁ ରାଜ୍ୟସଭା ସାଂସଦ ପ୍ରାର୍ଥୀରୁ ବଚିଂତ ହେବା ପରେ ସ୍ୱପ୍ନଥାଏ - ଭାରତର ମହାମହିମ ରାଷ୍ଟ୍ରପତିଙ୍କର ମନୋନୀତ ସାଂସଦ ରାଜ୍ୟସଭାକୁ ଠିକ୍ ଏହି ସମୟରେ ବରିଷ୍ଠ ଓକିଲ କେଟିଏସ୍ ତୁଳସୀ ଅବସର ନେଇଥାନ୍ତି ୨୨/୦୨/୨୦୨୦ (୬ ବର୍ଷ ସାଂସଦ ପୂର୍ଣ୍ଣକରି) ।

ମୁଁ ବ୍ୟକ୍ତିଗତ ଭାବରେ ଭାରତର ମହାମହିମ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କୁ ଭାରତର ନାଗରିକ ଭାବରେ ପତ୍ରଦେଲି - ମୋର ଓଡିଆ ସାହିତ୍ୟ କ୍ଷେତ୍ରରେ ଅବଦାନ ପାଇଁ ଆପଣଙ୍କ ମନୋନୀତ ସାଂସଦ (ରାଜ୍ୟସଭା) ବିଚାରକୁ ନିଅନ୍ତି ତା. ୧୨/୦୩/ ୨୦୨୦ ରିଖରେ, ଏହାର ଏକକିତା ନକଲ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ (ପ୍ରଧାନମନ୍ତ୍ରୀଙ୍କ ପ୍ରଧାନସଚିବ ଡକ୍ଟର ପି.କେ. ମିଶ୍ରଙ୍କ ଜରିଆରେ) ମାତ୍ର ପତ୍ର ପହଚିଂବା ପୂର୍ବରୁ (ଡାକଯୋଗେ) - ସୁପ୍ରିମକୋର୍ଟର ପୂର୍ବତନ ପ୍ରଧାନ ବିଚାରପତି ଜଷ୍ଟିସ୍ ରଞ୍ଜନ ଗୋଗୋଇଙ୍କୁ ମହାମହିମ ରାଷ୍ଟ୍ରପତି ମନୋନୀତ କରିଲେ ରାଜ୍ୟସଭାକୁ - ଗୃହ ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଗେଜେଟ୍ ନୋଟିଫିକେସନ୍ ସଂଖ୍ୟା - 984/ 16/03/2020

ରିଖରେ । ଏ ଘଟଣାଟି ମୋର ହୃଦୟକୁ ଖୁବ୍ ବାଧିଥିଲେ ମଧ ରାଷ୍ଟ୍ରପତିଙ୍କ ନିର୍ଦ୍ଦେଶକୁ (ମୁଁ ପୂର୍ବରୁ ରାଷ୍ଟ୍ରପତି ନିର୍ବାଚନ ସମୟରେ ଓଡିଶା ଗେଷ୍ଟ୍ ହାଉସ୍‌ରେ ରାଷ୍ଟ୍ରପତି ପ୍ରାର୍ଥୀ ରାମନାଥ କୋବିନ୍ଦଙ୍କୁ ସାକ୍ଷାତକରି ତାଙ୍କ ପାଦ ସ୍ପର୍ଶକରି ଆଶୀର୍ବାଦ ନେଇଥିଲି) । ମୁଁ ସମ୍ମାନ ଜଣାଇ ରଞ୍ଜନ ଯୋଗେଇଙ୍କୁ ଟ୍ୱିଟରରେ ଅଭିନନ୍ଦନ ଜଣାଇଲି ।

ପଥହରା ପଥିକ ସୁବାଷର ସ୍ୱପ୍ନ ସାଂସଦ (ଏମ୍.ପି.) ଧୂଳିସାତ୍ ହୋଇଗଲା ସତ ମାତ୍ର ମୋର ହୃଦୟର ସ୍ପନ୍ଦନ କହୁଛି - ମୁଁ ହାରିନାହିଁ ଜିତିବି ନିଶ୍ଚିତ । ମୋର କର୍ମ ବୃଥା ଯିବନାହିଁ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତଥା ପ୍ରଧାନମନ୍ତ୍ରୀଙ୍କ ପ୍ରଧାନସଚିବ ଓଡିଆ ପୁଅ ଡକ୍ଟର ପି.କେ. ମିଶ୍ର - ଶାସ୍ତ୍ରୀୟ ଓଡିଆ ସାହିତ୍ୟକୁ ମର୍ଯ୍ୟାଦା ପ୍ରଦାନ କରିବେ । ଏଥିରେ ତିଳେମାତ୍ର ସନ୍ଦେହ ନାହିଁ ।

ଅଧ୍ୟାପକ, ଗବେଷକ, ସାହିତ୍ୟିକର ସମ୍ମିଶ୍ରଣରେ ପ୍ରଫେସର ପଦବୀ, ଯାହାକି ବିଶ୍ୱର ସର୍ବଶ୍ରେଷ୍ଠ ପଦବୀ - ପ୍ରଫେସର ମାନେ ମାନବ ସମାଜରେ ସମସ୍ତଙ୍କୁ ପ୍ରତିଷ୍ଠା କରାଇଥାନ୍ତି । ମୁଁ ଜଣେ ପ୍ରଫେସର ଭାବରେ ନିଜକୁ ଧନ୍ୟମନେ କରୁଛି । ମୋ ମାତୃଭାଷା - ଶାସ୍ତ୍ରୀୟ ଓଡିଆ ସାହିତ୍ୟର ବିକାଶରେ ମୁଁ ଜଣେ ସାହିତ୍ୟ ସେବକ । ମୋର ଆଶା ଓ ବିଶ୍ୱାସ ଜଗତର ନାଥ ଜଗନ୍ନାଥଙ୍କ ଆଶୀର୍ବାଦ ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆଶୀର୍ବାଦରେ ପଥହରା ପଥିକ ପ୍ରଫେସର ସୁବାଷ ନାୟକ - ତା'ର ଜୀବନ ସ୍ୱପ୍ନ ସାଂସଦ (ଏମ୍.ପି.) ହେବ ଏ ଆଶା ଓ ବିଶ୍ୱାସ ରହିଛି ।

ମୋର ଏହି ଗଳ୍ପ ସଂକଳନ - 'ପଥହରା ପଥିକ'ରେ ମୋ ଜୀବନର ନିଛକ ପ୍ରତିଛବି ୧୨ ଗୋଟି ଗଳ୍ପ ସ୍ଥାନୀତ ହୋଇଛି । ଓଡିଆ ଗଳ୍ପ ସାହିତ୍ୟର ବିକାଶଧାରାରେ ଏହା ସହାୟକ ହେଇପାରିବ । ପାଠକ ଓ ପାଠିକା ଙ୍କ ଦ୍ୱାରା ସୁଖପାଠ୍ୟ ହୋଇପାରିଲେ ମୋ ଶ୍ରମ ସାର୍ଥକ ହେବ । ଏଥିରେ ପଥହରା ପଥିକର ସ୍ୱପ୍ନ ସାଂସଦ (ଏମ୍.ପି.) ଏକ ଗଳ୍ପ ।



ଡକ୍ଟର ସୁବାଷ ନାୟକଙ୍କ ଜୀବନର କାହାଣୀର ପରିସ୍ଫୁଟନ ଗଳ୍ପ ସଂକଳନ 'ପଥହରା ପଥିକ'। ଗାଳ୍ପିକ ଡକ୍ଟର ନାୟକ ନିଜ ଜୀବନ ପରିଧିରେ ଘଟିଯାଇଥିବା ଅବିସ୍ମରଣୀୟ ଘଟଣାବଳୀକୁ ଗଳ୍ପ ମାଧ୍ୟମରେ ଜଣାଇଛନ୍ତି। ନିଜେ ଜଣେ ପଥହରା ପଥିକ ସାଜିଛନ୍ତି ଏ ସମାଜରେ। ବାରଗୋଟି ଗଳ୍ପ ଏ ସଂକଳନରେ ପ୍ରତିଫଳିତ।

- ପ୍ରକାଶକ

ସୁବାଷ ନାୟକ ■ ପଥହରା ପଥିକ

ବନଫୁଲ

9 789391 727321